# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ମେ ୨୪/୨୦୨୪ (୧୬ ପୃଷ୍ଠା) | Bhubaneswar, Friday, May 24/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୧୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 179 | ମୂଲ୍ୟ ₹୭/-




**ବିଶ୍ୱ ଯୁବ ଭାରୋତ୍ତୋଳନ ଚାମ୍ପିୟନଶିପ୍**

# ବିଶ୍ୱ ରେକର୍ଡ ସହ ପ୍ରୀତିସ୍ମିତାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର/ଢେଙ୍କାନାଳ,୨୩।୫ (ତପନ ସ୍ୱାଇଁ/ରତନ ନାୟାର)

ବିଶ୍ୱ ସ୍ତରରେ ଓଡ଼ିଶାର ଦୁଇ ପ୍ରତିଭାସମ୍ପନ୍ନ ଆଥ୍‌ଲେଟ ଚମକ ସୃଷ୍ଟି କରିଛନ୍ତି। ସେମାନେ ହେଲେ ପ୍ରୀତିସ୍ମିତା ଭୋଇ ଓ ଜ୍ୟୋସ୍ନା ଶବର। ପେରୁର ଲିମାଠାରେ ଆରମ୍ଭ ହୋଇଥିବା ଆଇଡବ୍ଲ୍ୟୁଏଫ୍ ବିଶ୍ୱ ଯୁବ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ବାଳିକା ୪୦ କେଜି ବର୍ଗରେ ବିଶ୍ୱ ରେକର୍ଡ ସୃଷ୍ଟି ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ପ୍ରୀତିସ୍ମିତା। ଜ୍ୟୋସ୍ନା ମଧ୍ୟ ସମାନ ବର୍ଗରେ ରୌପ୍ୟ ପଦକ ଜିତି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଛନ୍ତି।

୧୬ ବର୍ଷୀୟା ପ୍ରୀତିସ୍ମିତା ସ୍ନାଚ୍‌ରେ ୫୭ ଓ କ୍ଲିନ୍ ଆଣ୍ଡ ଜର୍କରେ ୭୬ କେଜି ଏହିପରି ମୋଟ ୧୩୩ କେଜି ଭାରୋତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ଅବସରରେ ସେ କ୍ଲିନ୍ ଆଣ୍ଡ ଜର୍କରେ ନୂଆ ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି। ପୂର୍ବରୁ କ୍ଲିନ୍ ଆଣ୍ଡ ଜର୍କରେ ବିଶ୍ୱ ରେକର୍ଡ ୭୫ କେଜି ରହିଥିଲା। ଓଭରଅଲ୍ ମଧ୍ୟ ସେ ୨ କେଜି ଅଧିକ ଉତ୍ତୋଳନ କରିଥିଲେ। ୪୦ କେଜି ବର୍ଗରେ ଭାରତ ପାଇଁ ୱାନ-ଟୁ ଫିନିଶ୍ କରିଥିଲେ ଦୁଇ ଓଡ଼ିଶା ପ୍ରତିଯୋଗୀ। ଜ୍ୟୋସ୍ନା ସ୍ନାଚ୍‌ରେ ୫୬, କ୍ଲିନ୍ ଆଣ୍ଡ ଜର୍କରେ ୬୯ ଏହିପରି ମୋଟ ୧୨୫ କେଜି ଭାରୋତ୍ତୋଳନ କରି ରୌପ୍ୟ ପଦକ ହାସଲ କରିଛନ୍ତି। ତୁର୍କୀର ଫାତ୍‌ମା କୋଲକାକ ମୋଟ ୧୨୦ (୫୫+୬୫) କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ଜିତିଛନ୍ତି। ଉଭୟ ପ୍ରୀତିସ୍ମିତା ଓ ଜ୍ୟୋସ୍ନା ଓଡ଼ିଶା ଭାରୋତ୍ତୋଳନ ହାଇ ପରଫର୍ମାନ୍ସ ସେଣ୍ଟରରେ ନିଜ ପ୍ରଦର୍ଶନର ସ୍ତର ବଢ଼ାଇଛନ୍ତି। ପ୍ରୀତିସ୍ମିତା ଢେଙ୍କାନାଳସ୍ଥିତ ସବ୍-ସେଣ୍ଟରରେ ଟ୍ରେନିଂ ନେଉଥିବାବେଳେ ଜ୍ୟୋସ୍ନା ହେଉଛନ୍ତି ଭୁବନେଶ୍ୱରସ୍ଥିତ ଭାରୋତ୍ତୋଳନ ଏଚ୍‌ପିସିର ଅନ୍ତେବାସୀ।


ପ୍ରୀତିସ୍ମିତା ଭୋଇ


ଜ୍ୟୋସ୍ନା ଶବର

ବିଶ୍ୱ ରେକର୍ଡ କରିବା ପରେ ଏହାକୁ ନେଇ ବେଶ୍ ଖୁସି ଥିବା ପ୍ରତିକ୍ରିୟା ଦେଇଛନ୍ତି ପ୍ରୀତିସ୍ମିତା। ଏହି ସଫଳତାର ଶ୍ରେୟ ମାଆ ଯମୁନା ଭୋଇ, କୋଚ ଗୋପାଳ କୃଷ୍ଣ ଦାସ ଓ ମୁଖ୍ୟମନ୍ତ୍ରୀଙ୍କୁ ଦେଇଛନ୍ତି। ରାଜ୍ୟ ସରକାରଙ୍କ ସହଯୋଗ କାରଣରୁ ପ୍ରତିଯୋଗିତାରେ ଭାଗ ନେଇ ପାରିଲେ ବୋଲି ସୁଚିସ୍ମିତା ପ୍ରତିକ୍ରିୟାରେ କହିଛନ୍ତି।

ପ୍ରୀତିସ୍ମିତାଙ୍କ ଘର ଢେଙ୍କାନାଳ ସହରର ଦୁର୍ଗାବଜାର ଠାରେ ହୋଇଥିବା ବେଳେ ସେ ମହେନ୍ଦ୍ର ଭୋଇ ଏବଂ ମାତା ଯମୁନା ଭୋଇଙ୍କ ସାନଝିଅ। ପ୍ରୀତିସ୍ମିତାଙ୍କ ସଫଳତା ସମ୍ପର୍କରେ କୋଚ୍ ଗୋପାଳକୃଷ୍ଣ ଦାସ କୁହନ୍ତି ଯେ, ଆମେ ସମସ୍ତେ ଗର୍ବିତ। ପଦକର ଆଶା ରଖିଥିଲୁ। କିନ୍ତୁ ବିଶ୍ୱ ରେକର୍ଡ ଭାଙ୍ଗିବ ବୋଲି ଆଶା ନଥିଲା। କେବଳ ଢେଙ୍କାନାଳ ଏବଂ ଓଡିଶା କାହିଁକି ପ୍ରୀତିସ୍ମୀତା ସମଗ୍ର ଭାରତ ବର୍ଷକୁ ଗର୍ବିତ କରିଛନ୍ତି ବୋଲି କୋଚ୍ ଗୋପାଳକୃଷ୍ଣ ଦାସ କୁହନ୍ତି।

## ଜ୍ୟୋସ୍ନା ଶବର ଜିତିଲେ ରୌପ୍ୟ ପଦକ

### ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ପେରୁର ଲିମାଠାରେ ଚାଲିଥିବା ଆଇଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଯୁଥ୍ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିବା ଓଡ଼ିଶା ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ ଓ ଜ୍ୟୋସ୍ନା ସବରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ସେମାନଙ୍କର କ୍ରୀଡ଼ା ସଫଳତା ଓଡ଼ିଶା ଓ ଦେଶକୁ ଗର୍ବିତ କରିଛି। ଆଗାମୀ ଦିନରେ ସେମାନେ ଭଲ ପ୍ରଦର୍ଶନ ଅବ୍ୟାହତ ରଖିବା ସହ ଅନ୍ୟ ଯୁବ ଆଥଲେଟଙ୍କୁ ଉତ୍ସାହିତ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

### ଐତିହାସିକ ଦିନ: ରବି

"ଓଡ଼ିଶା ପାଇଁ ଏହା ଏକ ଐତିହାସିକ ଦିନ। ଦୁଇ ଆଥ୍‌ଲେଟଙ୍କ ପାଇଁ ଆମେ ଖୁବ୍ ଗର୍ବିତ। ଗତ କିଛିମାସ ଧରି ପ୍ରୀତିସ୍ମିତା କଠିନ ପରିଶ୍ରମ କରି ଆସୁଥିଲେ। ତା'ର ଫଳ ସେ ପାଇଛନ୍ତି। ଜ୍ୟୋସ୍ନା ପାଦରେ ଅସ୍ତ୍ରୋପଚାର କରାଇବା ପରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆମେ ଏହି ପ୍ରତିଯୋଗିତାରୁ ଏକ ପଦକ ପାଇବାକୁ ଆଶା କରିଥିଲୁ, ମାତ୍ର ଆମ ଆଥ୍‌ଲେଟମାନେ ଏପରି ସଫଳତା ପାଇବେ ବୋଲି କେବେ ଭାବି ନ ଥିଲୁ। ଓଡ଼ିଶାରେ ଭାରୋତ୍ତୋଳନର ଦ୍ରୁତ ବିକାଶ ହେଉଥିବା ଏଥିରୁ ପ୍ରମାଣିତ ହେଉଛି" ବୋଲି ଅଲିମ୍ପିଆନ ତଥା ଭାରୋତ୍ତୋଳନ ଏଚ୍‌ପିସିର ମୁଖ୍ୟ କୋଚ୍ କେ. ରବି କୁମାର ପ୍ରକାଶ କରିଛନ୍ତି।

# ରଷିକୁଲ୍ୟା ମୁହାଣରେ ୱିମ୍ବ୍ରେଲ୍ ପକ୍ଷୀ 'ମର୍ଲିନ୍'

ଭୁବନେଶ୍ୱର, ୨୩।୫



ଭାରତ ମହାସାଗର ଦକ୍ଷିଣରେ ଅବସ୍ଥିତ ରିୟୁନିୟନ ଆଇଲ୍ୟାଣ୍ଡରେ ସାଟେଲାଇଟ ଟ୍ୟାଗ୍ ଖଞ୍ଜା ଯାଇଥିବା ୱିମ୍ବ୍ରେଲ୍ ପକ୍ଷୀ 'ମର୍ଲିନ୍' ଓଡ଼ିଶାର ରଷିକୁଲ୍ୟା ମୁହାଣରେ ଗୁରୁବାର ଠାବ କରାଯାଇଛି। ଏହା ଏକ ବିଦେଶାଗତ ପକ୍ଷୀ। ବିଦେଶାଗତ ପକ୍ଷୀମାନଙ୍କ ଆଗମନ ଏବଂ ସେମାନଙ୍କ ସ୍ଥିତି ସମ୍ପର୍କରେ ବୁଝିବା ପାଇଁ ଏହି ଆବିଷ୍କାର ହେଉଛି ଏକ ଅନ୍ତର୍ଜାତୀୟ ପ୍ରୟାସ। ପକ୍ଷୀମାନଙ୍କ ଉପରେ ଅନୁଧ୍ୟାନ କରୁଥିବା ଲୋକମାନଙ୍କ ପାଇଁ ଏହା ଏକ ବଡ଼ ସଫଳତା।

ସାଧାରଣତଃ ବିଦେଶାଗତ ପକ୍ଷୀମାନେ ଶୀତଦିନେ ଅତ୍ୟଧିକ ଥଣ୍ଡା ଅଞ୍ଚଳରୁ କମ୍ ଥଣ୍ଡା ଅଞ୍ଚଳକୁ ଚାଲି ଆସିଥାନ୍ତି। ପରେ ଉତ୍ତାପ ବଢ଼ିଲେ ସେମାନେ ନିଜ ଅଞ୍ଚଳକୁ ଫେରି ଯାଇଥାନ୍ତି। ସ୍ଥାନାନ୍ତରିତ ପକ୍ଷୀମାନଙ୍କ ପରିବେଶ ଏବଂ ସଂରକ୍ଷଣ ଉପରେ ଅନୁଧ୍ୟାନ କରିବା ଉଦ୍ଦେଶ୍ୟରେ ଫ୍ରେଞ୍ଚର ଏଲ୍‌ଆଇଏମ୍‌ଓଆଇଓ ପ୍ରୋଜେକ୍ଟ କାର୍ଯ୍ୟ କରୁଛି। ଏହି କ୍ରମରେ ରିୟୁନିୟନ ଆଇଲ୍ୟାଣ୍ଡରେ ମର୍ଲିନ୍‌ର ଶୀତକାଳୀନ ଅବସ୍ଥାନ ସମୟରେ ତା'ଠାରେ ଗତ ମାର୍ଚ୍ଚ ୭ତାରିଖରେ ସାଟେଲାଇଟ ବା ଜିପିଏସ୍ ଟ୍ୟାଗ୍ ଖଞ୍ଜାଯାଇଥିଲା। ସେଠାରୁ ସେ ମାର୍ଚ୍ଚ ୨୨ରେ ନିକଟସ୍ଥ ମରିସସ୍ ଯାଇ ଏପ୍ରିଲ୍ ୧୩ ପର୍ଯ୍ୟନ୍ତ ରହିଥିଲା। ପରେ ଉତ୍ତର ଦିଗକୁ ଗତି କରି ସୋକୋଟ୍ରାରେ ୩ ସପ୍ତାହ ରହିଥିଲା। ସେଠାରୁ ପାକିସ୍ତାନର ଇଣ୍ଡସ୍ ନଦୀ ଉପତ୍ୟକାରେ ଦେଖାଯାଇଥିଲା। ଗତ ୧୭ ତାରିଖରେ ମର୍ଲିନ୍‌କୁ ମଧ୍ୟପ୍ରଦେଶର ବାଲାଘାଟରେ ପ୍ରଥମେ ଦେଖିବାକୁ ମିଳିଥିଲା। ପରେ ମେ ୨୦ତାରିଖରେ ଛତିଶଗଡ଼ରେ ପକ୍ଷୀ ଅନୁସନ୍ଧାନକାରୀ ମର୍ଲିନ୍‌କୁ ଠାବ କରିଥିଲେ। ୪୮ଡିଗ୍ରୀ ତାପମାତ୍ରାରେ ଉତ୍ତର ଭିଲାଇର ଏକ ଛୋଟ ପୋଖରୀ ନିକଟରେ ଦିନ ସମୟରେ ମର୍ଲିନକୁ ଦେଖିବାକୁ ମିଳିଥିଲା। ମେ' ୨୨ରେ ସେହି ପକ୍ଷୀ ଓଡ଼ିଶାର ଋଷିକୁଲ୍ୟା ମୁହାଣରେ ରହିଥିବା ସାଟେଲାଇଟ ଜରିଆରେ ଜଣାପଡ଼ିବା ପରେ ବାର୍ଡୱାଚର ପଞ୍ଚମୀ ମାନୁ ଉକିଲ୍ ସ୍ଥାନୀୟ ପରିବେଶ ସଂରକ୍ଷଣକାରୀ ରବୀନ୍ଦ୍ରନାଥ ସାହୁଙ୍କୁ ଯୋଗାଯୋଗ କରିଥିଲେ। ଗୁରୁବାର ମର୍ଲିନ୍‌କୁ ସେଠାରେ ଠାବ କରାଯାଇଛି। ତା'ର ଗୋଡ଼ରେ ୨ଟି ସାଟେଲାଇଟ ଟ୍ୟାଗ ଲଗାଯାଇଥିବାବେଳେ ପିଠିରେ ସଟେଲାଇଟ ଟ୍ରାନ୍ସମିଶନ ଖଞ୍ଜାଯାଇଥିବା ଦେଖିବାକୁ ମିଳିଛି। ଭାରତରେ ୱିମ୍ବ୍ରେଲ୍ ପକ୍ଷୀକୁ ଦେଖି ତା' ବିଷୟରେ ଅଧିକ ଜାଣିବା ପାଇଁ ପକ୍ଷୀ ବିଜ୍ଞାନୀଙ୍କ ମଧ୍ୟରେ ଉତ୍ସୁକତା ଦେଖାଯାଇଛି। ଜୈବବିବିଧତା ଉପରେ କାର୍ଯ୍ୟ କରୁଥିବା ଫ୍ରେଞ୍ଚର ଏଲ୍‌ଆଇଏମ୍‌ଓଆଇଓ ପ୍ରୋଜେକ୍ଟ ଜରିଆରେ ମର୍ଲିନ୍‌ର ସ୍ଥାନାନ୍ତରଣ ଉପରେ ବିଶେଷ ଅଧ୍ୟୟନ କରାଯାଉଛି।

# ହାତୀଦାନ୍ତ ଜବତ, ୧୧ ଗିରଫ

ରାଉରକେଲା,୨୩।୫(ସଙ୍ଗୀତା ଜେନା)



ରାଉରକେଲା ସହରର ଆଖପାଖ ଅଞ୍ଚଳରୁ ହାତୀଦାନ୍ତ ଅନ୍ତର୍ଜାତୀୟ ବଜାରକୁ ଚାଲାଣ ହେଉଛି। ରାଉରକେଲା ବନ ବିଭାଗ ବୁଧବାର ୨ ହାତୀଦାନ୍ତ ଜବତ କରି ୧୧ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ରାମେଶ୍ୱର ନାୟକ, ବିରଜା ମୁଣ୍ଡା, ଖଗେଶ୍ୱର ମହାନ୍ତ, ପ୍ରକାଶ ଚନ୍ଦ୍ର ମହାକୁଡ଼, ସୁଗୁଡ଼ା ହେମ୍ବ୍ରମ, ରାମଚନ୍ଦ୍ର ପାତ୍ର, ସତ୍ୟାନନ୍ଦ ପାତ୍ର, ପ୍ରୀତିକାନ୍ତ ମହାନ୍ତ, ରଞ୍ଜନ ମହାନ୍ତ, ଦୁଷନ୍ତ ପାତ୍ର ଓ ବିଦ୍ୟାଧର ପାତ୍ରଙ୍କ ନିକଟରୁ ମୋବାଇଲ ଫୋନ୍ ଓ ବାଇକ୍ ଆଦି ଜବତ ହୋଇଛି। ସେମାନେ ସମସ୍ତେ କେନ୍ଦୁଝରର। ବନ୍ୟଜନ୍ତୁ ସଂରକ୍ଷଣ ଆଇନ ଉଲ୍ଲଂଘନ ଅଭିଯୋଗରେ ବନ ବିଭାଗ ମାମଲା ନଂ. ୧୫/୨୪ ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ୩ରୁ ୭ ବର୍ଷ ଜେଲଦଣ୍ଡ ଓ ୧ଲକ୍ଷ ଟଙ୍କା ଜରିମାନା ବ୍ୟବସ୍ଥା ରହିଛି ବୋଲି ରାଉରକେଲା ବନ ବିଭାଗ ଡିଏଫ୍‌ଓ ଯଶୋବନ୍ତ ସେଠୀ ପାନପୋଷ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଜବତ ସାମଗ୍ରୀ ଓ ଅଭିଯୁକ୍ତଙ୍କୁ ବାଙ୍କୀ ବନାଞ୍ଚଳକୁ ହସ୍ତାନ୍ତର କରାଯାଇଥିଲା। ଜବତ ହାତୀଦାନ୍ତ ପ୍ରାୟ ୧୫ ବର୍ଷ ପୁରୁଣା ହୋଇଥିବା ଅନୁମାନ କରାଯାଉଛି। ତେବେ ଏହା କେଉଁଠାରୁ ଆସିଲା ସେନେଇ ତଦନ୍ତ ଜାରି ରହିଛି। ବଡ଼ଗାଁ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରେ ହାତୀଦାନ୍ତ ଥିବା ସୂଚନା ପାଇ ସହକାରୀ ବନ୍ୟ ସଂରକ୍ଷକ ସୌମ୍ୟରଞ୍ଜନ ଗୋଚ୍ଛାୟତଙ୍କ ନେତୃତ୍ୱରେ ଏକ ଦଳ ଚଢ଼ାଉ କରିଥିଲା।

# ଅଧିକ ପକୁଡ଼ି ମାଗିବାରୁ ଝିଅକୁ ଠେଙ୍ଗାରେ ପିଟି ମାରିଥିଲେ ମା'

ରାଇଘର,୨୩।୫(କିରଣ ପଟ୍ଟନାୟକ)

## ନାଳରୁ ମିଳିଥିଲା ଅଧାପୋଡ଼ା ମୃତଦେହ

ନବରଙ୍ଗପୁର ଜିଲା ରାଇଘର ବ୍ଲକ ହଳଦୀ ପଞ୍ଚାୟତ ସଦର ଗାଁର ଲକ୍ଷ୍ମୀଧର ମାଝିଙ୍କ ଝିଅ ତୁଳାବାଈଙ୍କ ଅଧାପୋଡ଼ା ମୃତଦେହ ଗତ ୧୫ ତାରିଖରେ ମିଳିଥିଲା। ତୁଳାବାଈଙ୍କ ମା' ତ୍ରିବେଣୀ ତାଙ୍କୁ ହତ୍ୟା କରିଥିବା ନେଇ ସ୍ୱୀକାର କରିଛନ୍ତି ବୋଲି ଗୁରୁବାର ରାଇଘର ପୋଲିସ କହିଛି। ତୁଳାବାଈ ଅଧିକ ପକୁଡ଼ି ମାଗିବାରୁ ତ୍ରିବେଣୀ ତାଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଥିଲେ। ପରେ ତ୍ରିବେଣୀ ପ୍ରମାଣ ନଷ୍ଟ କରିବାକୁ ପୋଡ଼ିଦେଇଥିଲେ ବୋଲି ପୋଲିସ କହିଛି। ପୋଲିସ ତ୍ରିବେଣୀଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି।

ଚନ୍ଦାହାଣ୍ଡି ବ୍ଲକସ୍ଥିତ ଧରାମାଳ ଆଶ୍ରମ ସ୍କୁଲ ଚତୁର୍ଥ ଶ୍ରେଣୀ ଛାତ୍ରୀ ତୁଳାବାଈ ଖରାଛୁଟିରେ ଘରକୁ ଆସିଥିଲେ। ବୁଧବାର ସନ୍ଧ୍ୟା ୭ଟାରେ ତୁଳାବାଈଙ୍କୁ ଅଧାପୋଡ଼ା ଅବସ୍ଥାରେ ପରିବାର ଲୋକେ ଉଦ୍ଧାରକରି ଡାକ୍ତରଖାନା ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ତୁଳାବାଈ ଘଟଣା ଦିନ ସନ୍ଧ୍ୟା ୫ଟାରେ ଶୌଚହେବାକୁ କହି ବାଲ୍‌ଟି ଧରି ଘରୁ ବାହାରିଥିଲେ। କିନ୍ତୁ ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଏହି ସମୟରେ ଏକ ନାଳରୁ ତାଙ୍କ ଅଧାଜଳା ମୃତଦେହ ମିଳିଥିବା ନେଇ ପରିବାର ଲୋକେ ରାଇଘର ପୋଲିସରେ ଏତଲା ଦେଇଥିଲେ। ପୋଲିସ ନଂ.୩୬/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ନେଇ ପୋଲିସ ଘଟଣାସ୍ଥଳରେ ତଦନ୍ତ କରିଥିଲା। ଏହି ସମୟରେ ତ୍ରିବେଣୀଙ୍କ ଉପରେ ପୋଲିସର ସନ୍ଦେହ ହେବାରୁ ତାଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଇଥିଲା। ତ୍ରିବେଣୀ ତୁଳାବାଈଙ୍କୁ ହତ୍ୟା କରିଥିବା ନେଇ ପୋଲିସ ଆଗରେ ସ୍ୱୀକାର କରିଥିଲେ।



ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ଶୁକ୍ରବାର, ମେ ୨୪/୨୦୨୪ | Bhubaneswar, Friday, May 24/2024 | ପୃଷ୍ଠା-୧

# ୧୨୧ ଲୋକ ସଭା ପ୍ରାର୍ଥୀ ନିରକ୍ଷର

**ନୂଆଦିଲ୍ଲୀ,୨୩।୫**

ଚଳିତ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧୨୧ ପ୍ରାର୍ଥୀ ସେମାନଙ୍କ ସତ୍ୟପାଠରେ ନିଜକୁ ନିରକ୍ଷର ଘୋଷଣା କରିଛନ୍ତି। ୩୫୯ ପ୍ରାର୍ଥୀ ମାତ୍ର ୫ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବା ନାମାଙ୍କନପତ୍ର ଦାଖଲ ବେଳେ ଦେଇଥିବା ସତ୍ୟପାଠରୁ ଜଣାପଡ଼ିଛି। ୬୪୭ ପ୍ରାର୍ଥୀ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବାବେଳେ ୧,୩୦୩ ପ୍ରାର୍ଥୀ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ପାସ୍ କରିଛନ୍ତି ଓ ୧,୫୦୨ ଜଣ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ସେହିପରି ୧୯୮ ପ୍ରାର୍ଥୀ ଡକ୍ଟରେଟ୍ କରିଥିବା ଜଣାପଡ଼ିଛି। ଚଳିତ ନିର୍ବାଚନରେ ମୋଟ ୮,୩୬୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ସେମାନଙ୍କ ମଧ୍ୟରୁ ୮,୩୩୭ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତାର ଅନୁଶୀଳନ କରିଥିଲା।

ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ଲଢ଼ିଥିବା ୧,୬୨୫ ପ୍ରାର୍ଥୀଙ୍କ ମଧ୍ୟରୁ ୬୩୯ ଜଣଙ୍କ ଶିକ୍ଷାଗତ ଯୋଗ୍ୟତା ୫ମରୁ ଦ୍ୱାଦଶ ଶ୍ରେଣୀ ହୋଇଥିବାବେଳେ ୮୩୬ ଜଣ ସ୍ନାତକ କିମ୍ବା ତଦୂର୍ଦ୍ଧ୍ୱ ସ୍ତର ପର୍ଯ୍ୟନ୍ତ ଯୋଗ୍ୟତା ଅର୍ଜନ କରିଛନ୍ତି। ୩୬ ପ୍ରାର୍ଥୀ ନାମକୁ ମାତ୍ର ପଢ଼ିଥିବାବେଳେ ୨୬ ଜଣ ନିଜକୁ ନିରକ୍ଷର ଘୋଷଣା କରିଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟର ୧,୧୯୮ ପ୍ରାର୍ଥୀଙ୍କ ମଧ୍ୟରୁ ୫୩୩ ଜଣଙ୍କ ଶିକ୍ଷା ୫ମରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**କ୍ୱାଡ୍‌ର ବାସ୍ତବତା**

## ଓଡ଼ିଶାରେ ୩ୟ ପର୍ଯ୍ୟାୟ ପ୍ରଚାର ଶେଷ

**ଭୁବନେଶ୍ୱର,୨୩।୫(ଅନିଲ ଦାସ)**

ରାଜ୍ୟରେ ଆସନ୍ତା ୨୫ ତାରିଖରେ କଟକ, ଭୁବନେଶ୍ୱର, ପୁରୀ, ଢେଙ୍କାନାଳ, କେନ୍ଦୁଝର ଏବଂ ସମ୍ବଲପୁର ସଂସଦୀୟ କ୍ଷେତ୍ର ଓ ଏହା ଅଧୀନରେ ଥିବା ୪୨ ବିଧାନସଭା ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ। ଏସବୁ ନିର୍ବାଚନମଣ୍ଡଳୀରେ ଗୁରୁବାର ପ୍ରଚାର ଶେଷ ହୋଇଛି।

ମତଦାନକୁ ସୁରୁଖୁରୁରେ ଶେଷ କରିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି ଯେ, ତୃତୀୟ ପର୍ଯ୍ୟାୟରେ ଲୋକ ସଭା ଆସନରେ ମୋଟ ୬୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ୩୮୩ ଜଣ ବିଧାୟକ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛନ୍ତି। ଲୋକ ସଭା କ୍ଷେତ୍ରରେ ୯ ଜଣ ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ୫୫ ଜଣ ପୁରୁଷ ପ୍ରାର୍ଥୀ ରହିଛନ୍ତି। ସେହିପରି ବିଧାନସଭା କ୍ଷେତ୍ରରେ ୪୪ ଜଣ ମହିଳା ଓ ୩୩୯ ଜଣ ପୁରୁଷ ମତଦାତା ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଏହି ପର୍ଯ୍ୟାୟରେ ମୋଟ ୯୪ ଲକ୍ଷ ୪୮ ହଜାର ୫୫୩ ଜଣ ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିବେ। ☞ପୃଷ୍ଠା-୨

## ବିଚାରପତିଙ୍କ କୁକୁର ଚୋରି, ୨୪ ଅଭିଯୁକ୍ତ



**ବରେଲି,୨୩।୫**

ଉତ୍ତରପ୍ରଦେଶର ଜଣେ ବିଚାରପତିଙ୍କ ବରେଲିସ୍ଥିତ ବାସଭବନରୁ ପୋଷା କୁକୁର ଚୋରି ହୋଇଛି। ସେମାନଙ୍କ ପଡ଼ୋଶୀ ଡମ୍ପି ଅହମଦ କୁକୁର ଚୋରି କରିଥିବା ବିଚାରପତିଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଆଧାରରେ ପୋଲିସ ପ୍ରାଣୀ ନିଷ୍ଠୁରତା ଆଇନରେ ୨୪ରୁ ଊର୍ଦ୍ଧ୍ୱ ଲୋକଙ୍କ ନାଁରେ ମାମଲା ରୁଜୁ କରିଛି।

ବିଚାରପତି ଜଣକ ହର୍ଦୋଇରେ ପୋଷ୍ଟିଂ ହୋଇଥିବାବେଳେ ତାଙ୍କ ପରିବାର ବରେଲିର ସନ୍‌ସିଟି କଲୋନିରେ ରହୁଛନ୍ତି। କିଛିଦିନ ପୂର୍ବରୁ ବିଚାରପତିଙ୍କ ପରିବାର ଓ ଅହମଦଙ୍କ ପରିବାର ମଧ୍ୟରେ ବଚସା ହୋଇଥିଲା। ସେହି କଲୋନିରେ ରହୁଥିବା ଅହମଦଙ୍କ ପୁଅ କାଦିର ଖାନ୍ ଜଜ୍‌ଙ୍କ ପରିବାର ସଦସ୍ୟଙ୍କୁ ଡରାଇବାକୁ ଉଦ୍ୟମ କରିବା ସହ ☞ପୃଷ୍ଠା-୨






**ଆଜିର ମନ୍ତବ୍ୟ**

"ମୁଁ ଜୀବିତ ଥିବା ଯାଏ ଦଳିତ, ଆଦିବାସୀଙ୍କ ସଂରକ୍ଷଣକୁ କେହି ଛଡ଼ାଇ ନେଇପାରିବେ ନାହିଁ। ଏହା ହେଉଛି ମୋଦି ଗ୍ୟାରେଣ୍ଟି।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ୧୦୪ତମ ଜୟନ୍ତୀ, ସ୍ଥାନ: ଏଜିଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଗୁଣନିଧି ମହାପାତ୍ରଙ୍କ ଦ୍ୱାଦଶ ବାର୍ଷିକ ଶ୍ରାଦ୍ଧୋତ୍ସବ, ସ୍ଥାନ: ପ୍ରତିଷ୍ଠାନ ପରିସର, କେଦାରଗୌରୀ ମାର୍ଗ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀମୟୀ ଡ୍ୟାନ୍ସ ଓ ମ୍ୟୁଜିକ୍ ଫେଷ୍ଟିଭାଲ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ୬ଷ୍ଠ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## ବାଲେଶ୍ୱର

- ନିର୍ବାଚନ ପ୍ରଚାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ, ସ୍ଥାନ: ପୋଲିସ ଲାଇନ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ୩୦।

## ଭଦ୍ରକ

- ଚନ୍ଦନ ଉତ୍ସବ ସମାରୋହ, ସ୍ଥାନ: ଭୈରବପୁର ଭୈରବୀ ମନ୍ଦିର ପରିସର, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ଭାଜପାର ମିଶ୍ରଣ ପର୍ବ, ରୋଡ୍ ଶୋ', ସ୍ଥାନ: ଚାନ୍ଦବାଲି ଏନ୍ଏସି, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ବିଜେଡିର ପଞ୍ଚାୟତସ୍ତରୀୟ ରାଲି କାର୍ଯ୍ୟକ୍ରମ, ସ୍ଥାନ: ଶୁଳିଆପଦା ବ୍ଲକ ଅଧୀନ ପାକଟିଆ, ସମୟ: ପୂର୍ବାହ୍ନ ୯ଟା।
- ଓଆର୍ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଭାଗବତ ଟୁଙ୍ଗିର ବାର୍ଷିକୋତ୍ସବ, ସ୍ଥାନ: ଉଦଳା ବ୍ଲକ ଅଧୀନ ଅଠଣଗାଁ ଭାଗବତ ଟୁଙ୍ଗି ପରିସର, ସମୟ: ପୂର୍ବାହ୍ନ ୧୦ଟା୩୦।
- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜିଲା ଗସ୍ତ, ସ୍ଥାନ: ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା ୩୦, ବାରିପଦା ଛଉ ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବୁଥ୍ସ୍ତରୀୟ କଂଗ୍ରେସ କର୍ମୀ ବୈଠକ, ସ୍ଥାନ: ରାସଗୋବିନ୍ଦପୁର ବ୍ଲକ ଅଧୀନ ମାଣିଦା, ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର

- ନାରଦ ଜୟନ୍ତୀ ପାଳନ, ସ୍ଥାନ: ବ୍ରହ୍ମପୁର ପ୍ରେସ କ୍ଲବ,ସମୟ-ସକାଳ ୮ଟା୪୫।
- ରକ୍ଷ୍ଟାର ସମର ଧମାକା, ସ୍ଥାନ: ଡାଇମଣ୍ଡ ଜୁବିଲି ଟାଉନ ହଲ, ସମୟ: ସନ୍ଧ୍ୟା ୫ଟା।

## ଗଞ୍ଜାମ

- କାମାକ୍ଷା ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠୋତ୍ସବ, ସ୍ଥାନ: ଆସିକା ବ୍ଲକ ମଣ୍ଡାପଡ଼ା, ସମୟ: ସକାଳ ୮ଟା ୩୦।

## ଅନୁଗୋଳ

- ପୋଲିଂ ଅଧିକାରୀଙ୍କ ମତଦାନ କେନ୍ଦ୍ରକୁ ଗସ୍ତ, ସ୍ଥାନ: ଅନୁଗୋଳ କଲେଜ୍, ସମୟ: ସକାଳ ୭ଟା।
- ନିର୍ବାଚନ ପାଇଁ ପ୍ରଶାସନର ଚୂଡ଼ାନ୍ତ ପ୍ରସ୍ତୁତି, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- ଶ୍ରୀରକ୍ତକୁଣ୍ଡଳେଶ୍ୱର ପୀଠ ପରିସରରେ ଯଜ୍ଞ ମହୋତ୍ସବ, ସ୍ଥାନ: ତେଲିଆକଣ, ବୈକୁଣ୍ଠପୁର, ମାର୍ଶାଘାଇ, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା, ସ୍ଥାନ: କୋରେଇ ବ୍ଲକ ବ୍ରାହ୍ମଣୀଦେବୀ ପଡ଼ିଆ। ସମୟ : ଅପରାହ୍ନ ୪ଟା ୪୫ ।

## ନୟାଗଡ଼

- ଶ୍ରୀରଘୁନାଥ ଜୀଉଙ୍କ ଭଉଁରୀ ଯାତ୍ରାର ପଞ୍ଚଦଶ ଦିବସ, ସ୍ଥାନ:ଓଡ଼ଗାଁ ଶ୍ରୀରାମ ସାଗର, ସମୟ: ସନ୍ଧ୍ୟା ୭ଟା
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରାର ପଞ୍ଚଦଶ ଦିବସ, ସ୍ଥାନ:ଶରଣକୁଳ ମନ୍ଦିର କୁଣ୍ଡରେ ଚାପଖେଳ, ସମୟ:ସନ୍ଧ୍ୟା ୭ଟା।
- ନୟାଗଡର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରାର ପଞ୍ଚଦଶ ଦିବସ, ସ୍ଥାନ:ନୟାଗଡ଼ ସାଗର ପୋଖରୀ, ସମୟ: ଅପରାହ୍ନ ୫ଟା
- କଣ୍ଟିଲୋ ନୀଳମାଧବ ଜୀଉଙ୍କ ଚନ୍ଦନ ଯାତ୍ରାର ପଞ୍ଚଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା

- ରକ୍ତଦାନ ଶିବିର, ସ୍ଥାନ: ଜିଲା ରକ୍ତଭଣ୍ଡାର, ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର, ସମୟ: ସକାଳ ୯ରୁ ଅପରାହ୍ନ ୨ଟା।
- ମା ଠାକୁରାଣୀ ପର୍ବର ଘଟ ସ୍ଥାପନ ଏବଂ ବେଜୁ ନାଚ, ସ୍ଥାନ: ମିଲୁ ଡ୍ରେପ ସାହି, ଗୁଡାରି, ସମୟ: ଅପରାହ୍ନ ୨ଟାରୁ ୪ଟା।

## କୋରାପୁଟ

- ପ୍ରଫେସର ଅଜିତ କୁମାର ମିତ୍ର ମେମୋରିଆଲ ବକ୍ତୃତାମାଳା କାର୍ଯ୍ୟକ୍ରମ, ସ୍ଥାନ: କୋଟସ ସଭାଗୃହ, କୋରାପୁଟ ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର

- ସାଓଲିନ କୁଙ୍ଗ ଫୁ ଉସୁ ଆସୋସିଏଶନର ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା କୁଡୋ ହଲ, ସମୟ : ସକାଳ ୬ଟା ୩୦ ।
- ନିର୍ବାଚନ ସକାଶେ ଭୋଟ ସାମଗ୍ରୀ ହସ୍ତାନ୍ତର କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ ପଡ଼ିଆ, ସମୟ : ସକାଳ ୭ଟା।
- ନିର୍ବାଚନ ସକାଶେ ଭୋଟ ସାମଗ୍ରୀ ହସ୍ତାନ୍ତର କାର୍ଯ୍ୟକ୍ରମ, ସ୍ଥାନ: ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ, ସମୟ: ସକାଳ ୭ଟା।

## ସୁବର୍ଣ୍ଣପୁର

- ଡୁଙ୍ଗୁରିପାଲି ବ୍ଲକର ଚେରୁପାଲି ମଣ୍ଡିରେ ରବି ଋତୁ ଧାନ ସଂଗ୍ରହର ଶୁଭାରମ୍ଭ, ସ୍ଥାନ: ଚେରୁପାଲି ପ୍ୟାକ୍ସ ପରିସର, ସମୟ: ସକାଳ ୮ଟା ।
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଦିବସ ଅବସରରେ ପୂଜାର୍ଚ୍ଚନା ଓ ସଂକୀର୍ତ୍ତନ୍ୟ ବୈଠକୀ, ସ୍ଥାନ: ତରଭା ସହର ରଥପଡା ରାଧାକୃଷ୍ଣ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା

- କଂଗ୍ରେସ ପକ୍ଷରୁ ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ଅପରାହ୍ନ ସାଢ଼େ ୪ଟା।
- ମହର୍ଷି ନାରଦ ଜୟନ୍ତୀ, ସ୍ଥାନ: ସେକ୍ଟର-୫ ଆଦର୍ଶ ପାଠାଗାର, ସମୟ: ସନ୍ଧ୍ୟା ୭ଟା।
- ହାତୀଗଣନା ଶେଷ, ସ୍ଥାନ: ବିଶ୍ରା, ସମୟ: ସନ୍ଧ୍ୟା ୫ଟା । ଡିଏଭି ଖେଳ ପଡିଆରେ ଗ୍ରୀଷ୍ମକାଳୀନ କ୍ରୀଡା ଶିବିର, ସ୍ଥାନ: ଡିଏଭି ଖେଳ ପଡିଆ, ବାସନ୍ତୀ କଲୋନୀ,ସ୍ଥାନ: ସକାଳ ସାଢେ ୬ଟା ।
- ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ନାରଦ ଜୟନ୍ତୀ, ସ୍ଥାନ: ଆଦର୍ଶ ପାଠାଗାର, ସମୟ: ସନ୍ଧ୍ୟା ୬ଟା।
- ଭୀମଭୋଇ ଜୟନ୍ତୀ ପାଳିତ,ସ୍ଥାନ: ମଧୁସୂଦନ ପାଠାଗାର, ଛେଣ୍ଡ ସମୟ: ସନ୍ଧ୍ୟା ସାଢେ ୬ଟା।

## ବରଗଡ଼

- ମା'ସମଲେଶ୍ୱରୀ ନୂପୁର କଳା ପରିଷଦର ବାର୍ଷିକ ଉତ୍ସବ ଅବସରରେ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ବୌଦ୍ଧ

- ଚାଉଁରପୁର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ:ଚାଉଁରପୁର ଗ୍ରାମ୍ୟ ମଣ୍ଡପ, ହରଭଙ୍ଗା ବ୍ଲକ, ସମୟ: ସକାଳ ୬ଟା।
- ହରଭଙ୍ଗା ବ୍ଲକ ସାଲକଟା ଗ୍ରାମରେ ଚନ୍ଦନଯାତ୍ରା ଉଦ୍ଯାପିତ , ସ୍ଥାନ: ସାଲକଟା ଗ୍ରାମ, ହରଭଙ୍ଗା ବ୍ଲକ, ସମୟ: ରାତି ୧୦ଟା।

## ଝାରସୁଗୁଡ଼ା

- ସନ୍ତୋଷୀ ମା'ଙ୍କ ମନ୍ଦିରରେ ଯଜ୍ଞ ଏବଂ ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ କାଳୀମନ୍ଦିର ରୋଡ, ସମୟ: ସକାଳ ୮ଟା।
- ଆଦିବାସୀ ସମାଜର ବୈଠକ, ସ୍ଥାନ: ସହରସ୍ଥିତ ବଞ୍ଜାରୀ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ୍।

# ଡାକ୍ତର ପୂର୍ଣ୍ଣିମା କୁଅଁରଙ୍କ ପରଲୋକ

କଟକ,୨୩ା୫(କାର୍ତ୍ତିକ ସାହୁ)



ନବେ ଦଶକରେ ରାଜ୍ୟର ଜଣେ ସ୍ୱନାମଧନ୍ୟ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଭାବେ ପରିଚିତ ଥିବା ଡା. ପୂର୍ଣ୍ଣିମା କୁଅଁର(୮୬)ଙ୍କର ଗୁରୁବାର ପରଲୋକ ଘଟିଛି। ସେ ସେରିବ୍ରାଲ ଷ୍ଟ୍ରୋକ (ସିଭିଏ)ରେ ପୀଡ଼ିତ ଥାଇ ଏସ୍‌ସିବି ମେଡିକାଲର ମେଡିସିନ ବିଭାଗ ଆଇସିୟୁରେ ଚିକିତ୍ସିତ ହେଉଥିଲେ। ଦୁଇବର୍ଷ ପୂର୍ବେ ସେ ବାରିପଦାସ୍ଥିତ ନିଜ ବାସଭବନରେ ପଡ଼ିଯାଇ ଗୁରୁତର ଆହତ ହୋଇଥିଲେ। ସେ ଦୁଇବର୍ଷ ଧରି ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ଗତ ଏପ୍ରିଲ ୧୯ ତାରିଖରେ ଏସ୍‌ସିବି ମେଡିକାଲକୁ ପ୍ରାୟ ସଂଜ୍ଞାହୀନ ଅବସ୍ଥାରେ ଆସିଥିଲେ। ଡା. କୁଅଁର ଆଜୀବନ ଅବିବାହିତା ଥିଲେ।

ସୂଚନାନୁଯାୟୀ, ଡା. କୁଅଁର ୧୯୬୫ରେ ବୁର୍ଲାସ୍ଥିତ ଭିମ୍‌ସାର୍‌ରୁ ଏମ୍‌ବିବିଏସ୍ ପାସ୍ କରିଥିଲେ। ସେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ମେଡିକାଲ ଅଫିସର ଭାବେ ନିଜ ଚାକିରି ଜୀବନ ଆରମ୍ଭ କରିଥିଲେ। ସେତେବେଳେ ସେ ଥିଲେ ସେଠାକାର ଏକମାତ୍ର ଲେଡି ଆସିଷ୍ଟାଣ୍ଟ ସର୍ଜନ। ଏହାପରେ ସେ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରୁ ପ୍ରସୂତି ଓ ସ୍ତ୍ରୀ ରୋଗ ବିଷୟରେ ଏମ୍ଏସ୍ ପାସ୍ କରି ସେହିଠାରେ ହିଁ ଡାକ୍ତରୀ ଅଧ୍ୟାପନା କରିଥିଲେ। ପରେ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ ଓ ବୁର୍ଲା ଭିମ୍‌ସାର୍‌ରେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଭାବେ ସଫଳତାର ସହ କାର୍ଯ୍ୟ କରିଥିଲେ। ୧୯୯୯ ମସିହାରେ ସେ ବୁର୍ଲାସ୍ଥିତ ଭିମ୍‌ସାର୍‌ରୁ ଆସୋସିଏଟ୍ ପ୍ରଫେସର ଭାବେ ଅବସର ନେଇଥିଲେ। ପରେ କଟକର ଏକ ଘରୋଇ କ୍ଲିନିକରେ କିଛିବର୍ଷ କାର୍ଯ୍ୟ କରି ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ନିଜ ଘରକୁ ଚାଲିଯାଇଥିଲେ।

# ହଷ୍ଟେଲ ପିଲାଙ୍କୁ ଠିକ୍ ଭାବେ ଖାଇବାକୁ ଦିଆଯାଉ ନ ଥିଲା: ୪ ଶିକ୍ଷକ ନିଲମ୍ବିତ

ରାୟଗଡ଼ା,୨୩ା୫(ଆଶିଷ ରଞ୍ଜନ ପଣ୍ଡା)

ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ରାୟଗଡ଼ା ସହର ଉପକଣ୍ଠ କଟଲାଗୁଡ଼ାସ୍ଥିତ ଅନ୍ୱେଷା ହଷ୍ଟେଲର ୪ଜଣ ସହକାରୀ ଅଧୀକ୍ଷକ ତଥା ଶିକ୍ଷକଙ୍କୁ ଗୁରୁବାର ନିଲମ୍ବନ କରାଯାଇଛି। ସେମାନେ ରାୟଗଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ରିପୋର୍ଟ କରିବାକୁ ଜିଲାପାଳ ମନୋଜ ସତ୍ୟବାନ ମହାଜନ ନିର୍ଦ୍ଦେଶ ଦେଇଛନ୍ତି। ନିଲମ୍ବିତ ୪ ଜଣ ହେଲେ ବିଲେସୁ ହାଇସ୍କୁଲ ଶିକ୍ଷକ ରମାକାନ୍ତ ପଟ୍ଟନାୟକ, ଜପାଖାଲ ସେବାଶ୍ରମ ଶିକ୍ଷୟିତ୍ରୀ ଅରୁନ୍ଧତୀ ପଣ୍ଡା, ଡୁମୁରିଗୁଡ଼ା ସ୍କୁଲ ଶିକ୍ଷକ ଏମ୍.ଶିବପ୍ରସାଦ ଏବଂ ତାଡ଼ମା ହାଇସ୍କୁଲର ସହକାରୀ ଶିକ୍ଷକ ଗୌରୀଶଙ୍କର ପାଢ଼ିକା। ଉକ୍ତ ଶିକ୍ଷକମାନେ ସ୍କୁଲରେ ପିଲାଙ୍କୁ ପାଠ ପଢ଼ାଇବା ସହ ଅନ୍ୱେଷା ହଷ୍ଟେଲର ଦାୟିତ୍ୱରେ ରହିଥିଲେ। ହଷ୍ଟେଲରେ ରହୁଥିବା ପିଲାଙ୍କୁ ମେନୁ ହିସାବରେ ଖାଦ୍ୟ ଦିଆଯାଉ ନ ଥିବା ଓ ବ୍ୟାପକ ଅନିୟମିତତା କାରଣରୁ ସେମାନଙ୍କୁ ନିଲମ୍ବନ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

ମିଳିଥିବା ସୂଚନା ଅନୁସାରେ, ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ ହଷ୍ଟେଲ ପରିଦର୍ଶନରେ ଯାଇଥିବା ବେଳେ ଅନ୍ତେବାସୀଙ୍କ ପାଇଁ ନିର୍ଦ୍ଧାରିତ ଖାଦ୍ୟ ମେନୁ ପ୍ରକାରେ ଖାଇବାକୁ ଦିଆଯାଇ ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ଦାୟିତ୍ୱରେ ରହିଥିବା ଉକ୍ତ ୪ଜଣ ସହକାରୀ ଅଧୀକ୍ଷକଙ୍କୁ ନିୟମିତ ଖାଦ୍ୟ ମେନୁ ଆଧାରରେ ଖାଇବାକୁ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହାପରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଅତିରିକ୍ତ ଦାୟିତ୍ୱ ତଥା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ପରିଦର୍ଶନରେ ଯାଇଥିବା ସମୟରେ ମଧ୍ୟ ହଷ୍ଟେଲ ପରିଚାଳନା ଏବଂ ଅନ୍ତେବାସୀଙ୍କ ଖାଦ୍ୟ ଯୋଗାଣରେ ଅନିୟମିତତା ରହିଥିବା ଦେଖିବାକୁ ପାଇଥିଲେ। ଏ ନେଇ ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଜିଲାପାଳ ମହାଜନଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଉକ୍ତ ରିପୋର୍ଟକୁ ଆଧାରକରି ଜିଲାପାଳ ଉକ୍ତ ୪ ସହକାରୀ ଅଧୀକ୍ଷକଙ୍କୁ ନିଲମ୍ବନ କରିବା ପାଇଁ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଜାତି ବିଭାଗକୁ ସୁପାରିସ କରିଥିଲେ। ଜିଲାପାଳଙ୍କ ସୁପାରିସକ୍ରମେ ବିଭାଗ ସେମାନଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି। ଏଥିସହ ଅନ୍ୱେଷା ହଷ୍ଟେଲର ସୁପରିଚାଳନା ନିମନ୍ତେ ଶିକ୍ଷକ ଦ୍ୱିତୀଚନ୍ଦ୍ର ସାହୁଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ହଷ୍ଟେଲ ଦାୟିତ୍ୱରେ ଥିବା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରକାଶ କୁମାର ନାୟକ ସୂଚନା ଦେଇଛନ୍ତି।

# ଶ୍ରୀମନ୍ଦିର କୂଅରୁ ଉଦ୍ଧାର ହେଲେ ଭକ୍ତ

ପୁରୀ, ୨୩ା୫(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିସରରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବୟସ୍କ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିବାବେଳେ ଉତ୍ତର ଦ୍ୱାର ପାର୍ଶ୍ୱରେ ଥିବା କୂଅରେ ପଡ଼ିଯାଇଥିଲେ। ତେବେ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ପୋଲିସ ଓ ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀମାନେ ପ୍ରାୟ ଦୁଇଘଣ୍ଟାର ଉଦ୍ୟମ ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କୂଅରୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ସମ୍ପୃକ୍ତ ଭକ୍ତ ହେଲେ ପଶ୍ଚିମବଙ୍ଗର ଧ୍ରୁବ ଚକ୍ରବର୍ତ୍ତୀ।

# ୨୭ରୁ କଳାବିକାଶ କେନ୍ଦ୍ରରେ ଗ୍ରୀଷ୍ମକାଳୀନ ଶିବିର

କଟକ,୨୩ା୫(କାର୍ତ୍ତିକ ସାହୁ)

କଳାବିକାଶ କେନ୍ଦ୍ର ପକ୍ଷରୁ ରାଜ୍ୟସ୍ତରୀୟ ଗ୍ରୀଷ୍ମକାଳୀନ ଶିବିର ଆସନ୍ତା ୨୭ତାରିଖରୁ ଆରମ୍ଭ ହେବ। ଏହି ଶିବିର ୪ ଦିନ ବ୍ୟାପୀ ଚାଲିବା ପରେ ୩୦ ତାରିଖରେ ଉଦ୍‌ଯାପିତ ହେବ। ଏହି ଅବସରରେ ଓଡ଼ିଶୀ ନୃତ୍ୟ, ସଙ୍ଗୀତ, ଚିତ୍ରକଳା ଓ ନାଟକ ବିଭାଗରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ ୨୪ରୁ ୨୬ ତାରିଖ ଯାଏ ସନ୍ଧ୍ୟା ସମୟରେ କଳାବିକାଶ କେନ୍ଦ୍ରଠାରେ ହେବ।

# ବହିଷ୍କୃତ କନିଷ୍ଠ ଯନ୍ତ୍ରୀଙ୍କୁ ୩ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୨୩ା୫(ସତ୍ୟଜିତ୍ ରାଉତ)

**ଲାଞ୍ଚ ମାମଲାର ରାୟ**

ଏକ ଲାଞ୍ଚ ମାମଲାର ରାୟ ଗୁରୁବାର ଭୁବନେଶ୍ୱର ଦ୍ୱିତୀୟ ଅତିରିକ୍ତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ପ୍ରକାଶ ପାଇଛି। ମାମଲାରେ ଅଭିଯୁକ୍ତ ଥିବା ନୟାଗଡ ଜିଲା ସର୍ବ ଶିକ୍ଷା ଅଭିଯାନ ଡିଷ୍ଟ୍ରିକ୍ଟ ପ୍ରୋଜେକ୍ଟ କୋଅର୍ଡିନେଟର କାର୍ଯ୍ୟାଳୟର ପୂର୍ବତନ ଟେକ୍ନିକାଲ କନ୍‌ସଲ୍‌ଟାଣ୍ଟ (କନିଷ୍ଠ ଯନ୍ତ୍ରୀ) ରବିନାରାୟଣ ବରାଡ଼ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ରବିନାରାୟଣଙ୍କୁ ୩ ବର୍ଷ ଜେଲଦଣ୍ଡ ସହ ୨୦ ହଜାର ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଏହି ଜରିମାନା ଟଙ୍କା ଦେଇ ନ ପାରିଲେ ସେ ଅଧିକ ୪ ମାସ ଜେଲରେ ରହିବେ ବୋଲି ବିଚାରପତି ବନ୍ଦନା କର ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାର ଅଭିଯୋଗକାରୀ ହେଉଛନ୍ତି ନୟାଗଡ ଜିଲା ରଗଡିମଡା ପ୍ରୋଜେକ୍ଟ ପ୍ରାଇମେରି ସ୍କୁଲର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଷଡ଼ଙ୍ଗୀ। ସର୍ବ ଶିକ୍ଷା ଅଭିଯାନ ଅନ୍ତର୍ଗତ ରଗଡିମଡା ପ୍ରୋଜେକ୍ଟ ପ୍ରାଇମେରି ସ୍କୁଲର ଘର ନିର୍ମାଣ ହୋଇଥିଲା। ରବିନାରାୟଣ ଏହି ପ୍ରୋଜେକ୍ଟର ଶେଷ ୱାର୍କ ଅର୍ଡର୍ ବିଲ୍ ପାସ୍ କରିବାକୁ ୧୦ ହଜାର ଟଙ୍କା ଦାବି କରିଥିଲେ। ଏନେଇ ୨୦୧୧ ଡିସେମ୍ବର ୨ରେ ପ୍ରଧାନ ଶିକ୍ଷକ ଷଡ଼ଙ୍ଗୀ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଡିସେମ୍ବର ୩ରେ ସନ୍ତୋଷଙ୍କଠାରୁ ରବିନାରାୟଣ ଲାଞ୍ଚ ଟଙ୍କା ନେବା ବେଳେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା (ନଂ. ୬୮/୨୦୧୧) ରୁଜୁ କରାଯାଇ ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ୨୦୧୨ରେ ଭିଜିଲାନ୍ସ ପକ୍ଷରୁ ଚାର୍ଜଶିଟ୍ ଦାଖଲ ପରେ ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସେପଟେ ଏହି ଦୁର୍ନୀତି ପାଇଁ ରବିନାରାୟଣଙ୍କୁ ରାଜ୍ୟ ସରକାର ବହିଷ୍କୃତ କରିଥିଲେ। ତେବେ ଏହି ମାମଲାରେ ୯ ଜଣଙ୍କ ସାକ୍ଷ୍ୟ ଓ ବିଭିନ୍ନ ଦସ୍ତାବିଜ୍‌କୁ ଆଧାର କରି ବିଚାରପତି ରାୟ ଶୁଣାଇଥିଲେ। ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ପୂର୍ବତନ ଇନ୍ସପେକ୍ଟର ସୁଶାନ୍ତ କୁମାର ପାଣିଗ୍ରାହୀ ମାମଲାର ତଦନ୍ତ କରୁଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ପ୍ରବୀର ପଟ୍ଟନାୟକ ଓ କାମଦେବ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

**ପ୍ରଥମ ପୃଷ୍ଠାରୁ...**

## ୧୨୧ ଲୋକ ସଭା...

ହୋଇଥିବାବେଳେ ୫୭୪ ପ୍ରାର୍ଥୀ ସ୍ନାତକ କିମ୍ବା ତଦୂର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ହାସଲ କରିଛନ୍ତି। ୩୭ ପ୍ରାର୍ଥୀ ନାମକୁ ମାତ୍ର ପଢ଼ିଥିବାବେଳେ ୮ ଜଣ ନିରକ୍ଷର। ୩ ଜଣ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ତଥ୍ୟ ଦେଇନାହାନ୍ତି। ତୃତୀୟ ପର୍ଯ୍ୟାୟର ୧,୩୫୨ ପ୍ରାର୍ଥୀଙ୍କ ମଧ୍ୟରୁ ୬୩୯ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ପଞ୍ଚମରୁ ଦ୍ୱାଦଶ ଶ୍ରେଣୀ ହୋଇଥିବାବେଳେ ୫୯୧ ଜଣ ସ୍ନାତକ କିମ୍ବା ତଦୂର୍ଦ୍ଧ୍ୱ ଯୋଗ୍ୟତା ହାସଲ କରିଛନ୍ତି। ୫୬ ପ୍ରାର୍ଥୀ ନାମକ ମାତ୍ର ପଢ଼ିଥିବାବେଳେ ୧୯ ଜଣ ନିରକ୍ଷର ଥିବାବେଳେ ୩ ଜଣ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଜଣାଇ ନ ଥିବା ଏଡିଆର୍ ରିପୋର୍ଟରେ ଦର୍ଶାଯାଇଛି। ସେହିପରି ଚତୁର୍ଥ ପର୍ଯ୍ୟାୟର ୬୪୪ ଜଣ ପ୍ରାର୍ଥୀଙ୍କ ଶିକ୍ଷା ୫ମରୁ ଦ୍ୱାଦଶ ଶ୍ରେଣୀ ପାସ୍ ମଧ୍ୟରେ ହୋଇଥିବାବେଳେ ୯୪୪ ଜଣ ସ୍ନାତକ କିମ୍ବା ଏହାଠାରୁ ଅଧିକ ଶିକ୍ଷାଗତ ଯୋଗ୍ୟତା ହାସଲ କରିଛନ୍ତି। ୩୦ ପ୍ରାର୍ଥୀ ନାମକୁ ମାତ୍ର ଶିକ୍ଷା ଗ୍ରହଣ କରିଥିବାବେଳେ ୨୬ ଜଣ ନିରକ୍ଷର ଥିବା ଜଣାପଡ଼ିଛି। ୫ମ ପର୍ଯ୍ୟାୟର ପ୍ରାର୍ଥୀଙ୍କ ମଧ୍ୟରୁ ୨୯୩ ଜଣଙ୍କ ଶିକ୍ଷା ପଞ୍ଚମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ହୋଇଥିବାବେଳେ ୩୪୯ ଜଣ ସ୍ନାତକ କିମ୍ବା ତଦୂର୍ଦ୍ଧ୍ୱ ସ୍ତର ପର୍ଯ୍ୟନ୍ତ ଶିକ୍ଷାଗ୍ରହଣ କରିଛନ୍ତି। ଏହି ପର୍ଯ୍ୟାୟରେ ୨୦ ପ୍ରାର୍ଥୀ ନାମକୁ ମାତ୍ର ପାଠ ପଢ଼ିଥିବାବେଳେ ୫ ଜଣ ନିରକ୍ଷର ଥିବା ଜଣାପଡ଼ିଛି।

ଷଷ୍ଠ ପର୍ଯ୍ୟାୟ ନିର୍ବାଚନର ମୋଟ ୮୬୯ ପ୍ରାର୍ଥୀଙ୍କ ମଧ୍ୟରୁ ୩୩୨ ଜଣଙ୍କ ଶିକ୍ଷାଗତ ଯୋଗ୍ୟତା ୫ମରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ହୋଇଥିବାବେଳେ ୪୮୭ ଜଣ ସ୍ନାତକ କିମ୍ବା ତା'ଠୁ ଅଧିକ ପାଠ ପଢ଼ିଛନ୍ତି। ୨୨ ଜଣ ଡିପ୍ଲୋମାଧାରୀ ଥିବାବେଳେ ୧୨ ଜଣ ନାମକୁ ମାତ୍ର ଶିକ୍ଷା ଗ୍ରହଣ କରିଛନ୍ତି ଓ ୧୩ ଜଣ ନିରକ୍ଷର ରହିଛନ୍ତି। ସେହିପରି ସପ୍ତମ ପର୍ଯ୍ୟାୟର ୯୦୪ ପ୍ରାର୍ଥୀଙ୍କ ମଧ୍ୟରୁ ୪୦୨ ଜଣଙ୍କ ଶିକ୍ଷାଗତ ଯୋଗ୍ୟତା ୫ମରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ହୋଇଥିବାବେଳେ ୪୩୦ ଜଣ ସ୍ନାତକ କିମ୍ବା ତା'ଠାରୁ ଅଧିକ ଶିକ୍ଷାଲାଭ କରିଛନ୍ତି। ୨୦ ଜଣ ଡିପ୍ଲୋମାଧାରୀ ହୋଇଥିବାବେଳେ ୨୬ ଜଣ ନାମକୁ ମାତ୍ର ପାଠ ପଢ଼ିଛନ୍ତି ଓ ୨୪ ଜଣ ନିରକ୍ଷର। ୨ ଜଣ ପ୍ରାର୍ଥୀ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ତଥ୍ୟ ଦେଇ ନ ଥିବା ରିପୋର୍ଟରୁ ଜଣାପଡ଼ିଛି। ଏପ୍ରିଲ ୧୯ରୁ ଜୁନ୍ ୧ ମଧ୍ୟରେ ୭ ପର୍ଯ୍ୟାୟରେ ନିର୍ବାଚନ ହେଉଥିବାବେଳେ ଜୁନ୍ ୪ରେ ଭୋଟଗଣତି କରାଯିବ। ଏପର୍ଯ୍ୟନ୍ତ ୫ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଥିବାବେଳେ ଆସନ୍ତା ୨୫ରେ ଷଷ୍ଠ ଏବଂ ଜୁନ୍ ୧ରେ ସପ୍ତମ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ।

## ଓଡ଼ିଶାରେ ୩ୟ ପର୍ଯ୍ୟାୟ...

ଏମାନଙ୍କ ମଧ୍ୟରେ ୪୮,୨୯,୬୬୦ ପୁରୁଷ, ୪୬,୧୭,୬୦୨ ମହିଳା ଓ ୧୨୯୧ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ମତଦାତା ଲିଙ୍ଗ ଅନୁପାତ ୯୫୬ ରହିଛି। ଏମାନଙ୍କ ମଧ୍ୟରେ ୨,୩୭,୧୩୧ ଜଣ ୧୮ରୁ ୧୯ ବର୍ଷର ପ୍ରଥମ ଥର ମତଦାତା ଥିବା ବେଳେ ୨୦ରୁ ୨୯ ବର୍ଷର ୧୮,୪୫,୫୦୩ ଜଣ ଯୁବ ମତଦାତା ରହିଛନ୍ତି। ନିର୍ବାଚନ ପାଇଁ ମୋଟ ୧୦,୫୧୫ଟି ମତଦାନ କେନ୍ଦ୍ର ଓ ୩୬ଟି ଅତିରିକ୍ତ ମତଦାନ କେନ୍ଦ୍ର କରାଯାଇଛି। ମତଦାନ କେନ୍ଦ୍ର ପିଛା ପ୍ରାୟ ୮୯୬ ଜଣ ମତାଦାତା ରହିଛନ୍ତି। ୧୫୦୦ ମତଦାନ କେନ୍ଦ୍ର ସମ୍ପୂର୍ଣ୍ଣ ରୂପେ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ। ସେହିପରି ଭିନ୍ନକ୍ଷମ କର୍ମଚାରୀଙ୍କ ଦ୍ୱାରା ୩୦ଟି ପରିଚାଳିତ ହେବ। ଏହି ପର୍ଯ୍ୟାୟରେ ପ୍ରାୟ ୨ ହଜାର ଆଦର୍ଶ ମତଦାନ କେନ୍ଦ୍ର (ମଡେଲ୍ ବୁଥ୍) କରାଯାଇଛି। ନିର୍ବାଚନ ପରିଚାଳନା ପାଇଁ ପ୍ରାୟ ୭୦ ହଜାର ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସମସ୍ତ ପୋଲିଂ ଷ୍ଟେଶନ୍‌ରେ ଜଣେ ଲେଖାଏ ସ୍ୱେଚ୍ଛାସେବୀ ଓ ଜଣେ ଲେଖାଏ ଆଶାକର୍ମୀ ନିୟୋଜିତ ହୋଇଛନ୍ତି। ସଂସଦୀୟ କ୍ଷେତ୍ର ପାଇଁ ମୋଟ ୧୩,୨୭୨ଟି ବାଲଟ୍ ୟୁନିଟ୍, ୧୩,୪୨୫ଟି କଣ୍ଟ୍ରୋଲ ୟୁନିଟ୍ ଓ ୧୪,୪୨୭ଟି ଭିଭିପିଏଟି ବ୍ୟବସ୍ଥା ହୋଇଛି। ବିଧାନସଭା କ୍ଷେତ୍ର ମତଦାନ ପାଇଁ ୧୩,୩୬୫ ବାଲଟ ୟୁନିଟ୍, ୧୩,୫୧୮ କଣ୍ଟ୍ରୋଲ ୟୁନିଟ୍ ଓ ୧୪,୬୦୪ଟି ଭିଭିପିଏଟି ବ୍ୟବସ୍ଥା ହୋଇଛି। ମତଦାନ ପାଇଁ ସୁରକ୍ଷା ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

ଏଠାରେ ୧୨୧ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ନିୟୋଜିତ ହେବେ। ଷ୍ଟ୍ରଙ୍ଗରୁମ୍ ବ୍ୟତୀତ ଏମାନଙ୍କୁ ପ୍ରାୟ ୨୦୦୦ ପୋଲିଂ ଷ୍ଟେଶନ୍ ସ୍ଥଳରେ ନିୟୋଜିତ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି।

ଅଂଶୁଘାତର ମୁକାବିଲା ପାଇଁ ପ୍ରତ୍ୟେକ ପୋଲିଂ ଷ୍ଟେଶନ୍‌ରେ ଆଶାକର୍ମୀ ରହିବେ। ଅଂଶୁଘାତର ଜରୁରୀ ଚିକିତ୍ସା ପାଇଁ ସେଠାରେ ଆଶୁ ଚିକିତ୍ସା ବ୍ୟବସ୍ଥା, ଓଆର୍ଏସ୍ ଆଦି ରହିବ। ପ୍ରତି ସେକ୍ଟର ଅଫିସରଙ୍କ ସହ ଜଣେ ପାରା-ମେଡିକାଲ ଷ୍ଟାଫ୍ ଜରୁରୀ ଔଷଧପତ୍ର ସହିତ ରହିବେ। ମୋବାଇଲ୍ ହେଲ୍‌ଥ ୟୁନିଟ୍ ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ନିୟମିତ ବ୍ୟବଧାନରେ ବୁଥ୍‌ଗୁଡ଼ିକୁ ପରିଦର୍ଶନ କରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ବରିଷ୍ଠ ଭୋଟର ଓ ଭିନ୍ନକ୍ଷମ ଭୋଟରଙ୍କ ସହାୟତା ପାଇଁ ସ୍ୱେଚ୍ଛାସେବୀମାନେ ରହିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

ଏହି ପର୍ଯ୍ୟାୟରେ ପ୍ରାୟ ଅଧିକାଂଶ ଆସନରେ କଡ଼ା ମୁକାବିଲା ଦେଖିବାକୁ ମିଳିବ। ସମ୍ବଲପୁର ଲୋକ ସଭା ଆସନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ମଧ୍ୟରେ ଜୋରଦାର ଲଢ଼େଇ ହେବ। ଅନ୍ୟପକ୍ଷରେ କଂଗ୍ରେସରୁ ପୂର୍ବତନ ଏମ୍‌ପି ନଗେନ୍ଦ୍ର ପ୍ରଧାନ ମଧ୍ୟ କଡ଼ା ଟକ୍କର ଦେଉଛନ୍ତି। କଟକ ଲୋକ ସଭା ଆସନରେ ଭାଜପା ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କ ସହ ବିଜେଡିର ସଂତୃପ୍ତ ମିଶ୍ର ଏବଂ କଂଗ୍ରେସର ସୁରେଶ ମହାପାତ୍ରଙ୍କ ମଧ୍ୟରେ ଲଢ଼େଇ ହେବ। ସେହିପରି ପୁରୀରେ ଭାଜପା ପ୍ରାର୍ଥୀ ସମ୍ବିତ ପାତ୍ର ଓ ବିଜେଡିର ଅରୂପ ପଟ୍ଟନାୟକଙ୍କ ମଧ୍ୟରେ କଡ଼ା ଟକ୍କର ହେବାକୁ ଥିବା ବେଳେ ସେମାନଙ୍କୁ କଡ଼ା ଟକ୍କର ଦେବେ କଂଗ୍ରେସର ଜୟନାରାୟଣ ପଟ୍ଟନାୟକ। ଭୁବନେଶ୍ୱରରେ ଭାଜପା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ, ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ମଧ୍ୟରେ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା ହେବ। ଏହିସବୁ ସିଟ୍‌ରେ କଂଗ୍ରେସ ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇପାରେ।

## ବିଚାରପତିଙ୍କ କୁକୁର...

ହତ୍ୟା ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଗତ ୧୬ ତାରିଖ ରାତିରେ ଅହମଦଙ୍କ ସ୍ତ୍ରୀ ବିଚାରପତିଙ୍କ ଘରକୁ ଆସିଥିବାବେଳେ ସେମାନଙ୍କ କୁକୁର ଉକ୍ତ ମହିଳା ଓ ତାଙ୍କ ଝିଅଙ୍କୁ ଆକ୍ରମଣ କରିଥିଲା। ଏହାକୁ ନେଇ ଦୁଇ ପରିବାର ମଧ୍ୟରେ ଝଗଡ଼ା ହୋଇଥିଲା। ଖବର ପାଇ ବିଚାରପତି ଲକ୍ଷ୍ନୌରୁ ବରେଲି ପୋଲିସକୁ ଫୋନ୍ କରି ସବୁ କଥା ଜଣାଇବା ସହ ଏତଲା ଦାଏର କରିଥିଲେ। ପରେ କୁକୁରକୁ ଖୋଜି ବାହାର କରିବା ପାଇଁ ପୋଲିସ ଟିମ୍ ଉଦ୍ୟମ ଚଳାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଭାଇ, ବନ୍ଧୁଙ୍କ ସହ ପୂର୍ବଶତ୍ରୁତା, ପରିଶୋଧ ହୋଇ ନ ଥିବା ଋଣ ଏବଂ ଆକସ୍ମିକ ଦୂରଯାତ୍ରା ଟେନ୍ସନର କାରଣ ହେବ। ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ଅଯଥା ପାଟିତୁଣ୍ଡ ଲାଗିପାରେ। ଦୂରାଗତ ବନ୍ଧୁଙ୍କ ସମସ୍ୟା ସମାଧାନ ପାଇଁ ନିଜକୁ କିଛି କରିବାକୁ ପଡିପାରେ। ରାଜନୀତି, ପ୍ରଶାସନ, ଆଇନ କ୍ଷେତ୍ରରେ ଶୁଭଫଳ ପାଇବେ।

**ବୃଷ** – ସମ୍ପର୍କୀୟ କୌଣସି ପଦାଧିକାରୀ ଆପଣଙ୍କ ବ୍ୟକ୍ତିଗତ କାମ ପାଇଁ ସାହାଯ୍ୟ କରିପାରନ୍ତି। ଅଟକି ରହିଥିବା ଫାଇଲ୍ କାମ ପାଇଁ ମନରେ ଟେନ୍ସନ ଲାଗି ରହିବ। ମୃଗଶିରା ନକ୍ଷତ୍ର ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା ଓ ଶୁକ୍ରଙ୍କ ସୁପ୍ରଭାବଜନିତ ଅର୍ଥନୈତିକ କାରବାର ଉନ୍ନତ ରହିବ।

**ମିଥୁନ** – ଅର୍ଥନୈତିକ ଅବରୋଧ ଓ ସମସ୍ୟା ସମ୍ପର୍କିତ ଆଲୋଚନାରେ ସମୟ ଅତିବାହିତ ହେବ। ଭଲ ସମ୍ପର୍କ ରହିଥିବା ସ୍ଥାନରେ କିଛିଟା ଫାଟ ସୃଷ୍ଟି ଆଶଙ୍କା ରହିଛି। ପୁନର୍ବସୁ ନକ୍ଷତ୍ର ସଭାସମିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଆରମ୍ଭ କରିଥିବା କାମଟିରେ ପରିବାରର ସମର୍ଥନ ଲାଭ କରି କାର୍ଯ୍ୟହାସଲ କରିବେ।

**କର୍କଟ** – ଆଜି ଭାଇ, ପଡ଼ୋଶୀ, ସହକର୍ମୀଙ୍କ ସହ ସମ୍ପର୍କରେ କିଛିଟା ନ୍ୟୂନତା ପରିଲକ୍ଷିତ ହେବ। ଭୁଲ୍ ବୁଝାମଣା କାରଣରୁ ପରିବାରରେ ସମସ୍ୟା ସୃଷ୍ଟି ହେବ। ବ୍ୟୟ ଅଟକଳ କରିବେ ଏବଂ ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ବିବାଦୀୟ ଘଟଣାରେ ନୀରବତା ଶ୍ରେୟ ଅଟେ,ଅନ୍ୟଥା ସମସ୍ୟା ଭିତରକୁ ଯାଇପାରନ୍ତି।

**ସିଂହ** – ଆଜି କୌଣସି କାମ କରିସାରିବା ପରେ ତାହାର ଭଲମନ୍ଦ ଦିଗର ବିଚାର କରି ଅନୁତାପ କରିବେ। ବନ୍ଧୁ ରାଗ ଶୁଝାଇବାକୁ ଯାଇ ପ୍ରତିଶୋଧ ନେବାର ମସୁଧା କରିପାରନ୍ତି। ପଛକଥା ନ ଭାବି ଏହି ସମୟର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। ଉତ୍ତରାଫାଲଗୁନୀ ନକ୍ଷତ୍ରକୁ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**କନ୍ୟା** – ଶୁକ୍ର ଓ ବୃହସ୍ପତିଙ୍କ ପ୍ରଭାବରେ ଆପଣଙ୍କ ସ୍ଥିତି ଦୃଢତର ରହିବ ଏବଂ ଆର୍ଥିକ ଉନ୍ନତିରେ ପୂର୍ଣ୍ଣଚ୍ଛେଦ ପଡିବ ନାହିଁ। ଘର ଲୋକେ କୌଣସି କଥାକୁ ବିରୋଧ କଲେ ବନ୍ଧୁଙ୍କ ଜରିଆରେ କାମ ହାସଲ କରିପାରିବେ। ପୂର୍ବାଫାଲଗୁନୀ ନକ୍ଷତ୍ର ବିଫଳତା କାରଣରୁ ଅନ୍ୟକୁ ସହଜରେ ବିଶ୍ୱାସ କରିପାରିବେନାହିଁ। ମୋଟା ଅଙ୍କର ଅର୍ଥ କରଜ କରିବାକୁ ପଡିପାରେ।

**ତୁଳା** – ଅଧିକାଂଶ ସମୟ ଶାରୀରିକ ପୀଡ଼ା ଯୋଗୁ ମନ ବିଚଳିତ ହୋଇପାରେ। ସତର୍କତା ରକ୍ଷା ନ କଲେ ନିଜ ଲୋକଙ୍କ ବିଶ୍ୱାସଘାତକତାରୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପ୍ରିୟବନ୍ଧୁଙ୍କ ପରାମର୍ଶରେ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ। ଆନୁଷ୍ଠାନିକ କାର୍ଯ୍ୟକ୍ରମ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିପାରନ୍ତି।

**ବିଛା** – ଭୁଲ୍ ବୁଝାମଣା କାରଣରୁ ଆତ୍ମୀୟମାନେ ଦୂରେଇ ଯାଇ ପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। ବିଶାଖା ନକ୍ଷତ୍ର ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ପ୍ରଭୃତିରେ ଆଶାତୀତ ସଫଳତା ଲାଭ କରିବେ।

**ଧନୁ** – ଆଜି ସହକର୍ମୀଙ୍କ ସହ ଆଲୋଚନାର ଭଲମନ୍ଦ ଦିଗକୁ ନେଇ ମନ ଭାରାକ୍ରାନ୍ତ ରହିବ। ଏକାଧିକ ଗ୍ରହ ଦ୍ୱାଦଶଭାବକୁ ଦୃଷ୍ଟି ଦେଉଥିବାରୁ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ। କୌଣସି ଅପ୍ରୀତିକର ଖବର ପାଇ ସକାଳୁ ସକାଳୁ ମନଟା ବିଗିଡି ଯାଇପାରେ। ଏହାସାଙ୍ଗକୁ ଘରେ ସ୍ତ୍ରୀଙ୍କ ଚିଡା ସ୍ୱଭାବ ପାଇଁ କ୍ଷୁବ୍ଧ ହୋଇପାରନ୍ତି।

**ମକର** – ଆଜି କୌଣସି ସମସ୍ୟାର ସମ୍ମୁଖୀନ ହେବେ କିନ୍ତୁ ପରକ୍ଷଣରେ ସବୁକିଛି ଠିକ୍ ହୋଇଯିବ। ଯେମିତି ଚାହୁଁଥିଲେ ତା'ଠାରୁ ଅଧିକ ଶୁଭଫଳ ମନକୁ ଆମୋଦିତ କରିବ। ଭଲ ସମ୍ପର୍କ ନ ଥିବା ଲୋକଙ୍କ ଦ୍ୱାରା ଗୁଜବ ମାନସିକ ସ୍ଥିତିକୁ ହଲ୍‌ଚଲ କରିପାରେ। ବ୍ୟବସାୟ, ପରିବହନ, ମାଲିମକଦ୍ଦମା ପାଇଁ ଅସୁବିଧା ରହିବ ନାହିଁ।

**କୁମ୍ଭ** – ସ୍ୱାସ୍ଥ୍ୟ ପ୍ରତି ସଚେତେନ ରହି ପ୍ରତ୍ୟେକ କାମ କରିବା ଭଲ ହେବ। ବିଭିନ୍ନ ଦିଗରୁ ଆଶା କରୁଥିବା ସାହାଯ୍ୟର ଅଭାବ ରହିବ ନାହିଁ। ପାରିବାରିକ ଓ କର୍ମକ୍ଷେତ୍ର ପୂର୍ବବତ୍ ଯଥାରୀତି ଚାଲୁ ରହିବ। ଅବଶ୍ୟ ଅପରାହ୍ନରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ମୀନ** – ଗ୍ରହମାନଙ୍କ ଶୁଭ ସମାବେଶରୁ ଦିନଟି ବହୁତ ଭଲ ରହିବ। ଯାହା ଓ ଯେମିତି ଚାହୁଁଛନ୍ତି ତାହା ଅବଶ୍ୟ ପାଇପାରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଯୋଗୁ କାର୍ଯ୍ୟ ହାସଲ କରିପାରନ୍ତି। ଆଜିର ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ସାହିତ୍ୟ ଚର୍ଚ୍ଚା, ଯୋଗଶିକ୍ଷା ଏବଂ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଯୋଗଦେବେ।

ଆଜି ମେ' ୨୪ ତାରିଖ, ଜ୍ୟେଷ୍ଠ କୃଷ୍ଣ ପ୍ରତିପଦା ଶୁକ୍ରବାର, ରାଶିନକ୍ଷତ୍ର-ଦିବା ଘ.୧୦।୦ ମି. ଗତେ, ଜ୍ୟେଷ୍ଠା/ବିଛା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୦୪ ଗତେ, ଘ.୦୬।୫୬ ମଧ୍ୟେ, ଘ.୧୨।୦୯ ଗତେ, ଘ.୦୨।୪୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୧୦।୦୫ ଗତେ, ଘ.୧୧।୪୩ ମଧ୍ୟେ ରାହୁ କାଳ।







# ଗୁଳି ବିନିମୟ, ୮ ମାଓବାଦୀ ମୃତ

**ମାଲକାନଗିରି, ୨୩।୫(ଦୁର୍ଯ୍ୟୋଧନ ପାତ୍ର)/ ରାଉରକେଲା, ୨୩।୫(ସଙ୍ଗୀତା ଜେନା)**

ଛତିଶଗଡ଼ ନାରାୟଣପୁର-ବିଜାପୁର ଜିଲା ସୀମାନ୍ତରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ୭ ମାଓବାଦୀ ନିହତ ହୋଇଛନ୍ତି। ବିଜାପୁର ଆବୁଜମାଡ ଜଙ୍ଗଲରେ ଡିଆରଜି, ଏସ୍‌ଟିଏଫ୍‌ର ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ ଯବାନ ନାରାୟଣପୁର ଏସ୍‌ପି ପ୍ରତାପ କୁମାରଙ୍କ ନେତୃତ୍ୱରେ ଗତ ୨ଦିନ ଧରି ସର୍ଚ୍ଚ ଅପରେଶନ ଜାରି ରଖିଥିଲେ। ଯବାନମାନଙ୍କୁ ଦେଖି ମାଓବାଦୀମାନେ ଗୁଳି ଚଳାଇଥିଲେ । ଯବାନଙ୍କ ପାଲଟା ଆକ୍ରମଣକୁ ସାମ୍‌ନା କରି ନ ପାରି ସେମାନେ ଜଙ୍ଗଲ ଭିତରେ ଛତ୍ରଭଙ୍ଗ ଦେଇଥିଲେ । ଗୁଳି ବିନିମୟ ପରେ ଯବାନମାନେ ସର୍ଚ୍ଚ ଅପରେଶନ ସମୟରେ ୭ ମାଓବାଦୀଙ୍କ ମୃତଦେହ ଠାବ ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବନ୍ଧୁକ ଇତ୍ୟାଦି ଜବତ କରିଥିଲେ। ସେହିପରି ଓଡ଼ିଶା- ଝାଡଖଣ୍ଡ ସୀମାନ୍ତ କରାଇକେଲା ଅଞ୍ଚଳରେ ଗୁରୁବାର ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ଝାଡଖଣ୍ଡ ଚାଇଁବାସାର ବୁଧରାମ ମୁଣ୍ଡା(୨୬) ନିହତ ହୋଇଛନ୍ତି। ନିଷିଦ୍ଧ ଘୋଷିତ ଏକ ମାଓବାଦୀ ସଙ୍ଗଠନର ସଦସ୍ୟ ଅମିତ ମୁଣ୍ଡା ସମର୍ଥକଙ୍କ ସହ ଖୁଣ୍ଟି, ସରାଇକେଲା ଆଦି ଅଞ୍ଚଳରେ ସକ୍ରିୟ ଥିବା ଜଣାପଡିବା ପରେ ସୁରକ୍ଷାକର୍ମୀ ବୁଧବାର କୋମ୍ବିଂ ଅପରେଶନ୍ କରିଥିଲେ। ଗୁରୁବାର ସୀମାନ୍ତ କରାଇକେଲା ଅଞ୍ଚଳରେ ସୁରକ୍ଷାବଳ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପ୍ରାୟ ୨୦ମିନିଟ୍ ଗୁଳିବିନିମୟ ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ସୁରକ୍ଷାବଳ ଦ୍ୱାରା ଉକ୍ତ ସ୍ଥାନରେ ଯାଞ୍ଚ କରାଯାଇଥିଲା। ସେଠାରୁ ଜଣେ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏଥିସହ ୧ଟି ପିସ୍ତଲ, ମ୍ୟାଗାଜିନ୍, ୨୦ଟି ଅଫୁଟା ଗୁଳି, ପିସ୍ତଲ ପାଉଚ, ୭.୬୨ ଏସ୍‌ଏଲଆର୍ ୧୩୪ଟି ଗୁଳି, ୱାକିଟକି, ରେଡ଼ିଓ, ମାଓବାଦୀ ପୋଷାକ ଓ ବିସ୍ଫୋଟକ ଜବତ ହୋଇଥିଲା।






ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ ବରଂ ଉଜ୍ଜ୍ୱଳ ଆନନ୍ଦମୟ ଦିବ୍ୟ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତ ଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ବୁଦ୍ଧିମାନର କାର୍ଯ୍ୟ । ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ । -ଶ୍ରୀମା



# କ୍ୱାଡ୍‌ର ବାସ୍ତବତା



ବ୍ରହ୍ମ ଚେଲାନି

ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର (ଇଣ୍ଡୋ ପାସିଫିକ)ର ଚାରୋଟି ପ୍ରମୁଖ ଗଣତାନ୍ତ୍ରିକ ରାଷ୍ଟ୍ର ଅଷ୍ଟ୍ରେଲିଆ, ଭାରତ, ଜାପାନ ଏବଂ ଆମେରିକା ୨୦୧୭ରେ ଦୀର୍ଘଦିନ ଧରି ମାନ୍ଦା ପଡ଼ିଥିବା କ୍ୱାଡ୍‌କୁ ପୁନର୍ଜୀବିତ କରିଥିଲେ । ସେତେବେଳେ ସେମାନଙ୍କର ଉଦ୍ଦେଶ୍ୟ ସ୍ପଷ୍ଟ ଥିଲା: ଚାଇନାର ବିସ୍ତାରବାଦ ବିରୋଧରେ ଏକ ରଣନୈତିକ ପାଚେରି ସୃଷ୍ଟି କରିବା ଏବଂ ଶକ୍ତିର ଏକ ସ୍ଥିର ଆଞ୍ଚଳିକ ଭାରସାମ୍ୟ ରକ୍ଷା କରିବା । କିନ୍ତୁ ଏହି ମେଣ୍ଟ ବର୍ତ୍ତମାନ ଲକ୍ଷ୍ୟହୀନ ହୋଇଛି ଏବଂ ଏହା ଧାରଣ କରିଥିବା ସୁରକ୍ଷା ବିପଦକୁ ଅଣଦେଖା କରାଯିବା ଉଚିତ ନୁହେଁ । କ୍ୱାଡ୍‌ର ପୁନରୁତ୍ଥାନ ଆମେରିକାର ବୈଦେଶିକ ନୀତିରେ ଏକ ସ୍ୱତନ୍ତ୍ର ପରିବର୍ତ୍ତନକୁ ପ୍ରତିଫଳିତ କରିଥିଲା । ଅର୍ଥନୈତିକ ବୃଦ୍ଧି ଲକ୍ଷ୍ୟରେ ଚାଇନା ସହ ଦଶନ୍ଧି ଧରି ସମ୍ପର୍କ ରଖିବା ପରେ ଆମେରିକାର ନୀତିନିର୍ଦ୍ଧାରକ (ଏକାଠି ଡେମୋକ୍ରାଟ ଏବଂ ରିପବ୍ଲିକାନ୍ସ) ହୃଦୟଙ୍ଗମ କଲେ ଯେ ଆମେରିକାର ସବୁଠୁ ବଡ଼ ବାଣିଜ୍ୟିକ ସହଯୋଗୀ ଏହାର ସର୍ବବୃହତ ରଣନୀତିକ ପ୍ରତିଦ୍ୱନ୍ଦ୍ୱୀ ହୋଇପାରିଛି ଏବଂ ଆମେରିକାର ପ୍ରାଧାନ୍ୟକୁ ହଟାଇ ଦେବା ପାଇଁ ପ୍ରତିବଦ୍ଧ ହୋଇଛି । ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ତାଙ୍କ ୨୦୨୨ ନ୍ୟାଶନାଲ ସିକ୍ୟୁରିଟି ଷ୍ଟ୍ରାଟେଜିରେ ସୂଚିତ କରିଥିଲେ ଯେ, ଉଭୟ ଅନ୍ତର୍ଜାତୀୟ ବ୍ୟବସ୍ଥାର ପୁନଃସ୍ଥାପନ କରିବାର ପ୍ରତିବଦ୍ଧତା ପ୍ରକାଶ କରିବା ଏବଂ ସେହି ଲକ୍ଷ୍ୟରେ ଅଗ୍ରସର ହେବାକୁ ଅର୍ଥନୈତିକ, କୂଟନୈତିକ, ସାମରିକ ଓ ବୈଷୟିକ ଶକ୍ତି ବୃଦ୍ଧି କରିବାରେ ଚାଇନା ହେଉଛି ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ।

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରି ବାଇଡେନ 'ଏକ ସ୍ୱାଧୀନ ଓ ମୁକ୍ତ ଇଣ୍ଡୋ-ପାସିଫିକ' (ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ଆବେ ସିଞ୍ଜୋଙ୍କ ଦ୍ୱାରା ପ୍ରସ୍ତୁତ ଏକ ଧାରଣା) ବଜାୟ ରଖିବା ପାଇଁ କ୍ୱାଡ୍‌କୁ ଏକ ଅତ୍ୟାବଶ୍ୟକ ସାଧନ ଭାବେ ଦେଖିଥିଲେ । ତେଣୁ ବାଇଡେନ କ୍ୱାଡ୍ ଆଲୋଚନାକୁ ବୈଦେଶିକ ମନ୍ତ୍ରୀସ୍ତରରୁ ଉଚ୍ଚକୁ ନେଇଥିଲେ, ଯେଉଁମାନେ ୨୦୧୯ ଠାରୁ ପ୍ରତିବର୍ଷ ବୈଠକ କରିଆସୁଥିଲେ । ୨୦୨୧-୨୩ରେ ନେତାଙ୍କ ଶିଖର ସମ୍ମିଳନୀ ଆରମ୍ଭ କରି ରାଜ୍ୟ କିମ୍ବା ସରକାରଙ୍କ ମୁଖ୍ୟମାନେ ଏକାଠି ହୋଇଥିଲେ । କିନ୍ତୁ କ୍ୱାଡ୍ ନେତାମାନେ ଶେଷଥର ପାଇଁ ସାକ୍ଷାତ୍ ହେବାର ଏକ ବର୍ଷରୁ ଅଧିକ ସମୟ ବିତିଗଲାଣି ଏବଂ ଆଗାମୀ ରାଷ୍ଟ୍ରପତି ନିର୍ବାଚନରେ ଆମେରିକା ଧ୍ୟାନ ଦେଇଥିବାରୁ ସେମାନଙ୍କର ପରବର୍ତ୍ତୀ ଶିଖର ସମ୍ମିଳନୀ ୨୦୨୫ ପୂର୍ବରୁ ହେବାର ସମ୍ଭାବନା ନାହିଁ । ଏଭଳି ବନ୍ଦ ରହିବାର କାରଣ ଅତି ସରଳ । ଆମେରିକା



ପୂର୍ବରୁ ଯେଭଳି ଏଥିପ୍ରତି ପ୍ରାଥମିକତା ଦେଉଥିଲା ତାହା ଏବେ ନ ଥିବାରୁ ଏଭଳି ଘଟୁଛି । ୟୁକ୍ରେନ୍ ବିରୋଧରେ ରୁଷିଆର ଯୁଦ୍ଧ ସହିତ ଏହାର ପ୍ରତିକ୍ରିୟାରେ ପାଶ୍ଚାତ୍ୟର ସେନା ରଣନୀତି, ମଧ୍ୟପ୍ରାଚ୍ୟରେ ପୁନର୍ବାର ଦେଖାଦେଇଥିବା ବିବାଦ, ଭାରତ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରକୁ ଆମେରିକା ତାହାର ପ୍ରମୁଖ ରଣନୀତି କେନ୍ଦ୍ରରେ ରଖିବା ପାଇଁ ନେଉଥିବା ପଦକ୍ଷେପରେ ବାଧା ସୃଷ୍ଟି କରିଛି । ଏହା ଆଶ୍ଚର୍ଯ୍ୟଜନକ ଯେ, ଆମେରିକା ଏବେ ତାହାର ବିଦେଶୀ ସହାୟତା ପ୍ୟାକେଜ୍‌ରେ ୟୁକ୍ରେନ୍ ପାଇଁ ୬୦.୮ ବିଲିୟନ ଡଲାର ଦେଇଥିବାବେଳେ ତାଇୱାନ ସମେତ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ସୁରକ୍ଷା ପାଇଁ ମାତ୍ର ୮.୧ ବିଲିୟନ ଡଲାର ଦେଇଛି ।

ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶକ୍ତି ବଢ଼ାଇବା ଲାଗି ସୀମିତ ସମ୍ବଳ ଥିବାବେଳେ ବାଇଡେନ ଆଶା କରୁଛନ୍ତି ଯେ ସେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସହ ବ୍ୟକ୍ତିଗତ କୂଟନୀତି ମାଧ୍ୟମରେ ତାଇୱାନ ଉପରେ ଥିବା ଯୁଦ୍ଧ ଆଶଙ୍କାକୁ ରୋକି ପାରିବେ । ଗତ ମାସରେ, ଚାଇନାର ପ୍ରତିପକ୍ଷଙ୍କ ସହ ଟେଲିଫୋନ ଯୋଗେ ସେ ତାଇୱାନ ଷ୍ଟ୍ରେଟ ବା ପ୍ରଣାଳୀରେ ଶାନ୍ତି ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବାଇଡେନ ବିଶ୍ୱାସ କରନ୍ତି ଯେ, ଚାଇନା ପ୍ରତି ଆପୋସ ବୁଝାମଣା ଏକ ବ୍ୟାପକ ଚାଇନା-ରୁଷିଆ ମେଣ୍ଟ ସୃଷ୍ଟି କରିପାରେ । ଚାଇନା ଏବଂ ରୁଷିଆ ମଧ୍ୟରେ ଦୃଢ଼ ଭାଗୀଦାରି ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ବେଜିଂ ଗସ୍ତ ସମୟରେ ପୁନଃପ୍ରମାଣିତ ହୋଇଛି । ଏହା ଯଥେଷ୍ଟ ସମସ୍ୟା ସୃଷ୍ଟି କରୁଛି । ଶସ୍ତା ଶକ୍ତି ଏବଂ ରୁଷିଆର କେତେକ ଉନ୍ନତ ସାମରିକ ପ୍ରଯୁକ୍ତିବିଦ୍ୟା, ବାୟୁ, ପ୍ରତିରକ୍ଷା ଏବଂ ପ୍ରାରମ୍ଭିକ ଚେତାବନୀ ପ୍ରଣାଳୀ ବଦଳରେ ରୁଷିଆକୁ ଚାଇନା ଏକ ଆର୍ଥିକ ଜୀବନ ପ୍ରଦାନ କରି ପାଶ୍ଚାତ୍ୟ କଟକଣାକୁ ବିଫଳ କରିସାରିଛି । କ୍ରେମଲିନ ଯୁଦ୍ଧ ପ୍ରକ୍ରିୟାକୁ ସିଧାସଳଖ ସମର୍ଥନ କରିବା ସହିତ ଏକ ସମ୍ପୂର୍ଣ୍ଣ ସାମରିକ ସହଯୋଗିତା ଆମେରିକା ପାଇଁ ସବୁଠାରୁ ଖରାପ ଭୌଗୋଳିକ ଦୁଃସ୍ୱପ୍ନ ହେବ ।

ବାଇଡେନଙ୍କ ପାଇଁ ସମସ୍ୟା ହେଉଛି ଚାଇନାକୁ ସନ୍ତୁଷ୍ଟ କରିବା ଏବଂ କ୍ୱାଡ୍‌କୁ ମଜଭୁତ କରିବା । ଏହାକୁ ନେଇ ଚାଇନାର ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି 'ନାଟୋର ଭାରତ-ପ୍ରଶାନ୍ତ ମହାସାଗରୀୟ ସଂସ୍କରଣ' ଭାବେ ବର୍ଣ୍ଣନା କରିବା ମୌଳିକ ଦୃଷ୍ଟିକୋଣରୁ ଅସଙ୍ଗତ । ଏହା ଆଶ୍ଚର୍ଯ୍ୟଜନକ ନୁହେଁ ଯେ, ବାଇଡେନ ବେଜିଂକୁ ଅନେକ କ୍ୟାବିନେଟ ଅଧିକାରୀ ପଠାଇ ଗତ ନଭେମ୍ବରରେ କାଲିଫର୍ନିଆରେ ଶି'ଙ୍କ ସହ ଭେଟିବା ପରେ କ୍ୱାଡ୍ ନେତାମାନେ ଏକାଠି ହୋଇନାହାନ୍ତି । ଶେଷରେ ଅଷ୍ଟ୍ରେଲିଆ, ଜାପାନ ଏବଂ ଫିଲିପାଇନ୍ସ (ଏହି ଦେଶଗୁଡ଼ିକ ପୂର୍ବରୁ ଆମେରିକା ସହିତ ପାରସ୍ପରିକ ପ୍ରତିରକ୍ଷା ଚୁକ୍ତି କରିଛନ୍ତି)କୁ ନେଇ ଗଠିତ ଏକ ଅଣଆନୁଷ୍ଠାନିକ ଆଞ୍ଚଳିକ ଗୋଷ୍ଠୀ ସ୍କ୍ୱାଡ୍ ପରି କମ୍ ଉତ୍ତେଜକ ପଦକ୍ଷେପ ଉପରେ ବାଇଡେନ ଧ୍ୟାନ ଦେଇଛନ୍ତି ।

କିନ୍ତୁ ଭାରତ ବିନା ଚାଇନା ବିରୋଧୀ ମିଳିତ ମଞ୍ଚର କ'ଣ ଲାଭ ଅଛି ? ସର୍ବଶେଷରେ, ଏହା ହେଉଛି ଏକମାତ୍ର ଶକ୍ତି ଯାହାର ଏହି ଶତାବ୍ଦୀରେ ପିପୁଲ୍ସ ଲିବରେଶନ ଆର୍ମି ସହିତ ବିବାଦ ଲାଗିରହିଛି ଏବଂ ବିବାଦୀୟ ହିମାଳୟ ସୀମାରେ ଉତ୍ତେଜନାମୂଳକ ସାମରିକ ବିବାଦ ୫ମ ବର୍ଷରେ ପ୍ରବେଶ କରିଛି । ତେବେ ଭାରତ ମହାସାଗରରେ ଅଗ୍ରଣୀ ସାମୁଦ୍ରିକ ଶକ୍ତି ଭାବରେ ଭାରତ ହିଁ ଚାଇନାର ପାଶ୍ଚାତ୍ୟମୁଖୀ ଅଭିଯାନ ପ୍ରତିରୋଧ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ।

ଅଷ୍ଟ୍ରେଲିଆ ଏବଂ ବ୍ରିଟେନ ସହିତ ଆମେରିକା ଏହାର ସୁରକ୍ଷା ସହଭାଗିତା 'ଅକୁସ'କୁ ନେଇ ପ୍ରଶଂସା କରୁଛି । କିନ୍ତୁ ଅଷ୍ଟ୍ରେଲିଆ ପରମାଣୁ ଚାଳିତ ବୁଡ଼ାଜାହାଜ ସହିତ ସଜ୍ଜିତ ନ ହେବା ପର୍ଯ୍ୟନ୍ତ ଏହି ଗ୍ରୁପ୍ ଇଣ୍ଡୋ-ପାସିଫିକ୍ ସୁରକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ନାହିଁ ଏବଂ ଏହା ଆଉ ଏକ ଦଶନ୍ଧି ଯାଏ ଲାଗିରହିବ । ବାଇଡେନ ଚାଇନା ସହ ବନ୍ଧୁତା ଭାବପ୍ରକାଶ କରିଥିବାରୁ ତାହା କିଛି ସକାରାତ୍ମକ ପରିଣାମ ଦେଇଛି । ଅପରପକ୍ଷେ, ଶି' ତାଇୱାନ ଉପରେ ଚାପକୁ ତୀବ୍ର କରିଦେଇଛନ୍ତି ଏବଂ ଦକ୍ଷିଣ ଚାଇନା ସାଗରରେ ଉତ୍ତେଜନା ବୃଦ୍ଧି ପାଉଛି । ଯଦି ଆମେରିକା ଏହାର ଆଭିମୁଖ୍ୟରେ ପରିବର୍ତ୍ତନ ନ କରେ, ତେବେ ଚାଇନାକୁ ତାଇୱାନ ଉପରେ ଆକ୍ରମଣରୁ ବିରତ କରିପାରିବ ନାହିଁ ଯେପରି ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ରୋକିବାରେ ବିଫଳ ହୋଇଛି ।

ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ସୁରକ୍ଷା ବଜାୟ ରଖିବା ପାଇଁ ସ୍ପଷ୍ଟ ରଣନୀତିକ ଲକ୍ଷ୍ୟଥିବା ଏକ ଶକ୍ତିଶାଳୀ କ୍ୱାଡ୍‌ର ବିକଳ୍ପ ନାହିଁ । ଏକ ସମନ୍ୱିତ ତଥା ବିଶ୍ୱାସଯୋଗ୍ୟ ଆଞ୍ଚଳିକ ରଣନୀତି ଗଠନ ପ୍ରୟାସ ନ କଲେ ତାହା ଚାଇନାକୁ ଅଧିକ ବିସ୍ତାରବାଦୀ କରିବ । ବାଇଡେନ ଏବଂ ତାଙ୍କ ସହଯୋଗୀ କ୍ୱାଡ୍ ନେତାମାନେ ଏହିପରି ମିଶନକୁ ନେଇ କାର୍ଯ୍ୟ କରିବା ଦରକାର ଓ ତାହାକୁ ଜାରି ରଖିବାକୁ ପ୍ରତିବଦ୍ଧତା ପ୍ରକାଶ କରିବା ଆବଶ୍ୟକ । ଅନ୍ୟଥା ଏହି ଲୋକଦେଖାଣିଆ ମେଣ୍ଟ କ୍ୱାଡ୍ ଚାଇନାକୁ ବୋକା ବନାଇ ପାରିବ ନାହିଁ ।

**ପ୍ରଫେସର, ଏମରିଟସ ଅଫ୍ ଷ୍ଟ୍ରାଟେଜିକ ଷ୍ଟଡିଜ, ସେଣ୍ଟର ଫର ପଲିସି ରିସର୍ଚ୍ଚ, ନୂଆଦିଲ୍ଲୀ**

# ପାରଦର୍ଶିତା ପାଇଁ ଦୃଢ଼ ମାନସିକତା



ଯଶସ୍ୱିନୀ ପଟ୍ଟନାୟକ

ପିଲାମାନେ, କ'ଣ ସବୁ ଛୁଟିରେ କିପରି ସମୟ କାଟୁଛ ? ମୁଁ ନିଶ୍ଚିନ୍ତ ଜାଣେ ତୁମେମାନେ କିଛି କିଛି ପାଠପଢ଼ା ସହ ମଧ୍ୟ ନିଜକୁ ବ୍ୟସ୍ତ ରଖୁଥିବ । ତୁମେମାନେ କିପରି ନିଜ ଜୀବନରେ ପାରଦର୍ଶୀ ହୋଇ ସବୁ କ୍ଷେତ୍ରରେ ଏକ ସକାରାତ୍ମକ ମାନସିକତାର ଭାବନା ରଖିବ ଏହି କଥାକୁ ନେଇ ତୁମମାନଙ୍କ ପାଖରେ ଏକ ଛୋଟିଆ ଆଲୋଚନାଟିଏ ରଖୁଛି । ସର୍ବପ୍ରଥମେ ତୁମେମାନେ ନିଜ ଭାବନାକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କର । ତେବେ ଏ କ୍ଷେତ୍ରରେ ବଡ଼ ଗୁରୁଦାୟିତ୍ୱ ରହିଛି ଅଭିଭାବକମାନଙ୍କର । କାରଣ ଅନେକ ଅଭିଭାବକ ଭାବପ୍ରବଣ ହୋଇ ପିଲାମାନଙ୍କ ସାମ୍ନାରେ କିଛି କଥା କହିଥାନ୍ତି, ଯାହାକି ପରବର୍ତ୍ତୀ ସମୟରେ ଏହା ପିଲାଟିର କୋମଳ ମନ ଉପରେ ପ୍ରଭାବ ପକାଇଥାଏ ।

ପିଲାମାନେ ଗୋଟିଏ କଥା ଭଲ ଭାବେ ମନେରଖ । ମନ ଭିତରକୁ କୌଣସି ନକାରାତ୍ମକ ଭାବନାକୁ ପ୍ରଶ୍ରୟ ଦିଅନ୍ତୁ ନାହିଁ । କାରଣ ଏହା ତୁମ କ୍ୟାରିୟରକୁ ପ୍ରଭାବିତ କରିବା ସହ ତୁମ ଚିନ୍ତନ ଶକ୍ତିକୁ ବାଧା ପହଞ୍ଚାଇଥାଏ । ଯେତେବେଳେ ପାଠପଢ଼ାରେ ବସୁଛ ସବୁବେଳେ ହାଲୁକା ମନରେ ପଢ଼ାପଢ଼ି କର । କୌଣସି ଭାରାକ୍ରାନ୍ତ ମନ ପାଠପଢ଼ା ପାଇଁ ପ୍ରେରଣା ଦେଇପାରି ନ ଥାଏ ବରଂ ଏହା ତୁମ ମନକୁ କେବଳ ବିକ୍ଷିପ୍ତ କରି ନ ଥାଏ ବରଂ କ୍ଷତାକ୍ତ ବି କରିଦେଇଥାଏ । ନିଜ ମନକୁ ଚାପମୁକ୍ତ ରଖି ନିଜ ପାଠପଢ଼ା ପାଇଁ ଏକ ଉପଯୋଗୀ ରୁଟିନ୍ ତିଆରି କର । ମନ ଭିତରେ କୌଣସି ପ୍ରଶ୍ନ ଉଠିଲେ ଏହା ତୁମର ବାପା ମା, ଆତ୍ମୀୟ ସୁପରାମର୍ଶଦାତା, ତୁମ ଶ୍ରେଣୀ ଶିକ୍ଷକ ଓ ସର୍ବୋପରି ମୋ ସହିତ ମଧ୍ୟ ଏହାକୁ ଆଲୋଚନା କରି ତୁମେମାନେ ନିଶ୍ଚିନ୍ତ ସମାଧାନର ବାଟ ପାଇପାରିବ । କାରଣ ମନ ଭିତରେ କୌଣସି ଭାବନା ରଖି ବାହାରକୁ ଏହା ପ୍ରକାଶ ନ କରିବା ପର୍ଯ୍ୟନ୍ତ ଏହା ତୁମ ଭିତରେ ସର୍ବଦା ଗୋଳେଇଘାଣ୍ଟି ହୋଇ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି କରିଥାଏ । ପାଠପଢ଼ିବା ସମୟରେ ମନକୁ ପାଠ ଭିତରେ ହିଁ କେନ୍ଦ୍ରିତ କରି ଏକାଗ୍ରତା ରଖିବା ଅଭ୍ୟାସ ଜରୁରୀ ନଚେତ ଏହା ମାନସିକତା କ୍ଷେତ୍ରରେ ଅସନ୍ତୁଳନ ବଢ଼ାଇ ଦେଇଥାଏ ।

ସନ୍ତୁଳିତ ଓ ଆଦର୍ଶ ଜୀବନଶୈଳୀ ହେଉଛି ତୁମମାନଙ୍କ ଆନନ୍ଦମୟ ଜୀବନ ପାଇଁ ଶ୍ରେଷ୍ଠ ପଥ । ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରି ନିଜ କର୍ତ୍ତବ୍ୟରେ ଦୃଢ଼ତାର ସହ ଆଗେଇ ଚାଲ । କୌଣସି ପରିସ୍ଥିତିକୁ ନେଇ ମନ ଭାରାକ୍ରାନ୍ତ ରହିଲେ ଏଥିରୁ ମୁକୁଳିବା ପାଇଁ ସର୍ବପ୍ରଥମେ ତୁମ ବାପା-ମାଆ ଏବଂ ତୁମ ସାଙ୍ଗମାନଙ୍କ ସହାୟତା ନେଇପାରିବ । ଆଉ ଏ କ୍ଷେତ୍ରରେ ତୁମକୁ ଯଥାର୍ଥ ଓ ଉପଯୁକ୍ତ ଦିଗଦର୍ଶନ ଦେବା ପାଇଁ ମୁଁ ସବୁବେଳେ ତୁମ ପାଇଁ ସହାୟତାର ହାତ ରଖି ପ୍ରସ୍ତୁତ ହୋଇରହିଛି । ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ତୁମମାନଙ୍କର ବିନମ୍ରତା ଓ କଥାବାର୍ତ୍ତାର ଶୈଳୀ ତୁମ ମାନସିକତାର ପ୍ରମାଣ ଦେଇଥାଏ । ତେଣୁ ଅନ୍ୟମାନଙ୍କ ସାମ୍ନାରେ କଥା ହେବା ସମୟରେ ଏହି ସଦଗୁଣ ତୁମ ପାଇଁ ଆଗାମୀ ଜୀବନ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ । ସବୁବେଳେ ନିଜକୁ ସକାରାତ୍ମକ କଥା ଓ କାର୍ଯ୍ୟ ଭିତରେ ବ୍ୟସ୍ତ ରଖ, ଯାହାଫଳରେ ତୁମର ମନ ଖୁସିର ମାହୋଲରେ ରହିବା ସହ ଅନାବଶ୍ୟକ, ଅଯଥା ଚିନ୍ତାରୁ ନିଜକୁ ମୁକ୍ତ ରଖି ଏକ ଉତ୍ତମ ଜୀବନ ପାଇଁ ତୁମେ ଅଗ୍ରସର ହୋଇପାରିବ । ପାଠପଢ଼ା ସମୟରେ ବା ନିଜ ଲକ୍ଷ୍ୟ ପଥରେ ଆଗେଇବା ବେଳେ ଅନେକ ପ୍ରତିବନ୍ଧକ ଓ ବାଧକ ତୁମ ସାମ୍ନାକୁ ନିଶ୍ଚିନ୍ତ ଆସିବ, ଏହା ପାଇଁ ତୁମେ ଉତ୍ତେଜିତ, ଚାପଗ୍ରସ୍ତ ବା ବିକ୍ଷିପ୍ତ ଭାବନାରେ ନ ରହି ଏହାର ସମାଧାନ ଖୋଜିବା ପାଇଁ ତୁମର ବାପା-ମାଆ, ସ୍କୁଲ ଶିକ୍ଷୟିତ୍ରୀ ଏବଂ ଆତ୍ମୀୟସ୍ୱଜନ କିମ୍ବା ଗୁରୁଜନଙ୍କ ପରାମର୍ଶ ଗ୍ରହଣ କର । ନକାରାତ୍ମକ ଭାବନାକୁ କିପରି ସକାରାତ୍ମକରେ ପରିଣତ କରିପାରିବ ସେ କୌଶଳ ଶିଖ ।

ଅନେକ ପିଲା ରହିଛନ୍ତି ଯେଉଁମାନେ ନିଜର ବା ପରିବାରର କୌଣସି ଦୁଃଖଦ ଅଘଟଣକୁ ନେଇ ବେଳେ ବେଳେ ଚିନ୍ତିତ ହୋଇପଡ଼ନ୍ତି, ଆଉ କେତେକ ଭବିଷ୍ୟତର ଭାବନାକୁ ନେଇ ଚିନ୍ତାଗ୍ରସ୍ତ ଓ ଉଦାସୀନ ହୋଇଯାଆନ୍ତି । ତେଣୁ ସବୁବେଳେ ବର୍ତ୍ତମାନକୁ ଧ୍ୟାନ ଦେଇ କର୍ତ୍ତବ୍ୟନିଷ୍ଠ ହୋଇ ବର୍ତ୍ତମାନର କାର୍ଯ୍ୟ ଉପରେ ହିଁ ଗୁରୁତ୍ୱ ରଖ ।

**ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ**

## ଏଇ ଭାରତରେ

ବୋନ୍ କ୍ୟାନ୍‌ସରରେ ପୀଡ଼ିତ ହୋଇ ବି ହାର୍ ମାନିନାହାନ୍ତି ଉତ୍ତରପ୍ରଦେଶର ସନ୍ଦୀପ କୁମାର । ଗ୍ରାମୀଣ ଅଞ୍ଚଳରେ ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ଉପଲବ୍ଧି କରି ସେ ସେଠାରେ ଏହାକୁ ପହଞ୍ଚାଇବାରେ ଲାଗିଛନ୍ତି । ଏହି କାର୍ଯ୍ୟ ସେ ନିଆରା ଢଙ୍ଗରେ କରୁଛନ୍ତି । ଗ୍ରାମୀଣ ଲୋକମାନଙ୍କୁ ସହରରେ ରହୁଥିବା ପ୍ରତିଷ୍ଠିତ ଡାକ୍ତରମାନଙ୍କ ସହ ପରାମର୍ଶ କରିବାର ସୁଯୋଗ ସୃଷ୍ଟି କରୁଛନ୍ତି । ସନ୍ଦୀପ ଏଥିପାଇଁ 'ଡିଜି ସ୍ୱାସ୍ଥ୍ୟ'ଅଭିଯାନ ଆରମ୍ଭ କରିଛନ୍ତି । ଏହା ମାଧ୍ୟମରେ ଡାକ୍ତରଙ୍କ ସହ ରୋଗୀମାନେ ପରାମର୍ଶ କରିବା ଲାଗି କୌଣସି ଦେୟ ଦେବାକୁ ପଡୁନାହିଁ । ଏବେ ସୁଦ୍ଧା ସେ ୨୮,୦୦୦ ରୋଗୀଙ୍କୁ ମାଗଣା ଚିକିତ୍ସା ସେବା ଯୋଗାଇ ସାରିଲେଣି । ସନ୍ଥ କବିର ନଗର ଜିଲାର କଥାଇଚା ଗାଁରେ ଜନ୍ମିତ ସନ୍ଦୀପଙ୍କୁ ଚିକିତ୍ସା ପାଇଁ ୪୦ କି.ମି. ଯିବାକୁ ପଡୁଥିଲା ଓ ପରେ ସେ ସୁସ୍ଥ ହୋଇପାରିଥିଲେ । ଏହି ସମୟରେ ଗ୍ରାମୀଣ ରୋଗୀମାନଙ୍କ ଅସହାୟତାକୁ ସେ ନିକଟରୁ ଲକ୍ଷ୍ୟ କରିପାରିଥିଲେ । ୨୦୨୦ କୋଭିଡ୍ ମହାମାରୀ କଟକଣା ବେଳେ ସେ ଗାଁକୁ ଫେରିଆସି ପ୍ରଥମେ ୪ ଲକ୍ଷ ଟଙ୍କା ହାତରୁ ଖର୍ଚ୍ଚ କରି ଏକ ଟେଲିକନ୍‌ସଲଟେଶନ ସେଣ୍ଟର ଖୋଲିଲେ । ଏବେ ଉତ୍ତରପ୍ରଦେଶରେ ୫ଟି ସେଣ୍ଟର ଖୋଲିସାରିଲେଣି ଓ ଏସବୁରେ ସେ ୧୩୭ ସ୍ୱାସ୍ଥ୍ୟକର୍ମୀଙ୍କୁ ସେବାରେ ନିୟୋଜିତ କରିଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ
DHARITRI

**୨୪ ମେ ୧୯୭୫**

- କେନ୍ଦୁଝର ଜିଲାର ଆନନ୍ଦପୁରଠାରେ ବୈତରଣୀ ନଦୀ ଉପରେ ଏକ କୋଟି ଟଙ୍କା ବ୍ୟୟରେ ଏକ ପୋଲ ନିର୍ମାଣ କରାଯିବା ନେଇ ନିଷ୍ପତ୍ତି ।
- ଆର୍‌ପିଆଇର ଗୁଜରାଟ ଶାଖା ସଭାପତି ଖରସନ ଦାସ ପାରମାରଙ୍କ ସମେତ ତାଙ୍କ ସମର୍ଥକଙ୍କ କଂଗ୍ରେସ ଦଳରେ ଯୋଗଦାନ ।
- ସିକିମର ୨୩ ହଜାର ଛୋଟ ଛୋଟ ଚାଷୀ, ଭୂମିହୀନ ମଜୁରିଆଙ୍କୁ ସାହାଯ୍ୟ କରିବା ନିମିତ୍ତ ଏକ ସଙ୍ଗଠନ ଗଠନ ।

## su|do|ku ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | 6 | | | 5 |
| | | | 5 | 4 | | | 8 | |
| | | 3 | | | | | | 4 |
| | | 7 | | 9 | 4 | | | 8 |
| 8 | | | 3 | 7 | | 2 | | |
| | | | | 5 | | | 4 | |
| 9 | 6 | | 7 | | | | | |
| | | | 4 | | | | | |
| | | | | | 9 | 7 | 1 | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 9 | 8 | 5 | 6 | 4 | 3 | 1 |
| 6 | 1 | 8 | 4 | 3 | 7 | 5 | 2 | 9 |
| 3 | 5 | 4 | 1 | 9 | 2 | 6 | 8 | 7 |
| 5 | 6 | 1 | 3 | 4 | 9 | 2 | 7 | 8 |
| 8 | 9 | 2 | 7 | 6 | 1 | 3 | 4 | 5 |
| 4 | 3 | 7 | 2 | 8 | 5 | 9 | 1 | 6 |
| 9 | 4 | 3 | 6 | 7 | 8 | 1 | 5 | 2 |
| 1 | 7 | 5 | 9 | 2 | 3 | 8 | 6 | 4 |
| 2 | 8 | 6 | 5 | 1 | 4 | 7 | 9 | 3 |

ଗତକାଲିର ଉତ୍ତର

# ଓଡ଼ିଶା ହେବ ଏକ ନମ୍ବର



ଡ. ସନ୍ତୋଷ କୁମାର ମହାପାତ୍ର

ବର୍ତ୍ତମାନ ପ୍ରଚାର ଚାଲିଛି ଓଡ଼ିଶାକୁ ଏକ ନମ୍ବର କରିବା ପାଇଁ । ଏକ ରାଜନୈତିକ ଦଳ ଗୋଟିଏ ରାଜ୍ୟରେ କ୍ଷମତାକୁ ଆସିଲେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବା କ'ଣ ସଫଳତା ହାସଲ କରାଯାଇ ପାରିବ ତାହା ପ୍ରତିଶ୍ରୁତି ଦେବା ଉଚିତ । କିନ୍ତୁ ଏକ ନମ୍ବର କଥା କହିବା ଅନୁଚିତ, ଯାହା କାହା ହାତର କଥା ନୁହେଁ । ଗୋଟିଏ ରାଜ୍ୟ ଅନ୍ୟ ରାଜ୍ୟକୁ ସହଜରେ ଅତିକ୍ରମ କରିପାରିବ ଯଦି ସେହି ରାଜ୍ୟ ପ୍ରଚେଷ୍ଟା କରୁଥିବ ଏବଂ ଅନ୍ୟ ରାଜ୍ୟ ସେତେଟା ପ୍ରଚେଷ୍ଟା କରୁ ନ ଥିବେ । ଅନ୍ୟ ସବୁ ରାଜ୍ୟ ଚେଷ୍ଟା କରିବାବେଳେ ପଛରେ ଥିବା ରାଜ୍ୟଟି ଚେଷ୍ଟା କଲେ ବି ଶୀର୍ଷ ସ୍ଥାନକୁ ସହଜରେ ଯାଇପାରିବ ନାହିଁ । ପୁନଶ୍ଚ ରାଜ୍ୟ ଓ ଦେଶର ବିକାଶ ବହୁତ ଫାକ୍ଟର ଉପରେ ନିର୍ଭର କରେ । ଗତ ଦଶ ବର୍ଷରେ ଭାରତରେ ଏକ ସ୍ଥାୟୀ ସରକାର ଥିଲେ ମଧ୍ୟ ଅନ୍ୟ ଦେଶ ତୁଳନାରେ ଏହା କିଛି ଅଧିକ ଉନ୍ନତି କରିନି , ବରଂ ବିଭିନ୍ନ ଅନ୍ତର୍ଜାତୀୟ ସୂଚକାଙ୍କରେ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ଅଛି । ମୁଣ୍ଡପିଛା ଆୟ ଦୃଷ୍ଟିରୁ ଭାରତ ୧୪୧ଟି ଦେଶ ତଳେ ଅଛି । ଯଦି ସରକାରଙ୍କ ଦାରିଦ୍ର୍ୟ ସୀମାରେଖା (ଯାହା ବାସ୍ତବରେ ବଞ୍ଚିତ ବା ଅନାହାର ରେଖା) କଥା ବିଚାର କରାଯାଏ ତେବେ ଓଡ଼ିଶା ବହୁତ ଉନ୍ନତି କରିଛି । ଓଡ଼ିଶା ଏକଦା ବିହାର ପରେ ତଳଆଡୁ ଦ୍ୱିତୀୟ ସ୍ଥାନରେ ଥିଲା । ନୀତି ଆୟୋଗଙ୍କ ପ୍ରଥମ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ (MPI) ରିପୋର୍ଟ ୨୦୨୩ ଅନୁସାରେ ଓଡ଼ିଶା ଭଲ ପ୍ରଦର୍ଶନ କରିଛି । ଏହାର ଦାରିଦ୍ର୍ୟ ଅନୁପାତ ୧୧.୦୭% ରହିଛି , ଯାହା ଜାତୀୟ ହାର ( ୧୧.୨୮%)ଠାରୁ କମ । ତ୍ରିପୁରା, ଛତିଶଗଡ଼, ନାଗାଲାଣ୍ଡ,ଆସାମ,ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ମେଘାଳୟ, ବିହାର ଆଦି ରାଜ୍ୟ ତୁଳନାରେ ଉନ୍ନତ ସ୍ଥିତିରେ ରହିଛି । ଓଡ଼ିଶା ପଛରେ ଥିବା ଅନେକ ରାଜ୍ୟରେ ଭାଜପା ଶାସନ କରୁଛି । ଏହାର ଅର୍ଥ ନୁହେଁ ଓଡ଼ିଶାରେ ସବୁ ଠିକ୍ ଚାଲିଛି ବା କୌଣସି ସମସ୍ୟା ନାହିଁ । କିନ୍ତୁ ଭାଜପା ଶାସନ କଲେ ବା ଡବଲ ଇଞ୍ଜିନ ଶାସନ କଲେ ଏକ ନମ୍ବର ହେବ ବୋଲି କହିବା ସମ୍ପୂର୍ଣ୍ଣ ଭୁଲ । ଅପରପକ୍ଷରେ କେରଳର ଦାରିଦ୍ର୍ୟ ହାର ମାତ୍ର ୦.୪୮% ଏବଂ ଗୋଆ ପରେ ଦ୍ୱିତୀୟ ସର୍ବନିମ୍ନ । ଗୁଜରାଟ ହେଉଛି ୧୬ ତମ ଗରିବ ରାଜ୍ୟ, ଯେଉଁଠି ଦାରିଦ୍ର୍ୟ ଅନୁପାତ ୯.୦୩% । ପୂର୍ବବର୍ଷ ତୁଳନାରେ ଏହା ଆହୁରି ୩ ଅଙ୍କ ତଳକୁ ଖସି ଆସିଛି ।

ଯେକୌଣସି ରାଜ୍ୟର ଜନସଂଖ୍ୟାର ଆକାର ଯେତେ ଅଧିକ, ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି ) ଅଧିକ ହେବାର ସମ୍ଭାବନା ଅଧିକ । ତେଣୁ ଜିଏସ୍ ଦୃଷ୍ଟିରୁ ରାଜ୍ୟଗୁଡ଼ିକ ମଧ୍ୟରେ ତୁଳନା କଲେ ଆମେ ଭୁଲ ସିଦ୍ଧାନ୍ତରେ ପହଞ୍ଚିବା । କିନ୍ତୁ ମୁଣ୍ଡପିଛା ନିଟ୍ ଜିଏସ୍ ଦୃଷ୍ଟିରୁ ଓଡ଼ିଶା ନାଗାଲାଣ୍ଡ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ଜମ୍ମୁ-କଶ୍ମୀର, ଛତିଶଗଡ, ମେଘାଳୟ, ଆସାମ, ମଣିପୁର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ ଏବଂ ବିହାର ଭଳି ରାଜ୍ୟଠାରୁ ଆଗରେ ରହିଛି । ସେହି ରାଜ୍ୟଗୁଡ଼ିକ ମଧ୍ୟରୁ ଅନେକ ରାଜ୍ୟରେ ଭାଜପା ମଧ୍ୟ ଶାସନ କରୁଛି । କେରଳ ଏକାଦଶ ମାନ୍ୟତା ହାସଲ କରିଥିବାବେଳେ ଗୁଜରାଟ ଏକ ବୃହତ୍ ତଥା ଶିଳ୍ପାୟନ ରାଜ୍ୟ ହୋଇ ମଧ୍ୟ ପୂର୍ବ ବର୍ଷ ତୁଳନାରେ ୪ଟି ସ୍ଥାନ ଖସି ଆସି ଦଶମ ସ୍ଥାନରେ ରହିଛି ।



ଗୁଜରାଟ ଶିଶୁ ମୃତ୍ୟୁ( ୧୨,୧୧୯ ) ଦୃଷ୍ଟିରୁ ଦ୍ୱିତୀୟ ସ୍ଥାନରେ ରହିଛି । କେବଳ ୧୩,୮୦୭ ମୃତ୍ୟୁ ସହିତ ମହାରାଷ୍ଟ୍ର ସର୍ବାଗ୍ରେ ରହିଛି । କ୍ରମାଗତ ଚାରିବର୍ଷ ଧରି ଗୁଜରାଟ ଦ୍ୱିତୀୟ ସ୍ଥାନରେ ରହିଛି । ଶିଶୁଙ୍କ ମୃତ୍ୟୁ ମୁଖ୍ୟତଃ ମିଳିମିଳା ଏବଂ ପୁଷ୍ଟିହୀନତା ହେତୁ ହୋଇଥାଏ । ସରକାରୀ ତଥ୍ୟ ଅନୁଯାୟୀ ୨୦୨୪ ଫେବୃଆରୀ ୭ ସୁଦ୍ଧା ଗୁଜରାଟରେ ୫.୭୦ଲକ୍ଷରୁ ଅଧିକ ପିଲା ପୁଷ୍ଟିହୀନ । ନୀତି ଆୟୋଗ ଅନୁଯାୟୀ, ୨୩.୩୦% ଲୋକ ଗୁଜରାଟରେ ବାସଗୃହରୁ ବଞ୍ଚିତ ହୋଇଛନ୍ତି । ଗୁଜରାଟ ଅପେକ୍ଷା କେରଳ, ପଞ୍ଜାବ ଏବଂ ତାମିଲନାଡୁ ଭଲ ପ୍ରଦର୍ଶନ କରିଛନ୍ତି । ନାରୀ ଶକ୍ତିଙ୍କ ବିଷୟରେ ଆଲୋଚନା ହେଉଛି । ୨୦୨୨-୨୩ ମସିହାରେ ସରକାରୀ ତଥ୍ୟ ଅନୁସାରେ ଗୁଜରାଟରେ ହାରାହାରି ଦୈନିକ ୬ଟି ବଳାତ୍କାର ଘଟିଥିଲା ବେଳେ ଅହମଦାବାଦରେ ଦିନକୁ ଗୋଟିଏ ଘଟିଥିଲା । ୨୦୨୨-୨୩ ମସିହାରେ ୨୨୦୯ ବଳାତ୍କାର ମାମଲା ଏବଂ ୩୬ଟି ଗଣବଳାତ୍କାର ମାମଲା ପଞ୍ଜୀକୃତ ହୋଇଥିଲା । ବିଲ୍‌କିସ ବାନୋ ବଳାତ୍କାର କଥା ସମସ୍ତେ ଜାଣନ୍ତି । ଏନ୍‌ସିଆର୍‌ବି ତଥ୍ୟ ଅନୁଯାୟୀ ୨୦୧୬ରୁ ୨୦୨୦ ପର୍ଯ୍ୟନ୍ତ ଗୁଜରାଟରେ ୪୧, ୬୨୧ରୁ ଅଧିକ ମହିଳା ନିଖୋଜ ହୋଇଯାଇଛନ୍ତି ।

ଜାନୁଆରୀ ୨୦୨୩ରେ ପ୍ରକାଶିତ ଏକ ଅଧ୍ୟୟନରେ କୁହାଯାଇଛି ଯେ ଗୁଜରାଟର ଗ୍ରାମାଞ୍ଚଳରେ ତୃତୀୟ ଶ୍ରେଣୀରେ ପଢୁଥିବା ମାତ୍ର ୨୨% ପିଲା ଫେଡାଣ କରିପାରିବେ ଏବଂ ୫ମ ଶ୍ରେଣୀରେ ପଢୁଥିବା ୩୫% ପିଲା ଦ୍ୱିତୀୟ ଶ୍ରେଣୀ ପାଠ ପଢିପାରିବେ ନାହିଁ । ଉଭୟ କ୍ଷେତ୍ରରେ ଜାତୀୟ ହାର ଯଥାକ୍ରମେ ୨୭% ଏବଂ ୩୯% ଠାରୁ କମ୍ । ଭାଜପାର ମୂଳ ପ୍ରତିଶ୍ରୁତି ସତ୍ତ୍ୱେ ଗୁଜରାଟରେ ଡିଜିଟାଲ ଶିକ୍ଷା କମ୍ ରହିଛି । ଗୁଜରାଟରେ ସ୍କୁଲ ଶିକ୍ଷକ ଓ ସ୍କୁଲ ଗୃହର ଘୋର ଅଭାବ ଦେଖାଦେଇଛି । ସମ୍ପ୍ରତି ପାରିବାରିକ ଖର୍ଚ୍ଚ ବ୍ୟୟ ସର୍ବେକ୍ଷଣ (ଏଚସିଇଏସ୍) ରିପୋର୍ଟ ଅନୁଯାୟୀ, ଗ୍ରାମୀଣ-ସହରୀ ଅସମାନତା ଦୃଷ୍ଟିରୁ ଗୁଜରାଟ ତାଲିକାର ଶୀର୍ଷରେ ରହିଛି । କିନ୍ତୁ କେରଳ ଏବଂ ପଞ୍ଜାବରେ ଏହା ସର୍ବନିମ୍ନ । ମାନବ ବିକାଶ ସୂଚକାଙ୍କ ଅନୁଯାୟୀ (୨୦୨୧ସୁଦ୍ଧା) ୩୫ଟି ଭାରତୀୟ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ କେରଳ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଗୁଜରାଟ ୨୩ତମ ସ୍ଥାନରେ ରହିଛି । ଓଡ଼ିଶା ଆଗରୁ ନିମ୍ନରେ ଥିଲା । ବର୍ତ୍ତମାନ ୩୧ତମ ସ୍ଥାନରେ ରହିଛି । ଓଡ଼ିଶା ତଳକୁ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ବିହାର ରହିଛନ୍ତି । ନୀତି ଆୟୋଗର ସ୍ଥାୟୀ ବିକାଶ ଲକ୍ଷ୍ୟ ସୂଚକାଙ୍କରେ ମଧ୍ୟ କେରଳ ଶୀର୍ଷରେ ରହିଛି । ଉପଯୁକ୍ତ, ଉଚ୍ଚ ଆୟୁ (୭୫.୩ବର୍ଷ), ଉଚ୍ଚ ସାକ୍ଷରତା (୯୪%) ଏବଂ ମୃତ୍ୟୁ ହାର କମ୍ (ହଜାରେ ପ୍ରତି ୪.୪) ସହିତ କେରଳ ମଧ୍ୟ ସର୍ବାଗ୍ରେ ରହିଛି ।

ଆଣ୍ଡ୍ରିଆ ମାଲଜୀଙ୍କ ଏକ ଗବେଷଣାରେ (ଜୁନ୍ ୨୦୨୧ରେ ରିସର୍ଚ୍ଚ ଗେଟରେ ପ୍ରକାଶିତ), କୋଭିଡ୍ ମହାମାରୀ ସମୟରେ ଗୁଜରାଟ ଏବଂ କେରଳ ମଡେଲଗୁଡ଼ିକ କିପରି ପ୍ରଦର୍ଶନ କରିଥିଲେ ତାହା ତୁଳନା କରିଛନ୍ତି । ୨୦୦୦ ପରଠାରୁ ଗୁଜରାଟ ସାମାଜିକ ବିକାଶକୁ ହେୟଜ୍ଞାନ କରି କେବଳ ଶିଳ୍ପାୟନ ଏବଂ ଅର୍ଥନୈତିକ ବିକାଶ ଉପରେ ଗୁରୁତ୍ୱାରୋପ କରିଛି । ଅପରପକ୍ଷରେ, କେରଳ ମଡେଲ ସାମାଜିକ ବିକାଶକୁ ବେଶି ପ୍ରାଧାନ୍ୟ ଦେଇଥାଏ । ଦେଖାଗଲା ଯେ କେରଳ ଗୁଜରାଟ ତୁଳନାରେ ମହାମାରୀର ପ୍ରଥମ ତରଙ୍ଗକୁ ଅଧିକ ଦକ୍ଷତା ସହିତ ମୁକାବିଲା କରିଛି । ଏଣୁ ଓଡ଼ିଶା ସାମାଜିକ ବିକାଶ ସାଙ୍ଗକୁ ନିଯୁକ୍ତି ବୃଦ୍ଧି ଓ ଦରଦାମ ନିୟନ୍ତ୍ରଣକୁ ପ୍ରାଧାନ୍ୟ ଦେବା ଉଚିତ ।

**ମୋ: ୯୪୩୭୨୦୮୭୬୨**

## ପାଠକ ଶ୍ରେଷ୍ଠ ବିଚାରକ

### ଭଲ ପ୍ରାର୍ଥୀଙ୍କୁ ଭୋଟ ଦିଅନ୍ତୁ

ମହାଶୟ,

ବର୍ତ୍ତମାନ ଆମ ଦେଶ ଓ ରାଜ୍ୟରେ ସାଧାରଣ ନିର୍ବାଚନ ଚାଲିଛି । କ୍ଷମତାପାଗଳ ଦଳୀୟ ଓ ନିର୍ଦ୍ଦଳୀୟ ସାଂସଦ ଓ ବିଧାୟକ ପ୍ରାର୍ଥୀଗଣ ନିର୍ବାଚନ ଲଢୁଛନ୍ତି । ଏମାନଙ୍କ ପାଇଁ ଦିନରାତି କାମ କରୁଛନ୍ତି ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀର ହଜାର ହଜାର ଦଳୀୟ କର୍ମୀ । ଏମାନଙ୍କୁ ଏହି ସମୟରେ ମଦମାଂସ ଓ ହାତଖର୍ଚ୍ଚ ଦିଆଯାଉଛି । ବିଭିନ୍ନ ପ୍ରକାରର ମନୋଲୋଭା ପ୍ରତିଶ୍ରୁତି ମଧ୍ୟ ଦିଆଯାଉଛି । ଫଳତଃ ଗାଁଗହଳି ଓ ସହରାଞ୍ଚଳର ସରଳ-ନିରୀହ ଖଟିଖିଆ ଲୋକେ ଏହି କ୍ଷମତାପାଗଳ ଦୁର୍ନୀତିଖୋର ନେତାନେତ୍ରୀଙ୍କ ବିଜୟ ପାଇଁ ସ୍ଥାନୀୟ ନେତ୍ରୀଙ୍କ ସହିତ ମିଶି ଘରକୁ ଘର ବୁଲି ପ୍ରଚାର କରୁଛନ୍ତି । କିନ୍ତୁ ଏମାନଙ୍କୁ ଏହା ଅଜ୍ଞ ଯେ ଏମାନଙ୍କ ପ୍ରାର୍ଥୀ ନିର୍ବାଚନ ଜିତି ସାଂସଦ ଅଥବା ବିଧାୟକଟିଏ ହୋଇଯିବା ପରେ ଏମାନଙ୍କୁ ଆଉ ପଚାରିବେ ନାହିଁ । କାରଣ ଆଜିକାଲି ଦଳ କହିଲେ ପ୍ରତି ପଞ୍ଚାୟତର ୪/୫ ଜଣ ଦୁର୍ନୀତିଗ୍ରସ୍ତ କୁଜି ନେତାନେତ୍ରୀଙ୍କୁ ବୁଝାଏ । ନିର୍ବାଚନ ପରେ ହାରିଥିବା ଦଳର ଅନେକ କର୍ମୀ ମାଡଗାଳି ଖାଇ ଥାନାଫାଣ୍ଡି ଓ ମେଡିକାଲ ଯାଆନ୍ତି । ଅନେକ ବିଷାକ୍ତ ମଦ ପିଇ ମରନ୍ତି । ସୁତରାଂ, ଆମ ଦେଶ ଓ ରାଜ୍ୟର ଭୋଟରଗଣ କେବଳ ଭଲ ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରନ୍ତୁ । ନଚେତ ନୋଟାରେ ଭୋଟ ଦିଅନ୍ତୁ । ନୋଟା ଚିହ୍ନ ଜିତିଲେ ପୁନଃ ନିର୍ବାଚନ ହେବ ଓ ଦୁର୍ନୀତିଗ୍ରସ୍ତ ପ୍ରାର୍ଥୀଗଣ ଉଚିତ ଶିକ୍ଷା ଲଭିବେ ।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

## ଚିରନ୍ତନୀ

ବିବାହ-ଶଙ୍ଖ ଉଠୁ ଗୋ ମନ୍ଦେ ବାଜି
ପକ୍ୱ ଧାନର ବିପୁଳ ଗନ୍ଧେ
ସୋରିଷ ଫୁଲର ମାଦକ ଛନ୍ଦେ
ପୂରିଛି ଗଗନ ଭାସିଛି ଭୁବନ
ଥରିଛି ପବନ ଆଜି
ବିବାହ ଶଙ୍ଖ ଉଠୁ ଗୋ ମନ୍ଦେ ବାଜି ।
-(ମଧୁ-ବିବାହ)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ସାନି ମତଦାନ: କିରାସିରାରେ ୪୫୭, ମହେଶ୍ୱରପିଣ୍ଡାରେ ୯୧୧ ଭୋଟ ଦେଲେ



ପୁରୁଷ ଭୋଟରମାନେ ଭୋଟ ଦେବାକୁ ଆସି ଲମ୍ବା ଲାଇନରେ ।

**ବୌଦ୍ଧ/କନ୍ଧମାଳ,୨୩।୫( ଅଜିତ କୁମାର ବାରିକ/ ଆଦିତେଶ୍ୱର ମିଶ୍ର)**

ବୌଦ୍ଧ ଜିଲା କନ୍ଧମାଳ ବିଧାନସଭା ନିର୍ବାଚନମଣ୍ଡଳୀର ରକ୍ସା (ଦହ୍ୟା) ପଞ୍ଚାୟତ ଅଧୀନ କିରାସିରା ଓ ମହେଶ୍ୱରପିଣ୍ଡା ବୁଥ୍‌ରେ ଗତ ୨୦ ତାରିଖରେ ଭୋଟ ଗ୍ରହଣ ବେଳେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ପରେ ଗୁରୁବାର ଦିନ ଉକ୍ତ ଦୁଇ ବୁଥ୍‌ରେ ସାନି ମତଦାନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି।

### ୭୯.୯୫ ପ୍ରତିଶତ ମତଦାନ

ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ୪ଟା ପର୍ଯ୍ୟନ୍ତ ଚାଲିଥିଲା। କିରାସିରା ବୁଥ୍ ନଂ. ୨୬ରେ ୫୨୯ ଜଣ ଭୋଟର ଥିବା ବେଳେ ଉକ୍ତ ବୁଥ୍‌ରେ ୪୫୭ ଜଣ ଭୋଟର ମତଦାନ କରିଥିଲେ । ସେହପରି ମହେଶ୍ୱରପିଣ୍ଡା ୨୮ ନଂ ବୁଥ୍‌ରେ ୧୧୮୪ ଜଣ ଭୋଟର ଥିବା ବେଳେ ସେଠାରେ ୯୧୧ ଜଣ ମତଦାତା ମତଦାନ କରିଥିଲେ। ଉଭୟ ବୁଥ୍‌ର ମତଦାନ ହାର ୭୯.୯୫ପ୍ରତିଶତ ହୋଇଥିବା ଜଣାପଡିଛି। ମତଦାନକୁ ଶାନ୍ତିଶୃଙ୍ଖଳାର ସହ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିବା ବେଳେ ପୋଲିସ ସନ୍ଧାନୀ କୁକୁର ମଧ୍ୟ ନିୟୋଜିତ କରାଯାଇଥିଲା । ମତଦାତାମାନେ ଯେପରି ସୁଚାରୁ ରୂପେ ମତଦାନ କରିବେ ସେ ନେଇ ପ୍ରଶାସନ ପକ୍ଷରୁ ପାଣିର ବ୍ୟବସ୍ଥା କରାଯାଇଥିଲା । ଭୋଟ ଗ୍ରହଣ କେନ୍ଦ୍ର ଆଗରେ ଅତିରିକ୍ତ ଜିଲାପାଳ ତଥା କନ୍ଧମାଳ ନିର୍ବାଚନୀମଣ୍ଡଳୀର ରିଟର୍ନିଂ ଅଧିକାରୀ ଦିଲୀପ କୁମାର ମହାପାତ୍ର, ଏସ୍‌ପି ରାଜ ପ୍ରସାଦ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ଉପଜିଲାପାଳ ପ୍ରଭାସ କୁମାର ଦଣ୍ଡସେନାଙ୍କ ସମେତ ଅଧିକାରୀମାନେ ଉପସ୍ଥିତ ଥିଲେ ।

# କୂଅ ସଫା ବେଳେ ଶ୍ରମିକଙ୍କ ମୃତ୍ୟୁ

**ଦିଗପହଣ୍ଡି,୨୩।୫ (ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ପଞ୍ଚାୟତ ଗଣିଆନାଳ ଗଣେଶ୍ୱରପୁର ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। କୂଅ ସଫା କରିବାକୁ ଯାଇଥିବା ଜଣେ ଶ୍ରମିକଙ୍କ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଛି। ସେ ହେଲେ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ନାରାୟଣପୁର ଗ୍ରାମର ଦିବାକର ସାହୁ। ଦିବାକର ଓ ତାଙ୍କର ୨ ସହଯୋଗୀ ଗଣେଶ୍ୱରପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ କୂଅସଫା କରିବାକୁ ଆସିଥିଲେ। ସକାଳେ ପଙ୍କ ଉଦ୍ଧାର ନିମନ୍ତେ ଦିବାକର କୂଅ ଭିତରେ ପଶିଥିଲେ। ବହୁ ସମୟ ପର୍ଯ୍ୟନ୍ତ ତାଙ୍କର ପାଟି ନ ଶୁଭିବାରୁ ସାଙ୍ଗରେ ଆସିଥିବା ଦୁର୍ଗା ରାଉତ ଏବଂ ସୁରେଶ ସ୍ୱାଇଁ କୂଅ ଭିତରକୁ ଯାଇଥିଲେ। ଦିବାକର କୂଅ ଭିତରେ ଅଚେତ ହୋଇ ପଡିଥିବା ସେମାନେ ଦେଖିଥିଲେ। ଏ ନେଇ ଦିଗପହଣ୍ଡି ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି କୂଅରୁ ଦିବାକରଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ୨୫ରେ ବାତ୍ୟା, ୨୬ରେ ଭୀଷଣ: ଓଡ଼ିଶାକୁ ନାହିଁ ଭୟ

**ଭୁବନେଶ୍ୱର,୨୩।୫ (ଅନୁରାଧା ମହାରଣା)**

ବଙ୍ଗୋପସାଗରରେ ବୁଧବାର ସୃଷ୍ଟି ହୋଇଥିବା ଲଘୁଚାପ ଗୁରୁବାର ସକାଳ ୮ଟା ୩୦ ସୁଦ୍ଧା ପଶ୍ଚିମ କେନ୍ଦ୍ରୀୟ ଏବଂ ଦକ୍ଷିଣ ବଙ୍ଗୋପସାଗରରେ ୱେଲ୍‌ମାର୍କ ଲୋ ପ୍ରେସରରେ ପରିଣତ ହୋଇଛି। ଏହା ଉତ୍ତର-ପୂର୍ବକୁ ଗତି କରିବା ସହ ୨୪ ତାରିଖ ସକାଳ ସୁଦ୍ଧା କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବ। କ୍ରମେ ଏହାର ତୀବ୍ରତା ବଢ଼ିବା ସହ ୨୫ରେ ସାଇକ୍ଲୋନିକ ଷ୍ଟର୍ମ ବା ବାତ୍ୟାରେ ପରିଣତ ହେବା ସମ୍ଭାବନା ରହିଛି। ଏହାପରେ ବାତ୍ୟା ପ୍ରାୟ ଉତ୍ତର ଦିଗକୁ ଗତି କରି ୨୬ ସନ୍ଧ୍ୟା ସୁଦ୍ଧା ଭୀଷଣ ବାତ୍ୟାର ରୂପ ନେଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତିପଥ ନ ବଦଳିଲେ ବାତ୍ୟା ବାଂଲାଦେଶ ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳ ପାଖାପାଖି ଅଞ୍ଚଳରେ ପହଞ୍ଚିବ। ତେବେ ଓଡ଼ିଶା ପ୍ରତି ବାତ୍ୟା ବିପଦ ନାହିଁ। ଏହା ପ୍ରଭାବରେ ମୁଖ୍ୟତଃ ଉତ୍ତର ଉପକୂଳ ଓ ସଂଲଗ୍ନ ଜିଲାଗୁଡିକରେ ବର୍ଷା ଲାଗି ରହିବ। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ମୟୂରଭଞ୍ଜ, ଯାଜପୁର, କଟକ, କେନ୍ଦୁଝର, ଢେଙ୍କାନାଳ, ଗଞ୍ଜାମ, ପୁରୀର ଅଧିକାଂଶ ଅଞ୍ଚଳରେ ସାମାନ୍ୟରୁ ମଧ୍ୟମ ବର୍ଷା ହୋଇପାରେ। ଏଥିସହ କାଳବୈଶାଖୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ଆଶଙ୍କା କରାଯାଉଛି। ୨୬ ତାରିଖରୁ ବର୍ଷା ପରିମାଣ ବଢ଼ିପାରେ। ୨୬ ଓ ୨୭ ରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡାର କିଛି ସ୍ଥାନରେ ଭାରି ବର୍ଷା ହୋଇପାରେ। ଘଣ୍ଟାପ୍ରତି ୫୦ରୁ ୬୦ କି.ମି. ବେଗରେ ପବନ ବହିବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ବାତ୍ୟା ପାଇଁ ସମୁଦ୍ର ଅଶାନ୍ତ ରହିବ। ମତ୍ସ୍ୟଜୀବୀଙ୍କୁ ସମୁଦ୍ର ନ ଯିବାକୁ ପରାମର୍ଶ ଦିଆଯାଇଥିବା ଡ. ମହାନ୍ତି କହିଛନ୍ତି।

# ବ୍ଲକ୍ ଅଧ୍ୟକ୍ଷାଙ୍କ ଗାଡ଼ିରୁ ୮୪ ହଜାର ଜବତ

**ଆନନ୍ଦପୁର/ ହାଟଡ଼ିହୀ/ ବଉଳା,(ସୁଶାନ୍ତ କୁମାର ସାହୁ/ ଶୁଭକାନ୍ତ ନାୟକ/ ଦୁର୍ଗା ପ୍ରସାଦ ଆୟଚ),୨୩।୫**

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କ ସ୍ତ୍ରୀ ତଥା ହାଟଡ଼ିହୀ ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀଙ୍କ ଗାଡ଼ିରୁ ୮୪, ୪୦୦ ଟଙ୍କା ଜବତ ହୋଇଛି। ୬ଷ୍ଠ ପର୍ଯ୍ୟାୟ ମତଦାନକୁ ଆଉ ମାତ୍ର ଗୋଟିଏ ଦିନ ରହିଛି। ମେ ୨୫ରେ କେନ୍ଦୁଝରରେ ଭୋଟ ଗ୍ରହଣ ହେବାକୁ ଥିବା ବେଳେ ବିଧାୟକ ପ୍ରାର୍ଥୀଙ୍କ ସ୍ତ୍ରୀଙ୍କ ଗାଡ଼ିରୁ ଟଙ୍କା ଜବତ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନ ୫ଟାଠାରୁ ପ୍ରଚାର କାର୍ଯ୍ୟ ବନ୍ଦ ରହିଥିବାବେଳେ ନିର୍ବାଚନର ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଗୁରୁବାର ଯାଞ୍ଚ କଡ଼ାକଡ଼ି କରାଯାଇଥିଲା। ଆନନ୍ଦପୁର ପୋଲିସ ଆନନ୍ଦପୁର-ଭଦ୍ରକ ୫୩ ନଂ. ରାଜ୍ୟ ରାଜପଥର ତରତରା ଛକଠାରେ ଯାଞ୍ଚ କରୁଥିଲା। ସେହି ସମୟରେ ହାଟଡ଼ିହୀ ବ୍ଲକ୍ ଅଧ୍ୟକ୍ଷା ଯାଉଥିଲେ। ପୋଲିସ ତାଙ୍କ କାର୍ ଅଟକାଇ ଯାଞ୍ଚ କରି ୮୪, ୪୦୦ ଟଙ୍କା ଜବତ କରିଥିଲା। ଆବଶ୍ୟକ କାଗଜପତ୍ର ଦର୍ଶାଯାଇ ନ ଥିବା ଏବଂ ସ୍ପଷ୍ଟୀକରଣ ମିଳିପାରି ନ ଥିବାରୁ ଟଙ୍କା ଜବତ କରାଯାଇଥିବା ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ ସୂଚନା ଦେଇଛନ୍ତି। ଅପରପକ୍ଷେ ବ୍ଲକ୍ ଅଧ୍ୟକ୍ଷା ଭୋଟରଙ୍କୁ ଟଙ୍କା ବାଣ୍ଟିବା ପାଇଁ ଯାଉଥିବା ବେଳେ ଟିମ୍ ଧରିଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଅଧ୍ୟକ୍ଷା ସାବିତ୍ରୀ ସେଠୀ କହିଛନ୍ତି, ଆନନ୍ଦପୁର ବ୍ଲକ୍ ଅଧ୍ୟକ୍ଷା ମେଡିକାଲ ଖର୍ଚ୍ଚ ପାଇଁ ଧାର ସୂତ୍ରରେ ଆର୍ଥିକ ସହାୟତା ମାଗିଥିଲେ। ସେହି ଟଙ୍କା ନେଇ ଯାଉଥିବାବେଳେ ସ୍କ୍ୱାଡ୍ ଯାଞ୍ଚ କରି ତାଙ୍କ ପାଖରେ ଥିବା ଟଙ୍କାକୁ ଜବତ କରିଛି। ବିରୋଧୀ ଏହାକୁ ନେଇ ଅପପ୍ରଚାର କରୁଥିବା ସେ କହିଛନ୍ତି।

# ଓମାନରେ ଫସିଛନ୍ତି ୭ ଓଡ଼ିଆ ଯୁବକ

**ବ୍ରହ୍ମପୁର,୨୩।୫ (ସୁବାସ ଚନ୍ଦ୍ର ପାଢ଼ୀ)**

ରୋଜଗାର ପାଇଁ ୭ଜଣ ଓଡ଼ିଆ ଯୁବକ ଓମାନ ଯାଇ ସେଠାରେ ଫସି ରହିଛନ୍ତି। ସେମାନଙ୍କ ମଧ୍ୟରୁ ୫ଜଣ ଗଞ୍ଜାମ ଜିଲାର ହୋଇଥିବା ବେଳେ ଜଣେ ଖୋର୍ଦ୍ଧା ଓ ଅନ୍ୟ ଜଣେ ଜଗତ୍‌ସିଂହପୁର ଜିଲାର। ଏହି ଯୁବକମାନଙ୍କୁ ସେଠାରେ ୧୨/୧୩ ଘଣ୍ଟା କାମ କରିବା ପାଇଁ ବାଧ୍ୟ କରାଯାଉଛି। ଯୁବକଙ୍କ ମଧ୍ୟରୁ ଜଣେ ବ୍ରହ୍ମପୁରସ୍ଥିତ ଗ୍ରାମ ବିକାଶ ଅନୁଷ୍ଠାନର ଜିଲା ସଂଯୋଜକ ଶରତ ଚନ୍ଦ୍ର ମହାନ୍ତିଙ୍କୁ ଅସୁବିଧା ସମ୍ପର୍କରେ ଜଣାଇଥିଲେ। ସେ ଏହା ଜିଲାପାଳଙ୍କୁ ଅବଗତ କରି ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ସୂଚନା ଅନୁସାରେ ବ୍ରହ୍ମପୁର ସହରରେ ଥିବା ଏକ ଅନୁଷ୍ଠାନର ଏଜେଣ୍ଟ ଓମାନରେ ଚାକିରି କରାଇ ଦେବାକୁ କହି ଯୁବକମାନଙ୍କଠାରୁ ପାସପୋର୍ଟ, ଭିଜା ସହିତ ଅନ୍ୟାନ୍ୟ କାଗଜପତ୍ର ପାଇଁ ୧ଲକ୍ଷ ୨୦ହଜାର ଟଙ୍କା ଲେଖାଏ ନେଇଥିଲେ। ଏହାପରେ ୭ଜଣ ଯୁବକ ଓମାନର ଏକ କମ୍ପାନୀକୁ ଯାଇଥିଲେ। ସେମାନଙ୍କୁ ମାସିକ ୨୭ହଜାରରୁ ୪୦ହଜାର ପର୍ଯ୍ୟନ୍ତ ଦରମା ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଗତ ମାର୍ଚ୍ଚରୁ ସେମାନେ କାମ ଆରମ୍ଭ କରିଥିଲେ ମଧ୍ୟ କମ୍ପାନୀ ମ୍ୟାନେଜର୍ ଦରମା ଦେଇ ନ ଥିଲେ। ପ୍ରତିବାଦ କରିବାରୁ ମ୍ୟାନେଜର୍ ଯୁବକଙ୍କ ପାସପୋର୍ଟ ନେଇଯାଇଛନ୍ତି। ଏପରିକି କାମ ଛାଡ଼ିଲେ ଦେଢ଼ ଲକ୍ଷ ଟଙ୍କା ଜମା କରିବାକୁ ପଡିବ ବୋଲି କମ୍ପାନୀ ତରଫରୁ ଧମକ ଦିଆଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାଚିଲେ ନ ରୁଚେ ମଣ୍ଡା ଗଇଣ୍ଠା,
ମାଗି ଖାଉଥାଏ ବାସି ଅଇଁଠା।**

ଆମ ସମାଜରେ ଏପରି କେତେଜଣ ବ୍ୟକ୍ତି ଅଛନ୍ତି ଯେଉଁମାନେ ମାନ ସମ୍ମାନକୁ ଖାତିର ନ କରି ପର ଆଗରେ ହାତ ପତେଇଥାନ୍ତି। ଅଥଚ ଆଉ କେହି ଭଲ ଭାବେ ଅଭ୍ୟର୍ଥନା କଲେ ମଧ୍ୟ ସେ ତାହାକୁ ଗ୍ରହଣ ନ କରି ନାନା ସମାଲୋଚନା କରିଥାନ୍ତି। ପ୍ରକୃତି ଛଡା ବ୍ୟକ୍ତିଙ୍କ ଏପରି ରଙ୍ଗଢଙ୍ଗ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାହା ହେବ ପଛେ ହେଉ;
ଭୁଲିଗଲା ମନ, ଢଳିଗଲା ବନ,
ଲେଉଟି ଆସେ କି ଆଉ ?**

ଥରେ ଯାହା ଘଟି ଯାଇଥାଏ ତାହା ଆଉ ପୁନଃ ଫେରି ଆସି ନ ଥାଏ। ମନ ଥରେ ଟଳିଗଲେ ବା ବଦଳି ଗଲେ ଆଉ ପୁନଃ ତରଳି ପାରି ନ ଥାଏ। ସେହିପରି ବଣ ଥରେ ଉଜୁଡି ଗଲେ ଆଉ ସେ ଶୋଭାବନ ହୋଇପାରି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



Benarasis | Kanjevarams | Odissis | Printed Silks | Brocades | Jamevars
South Silks | Balucharis | Gadwals | Suitings | Shirtings | Suits | Kurta Pyjamas
Sherwanis | Exclusive Readymades | Kidswear | Furnishings | Dress Materials
R K SWAMY KM 2994 24



## ସଂକ୍ଷେପରେ

### ଗ୍ରୀଷ୍ମକାଳୀନ ପୁଷ୍କରଣୀ ଅସାମାଜିକ ଆଡ୍ଡା

**ପଦ୍ମପୁର,୨୩ା୫(ପ୍ରଦୀପ୍ତ ଦାଶ):** ପଦ୍ମପୁର ସହରର ରାସ୍ତା ଉପରେ ପୋଲିସ ପାଟ୍ରୋଲିଂ ପରେ ଅସାମାଜିକ ବ୍ୟକ୍ତିମାନେ ସହରରେ ଥିବା ପୋଖରୀକୁ ଚରାଭୂମି କରିଛନ୍ତି। ପୋଖରୀରେ ପାଣି ନ ଥିବାରୁ ପୋଖରୀ ଆଡି ବାଉଣ୍ଡରୀ ସଦୃଶ ରହିଛି ଓ ହିଡରେ କଂକ୍ରିଟ କାମ ହୋଇଥିବାରୁ ଏକତ୍ରିତ ହୋଇ ରହିବାକୁ ସୁବିଧା ହେଉଛି। ସେଥିରେ ଅସାମାଜିକ ବ୍ୟକ୍ତିମାନେ ନିଶା ସହ ଅସାମାଜିକ କାର୍ଯ୍ୟ କରୁଛନ୍ତି। ସହରର ବ୍ରାହ୍ମଣୀ ବନ୍ଧ, ମେଜରକଁଟା, କଟାବନ୍ଧ, ବଡବନ୍ଧ, ରାନୀବନ୍ଧ, ଜଟିଆବନ୍ଧ, ସରକଟପାଲି ବନ୍ଧ ମଝି ଓ କଂକ୍ରିଟ ହିଡରେ ଆଡ୍ଡା ଜମି ରହୁଛି। ସେଠାରେ ଏକତ୍ରୀତ ହୋଇ ଆଗାମୀ ଅସାମାଜିକ କାର୍ଯ୍ୟ ପାଇଁ ନିଶାତୁର ହୋଇ ଯୋଜନା ପ୍ରସ୍ତୁତ କରୁଛନ୍ତି। ସହର ରାସ୍ତା ସହ ଅସାମାଜିକ ଆଡ୍ଡା ଭାବରେ ବ୍ୟବହାର କରୁଥିବା ପୁଷ୍କରଣୀ ଓ ହିଡକୁ ବାରମ୍ବାର ପୋଲିସ ପାଟ୍ରୋଲିଂ କଲେ ଅଧିକାଂଶ ଅସାମାଜିକ କାର୍ଯ୍ୟ ପ୍ରତି ରୋକ ରହି ପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି।

# ଝଡ଼ବର୍ଷା ବଢ଼ାଇଲା ଚାଷୀଙ୍କ ଚିନ୍ତା

**ବରଗଡ଼,୨୩ା୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଚାଷୀଙ୍କ ସମସ୍ୟା ଅସମାହିତ ହୋଇ ପଡିଛି। ଧାନର ଅଭାବିବିକ୍ରି ଏଠାରେ ସାଧାରଣରେ ପରିଣତ ହୋଇଛି। ତେବେ ବର୍ତ୍ତମାନ ଜିଲାରେ ରବି ଋତୁ ଧାନ ଅମଳ ଚାଲିଥିବାବେଳେ ଧାନ ସଂଗ୍ରହ ପ୍ରକ୍ରିୟାକୁ ମଧ୍ୟ ୧୩ ଦିନ ବିତି ଯାଇଛି। ଚିରାଚରିତ ଭାବେ ଧାନ କିଣାବିକା ଚାଲିଛି। ମାତ୍ର ଏଭଳି ସମୟରେ କାଳବୈଶାଖୀ ପ୍ରଭାବରେ ଝଡବର୍ଷା ଚାଷୀଙ୍କ ଚିନ୍ତାକୁ ବଢାଇ ଦେଇଛି। ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟାରୁ ବରଗଡ଼ ସମେତ ଜିଲାର ବିଭିନ୍ନ ବ୍ଲକରେ ଝଡବର୍ଷା ହୋଇଛି। କ୍ଷେତ, ଖଳାର ଖୋଲା ଆକାଶ ତଳେ ଅମଳ ଧାନ ରହିଥିବାବେଳେ ଝଡବର୍ଷା ଯୋଗୁ ଚାଷୀମାନଙ୍କୁ ନାହିଁ ନ ଥିବା ହଟହଟା ହେବାକୁ ପଡୁଛି। ବର୍ଷା ଛାଡିବା ପରେ ଅମଳ ଧାନକୁ କିଏ କ୍ଷେତ ଖଳା ତ ଆଉ କେହି ରାସ୍ତା ଉପରେ ବିଛାଇ ଖରାରେ ଶୁଖାଉଥିବା ଦେଖିବାକୁ ମିଳୁଛି। ତେବେ ଧାନ ଶୁଖି ସାରିବା ପରେ ମଣ୍ଡିକୁ ତାହା ନେବା ପାଇଁ ଚାଷୀ ପ୍ରସ୍ତୁତ ହେଉଥିବା ବେଳେ ପୁଣି ଝଡବର୍ଷା ମାଡି ଆସୁଛି।


ବରଗଡ଼ ଜିଲା ଭେଡେନ ବ୍ଲକ ରେଶମ ମଣ୍ଡିରେ ବିକ୍ରି ଅପେକ୍ଷାରେ ରହିଥିବା ଧାନ ଏବଂ ଉପସ୍ଥିତ ଚାଷୀ ପ୍ରତିନିଧି ବୃନ୍ଦ।

**ମିଲ୍, ମଣ୍ଡିରେ କଟ୍‌ନି ଛଟ୍‌ନି ମସୁଧା**

ବରଗଡ଼ ବ୍ଲକର ଜଣେ ଚାଷୀ ସୁରେଶ ନେକାଣ୍ଡି କହିଛନ୍ତି, ମଣ୍ଡିକୁ ଯେଉଁ ଧାନ ପହଞ୍ଚିଛି, ତାହା ସୁରକ୍ଷିତ ଅଛି। କିନ୍ତୁ ଗୁରୁବାର ହୋଇଥିବା ବର୍ଷା ଯୋଗୁ କ୍ଷେତ, ଖଳାରେ ରହିଥିବା ଧାନ ପ୍ରଭାବିତ ହୋଇଛି। ଫଳରେ ସେହି ଅମଳ ଧାନକୁ ପୁଣି ଖରାରେ ଶୁଖାଇବାକୁ ପଡିବ। ସେହିପରି ଚାଷୀ ସଂଗଠନ ଜୟ କିଶାନ ଆନ୍ଦୋଳନ ସମ୍ପାଦକ ହର ବଣିଆଁ କହିଛନ୍ତି, ଶୁଖିଲା ଧାନ ମଣ୍ଡିକୁ ନେବା ସତ୍ତ୍ୱେ ଜିଲାର ବିଭିନ୍ନ ମଣ୍ଡିରେ କଟନି ଛଟନି ଆରମ୍ଭ ହୋଇଯାଇଛି। ବର୍ଷା ଯୋଗୁ ମଣ୍ଡି କର୍ମଚାରୀ ଏବଂ ମିଲର୍ସଙ୍କ ଏଜେଣ୍ଟମାନେ ତାକୁ ଆଳ ଦେଖାଇ କଟନିଛଟନି କରିବେ। କିନ୍ତୁ ଧାନ କ୍ରୟ ସଂସ୍ଥା କିମ୍ବା ମିଲର୍ସ ସେଭଳି କଟନିଛଟନିରୁ କ୍ଷାନ୍ତ ନ ରହିଲେ ତାକୁ ବରଦାସ୍ତ କରାଯିବ ନାହିଁ ଏବଂ ସେଥିପାଇଁ ଯେଉଁ ପରିସ୍ଥିତି ଉପୁଜିବା, ପ୍ରଶାସନ ଦାୟୀ ରହିବ ବୋଲି ସେ ଚେତାବନୀ ଦେଇଛନ୍ତି। ସେହିପରି ଜିଲା ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି, ମଣ୍ଡି ଏବଂ ମିଲରେ କଟନିଛଟନି ଆରମ୍ଭ ହୋଇଯାଇଥିବା ଶୁଣିବାକୁ ପାଇଛୁ। ପ୍ରଶାସନ ଯଦି ସେ ଦିଗରେ ତ୍ୱରିତ ପଦକ୍ଷେପ ନ ନେଉଛି, ତେବେ ଏହାର ପ୍ରତିବାଦରେ ଭୟଙ୍କର ଆନ୍ଦୋଳନ କରାଯିବବୋଲିସେଚେତାବନୀଦେଇଛନ୍ତି।

## ଆଉଟସୋର୍ସିଂ କର୍ମଚାରୀଙ୍କ ଧାରଣା


ଜିଲା ମୁଖ୍ୟ ଚିକିତ୍ସାଳୟ ଆଗରେ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ଧାରଣା ।

**ବରଗଡ଼,୨୩ା୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିନରେ କାର୍ଯ୍ୟ କରୁଥିବା ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ ସେମାନଙ୍କ ବର୍ଦ୍ଧିତ ଦରମାରୁ ବଞ୍ଚିତ କରାଯାଇଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ କରି ସମ୍ପୃକ୍ତ କର୍ମଚାରୀମାନେ କାର୍ଯ୍ୟବନ୍ଦ ସହିତ ଧାରଣାକୁ ଓହ୍ଲାଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସେମାନେ ଧାରଣା ଦେଇଛନ୍ତି। ବର୍ଦ୍ଧିତ ଦରମା ନ ମିଳିବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ଓହରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ସେମାନଙ୍କ ଦରମା ୨୫ ପ୍ରତିଶତ ବୃଦ୍ଧି ନେଇ ସରକାରୀ ଆଦେଶନାମା ପ୍ରକାଶ ପାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ତାହା ସେମାନଙ୍କୁ ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଧାରଣାରେ ସୁଜାତା ଶଣ୍ଢ, ସ୍ୱାଧୀନ ବେହେରା, ଭୂମିସୂତା ମଲ୍ଲିକ, ରୀତା ସୁନାଙ୍କ ସମସ୍ତ କର୍ମଚାରୀ ସାମିଲ ଥିଲେ।

## ଶ୍ରୀ ଶ୍ରୀ ନୃସିଂହନାଥ ପ୍ରସିଦ୍ଧ ବୈଶାଖ ମେଳା ଉଦ୍‌ଯାପିତ

**ପାଇକମାଳ,୨୩ା୫(ବଡ ଶତପଥୀ)**

- ପାପହାରିଣୀ ଝରଣାରେ ବୁଡ଼ ପକାଇଲେ ଲକ୍ଷାଧିକ ଶ୍ରଦ୍ଧାଳୁ
- ୧ଲକ୍ଷ ୨୫ହଜାର ନୃସିଂହ ବିଜମନ୍ତ୍ର ଜପ ସହ ବିଶ୍ୱଶାନ୍ତି ମହାଯଜ୍ଞ ସମାପନ

ପଶ୍ଚିମ ଓଡିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ଶ୍ରୀଶ୍ରୀ ନୃସିଂହନାଥ ପୀଠରେ ପବିତ୍ର ବୈଶାଖ ମେଳା ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ସହ ଉଦଯାପିତ ହୋଇଯାଇଛି। ୧୧ଜଣ ପଣ୍ଡିତଙ୍କ ଦ୍ୱାରା ୧ଲକ୍ଷ ୨୫ହଜାର ନୃସିଂହ ବିଜମନ୍ତ୍ର ଜପ କରାଯାଇଥିଲା। ବିଶ୍ୱଶାନ୍ତି ମହାଯଜ୍ଞ ପୀଠରେ ନୃସିଂହ ବିଜମନ୍ତ୍ର ଜପ ଶେଷ ହେବା ପରେ ଯଜ୍ଞ କୁଣ୍ଡରେ ସମସ୍ତ ଦେବଦେବୀଙ୍କ ନାମରେ ଆହୂତି ଦିଆଯାଇଥିଲା। ପରେ ପାପହାରିଣୀ ଝରଣାରେ ପବିତ୍ର କଳସ ବିସର୍ଜନ କରାଯାଇଥିଲା। ବୁଧବାର ମନ୍ଦିର ପୂଜକ ସତ୍ୟ ପୁରୋହିତ, ସୁଜ୍ଞାତ ତ୍ରିପାଠୀ, ସିଦ୍ଧାର୍ଥ ପୁରୋହିତ, ମନମିତ ପୁରୋହିତ, ଆଜାଦ ମାଝି ଓ କୂଳ ପୁରୋହିତ ସୁନୀଲ ପୁରୋହିତ ଭୋରରୁ ନୃସିଂହ ଭଗବାନଙ୍କ ପୂଜାର୍ଚ୍ଚନା ରୀତିନୀତି ଅନୁସାରେ କରିଥିଲେ। ପ୍ରଭୁ ନୃସିଂହ ଭଗବାନଙ୍କ ଜନ୍ମ ଦିନ ଭୋରରୁ ପାପହାରିଣୀ ଝରଣାରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ ପକାଇଥିଲେ। ଚଳିତବର୍ଷ ପ୍ରବଳ ଜନ ସମାଗାମ ଯୋଗୁ ନୃସିଂହନାଥଠାରୁ ପାଇକମାଳ ପର୍ଯ୍ୟନ୍ତ ରାସ୍ତା ଭିଡ଼ ହୋଇଥିଲା। ସ୍ଥାନୀୟ ସ୍ୱେଚ୍ଛାସେବୀ, ପୋଲିସ ବିଭାଗ, ସମ୍ବଲପୁରରୁ ଆସିଥିବା ୫୭ଜଣ ବୀର ସୁରେନ୍ଦ୍ର ସାଏ ଡିଫେନ୍ସ ଏକାଡେମୀର କେଡ଼ର ଯାତାୟାତର ପଥ ସୁଗମ କରିଥିଲେ। ଗୁରୁବାର ପୂର୍ଣ୍ଣିମା ଅବସରରେ ସବୁଦିନ ପରି ମନ୍ଦିରରେ ନୃସିଂହ ମହାପ୍ରଭୁଙ୍କ ରୀତିନୀତିରେ ପୂଜା ଅର୍ଚ୍ଚନା କରାଯାଇଥିଲା। ଲକ୍ଷାଧିକ ଭକ୍ତ ଠାକୁରଙ୍କ ନବରୂପ ଦର୍ଶନ କରିଥିଲେ। ସୂଚନାଯୋଗ୍ୟ ଯେ, ଶ୍ରୀଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମୋତ୍ସବ ପାଳନ ପାଇଁ ୫ ଦିନ ବ୍ୟାପୀ ବୈଶାଖ ମେଳାର ଆୟୋଜନ ହୋଇଥାଏ। ଓଡ଼ିଶା, ଛତିଶଗଡ଼ ତଥା ଅନ୍ୟାନ୍ୟ ରାଜ୍ୟରୁ ଲକ୍ଷାଧିକ ଭକ୍ତ ତଥା ବ୍ୟବସାୟୀମାନେ ଆସିଥାନ୍ତି। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ତଥା ସ୍ୱେଚ୍ଛାସେବୀମାନେ ନୃସିଂହନାଥରୁ ପାଇକମାଳ ଛକ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଅନ୍ନଛତ୍ର, ଜଳଛତ୍ର ତଥା ନିଃସାର୍ଥ ସେବା କରୁଥିବା ଦେଖିବାକୁ ମିଳିଥିଲା। କପିଳମୁନି ଆଶ୍ରମରେ ବିଶ୍ୱଶାନ୍ତି ପାଇଁ ହୋମଯଜ୍ଞ, ଭଜନ, ପ୍ରବଚନ ହୋଇଥିବା ବେଳେ ଭଗବତ ଆଶ୍ରମ, ମହିମା ମଠ, ନିସର୍ଗ ନିବାସ ସମେତ ସମସ୍ତ ଧର୍ମ ଅନୁଷ୍ଠାନରେ ପୂଜାର୍ଚ୍ଚନା, ହୋମ, ଅନ୍ନଭୋଗ, ପାନୀୟ ଜଳ ବଣ୍ଟନ କରାଯାଇଥିଲା। ବିପୁଳ ଭକ୍ତ ସମାବେଶରେ ମେଳା ଶାନ୍ତିଶୃଙ୍ଖଳା ସହ ସମାପନ ହୋଇଥିବାରୁ ନୃସିଂହନାଥ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।




ଜଳାଭିଷେକ ଅବସରରେ ଛପନ ଭୋଗ।

## ନୃସିଂହ ଚତୁର୍ଦ୍ଦଶୀରେ ଅର୍ଦ୍ଧାସିନୀ ଦେବୀଙ୍କ ଜଳାଭିଷେକ

**ବରଗଡ଼,୨୩ା୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ଶ୍ରୀଶ୍ରୀ ଦଧିବାମନ ଧାମରେ ପବିତ୍ର ବୈଶାଖ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଅର୍ଦ୍ଧାସିନୀ ଦେବୀଙ୍କୁ ଅମୃତ ମଣୋହି ବାଳ ନୈବେଦ୍ୟ ଛପନ ଭୋଗ ଲାଗି ହୋଇଥିଲା। ପ୍ରଥମେ ଶ୍ରୀଦଧିବାମନ ମନ୍ଦିରରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ବାହାରି ଚକ୍ର ପୁଷ୍କରିଣୀରେ ପୂଜା ପୂର୍ବକ ପୂର୍ଣ୍ଣ ଜଳ କଳସ ଧରି ନୂତନ ମାଉସି ମା'ମନ୍ଦିରରେ ପହଞ୍ଚିଥିଲେ। ଏହାପରେ ମହାପ୍ରଭୁଙ୍କ ଆର୍ବିଭାବ ସ୍ଥଳ ପବିତ୍ର ଚକ୍ରତୀର୍ଥ ଜଳରେ ଭାରତର ବିଭିନ୍ନ ତୀର୍ଥକ୍ଷେତ୍ରମାନଙ୍କ ସଂଗୃହିତ ଜଳକୁ ମିଶ୍ରଣ କରାଯାଇ ୧୦୮କୁମ୍ଭ ଅଭିମନ୍ତ୍ରିତ ଜଳରେ ସମପରିମାଣରେ ଚୁଆ, ଚନ୍ଦନ, କର୍ପୁର, ଅଗୁରୁ ମିଶ୍ରଣ କରି ଶାସ୍ତ୍ରୀୟ ଉପଚାର ବିଧି ଅନୁଯାୟୀ ମନ୍ଦିରରେ ଦେବୀ ଅର୍ଦ୍ଧାସିନୀଙ୍କୁ ମହା ଜଳାଭିଷେକ କରାଯାଇଥିଲା। ଏହାପରେ ମହାଶୃଙ୍ଗାର ବେଶ ପରେ ଷୋଡ଼ଶ ଉପଚାର ପୂଜା ପୂର୍ବକ ହୋମ, ମଙ୍ଗଳ ଆରତୀ ଏବଂ ପୁଷ୍ପାଞ୍ଜଳି ଅନୁଷ୍ଠିତ ହୋଇଥିଲା। ଏହାପରେ ମନ୍ଦିରରେ ନୂତନ ଧ୍ୱଜା ରୋହଣ ହୋଇଥିଲା। ପଣ୍ଡିତ ନେହେରୁଲାଲ ଶତପଥି, ଜୟଦେବ ପଣ୍ଡା, ଗୌର ଚନ୍ଦ୍ର ରଥ, ସୁଦାମ ଶତପଥି, ରୋହିତ ରଥ, ଅଂଶୁମାନ ରଥ, ସତ୍ୟନାରାୟଣ ମିଶ୍ର, ନିରଞ୍ଜନ ରଥ, ରାଜେଶ କୁମାର ମିଶ୍ର, ଅଭିନୀତ ରଥ, ନିଶିଥ ଦାଶ, ଅଭିଷେକ ପଣ୍ଡା, ପ୍ରତ୍ୟୁଷ ପାଣିଗ୍ରାହୀଙ୍କ ସମେତ ମନ୍ଦିର ପୂଜକ ଡୋଳାମଣି ପଣ୍ଡା ସହଯୋଗ କରିଥିଲେ। ଗୋନ୍ତିଆ ସରୋଜ ସାହୁ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ସନ୍ଧ୍ୟା ଧୂପ ପରେ ପଞ୍ଚ ମହା ଆରତୀ ସହିତ ସତନ୍ତ୍ର ବାଳ ନୈବେଦ୍ୟ ଛପନ ଭୋଗ ଲାଗି କରା ଯାଇଥିଲା। ଏଥିରେ ଅଞ୍ଚଳର ହଜାର ହଜାର ଭକ୍ତ ସାମିଲ ହୋଇ ଦେବୀଙ୍କୁ ଦର୍ଶନ କରିଥିଲେ।

## ପ୍ରାର୍ଥୀଙ୍କ ନାମରେ ମିଛ ପ୍ରଚାର, ଥାନାରେ ଏତଲା

**ସରଣ୍ଡା,୨୩ା୫(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲାରେ ମତଦାନ ସରିଯାଇଛି। କିନ୍ତୁ ମତଦାନ ସରିବା ପରେ ଭାଜପାର ଅତାବିରା କଂଗ୍ରେସ ପ୍ରାର୍ଥୀ ନିହାର ରଞ୍ଜନ ମହାନନ୍ଦଙ୍କ ନାମରେ ସୋସିଆଲ ମିଡିଆରେ ମିଛ ପ୍ରଚାର ଚର୍ଚ୍ଚାର ବିଷୟ ହୋଇଛି। ନିହାର ସମ୍ପୂର୍ଣ୍ଣ ସୁସ୍ଥ ଥିବାବେଳେ କେହି ଦୁର୍ବୃତ୍ତ ଏକ ହ୍ୱାଟ୍ସ ଆପ ଗ୍ରୁପରେ ନିହାରଙ୍କ ଏକ ପୁରୁଣା ଫଟୋ ଦେଇ ସେ ଅସୁସ୍ଥ ଥିବା ଉଲ୍ଲେଖ କରି ଭାଇରାଲ କରିଥିବା ଅଭିଯୋଗ ହୋଇଛି। ଭାଜପାର ଅତାବିରା ଏନ ଏସି ସଭାପତି ସୁରେନ୍ଦ୍ର କୁମାର ସ୍ୱାଇଁ ଏ ନେଇ ଏତଲା ଦେବା ପରେ ପୋଲିସ ଏହାର ତଦନ୍ତ କରୁଛି।

## ଯକ୍ଷ୍ମା ଔଷଧ ଯୋଗାଇବାରେ ଅସଫଳ ସ୍ୱାସ୍ଥ୍ୟ ବିଭାଗ

**ନର୍ଲା,୨୩ା୫(ସନ୍ତୋଷ ପାତ୍ର)**

କଳାହାଣ୍ଡି ଜିଲାରେ ଯକ୍ଷ୍ମା ରୋଗ ନିରାକରଣ ପାଇଁ ଔଷଧ ଯୋଗାଇବାରେ ସ୍ୱାସ୍ଥ୍ୟ ବିଭାଗ ଅସଫଳ ହୋଇଥିବା କେତେଜଣ ରୋଗୀ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ନର୍ଲା ବ୍ଲକରେ ପ୍ରାୟ ୪୯ ଜଣ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇ ଔଷଧ ସେବନ କରୁଛନ୍ତି। ପ୍ରାୟ ତିନିମାସ ଧରି ନର୍ଲା ଗ୍ରାମର ଦଶରଥ ଧଙ୍ଗଡା ମାଝି ନାମକ ଜଣେ ଯୁବକ ଯକ୍ଷ୍ମା ରୋଗରେ ପୀଡିତ ହୋଇ ଔଷଧ ସେବନ କରୁଥିଲେ। ଚଳିତ ନିର୍ବାଚନକୁ ନେଇ ରାଜ୍ୟ ସରକାରଙ୍କ ବ୍ୟସ୍ତତା ଭିତରେ ତିନିରୁ ଚାରିମାସ ହେଲା ସରକାରୀ କିମ୍ବା ବେସରକାରୀ ସ୍ତରରେ ଔଷଧ ମିଳୁ ନ ଥିବାରୁ ଯକ୍ଷ୍ମା ରୋଗୀମାନେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାରମ୍ଭିକ ସ୍ତରରେ ଡାକ୍ତର ରୋଗ ଚିହ୍ନଟ କରିବା ପରେ ରୋଗୀଙ୍କୁ ସୁଷମ ଖାଦ୍ୟ ସହିତ ପ୍ରାୟ ୬ରୁ ୮ମାସ ପର୍ଯ୍ୟନ୍ତ ଔଷଧ ଖାଇବାକୁପଡ଼ିଥାଏ। ଯଦିରୋଗୀ ଗୋଟିଏ ଦିନ ଔଷଧ ଖାଇବାରେ ଅବହେଳା କରେ ତା'ହେଲେ ପୁନର୍ବାର ୬ମାସ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼ିଥାଏ। ଏଭଳି ସମୟରେ ରୋଗୀଙ୍କ ପାଇଁ ଔଷଧ ଜରୁରୀ ହୋଇପଡିଛି। ଏ ନେଇ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅକ୍ଷୟ କୁମାର ଗୋଛାୟତଙ୍କୁ ପଚାରିବାରୁ ସେ କହିଥିଲେ, ଓଡ଼ିଶାରେ ଯକ୍ଷ୍ମା ନିରାକରଣ ନିମିତ୍ତ ରାଜ୍ୟ ସରକାର ସବୁବେଳେ ତତ୍ପରତା ଦେଖାଇଥାନ୍ତି। କୌଣସି କାରଣବଶତଃ ଔଷଧ ରାଜ୍ୟ ସରକାର ଯୋଗାଇପାରି ନାହାନ୍ତି। ଏ ବିଷୟରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି ସେ କହିଥିଲେ।

## ବିଜୁ ଏକ୍ସପ୍ରେସ ୱେରେ ନାହିଁ ଆଶ୍ରୟସ୍ଥଳୀ, ଯାତ୍ରୀ ହଇରାଣ

**ପଦ୍ମପୁର,୨୩ା୫ (ପ୍ରଦୀପ୍ତ ଦାଶ)**

ସରକାର ଗମନାଗମନର ସୁବିଧା ପାଇଁ ବିଜୁ ଏକ୍ସପ୍ରେସ ୱେର ପରିକଳ୍ପନା କରିଛନ୍ତି। ରାସ୍ତା ନିର୍ମାଣ ପୂର୍ବରୁ ରାସ୍ତା ପାର୍ଶ୍ୱ ଓ ଛକ ସ୍ଥାନ ଜାଗାରେ ଥିବା ଗଛଗୁଡିକୁ କାଟି ଦିଆଯାଇଛି। ଗଛ ଛାଇ ନାହିଁ କିମ୍ବା ଆଶ୍ରୟସ୍ଥଳୀ ନ ଥିବାରୁ ଯାତ୍ରୀମାନେ ତାତିରେ ସିଝୁଛନ୍ତି। ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳରେ ଚଳିତ ବର୍ଷ ପ୍ରଚଣ୍ଡ ତାତିରେ ଜନଜୀବନ ବ୍ୟତିବ୍ୟସ୍ତ ହୋଇଛନ୍ତି। ୪୦ରୁ ୪୫ ଡିଗ୍ରୀ ତାପମାତ୍ରା ରହୁଛି। ସକାଳରୁ ତାପମାତ୍ରା ବୃଦ୍ଧି ହେଉଛି। ବିଭିନ୍ନ ସ୍ଥାନରୁ ଯାତ୍ରୀମାନେ ଆସି ଅନ୍ୟଗ୍ରାମକୁ ଯିବା ପାଇଁ ଛକ ଜାଗାରେ ଅପେକ୍ଷା କରିଥାନ୍ତି। ଗଛ ଛାଇ ନାହିଁ କିମ୍ବା ଆଶ୍ରୟସ୍ଥଳୀ ନ ଥିବାରୁ ଯାତ୍ରୀମାନେ ପ୍ରବଳ ତାତିରେ ସିଝୁଛନ୍ତି। ଅନେକ ସ୍ଥାନରେ ବିଶ୍ରାମସ୍ଥଳୀ ନିର୍ମାଣର ଆବଶ୍ୟକତା ଥିଲେ ସୁଦ୍ଧା ସଂପୃକ୍ତ ବିଭାଗ ପଦକ୍ଷେପ ନେଉନାହାନ୍ତି। ଯାତ୍ରୀମାନେ ଖୋଲା ଆକାଶ ତଳେ ଖରା, ବର୍ଷା, ଶୀତ ସହୁଛନ୍ତି। ପ୍ରଚଣ୍ଡ ଖରାରେ ଅଂଶୁଘାତ ଜନିତ ସମ୍ଭାବନା ରହୁଛି। ତେଣୁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଦୁର୍ଘଟଣାରେ ମାଆ, ପୁଅ ଗୁରୁତର

**ବାଉଁଶୁଣୀ,୨୩ା୫ (ଦେବାଶିଷ ନେପାକ)**

ଗୁରୁବାର ପୂର୍ବାହ୍ନ ୧୧ଟା ସମୟରେ ୫୭ନଂ ଜାତୀୟ ରାଜପଥର ସାହାଜପାଲ ଛକ ନିକଟରେ ବାଇକ୍ ଓ ସ୍କୁଟି ମଧ୍ୟରେ ଧକ୍କା ହେବା ଫଳରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ବୌଦ୍ଧ ଥାନା ପଲାଶ ଅଞ୍ଚଳର ଜଣେ ଯୁବକ ନିଜ ମାଆଙ୍କ ସହ ଏକ ବାଇକ୍ ଯୋଗେ ବାଉଁଶୁଣୀ ଅଞ୍ଚଳକୁ ଯାଉଥିଲେ । ଯିବା ବାଟରେ ବାଇକ୍‌ଟି ସାହାଜପାଲ ଛକ ନିକଟରେ ସଂଗ୍ରାମପୁର ଗ୍ରାମ ପଞ୍ଚାୟତ କନକପୁର ଗ୍ରାମର ଧର୍ମରାଜ ପ୍ରଧାନଙ୍କ ସ୍କୁଟି ସହିତ ଧକ୍କା ହୋଇଥିଲା । ଫଳରେ ବାଇକ୍‌ରେ ଥିବା ମା' ଓ ପୁଅ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନା ପଠାଇଥିଲେ ।

## କଳାହାଣ୍ଡିରେ ଖୋଲିଲା ରବି ଧାନ ମଣ୍ଡି

**ଭବାନୀପାଟଣା,୨୩ା୫ (ଉତ୍ତମ କୁମାର ଦାଶ)**

ଚଳିତ ବର୍ଷ କଳାହାଣ୍ଡି ଜିଲାରେ ଗତ ସୋମବାରଠାରୁ ସରକାରୀ ଭାବେ ରବି (ଡାଳିଅ)ଚାଷ ପାଇଁ ମଣ୍ଡି ଆରମ୍ଭ ହୋଇଛି। ୩ ଦିନ ଅର୍ଥାତ ବୁଧବାର ସୁଦ୍ଧା ଜିଲାରେ ଥିବା ୧୫୫ ମଣ୍ଡିରୁ ମାତ୍ର ୫୬ଟି ଖୋଲିଛି। ଏହି ୩ ଦିନରେ ୭୩୫ ଚାଷୀଙ୍କ ୫୧.୫୬୪ କୁଇଣ୍ଟାଲ ଧାନ ଉଠାଣ ହୋଇଛି। ବୁଧବାର ଗୋଟିଏ ଦିନରେ ୫୫୮ ଜଣ ଚାଷୀଙ୍କ ୩୭ ହଜାର ୩୯୨ କୁଇଣ୍ଟାଲ ଧାନ ଉଠାଣ ହୋଇଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ ଜଣାପଡିଛି। ପ୍ରକାଶ ଯେ, ଚଳିତ ବର୍ଷ ଜିଲାରେ ରବି ଧାନ ପାଇଁ ସରକାରୀ ସ୍ତରରେ ୨୨ ଲକ୍ଷ ୧୫ ହଜାର ୬୪୭ କୁଇଣ୍ଟାଲ ଟାର୍ଗେଟ ରହିଛି। ବର୍ତ୍ତମାନ ସୁଦ୍ଧା ୬୭ ମିଲର୍ସ ମଧ୍ୟରୁ ୫୫ ଜଣ ମିଲର୍ସ ଧାନ ଉଠାଣ କରୁଛନ୍ତି। ବିଳମ୍ବରେ ମଣ୍ଡି ଖୋଲିବା ଯୋଗୁ ଦଲାଲମାନେ ପ୍ରାୟ ୧୭ଶହ ଟଙ୍କାରେ ଚାଷୀଙ୍କଠାରୁ ଧାନ କିଣି ଚାଲାଣ କରିବାରେ ଲାଗିଛନ୍ତି। ଧାନ ମଣ୍ଡିରେ କାଳବୈଶାଖୀ ଯୋଗୁ ଧାନ ଆଦ୍ରତା ଥିବା ଦର୍ଶାଇ ମିଲର୍ସମାନେ ଅଧିକ କଟ୍‌ନୀଛଟ୍‌ନୀ କରୁଥିବାରୁ ଚାଷୀମାନେ ମଣ୍ଡି ପ୍ରତି ଆଗ୍ରହ ଦେଖାଉନାହାନ୍ତି । ଅଧିକାଂଶ ମଣ୍ଡିରେ ଛାଉଣୀ ନ ଥିବାରୁ କାଳବୈଶାଖୀର ପ୍ରଭାବ ପଡୁଛି। କିଛିଦିନ ଗଳାପରେ ଦଲାଲ ଜରିଆରେ ଧାନ କିଣିଥିବା ମିଲର୍ସମାନେ ଫଲ୍ସ ଏଣ୍ଟ୍ରି କରି ନିୟମିତ କରିବା ପାଇଁ ମସୁଧା ଆରମ୍ଭ କରିଛନ୍ତି। ବର୍ତ୍ତମାନ ମଣ୍ଡି ପୂର୍ବରୁ ମିଲମାନଙ୍କୁ ଯାଇଥିବା ଧାନର ଷ୍ଟକ ଯାଞ୍ଚ ହେଉ ନ ଥିବାରୁ ମିଲର୍ସମାନଙ୍କୁ ପରୋକ୍ଷରେ ସୁରକ୍ଷା ଦିଆଯାଉଥିବା ଅଭିଯୋଗ ହୋଇଛି। ଗତ ଖରିଫ ଧାନ ମଣ୍ଡିବେଳେ ଟାର୍ଗେଟରୁ କମ ଧାନ କିଣାଯାଇଥିଲା। ବହୁ ଚାଷୀଙ୍କ ଧାନ ଦଲାଲ ଜରିଆରେ ଛତିଶଗଡ ଚାଲାଣ ହୋଇଥିଲା। ଅନ୍ୟପକ୍ଷରେ ନିର୍ବାଚନରେ ବ୍ୟସ୍ତ ଥିବା ଯୋଗୁ ଜିଲାପ୍ରଶାସନ ଓ ଯୋଗାଣ ବିଭାଗ ପକ୍ଷରୁ ଚଢାଉ କରା ନ ଯିବା ନେଇ ଭିନ୍ନ ମତ ପ୍ରକାଶ ପାଇଛି।

## ଅହିଂସା, ଶାନ୍ତି ଓ ତ୍ୟାଗର ପ୍ରତୀକ ଥିଲେ ମହାତ୍ମା ବୁଦ୍ଧ

**ବରଗଡ଼,୨୩ା୫(ପ୍ରେମାନନ୍ଦ ଖମାରୀ)**


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।


କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକେ।

ବରଗଡ଼ ବ୍ଲକ ଅନ୍ତର୍ଗତ ବଗେଇବିରା କଜଲି ବିଜଲି ପାହାଡ଼ଠାରେ ନାଗାର୍ଜୁନ ବୁଦ୍ଧବିହାର କମିଟି ପକ୍ଷରୁ ମହାମାନବ ଗୌତମ ବୁଦ୍ଧଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଜୟନ୍ତୀ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ବୁଦ୍ଧପ୍ରେମୀ ଏବଂ ବଗେଇବିରା ଗ୍ରାମବାସୀ ବିପୁଳ ଭାବେ ଯୋଗଦେଇଥିଲେ। ଗୌତମ ବୁଦ୍ଧଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବୁଦ୍ଧଙ୍କର ବିଚାର ବିଷୟରେ ଆଲୋଚନାଚକ୍ର ଆରମ୍ଭ ହୋଇଥିଲା। ଶେଷରେ ସହଭୋଜନ କରି କାର୍ଯ୍ୟକ୍ରମ ଶେଷ ହୋଇଥିଲା। ପ୍ରଜ୍ଞା, ଶୀଳ, କରୁଣାର ପ୍ରତୀକ ବିଶ୍ୱ ଶାନ୍ତିଦୂତ, ଏସିଆର ଆଲୋକ, ଗଣତାନ୍ତ୍ରିକ ସମତାପୂର୍ଣ୍ଣ ବ୍ୟବସ୍ଥାର ମୂଳ, ଯୁକ୍ତିସିଦ୍ଧ, ବିଜ୍ଞାନ ଭିତ୍ତିକ ମାନସିକତା ସହ ସମତା, ଭାତୃତ୍ୱ, ନ୍ୟାୟ, ସ୍ୱତନ୍ତ୍ରତା ଓ ମୌଳିକ ଜୀବନଶୈଳୀର କଥା କହେ ବୁଦ୍ଧଦର୍ଶନ ବୋଲି ବିଶିଷ୍ଟ ଅତିଥି ଗଣ ମତପ୍ରକାଶ କରିଥିଲେ। ନାଗାର୍ଜୁନ ବୁଦ୍ଧବିହାର କମିଟି ସଭାପତି ଧିମାନ ପୁରନ୍ଦର ଭୋସାଗରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ ପଣ୍ଡିତ ଗୋପବନ୍ଧୁ ପୁରୋହିତ ଅତିଥି ଭାବେ ଯୋଗଦେଇ ମହାତ୍ମା ବୁଦ୍ଧ ଅହିଂସାର ପ୍ରତୀକ ଥିଲେ ବୋଲି ଅଭିହିତ କରିଥିଲେ। ବିଶ୍ୱନାଥ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହି ଦିବସ ପାଳନର ମହତ୍ୱ ପ୍ରତିପାଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକ୍ରମ ଛତର, ବଳିଷ୍ଠ ତାଣ୍ଡି ପ୍ରମୁଖ ଯୋଗଦେଇ ମହାତ୍ମା ବୁଦ୍ଧଙ୍କ ସ୍ମୃତି ଚାରଣ କରିଥିଲେ। ନାଗାର୍ଜୁନ ବୁଦ୍ଧବିହାର କମିଟି ଯୁଧିଷ୍ଠିର ବିଭାର, ବାଳମୁକୁନ୍ଦ ଜଗଦଲ୍ଲା, କମଲ ତାଣ୍ଡି, ସୁରେନ୍ଦ୍ର ତାଣ୍ଡି, ଆଶିଷ କୁମାର ସୁନା, ଭାବେନ୍ଦ୍ର ବିଭାର, ତପନ ଦରଦ ମେଘ, ବସନ୍ତ କୁମ୍ଭାର, ଆଶୁତୋଷ ଛତର, ବିକାଶ ବାଗ, ଅଭୟ ସାମଲ, ଅନ୍ତର୍ଯ୍ୟାମୀ ଗଡତିଆ, ଦିଲୀପ ନାଗ, ବିମଳ ନାଗ, ବୈକୁଣ୍ଠ ଜାଲ, ଅଚ୍ୟୁତ୍ ସର, ସଞ୍ଜୀବ ସୁନା, ପରେଶ ଚନ୍ଦ୍ର ବେହେରା, ଫକୀର, ବିକ୍ରମ ବାଗ, ବାବଲୁ ବିଭାର, ଉଦ୍ଧବ ମହାନନ୍ଦ, ଗୁରୁଚରଣ ହରିପାଲ, ଏବଂ କମିଟୀର ସମସ୍ତ ସଦସ୍ୟମାନେ ଓ ବଗେଇବିରା ଗ୍ରାମବାସୀ ତଥା ଅଞ୍ଚଳର ଅନେକ ଲୋକମାନେ ଯୋଗଦେଇଥିଲେ। ଏହି ସଭା ଆଶିଷ କୁମାର ସୁନା ପରିଚାଳନା କରିଥିଲେ। ସମ୍ପାଦକ ଅବିନାଶ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଚନ୍ଦନଯାତ୍ରା ଉଦ୍‌ଯାପିତ

**କେସିଙ୍ଗା,୨୩।୫(ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କାଣ୍ଡେଲ ଗ୍ରାମର ଲକ୍ଷ୍ମୀନୃସିଂହ ମନ୍ଦିର ପରିସରରେ ବୈଦ୍ୟରାଜ ସଦାନନ୍ଦନ ପୁଟେଲଙ୍କ ନେତୃତ୍ୱରେ ଗତ ସୋମବାରଠାରୁ ଚାଲିଥିବା ଚନ୍ଦନଯାତ୍ରା ଗୁରୁବାର ପୂର୍ଣ୍ଣାହୁତି ସହ ଶେଷହୋଇଛି। ଏହି ଉପଲକ୍ଷେ କଳସଯାତ୍ରା, ଅଧିବାସ, ଲକ୍ଷ୍ମୀନୃସିଂହଙ୍କ ଜନ୍ମ ଉତ୍ସବ, ମହାସ୍ନାନ, ବିବାହ ଉତ୍ସବ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାସହ ବଲାଙ୍ଗୀର ଜିଲା ପାଟଣାଗଡ଼ର ଦଣ୍ଡନୃତ୍ୟ, ଦେଓଗାଁର ପୌରାଣିକ ନାଟକ ସୀତାଚୋରି, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଯାତ୍ରା ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଚନ୍ଦନଯାତ୍ରାରେ କର୍ତ୍ତା ଭାବେ ସୁରେଶ ପୁଟେଲ ଓ ତାଙ୍କ ସ୍ତ୍ରୀ ସସ୍ମିତା ପୁଟେଲ କାର୍ଯ୍ୟ ତୁଲାଇଥିଲେ। ପୂଜକ ଭାବେ ପ୍ରଧାନ ଆଚାର୍ଯ୍ୟ ଶରତ କୁମାର ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ।

### ମହୁଲଗଛ ପଡ଼ି ମହିଳାଙ୍କ ମୃତ୍ୟୁ

**ଲାଞ୍ଜିଗଡ଼,୨୩।୫(ରମେଶ ଚନ୍ଦ୍ର ନାୟକ):** ମହୁଲଗଛ ପଡିବାରୁ ଚାପିହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ବେଥିଆପଡ଼ାର ରୁପଲି ମାଝି (୪୫)। ସୂଚନାକ୍ରମେ ବିଜେପୁର ଥାନା ଅଞ୍ଚଳରେ ବୁଧବାର ଅପରାହ୍ଣଠାରୁ କାଳବୈଶାଖୀ ପ୍ରଭାବରେ ବର୍ଷାପବନ ହୋଇଥିଲା। ଜୋରରେ ବର୍ଷାପବନ ଯୋଗୁ ରୁପଲି ଏକ ମହୁଲ ଗଛ ମୂଳରେ ଆଶ୍ରୟ ନେଇଥିଲେ। ହେଲେ ହଠାତ୍ ମହୁଲ ଗଛ ଭାଙ୍ଗି ଯିବା ଫଳରେ ଗଛ ତଳେ ଚାପି ହୋଇ ରୁପଲିଙ୍କ ମୃତ୍ୟୁ ଘଟିଥିଲା। ପୁଅ ରାମଚନ୍ଦ୍ର ମାଝି ଗୁରୁବାର ସକାଳେ ଏ ନେଇ ବିଜେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ରଘୁନାଥ ମାଝିଙ୍କ ନେତୃତ୍ୱରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭/୨୪) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### କାଳବୈଶାଖୀ: ଉଡ଼ିଗଲା ଘର ଆଜବେଷ୍ଟସ୍



**ଥୁଆମୂଳ ରାମପୁର,୨୩।୫(ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ମହୁଲପାଟଣାଠାରେ ଗୁରୁବାର କାଳବୈଶାଖିର ପ୍ରଭାବ ଦେଖିବାକୁ ମିଳିଛି। ଅପରାହ୍ଣ ସାଢେ ୪ଟା ସମୟରେ ଝଡ଼ବର୍ଷା ଯୋଗୁ ଗ୍ରାମପଞ୍ଚାୟତ ମୁଖ୍ୟାଳୟସ୍ଥିତ ବଗିଚାପଡ଼ା ବସ୍ତିର ଚନ୍ଦ୍ର ଦୁର୍ଗାଙ୍କ ଘରର ଆଜବେଷ୍ଟସ୍ ଉଡିଯାଇଛି। ଫଳରେ ଘରେ ଥିବା ଆସବାବପତ୍ର, ରାଶନ ସାମଗ୍ରୀ ନଷ୍ଟ ହୋଇଛି। ପରିବାର ବର୍ଗ ଘରେ ଥିବା ସମୟରେ ହଠାତ୍ ପବନ ଓ ଘଡଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ଆଜବେଷ୍ଟସ୍ ଉଡ଼ିଯିବା ପରେ ପରିବାର ଅସହାୟ ଅବସ୍ଥାରେ ରହିଛନ୍ତି। ଗରିବ ଶ୍ରେଣୀର ଏହି ପରିବାରକୁ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ବିପଦସଙ୍କୁଳ ଅବସ୍ଥାରେ କାଠଡଙ୍ଗାରେ ଯାତ୍ରା।

# ଆଶା ଓ ଆଶ୍ୱାସନାରେ ବିସ୍ଥାପିତ

- ୨୫ ବର୍ଷରେ ଇନ୍ଦ୍ରାବତୀ ଜଳଭଣ୍ଡାର
- ପୋଲ ନାହିଁ, କାଠଡଙ୍ଗା ଭରସା

**ଭବାନୀପାଟଣା,୨୩।୫ (ଉତ୍ତମ କୁମାର ଦାଶ)**



ବିସ୍ଥାପିତ ଏକ ଗ୍ରାମ।

କଳାହାଣ୍ଡିରେ ବହୁମୁଖୀ ଇନ୍ଦ୍ରାବତୀ ପ୍ରକଳ୍ପ ହେବା ପରେ ଅନେକଙ୍କ ପାଇଁ ବିକାଶର ସ୍ୱପ୍ନ ଦେଖିବାକୁ ସୁଯୋଗ ତିଆରି କରାଗଲା। ହେଲେ ପାହାଡ଼ ଶିଖରରେ ରହିଥିବା ମଣିଷମାନେ ନିଜର ଯୁଗ ଯୁଗର ଭିଟାମାଟି, ସବୁଜ ଜଙ୍ଗଲ, ଆରାଧ୍ୟ ଦେବତା ଓ ଜୀବନଜୀବିକାର ମାଧ୍ୟମକୁ ହରାଇଥିଲେ। ତଥାପି ଅନ୍ୟର ମଙ୍ଗଳ ପାଇଁ କୋହ ଓ ଲୁହକୁ ଚାପି ପ୍ରାୟ ୭୪ଖଣ୍ଡ ଗ୍ରାମର ୬୧୩୩ ପରିବାରଙ୍କୁ ଭିଟାମାଟି ଛାଡ଼ିବାକୁ ପଡ଼ିଲା। ଆର୍ଥିକ କଷ୍ଟ ମଧ୍ୟରେ ଜନ୍ମମାଟି ଖାଲି କରିବାକୁ ପଡୁଥିବା ଲୋକେ ଶେଷରେ ଜଳଭଣ୍ଡାର ପରିଧି ମଧ୍ୟରେ ପାହାଡ଼ି କ୍ଷେତ୍ରରେ ପୁଣି ଥରେ ଗ୍ରାମର ସେହି ପୁରୁଣା ନାମକୁ ନେଇ ନୂତନ ଗାଁ ବସାଇବାକୁ ବାଧହେଲେ। କାରଣ ସେତେବେଳର ସରକାରୀ ସହାୟତା ନୂତନ ଜୀବନ ଧାରଣ ପାଇଁ ସମୁଦ୍ରକୁ ଶଙ୍ଖେ ପାଲଟିଥିଲା।

୧୯୯୯ ମସିହାରେ ୧୧୦ ବର୍ଗ କି.ମି. ପରିବ୍ୟାପ୍ତ ଇନ୍ଦ୍ରାବତୀ ଜଳଭଣ୍ଡାର ସୃଷ୍ଟିହେବା ପରେ ବିଭିନ୍ନ ଟାପୁରେ ରହିଥିବା ଲୋକଙ୍କ ପାଇଁ ପ୍ରଥମକରି ସାମାଜିକ ଓ ଅର୍ଥନୀତି ଉପରେ ଗଭୀର ଛାପ ପଡ଼ିବା ଆରମ୍ଭ ହେଲା। ପରବର୍ତ୍ତୀ ଅବସ୍ଥାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ମୌଳିକ ଅଧିକାର ମଧ୍ୟ ଅପହଞ୍ଚ ହେବାରେ ଲାଗିଲା। ସେମାନଙ୍କ ପାଇଁ ଆରମ୍ଭ ହେଲା ଏକ ଅନିଶ୍ଚିତ ଜୀବନଯାତ୍ରା। ଅନେକ ସମୟରେ ସେମାନଙ୍କ ପାଇଁ କାଠଡଙ୍ଗା ହିଁ ଜୀବନରେଖା ପାଲଟିଲା। ଝାଡ଼ାବାନ୍ତି ମୃତ୍ୟୁ, କ୍ରମାଗତ ଡଙ୍ଗାବୁଡି ଲୋକଙ୍କ ଜୀବନଧାରଣ ମାନସିକତାକୁ ସମ୍ପୂର୍ଣ୍ଣ ଦୁର୍ବଳ କରିଦେଲା। ତଥାପି ଆଶା ସଞ୍ଚାର କଲା ଭଳି ସାମାନ୍ୟ ଆଶ୍ୱାସନା ସେମାନଙ୍କ ମନୋବଳକୁ ଦୃଢ଼ କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପ୍ରତାରଣା ପୁଣି ଥରେ ସେମାନଙ୍କୁ ଏକ ଅନ୍ଧାର ଭିତରକୁ ଟାଣିନେଇଥିଲା। ଜିଲାର ଥୁଆମୂଳ ରାମପୁର ବ୍ଲକ୍‌ର ଭୌଗୋଳିକ ପରିସୀମାକୁ ୨ଭାଗରେ ବାଣ୍ଟୁଥିବା ଇନ୍ଦ୍ରାବତୀ ଜଳଭଣ୍ଡାର ଉପରେ ଏକ ସେତୁ ନିର୍ମାଣ ପାଇଁ ୨୦୧୪ ମସିହାରୁ ପ୍ରସ୍ତୁତି ଆରମ୍ଭ ହେଲା। ୨୦୨୨ରେ ଚୁକ୍ତି ସ୍ୱାକ୍ଷରିତ ହୋଇ ୫୪.୯୯ କୋଟି ଟଙ୍କାର କାର୍ଯ୍ୟ ଆରମ୍ଭ ହେବା ସହ ୨୦୨୪ରେ ସେତୁ ପୂର୍ଣ୍ଣାଙ୍ଗ ହେବାର ପରିକଳ୍ପନା କରାଯାଇଥିଲା। କିନ୍ତୁ ସମୟ ସ୍ରୋତରେ ସବୁ କିଛି ଦୂରେଇଗଲା। ଏବେ ନିର୍ମାଣସ୍ଥଳୀରେ କାହାର ଦେଖା ମିଳୁ ନ ଥିବା ଲୋକଙ୍କ ଆଶଙ୍କାକୁ ବଢ଼ାଇବାରେ ଲାଗିଲାଣି। ସେହିପରି ଡି. ଚେପଟା ଘାଟରୁ କେ. ଚେପଟା ଘାଟ ପର୍ଯ୍ୟନ୍ତ ସଡ଼କ ସଂଯୋଗ ପାଇଁ ଗୋଲାଗାଡ଼ ନଦୀ ଉପରେ ଏକ ସେତୁ ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ଟେଣ୍ଡର ଚୂଡ଼ାନ୍ତ କରାଗଲା। କିନ୍ତୁ ଇତିମଧ୍ୟରେ ୪ବର୍ଷ ବିତିଯାଇଥିଲେ ମଧ୍ୟ ସେତୁ ନିର୍ମାଣ ପ୍ରକ୍ରିୟା ମୂଳଦୁଆରେ ହିଁ ଅଟକି ରହିଛି। ଏହା ପୂର୍ଣ୍ଣାଙ୍ଗ ହୋଇଥିଲେ ପୋଡ଼ାପଦର ପଞ୍ଚାୟତର ୧୬ଟି ଜଳବନ୍ଦୀ ଗ୍ରାମ ପାଇଁ ସଂଯୋଗ ବ୍ୟବସ୍ଥା ହେବା ସହ ରାୟଗଡ଼ା ଓ ନବରଙ୍ଗପୁର ଜିଲା ସଂଯୋଗ ହୋଇପାରିଥାନ୍ତା। ଏହିସବୁ ମୂଳ ଆବଶ୍ୟକତା ଲୋକଙ୍କ ପାଇଁ ମରୀଚିକା ପାଲଟିଥିବା ବେଳେ ଏବେ ଲୋକେ ଏହା ସରକାରଙ୍କ ବିକାଶ ନାମରେ ପ୍ରତାରଣା ବୋଲି କହିବା ଆରମ୍ଭ କଲେଣି।

## ଯକ୍ଷ୍ମା ଔଷଧ ଯୋଗାଇବାରେ ଅସଫଳ ସ୍ୱାସ୍ଥ୍ୟ ବିଭାଗ

**ନର୍ଲା,୨୩।୫(ସନ୍ତୋଷ ପାତ୍ର)**

କଳାହାଣ୍ଡି ଜିଲାରେ ଯକ୍ଷ୍ମା ରୋଗ ନିରାକରଣ ପାଇଁ ଔଷଧ ଯୋଗାଇବାରେ ସ୍ୱାସ୍ଥ୍ୟ ବିଭାଗ ଅସଫଳ ହୋଇଥିବା କେତେଜଣ ରୋଗୀ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ନର୍ଲା ବ୍ଲକରେ ପ୍ରାୟ ୪୯ ଜଣ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇ ଔଷଧ ସେବନ କରୁଛନ୍ତି। ପ୍ରାୟ ତିନିମାସ ଧରି ନର୍ଲା ଗ୍ରାମର ଦଶରଥ ଧଙ୍ଗଡା ମାଝି ନାମକ ଜଣେ ଯୁବକ ଯକ୍ଷ୍ମା ରୋଗରେ ପୀଡିତ ହୋଇ ଔଷଧ ସେବନ କରୁଥିଲେ। ଚଳିତ ନିର୍ବାଚନକୁ ନେଇ ରାଜ୍ୟ ସରକାରଙ୍କ ବ୍ୟସ୍ତତା ଭିତରେ ତିନିରୁ ଚାରିମାସ ହେଲା ସରକାରୀ କିମ୍ବା ବେସରକାରୀ ସ୍ତରରେ ଔଷଧ ମିଳୁ ନ ଥିବାରୁ ଯକ୍ଷ୍ମା ରୋଗୀମାନେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାରମ୍ଭିକ ସ୍ତରରେ ଡାକ୍ତର ରୋଗ ଚିହ୍ନଟ କରିବା ପରେ ରୋଗୀଙ୍କୁ ସୁଷମ ଖାଦ୍ୟ ସହିତ ପ୍ରାୟ ୬ରୁ ୮ମାସ ପର୍ଯ୍ୟନ୍ତ ଔଷଧ ଖାଇବାକୁପଡ଼ିଥାଏ। ଯଦି ରୋଗୀ ଗୋଟିଏ ଦିନ ଔଷଧ ଖାଇବାରେ ଅବହେଳା କରେ ତା'ହେଲେ ପୁନର୍ବାର ୬ମାସ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼ିଥାଏ। ଏଭଳି ସମୟରେ ରୋଗୀଙ୍କ ପାଇଁ ଔଷଧ ଜରୁରୀ ହୋଇପଡିଛି। ଏ ନେଇ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅକ୍ଷୟ କୁମାର ଗୋଛାୟତଙ୍କୁ ପଚାରିବାରୁ ସେ କହିଥିଲେ, ଓଡ଼ିଶାରେ ଯକ୍ଷ୍ମା ନିରାକରଣ ନିମିତ୍ତ ରାଜ୍ୟ ସରକାର ସବୁବେଳେ ତତ୍ପରତା ଦେଖାଇଥାନ୍ତି। କୌଣସି କାରଣବଶତଃ ଔଷଧ ରାଜ୍ୟ ସରକାର ଯୋଗାଇପାରି ନାହାନ୍ତି। ଏ ବିଷୟରେ ଜିଲା ସାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି ସେ କହିଥିଲେ।

## କଳାହାଣ୍ଡିରେ ଖୋଲିଲା ରବି ଧାନମଣ୍ଡି

**ଭବାନୀପାଟଣା,୨୩।୫ (ଉତ୍ତମ କୁମାର ଦାଶ)**

- ୩ ଦିନରେ ଉଠିଛି ୫୧.୫୬୪ କୁଇଣ୍ଟାଲ

ଚଳିତ ବର୍ଷ କଳାହାଣ୍ଡି ଜିଲାରେ ଗତ ସୋମବାରଠାରୁ ସରକାରୀ ଭାବେ ରବି (ଡାଳିଅ)ଚାଷ ପାଇଁ ମଣ୍ଡି ଆରମ୍ଭ ହୋଇଛି। ୩ ଦିନ ଅର୍ଥାତ ବୁଧବାର ସୁଦ୍ଧା ଜିଲାରେ ଥିବା ୧୫୫ ମଣ୍ଡିରୁ ମାତ୍ର ୫୬ଟି ଖୋଲିଛି। ଏହି ୩ ଦିନରେ ୭୩୫ ଚାଷୀଙ୍କ ୫୧.୫୬୪ କୁଇଣ୍ଟାଲ ଧାନ ଉଠାଣ ହୋଇଛି। ବୁଧବାର ଗୋଟିଏ ଦିନରେ ୫୫୮ ଜଣ ଚାଷୀଙ୍କ ୩୭ ହଜାର ୩୯୨ କୁଇଣ୍ଟାଲ ଧାନ ଉଠାଣ ହୋଇଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ ଜଣାପଡିଛି। ପ୍ରକାଶ ଯେ, ଚଳିତ ବର୍ଷ ଜିଲାରେ ରବି ଧାନ ପାଇଁ ସରକାରୀ ସ୍ତରରେ ୨୨ ଲକ୍ଷ ୧୫ ହଜାର ୬୪୭ କୁଇଣ୍ଟାଲ ଟାର୍ଗେଟ ରହିଛି। ବର୍ତ୍ତମାନ ସୁଦ୍ଧା ୬୭ ମିଲର୍ସ ମଧ୍ୟରୁ ୫୫ ଜଣ ମିଲର୍ସ ଧାନ ଉଠାଣ କରୁଛନ୍ତି। ବିଳମ୍ବରେ ମଣ୍ଡି ଖୋଲିବା ଯୋଗୁ ଦଲାଲମାନେ ପ୍ରାୟ ୧୭ଶହ ଟଙ୍କାରେ ଚାଷୀଙ୍କଠାରୁ ଧାନ କିଣି ଚାଲାଣ କରିବାରେ ଲାଗିଛନ୍ତି। ଧାନ ମଣ୍ଡିରେ କାଳବୈଶାଖୀ ଯୋଗୁ ଧାନ ଆଦ୍ରତା ଥିବା ଦର୍ଶାଇ ମିଲର୍ସମାନେ ଅଧିକ କଟ୍‌ନୀଛଟ୍‌ନୀ କରୁଥିବାରୁ ଚାଷୀମାନେ ମଣ୍ଡି ପ୍ରତି ଆଗ୍ରହ ଦେଖାଉନାହାନ୍ତି । ଅଧିକାଂଶ ମଣ୍ଡିରେ ଛାଉଣୀ ନ ଥିବାରୁ କାଳବୈଶାଖୀର ପ୍ରଭାବ ପଡୁଛି। କିଛିଦିନ ଗଳାପରେ ଦଲାଲ ଜରିଆରେ ଧାନ କିଣିଥିବା ମିଲର୍ସମାନେ ଫଲ୍ସ ଏଣ୍ଟ୍ରି କରି ନିୟମିତ କରିବା ପାଇଁ ମସୁଧା ଆରମ୍ଭ କରିଛନ୍ତି। ବର୍ତ୍ତମାନ ମଣ୍ଡି ପୂର୍ବରୁ ମିଲମାନଙ୍କୁ ଯାଇଥିବା ଧାନର ଷ୍ଟକ ଯାଞ୍ଚ ହେଉ ନ ଥିବାରୁ ମିଲର୍ସମାନଙ୍କୁ ପରୋକ୍ଷରେ ସୁରକ୍ଷା ଦିଆଯାଉଥିବା ଅଭିଯୋଗ ହୋଇଛି। ଗତ ଖରିଫ ଧାନ ମଣ୍ଡିବେଳେ ଟାର୍ଗେଟରୁ କମ ଧାନ କିଣାଯାଇଥିଲା। ବହୁ ଚାଷୀଙ୍କ ଧାନ ଦଲାଲ ଜରିଆରେ ଛତିଶଗଡ ଚାଲାଣ ହୋଇଥିଲା। ଅନ୍ୟପକ୍ଷରେ ନିର୍ବାଚନରେ ବ୍ୟସ୍ତ ଥିବା ଯୋଗୁ ଜିଲାପ୍ରଶାସନ ଓ ଯୋଗାଣ ବିଭାଗ ପକ୍ଷରୁ ଚଢାଉ କରା ନ ଯିବା ନେଇ ଭିନ୍ନ ମତ ପ୍ରକାଶ ପାଇଛି। ଜୁନ ୪ରେ ନିର୍ବାଚନ ଭୋଟ ଗଣତି ଥିବାରୁ ଏଥିରେ ପ୍ରଶାସନ ନିୟୋଜିତ ଥିବା ଯୋଗୁ ମଣ୍ଡି ବ୍ୟବସ୍ଥା ପ୍ରତି ଅଣଦେଖା ହେଉଥିବା ଚାଷୀମାନଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ତୁରନ୍ତ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହୋଇଛି।

## ରାସ୍ତା ପାଇଁ କେନାଲ ଲାଇନିଂ ଭାଙ୍ଗିଲା ଠିକାସଂସ୍ଥା

**କୋକସରା,୨୩।୫ (ଦୁଷ୍ମନ୍ତ କୁମାର ପାଟଯୋଷୀ)**



ଭଙ୍ଗାଯାଇଥିବା କେନାଲ ଲାଇନିଂ।

କଳାହାଣ୍ଡି ଜିଲା କୋକସରା ବ୍ଲକର ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀଚଞ୍ଚରାକୁ ବ୍ଲକ ସଦର ମହକୁମାଠାରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ୧୮କି.ମି. ରାସ୍ତା ନିର୍ମାଣ ପାଇଁ କଳାହାଣ୍ଡି ରାସ୍ତା ଓ କୋଠାବାଡି ବିଭାଗ ପକ୍ଷରୁ ଏକ ଠିକାସଂସ୍ଥାକୁ ୨୮ କୋଟି ୪୭ ଲକ୍ଷ ଟଙ୍କାର ଟେଣ୍ଡର ମିଳିଛି। ଏହା ମଧ୍ୟରେ ଠିକାସଂସ୍ଥା ରାସ୍ତା ନର୍ମାଣ କାର୍ଯ୍ୟ ଆରମ୍ଭ କରିଛି। ଠିକାସଂସ୍ଥା ଟେମେରା ମହିମା ରାସ୍ତାର କୁଟୁରୁ ନାଳା ଉପରେ ଥିବା କ୍ଷୁଦ୍ର ଜଳସେଚନ ବିଭାଗର କେନାଲ ଲାଇନିଂକୁ ଭାଙ୍ଗି ତା'ଉପରେ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରଖିଛି। ଏହି କେନାଲ ଦ୍ୱାରା ଖରିଫ ଓ ରବି ଚାଷ ପାଇଁ ମହିମା, ଟେମେରା, ହଂସପଡ଼ା, କର୍ଲାଗୁଡା ଅଞ୍ଚଳର ୮୦ରୁ ଊର୍ଦ୍ଧ୍ୱ ହେକ୍ଟର ଚାଷଜମିକୁ ଜଳସେଚନ ହୋଇଥାଏ। ଏବେ ଠିକାସଂସ୍ଥା କେନାଲ ଲାଇନିଂକୁ ଭାଙ୍ଗି ଦେଇଥିବାରୁ ଆଗକୁ ଜଳସେଚନ ପ୍ରଭାବିତ ହେବା ଆଶଙ୍କ କରି ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଚାଷୀମାନେ କୋକସରାଠାରେ

**ଜମିକୁ ଜଳସେଚନ ପ୍ରଭାବିତ ଆଶଙ୍କା, ଚାଷୀ ଅସନ୍ତୋଷ**

ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରିଥିଲେ। ହେଲେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଅଞ୍ଚଳର ଚାଷୀ ସୁଧୀର କୁମାର ପାତ୍ର, ରଜନୀକାନ୍ତ ପାତ୍ର, ମିନିକେତନ ସାହୁ, ଜୟଲାଲ ନାଏକ, କୈଳାଶ ଚନ୍ଦ୍ର ପାତ୍ର, ଜମ୍ଭେ ପ୍ରସାଦ ଚୌଧୁରୀ, ଲକ୍ଷ୍ମଣ ସତନାମୀ, ଈଶ୍ୱର ଚନ୍ଦ୍ର ସାହୁ, କେଦାର ମାଝି ପ୍ରମୁଖ କ୍ଷୁଦ୍ର ଜଳସେଚନ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି। ତେବେ ଆଗାମୀ ଦିନରେ ଠିକାସଂସ୍ଥା କିମ୍ବା ବିଭାଗୀୟ ଅଧିକାରୀ ଚାଷୀଙ୍କୁ ଜଳସେଚନ ସୁବିଧାରୁ ବଞ୍ଚିତ କଲେ ଆନ୍ଦୋଳନ କରିବାକୁ ଚାଷୀମାନେ ଚେତାବନୀ ଦେଇଛନ୍ତି। ଏ ନେଇ କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ବଷ୍ଟି ବାଗଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ରାସ୍ତା ନର୍ମାଣକାରୀ ବିଭାଗକୁ ଚିଠି କରାଯିବା ସହ ରାସ୍ତା ଓ କୋଠାବାଡି ବିଭାଗ ପକ୍ଷରୁ ଚାଷୀଙ୍କ ଜମିକୁ ଜଳସେଚନ ପାଇଁ ଭଙ୍ଗାଯାଇଥିବା କେନାଲ ଲାଇନିଂ ମରାମତି କରାଯିବ ଏବଂ ଖରିଫ ଚାଷ ପୂର୍ବରୁ ଜଳସେଚନ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ଡୁଆଝର ଗ୍ରାମବାସୀ ଧାରଣାରୁ ଓହରିଲେ

**ଖଡ଼ିଆଳ,୨୩।୫ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ଥାନା ଅନ୍ତର୍ଗତ ଡୁଆଝର ଗ୍ରାମର ଦଶମ ଶ୍ରେଣୀର ଛାତ୍ର କୁନାଲ ମେହେର ଗତ ମେ' ୧୩ରେ ବିଜୁଳି ଆଘାତରେ ଗୁରୁତର ହୋଇ ରାୟପୁରଠାରେ ଜୀବନ ସହିତ ସଂଗ୍ରାମ କରୁଛନ୍ତି। ତାଙ୍କର ଚିକିତ୍ସା ସହାୟତା ଦାବି ନେଇ ଗ୍ରାମବାସୀ ୨୨ ତାରିଖ ସକାଳ ୯ଟାରୁ ଖଡ଼ିଆଳ ସିନାପାଲି ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ସେମାନଙ୍କ ଦୁଇଟି ଦାବି ପୂରଣ ହେବା ପରେ ଗୁରୁବାର ଅପରାହ୍ଣରେ ରାସ୍ତା ଅବରୋଧ ହଟିଛି। ପ୍ରଥମ ଦାବି ଅନୁସାରେ ଶୁକ୍ରବାରଠାରୁ ୩୩ କେଭି ବିଦ୍ୟୁତ୍ ତାରକୁ ଜନବସତିଠାରୁ ଦୂରକୁ ଘୁଞ୍ଚାଇବା କାର୍ଯ୍ୟ ଆରମ୍ଭ ହେବ। ଦ୍ୱିତୀୟ ଦାବି ଚିକିତ୍ସା ସହାୟତା ବାବଦକୁ ପୀଡିତଙ୍କ ପିତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ମେ' ମାସ ଶେଷସୁଦ୍ଧା ଦୁଇ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ବିଦ୍ୟୁତ୍ ବିଭାଗ ଲିଖିତ ଭାବେ ଜଣାଇଛି।

## ଭୋଟ ଗଣତି ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି

**ଭବାନୀପାଟଣା,୨୩।୫ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଲୋକ ସଭା ଓ ୫ ବିଧାନସଭା ପାଇଁ ଆସନ୍ତା ଜୁନ ୪ରେ ଭୋଟ ଗଣତି ହେବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଭୋଟ ଗଣତି ୨ଟି ସ୍ଥାନରେ ହେବ। ଭବାନୀପାଟଣା ସହରସ୍ଥିତ ମା'ମାଣିକେଶରୀ ବିଶ୍ୱବିଦ୍ୟାଳୟର ସାଇନ୍ସ ବ୍ଲକଠାରେ ଭବାନୀପାଟଣା, ଲାଞ୍ଜିଗଡ଼ ଓ ନର୍ଲା ବିଧାନସଭା ପାଇଁ ଭୋଟ ଗଣତି ହେବ। ସେହିପରି ଧର୍ମଗଡ଼ ପଞ୍ଚାୟତ ମହାବିଦ୍ୟାଳୟଠାରେ ଜୁନାଗଡ଼ ଓ ଧର୍ମଗଡ଼ ବିଧାନସଭା ପାଇଁ ଭୋଟ ଗଣତି ହେବ। ପ୍ରତି ନିର୍ବାଚନ ମଣ୍ଡଳୀ ପାଇଁ ଗୋଟିଏ କାଉଣ୍ଟିଂ ହଲ ଓ ପ୍ରତି ହଲରେ ୧୪ଟି ଟେବୁଲ ରହିବ। ସମୁଦାୟ ପ୍ରାୟ ୨୨ ରାଉଣ୍ଡ ଭୋଟ ଗଣତି ହେବ। ପୋଷ୍ଟାଲ ଭୋଟିଂ ଓ ହୋମ ଭୋଟିଂ ନିମନ୍ତେ ପ୍ରତି ବିଧାନସଭା ପାଇଁ ଗୋଟିଏ କାଉଣ୍ଟିଂ ହଲ,ଗୋଟିଏ ଇଟିପିବି ସ୍କାନର ସହିତ ପ୍ରତ୍ୟେକ କାଉଣ୍ଟିଂ ହଲରେ ୪ଟି କାଉଣ୍ଟିଂ ଟେବୁଲ ଦ୍ୱାରା ଭୋଟ ଗଣତି ହେବ। ସକାଳ ୮ଟାରୁ ପ୍ରଥମେ ହୋମ ଭୋଟିଂ ଓ ପୋଷ୍ଟାଲ ବାଲାଟ ଏବଂ ପରେ ଇଭିଏମ୍ ଭୋଟ ଗଣତି ଆରମ୍ଭ ହେବ।

## ବାଇକ୍ ଡିକିରୁ ଟଙ୍କା ଲୁଟ୍

**ଖଡ଼ିଆଳ,୨୩।୫ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଫୋକଟପଡ଼ାର ଅହମ୍ମଦ ଅଲ୍ଲୀ ଖଡ଼ିଆଳ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରୁ ୧ଲକ୍ଷ ୫୦ହଜାର ଟଙ୍କା ଉଠାଇ ନିଜ ବାଇକ୍ ଡିକିରେ ରଖିଥିଲେ। ସେଠାରୁ ସେ ଘରକୁ ଫେରୁଥିବାବେଳେ ଶ୍ୟାମକୁଞ୍ଜ ଲାର୍ଜ ସମ୍ମୁଖରେ ଥିବା ପାନ ଦୋକାନରେ ଅଟକି କୌଣସି ସାମଗ୍ରୀ କିଣୁଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ବାଇକ୍ ଡିକିଭାଙ୍ଗି ଟଙ୍କାତକ ଲୁଟିନେଇଥିବା ଅହମ୍ମଦ ଥାନାରେ ଅଭିଯୋଗ କରିଥିଲେ। ସିସିଟିଭି ଦେଖି ପୋଲିସ ଦୁଇଜଣ ଯୁବକଙ୍କୁ ଅଟକ ରଖି ପଚରା ଉଚରା କରୁଥିବା ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆ ପ୍ରକାଶ କରିଛନ୍ତି।

## ବେହେରାରେ ଷୋହଳପ୍ରହର ନାମଯଜ୍ଞ

**ବେହେରା,୨୩।୫(ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ବେହେରାଠାରେ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନିମିତ୍ତ ବୁଧବାର କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ଶତାଧିକ ମହିଳା ସାମିଲ ହୋଇଥିଲେ। ପୂଜକ ଭାବରେ ଜ୍ୟୋତିର୍ବିଦ ଭୂପେଶ ତିୱାରୀ ଓ ଅନ୍ୟ ୫ଜଣ ପୂଜକ ଓ କର୍ତ୍ତା ରୂପରେ ତ୍ରିନାଥ ଗୋପାଳ, ସ୍ତ୍ରୀ ସୁତୟା ଗୋପାଳ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଗୁରୁବାର ସକାଳ ୬ଟାରେ ମହାମନ୍ତ୍ର ଆରମ୍ଭହୋଇ ଶନିବାର ୬ଟାରେ ସମାପନ ହେବ। ନାମଯଜ୍ଞରେ ମୋଟ ୮ ଗୋଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଛନ୍ତି। ନାମ ସମାପନ ପରେ ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ସହ ଦଧିହାଣ୍ଡିକୁ ନଗର ପରିକ୍ରମା କରାଯାଇ ପୂର୍ଣ୍ଣାହୁତି କରାଯିବ। ନାମଯଜ୍ଞ କମିଟି ସଭାପତି ମଣ୍ଟୁ ଅଗ୍ରୱାଲ, ସମ୍ପାଦକ ମୁନା ନାଏକ, କୋଷାଧ୍ୟକ୍ଷ ହେମାଳଚନ୍ଦ୍ର ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଳରାମ ପୂଜାରୀ, ଶିକ୍ଷାବିତ ତୁଳସିରାମ ବାରିକ, ସାମାଜିକ କର୍ମୀ ବବଲୁ ଅଗ୍ରୱାଲଙ୍କ ସମେତ ବେହେରା ଗ୍ରାମବାସୀ ସହଯୋଗ କରୁଛନ୍ତି।



କଳସଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ।

## ମୃତଦେହ ବଦଳରେ ଅଖାରୁ ବାହାରିଲା ତମ୍ବା ତାର

**ଲାଞ୍ଜିଗଡ଼,୨୩।୫(ରମେଶ ଚନ୍ଦ୍ର ନାୟକ)**

ମୃତଦେହ ଭାବି ପୋଲିସ ତଦନ୍ତ କଲା। ହେଲେ ଅଖାରୁ ବାହାରିଲା ତମ୍ବାତାର। ଏଭଳି ଏକ ଦୃଶ୍ୟ କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଟାଙ୍ଗନକଣା ଅଞ୍ଚଳରେ ଦେଖିବାକୁ ମିଳିଛି। ସୂଚନାକ୍ରମେ ଲାଞ୍ଜିଗଡ ଥାନା ଟାଙ୍ଗନକଣା ଡ୍ୟାମ ନିକଟ ରାସ୍ତା କଡରେ ଏକ ଅଖା ପଡିଥିବାବେଳେ ପାଖରେ ରକ୍ତଛିଟା ଦେଖି ଶାଗ ତୋଳିବାକୁ ଯାଇଥିବା କେତେଜଣ ମହିଳା ଗାଁ ଲୋକଙ୍କୁ ଜଣାଇଥିଲେ। ଖବର ପାଇ ଲାଞ୍ଜିଗଡ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏପରି କି ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତା ନିଆଯାଇଥିଲା। ଅଖା ଖୋଲାଯିବାରୁ ସେଥିରୁ ପ୍ରାୟ ୨୦ କିଲୋଗ୍ରାମ ଓଜନର ତମ୍ବାତାର ବାହାରିଥିଲା। ତେବେ ରକ୍ତଛିଟାକୁ ନେଇ ପୋଲିସର ସନ୍ଦେହ ବଢିଥିଲା। ପାଖରେ ଥିବା ୧୧ କେଭି ବିଦ୍ୟୁତ୍ ତାରରୁ ଏହି ତାରକୁ ସଂଯୋଗ କରି ବନ୍ୟଜନ୍ତୁ ଶିକାର ପାଇଁ ତାର ବିଛାଯାଇଥିବା ଜଣାପଡିଥିଲା।

## ବୈଶାଖ ଚତୁର୍ଦ୍ଦଶୀ ରାଣୀମହାସ ମେଳା ଉଦ୍‌ଯାପିତ

**ନୂଆପଡ଼ା,୨୩।୫ (ମକାରୁ ବେମାଲ)**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ମିଛାପାଳି ପଞ୍ଚାୟତ ଖୋଳିଗାଁସ୍ଥିତ ରାଣୀମହାସ ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବୈଶାଖ ଚତୁର୍ଦ୍ଦଶୀ ଦିନ ମେଳା ଆରମ୍ଭ ହୋଇ ପୂର୍ଣ୍ଣିମାରେ ସମାପନ ହୋଇଛି। ଏଠାରେ ଥିବା ଗୁପ୍ତଗଙ୍ଗାରେ ବୁଡ ପକାଇବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଚତୁର୍ଦ୍ଦଶୀ ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ୬ ଗୋଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ମାନସିଂ ଧରୁଆ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଭାବରେ ରହିଥିବା ବେଳେ ଶୁଶିଳ ତ୍ରିପାଠୀ ପୂଜକ ଓ ରିଙ୍କୁ ଦାସ ଜପକ ଭାବରେ କାର୍ଯ୍ୟ ତୁଲାଇଥିଲେ। ଦୂରଦୂରାନ୍ତରୁ ଆସିଥିବା ଭକ୍ତଙ୍କ ପାଇଁ ଅନ୍ନଛତ୍ର ଖୋଲାଯାଇଥିଲା। ଖୋଳିଗାଁ, ମଝାଗାଁ ଓ ହଲୁଆପାଲି ଗାଁର ଲୋକେ ସମସ୍ତ ଦାୟିତ୍ୱ ବହନ କରିଥିଲେ। ପୂଜା କମିଟି ସଭାପତି ରାଜକୁମାର ଧରୁଆ, ଉପସଭାପତି ଦୁଃଶାସନ ମାଝି, ଯୁଜେଷ୍ଟି ମାଝି, ଆର୍ତ୍ତତ୍ରାଣ ମାଝି, ଜୟ ପ୍ରକାଶ ମାଝି ଆୟୋଜକ ଥିଲେ।



ଗୁପ୍ତଗଙ୍ଗା ଦର୍ଶନ ପାଇଁ ଭକ୍ତମାନେ ପାହାଡ ଉପରକୁ ଯାଉଛନ୍ତି ।

## ସଂକ୍ଷେପରେ

### ବିଦ୍ୟାଳୟରୁ ଲୁଟିନେଲେ ଶୌଚାଳୟ ସାମଗ୍ରୀ

**ରାଉରକେଲା,୨୩ା୫(ଦିନେଶ ମିଶ୍ର):** ପ୍ଲାଣ୍ଟ ସାଇଟ୍ ଥାନା ଅନ୍ତର୍ଗତ ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶୌଚାଳୟରୁ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ବିଭିନ୍ନ ସାମଗ୍ରୀ ଲୁଟ୍‌କରି ଫେରାର ହୋଇଯାଇଛନ୍ତି। ଏନେଇ ପ୍ଲାଣ୍ଟ ସାଇଟ ପୋଲିସ ନଂ. ୧୭୬/୨୪ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଉଲ୍ଲେଖଯୋଗ୍ୟ, ବିଦ୍ୟାଳୟ ପରିସରରେ ଥିବା ଶୌଚାଳୟର କବାଟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସେଠାରେ ଲାଗିଥିବା ବେସିନ୍ ପାଇପ୍ ସହ ୩ଟି ଷ୍ଟିଲ ପାଣି ଟ୍ୟାପ୍ ଓ ଅନ୍ୟାନ୍ୟ ବହୁ ସାମଗ୍ରୀ ଚୋରି କରି ଫେରାର ହୋଇଯାଇଛନ୍ତି। ଗୁରୁବାର ସକାଳେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ରାଉତ ବିଦ୍ୟାଳୟକୁ ଆସି ତାଲା ଖୋଲିବା ବେଳକୁ ଶୌଚାଳୟ କବାଟ ଭଙ୍ଗାଯାଇଥିବା ଦେଖି ପୋଲିସକୁ ଖବର ଦେଇଥିଲେ।

### ଟ୍ରାକ୍ଟର ଓଲଟି ଚାଳକ ମୃତ

**ରାଉରକେଲା,୨୩ା୫(ଦିନେଶ ମିଶ୍ର):** ବିଶ୍ରା ଥାନା ଅନ୍ତର୍ଗତ ସୁଇଡା ଗ୍ରାମରେ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକ ହେଲେ ବିଶୁ ଓରାମ(୨୮)। ସୂଚନାଯୋଗ୍ୟ, ବିଶ୍ରା ସୁଇଡା ଗ୍ରାମର ବିଶୁ ସ୍ଥାନୀୟ ଅଞ୍ଚଳରେ ଟ୍ରାକ୍ଟର ଚଳାଇ ନିଜର ପରିବାର ପୋଷଣ କରନ୍ତି। ବୁଧବାର ବିଶୁ ଠେଟେଇପୋଷରୁ ମାଟି ଲୋଡ୍ କରି ଆଣୁଥିବାବେଳେ ହଠାତ୍ କୌଣସି କାରଣରୁ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ବିଶୁ ଉକ୍ତ ଟ୍ରାକ୍ଟର ତଳେ ଚାପିହୋଇଯାଇଥିବାରୁ ତାଙ୍କ ମୁଣ୍ଡ ଓ ଛାତିରେ ଖୁବ୍ ଜୋରରେ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ବିଶ୍ରା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆର୍‌ଜିଏଚ୍‌କୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ରାଉରକେଲା,୨୩ା୫(ଦିନେଶ ମିଶ୍ର):** ଜଲଦା ଫାଣ୍ଡି ଅନ୍ତର୍ଗତ ଜଲଦା ବି' ବ୍ଲକ୍‌ରେ ରହୁଥିବା ଜଣେ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ମୃତକ ହେଲେ ଲିନଫ କିଷାନ(୪୫)। ଏନେଇ ରଘୁନାଥପାଲି ଥାନାରେ ୫୩/୨୪ ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଲିଜୁସ ଠିକା ଶ୍ରମିକଭାବେ ରାଉରକେଲା ତଥା ଆଖପାଖ ଅଞ୍ଚଳରେ କାମ କରି ପରିବାର ପ୍ରତିପୋଷଣ କରନ୍ତି। ବୁଧବାର ଅପରାହ୍ନରେ ପାଖରେ ଥିବା ଖଳାରେ କାମ କରୁଥିବା ବେଳେ ତାଙ୍କ ମୁଣ୍ଡ ବୁଲାଇଥିଲା। ଫଳରେ ସେ ତଳେ ପଡି ଅଚେତ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ଆରଜିଏଚରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଲିନଫଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି।

### ସମସ୍ତ ଭୋଟରଙ୍କୁ ସାଧୁବାଦ ଜଣାଇଲେ ନରସିଂହ

**ରାଉରକେଲା,୨୩ା୫(ଦିନେଶ ମିଶ୍ର):** ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ନରସିଂହ ମିଞ୍ଜ୍ ସମସ୍ତ ଭୋଟରଙ୍କୁ ସାଧୁବାଦ ଜଣାଇଛନ୍ତି। ଚଳିତ ନିର୍ବାଚନରେ ନରସିଂହଙ୍କୁ ରାଜଗାଙ୍ଗପୁର ଅଞ୍ଚଳର ବିଭିନ୍ନ ଭୋଟର ଓ ଦଳୀୟ କର୍ମକର୍ତ୍ତାଙ୍କ ସହଯୋଗ ମିଳିଥିଲା। ନରସିଂହ ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଓ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ଭାବେ ପରିଚାଳନା କରିଥିବା ଦଳୀୟ କର୍ମୀ, ବରିଷ୍ଠ ନେତା, ବିଭିନ୍ନ ସମାଜସେବୀ ଅନୁଷ୍ଠାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ପାଣି ପାଇପ୍ ମରାମତି ପାଇଁ ୱାଟକୋ ଅଧିକାରୀଙ୍କୁ ଭେଟିଲେ ବସ୍ତିବାସୀ

**ରାଉରକେଲା,୨୩ା୫,(ଦିନେଶ ମିଶ୍ର)**



ସହରରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଫଳରେ ବିଭିନ୍ନ ନଦୀ,ନାଳ ଶୁଖିଯାଇଥିବାବେଳେ ବିଭିନ୍ନ ବସ୍ତିରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏମିତିକି ସହରର କିଛି ବସ୍ତିରେ ପାଣି ପାଇପ ଲାଇନ ବିଛା ହୋଇଥିଲେ ମଧ୍ୟ ଉକ୍ତ ପାଇପ୍‌ରେ ପାଣି ଆସୁ ନ ଥିବା ନେଇ ଅଭିଯୋଗ ହୋଇଛି। ଏଭଳି ଦୃଶ୍ୟ ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ-୨୭ ସ୍ଥିତ ଲାଲବିଲଡିଙ୍ଗ ଅଞ୍ଚଳରେ ଦେଖିବାକୁ ମିଳିଛି। ରାଉରକେଲା ଲାଲବିଲଡିଙ୍ଗ ଅଞ୍ଚଳରେ ପ୍ରାୟ ୭ଶହରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ଉକ୍ତ ବସ୍ତିକୁ ୨୦୨୩ରେ ଡ୍ରିଙ୍କ୍ ଫର୍ମ ଟ୍ୟାପ ଯୋଜନାରେ ପାଣିପାଇପ୍ ବିଛା ଯାଇଥିଲା। ଏହାର ୨ମାସ ପରେ ବସ୍ତିକୁ ପାଣି ଆସିଲା। ପରେ ବସ୍ତିରେ ସ୍ୱରେଜ ଲାଇନ କାର୍ଯ୍ୟପାଇଁ ରାସ୍ତାଘାଟ ଖୋଳା ଯାଇଥିବାରୁ ଏହି ପାଣି ପାଇପ୍ ଗୁଡିକ ଉକ୍ତ ସମୟରେ କୌଣସି କାରଣରୁ ଭାଙ୍ଗି ଯାଇଥିଲା। ସ୍ଥାନୀୟ ଲୋକେ ପାଣିପାଇଁ ନିଜେ ଟଙ୍କା ଖର୍ଚ୍ଚ କରି ପାଣିପାଇପ୍ ମରାମତି କରି ଏହାକୁ ବ୍ୟବହାର କରୁଛନ୍ତି। ହେଲେ ଆଜିକୁ

#### ୭ ଦିନ ମଧ୍ୟରେ ହେବ ସମାଧାନ ପ୍ରତିଶ୍ରୁତି

ପ୍ରାୟ ୪ ମାସ ଧରି ଉକ୍ତ ବସ୍ତିକୁ ସଂଯୋଗ ହୋଇଥିବା ପାଇପ୍‌ରେ ପାଣି ଆସୁନାହିଁ। ଯାହାକୁ ନେଇ ବସ୍ତିବାସୀ ଉଦିତନଗର ସ୍ଥିତ ୱାଟକୋ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ଉକ୍ତ ପାଣିପାଇପ୍‌କୁ ମରାମତି ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଏନେଇ ୱାଟକୋ ଅଧିକାରୀ ବସନ୍ତ ଡାକୁଆଙ୍କୁ ପଚାରିବାରୁ, ଲାଲବିଲଡିଙ୍ଗ ଅଞ୍ଚଳରେ ପାଇପ୍ ମରାମତି ସମସ୍ୟାକୁ ଆମେ ତଦାରଖ କରିବୁ। ଆସନ୍ତା ୭ ଦିନ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ସେ କହିଥିଲେ। ଏହି ବିକ୍ଷୋଭରେ ଦୁର୍ଗା ମାଝି, ପୂଜା ନାୟକ, ରେବତୀ ବଡାଇକ, ରେଶମା ବାନୋ, ଫୁଲମଣି ତନ୍ତୀଙ୍କ ସହ ବହୁ ବସ୍ତିବାସୀ ଉପସ୍ଥିତ ଥିଲେ।

# ସହର ଅପେକ୍ଷା ଗ୍ରାମାଞ୍ଚଳରେ ଅଂଶୁଘାତ ରୋଗୀ ଅଧିକ

**ରାଉରକେଲା, ୨୩ା୫(ସଙ୍ଗୀତା ଜେନା)**

ଗ୍ରୀଷ୍ମ ପ୍ରବାହ ଯୋଗୁ ଅଂଶୁଘାତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)ରେକର୍ଡ ଅନୁଯାୟୀ, ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଅଂଶୁଘାତ ରୋଗୀ ଅଧିକ ରହିଛନ୍ତି। ଏପ୍ରିଲରେ ୩୦ ଓ ମେ ରେ ବାର୍ତ୍ତମାନ ପର୍ଯ୍ୟନ୍ତ ୩୯ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ବୁର୍ଲା, ଜେପି ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ସମସ୍ତେ ସୁସ୍ଥ ହୋଇ ଫେରୁଛନ୍ତି। ଆର୍‌ଜିଏଚ୍ ପରିଚାଳକ ମୋହିତ ଶ୍ରୀବାସ୍ତବଙ୍କ କହିବା ଅନୁସାରେ, ଗ୍ରାମାଞ୍ଚଳରେ ଅଂଶୁଘାତ ପାଇଁ ସରକାରୀ ନିୟମାବଳୀକୁ ନେଇ ସଚେତନତା ନାହିଁ। ଲୋକେ ଖରାକୁ ଖାତିର ନ କରି ଚାଷବାସ ଓ ଅନ୍ୟ କାର୍ଯ୍ୟରେ ଲାଗୁଛନ୍ତି। ଯାହା ଫଳରେ ଅଂଶୁଘାତର ଶୀକାର ହେଉଛନ୍ତି। ଅପରପକ୍ଷରେ ସହରାଞ୍ଚଳରେ ଲୋକେ ଏୟାରକଣ୍ଡିସନ୍ ଓ କୁଲରରେ ଅଧିକ ସମୟ ରହୁଛନ୍ତି। ଖରା ପ୍ରଚଣ୍ଡ ଥିବା ସମୟରେ ଲୋକେ ବାହାରକୁ ଯାଉନାହାଁନ୍ତି। ଯାହାଦ୍ୱାରା ସେମାନେ ଅଂଶୁଘାତରୁ ବର୍ତ୍ତି ଯାଉଛନ୍ତି ବୋଲି ଶ୍ରୀବାସ୍ତବ କହିଥିଲେ। ସେହିପରି ଅଂଶୁଘାତ ୱାର୍ଡର ଇନଚାର୍ଜ ଉର୍ବଶୀ ତ୍ରିପାଠୀ କହିଛନ୍ତି, ଚଳିତ ବର୍ଷ ଅଧିକ ରୋଗୀ ବଣେଇ ଓ ରାଉରକେଲା ପାରିପାର୍ଶ୍ୱିକ ଅଞ୍ଚଳରୁ ଆସୁଛନ୍ତି। ଆର୍‌ଜିଏଚ୍ ପକ୍ଷରୁ ଚଳିତ ବର୍ଷ ଏକ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି। ଓଆର୍‌ଏସ୍ କର୍ଣ୍ଣରରେ ରୋଗୀଙ୍କୁ ସହଜରେ ଓଆର୍‌ଏସ୍ ଯୋଗାଇ ଦିଆଯାଉଛି। ଏହାବ୍ୟତୀତ ନିରନ୍ତର ରୋଗୀ ସେବା ପାଇଁ ୨ ଜଣ ଅଭିଜ୍ଞ ଡାକ୍ତର ରହିଛନ୍ତି। ଅଂଶୁଘାତରେ ଉନ୍ନତମାନର ପ୍ରତିକାର ଗ୍ରହଣ କରାଯାଉଛି। ୧୦ ବର୍ଷରୁ ରାଉରକେଲା ସରକାରୀ ଡାକ୍ତରଖାନାର କ୍ୟାବିନ୍ ବ୍ଲକରେ ସ୍ୱତନ୍ତ୍ର ଭାବେ ଏହି ୱାର୍ଡରେ ଚିକିତ୍ସା କରାଯାଉଛି ବୋଲି ତ୍ରିପାଠୀ କହିଥିଲେ।

# କିକ୍ ବକ୍ସିଂ ଚାମ୍ପିୟନଶିପ ପାଇଁ ଟିମ୍ ରବାନା




ଅତିଥିଙ୍କ ଗହଣରେ ଟିମ୍‌ରେ ଭାଗନେଇଥିବା ଖେଳାଳି।

**ବନ୍ଧମୁଣ୍ଡା,୨୩ା୫(ସୁବ୍ରତ ଦେ)**

ମହାରାଷ୍ଟ୍ରର ପୁଣେ ସହର ବାଲେୱାଡି ସ୍ଥିତ ବକ୍ସିଂ ହଲ୍‌ରେ ଆୟୋଜିତ ୱାକୋ ଇଣ୍ଡିଆ ଚିଲ୍ଡରେନ ଆଣ୍ଡ କ୍ୟାଡେଟ ନ୍ୟାଶନାଲ କିକ୍ ବକ୍ସିଂ ଚାମ୍ପିୟନଶିପରେ ଭାଗନେବା ପାଇଁ ସୁନ୍ଦରଗଡ଼ କିକ୍ ବକ୍ସିଂ ଦଳ ରବାନା ଚୟନ ହୋଇଛି। ଏହି ଦଳରେ ମୋଟ ୧୧ ଜଣ ଖେଳାଳି ସାମିଲ ଅଛନ୍ତି। ସେମାନେ ହେଲେ ଅନିଶ ଓରାମ, ଅତୁଲ ଓରାମ, ସୁରଜ ସିଂ, ରୁହି ସିଂ, ଜୋଶୁଆ ଖେସ୍, କୃଷ୍ଣ ନନ୍ଦ ସିଂ, ସାତୀ ପାହନ, ରିୟା ସାହୁ, ନୈତିକ ଜଗଦଳାଙ୍କ ସମେତ ଟିମ୍ ପ୍ରଶିକ୍ଷକ ଅଶୋକ କୁନ୍‌ୱର, ରେଫରି ରବୀନ୍ଦ୍ର କୁମାର ସିଂ। ଟିମ୍ ସଚିବ ବିଚିତ୍ର ନାରାୟଣ ଜେନା କହିଛନ୍ତି, ସୁନ୍ଦରଗଡ଼ କିକ୍ ବକ୍ସିଂ ଦଳର ଖେଳାଳିମାନେ କ୍ରମାଗତ ଭାବେ ଜାତୀୟ ତଥା ଅନ୍ତର୍ଜାତୀୟ କିକ୍ ବକ୍ସିଂ ଚାମ୍ପିୟନଶିପରେ ଅଂଶଗ୍ରହଣକରି ସ୍ୱର୍ଣ୍ଣ, ବ୍ରୋଞ୍ଜ ଏବଂ ସିଲ୍‌ଭର ପଦକ ଜିତିଛନ୍ତି। ମୁଁ ଆଶା କରୁଛି, ଏଥର ମଧ ଦଳର ସମସ୍ତ ଖେଳାଳି ଭଲ ଖେଳ ପ୍ରଦର୍ଶନକରି ସୁନ୍ଦରଗଡ଼ ଜିଲା ଏବଂ ଓଡ଼ିଶାର ଗୌରବ ବଢ଼ାଇବେ। ଏହି ଅବସରରେ ବନ୍ଧମୁଣ୍ଡା ବି ସେକ୍ଟର ସ୍ଥିତ ଖେଳ ପଡ଼ିଆରେ ସମସ୍ତ ଖେଳାଳିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସୁନ୍ଦରଗଡ଼ କିକ୍ ବକ୍ସିଂ ଦଳର ସଚିବ ତଥା ମୁଖ୍ୟ ପ୍ରଶିକ୍ଷକ ବିଚିତ୍ର ନାରାୟଣ ଜେନା, ଅନ୍ତର୍ଜାତୀୟ ରେଫରି ସଞ୍ଜୀବ ଖେସ, ଅନ୍ତର୍ଜାତୀୟ ରେଫରି ବିଲୁ ତିର୍କୀ, କ୍ରୀଡ଼ାପ୍ରେମୀ ମନୋଜ କୁମାର ପ୍ରଧାନ, ରତିଆ ଏକ୍କା, ଦୀନେଶ କୁମାର, ରଣଜିତ କୁଜୁର ପ୍ରମୁଖ ଉପସ୍ଥିତ ଥିଲେ।

### ପର୍ଶୁରାମଙ୍କ ତିରୋଧାନ ବାର୍ଷିକ ଉତ୍ସବ ଉଦ୍‌ଯାପିତ

**ରାଉରକେଲା,୨୩ା୫,(ଦିନେଶ ମିଶ୍ର)**

ବାସନ୍ତୀ କଲୋନୀ ସ୍ଥିତ କଳ୍ପତରୁ ସେବାଶ୍ରମ ପକ୍ଷରୁ ଶ୍ରୀପାଦ ବାୟା ବାବାଙ୍କ ଆଶ୍ରିତ ସ୍ୱର୍ଗତ ପର୍ଶୁରାମ ପଣ୍ଡାଙ୍କ ତୃତୀୟ ବାର୍ଷିକ ତିରୋଧାନ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରାତଃ ସମୟରେ ବାବାଜୀ ଶ୍ୟାମାନନ୍ଦ ଦାସ, ସଚ୍ଚିଦାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ସାମୂହିକ ଭଗବତ ପାଠ କରାଯାଇଥିଲା। ଶ୍ରୀମଦ୍ ଭଗବତ ଗୀତାର ମହାତ୍ମ୍ୟ ଓ ଜୀବନର ଉଦ୍ଦେଶ୍ୟ ଉପରେ ବାବାଜୀ ସଚ୍ଚିଦାନନ୍ଦ ବିସ୍ତୃତ ଭାବେ ଉପସ୍ଥାପନା କରିଥିଲେ। ପରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଆଶ୍ରମ ପକ୍ଷରୁ ରୁଦ୍ରାଭିଷେକ, ହରିନାମ ସଙ୍କୀର୍ତ୍ତନ ନଗର ଭ୍ରମଣ ସାଙ୍ଗକୁ ଭୋଗମାଳା ଓ ସାମୂହିକ ହରିହାଟର ଆୟୋଜନ କରାଯାଇଥିଲା। ଶେଷରେ ଅନୁଷ୍ଠାନ ପକ୍ଷରୁ ସାଧୁବାବା ଓ ବୈଷ୍ଣବମାନଙ୍କ ସେବା ଗୁରୁକୂଳ କଳ୍ପତରୁ କେନ୍ଦ୍ରୀୟ ବସୁଧୈବ କୁଟୁମ୍ବକମ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କରାଯାଇ ଉତ୍ସବକୁ ଉଦ୍‌ଯାପିତ କରାଯାଇଥିଲା।

# ୧୯୭ ବୁଥ୍‌ରେ ପୁରୁଷ ଭୋଟରଙ୍କ ସଂଖ୍ୟା ଅଧିକ

**ରାଉରକେଲା, ୨୩ା୫(ସଙ୍ଗୀତା ଜେନା)**

#### ରାଉରକେଲା ନିର୍ବାଚନମଣ୍ଡଳୀ

ସୁନ୍ଦରଗଡ଼ ଜିଲାରେ ଗୋଟିଏ ଲୋକସଭା ଓ ୭ଟି ବିଧାନସଭା ମତଦାନ ମେ ୨୦ରେ ଶେଷ ହୋଇଛି। ରାଉରକେଲା ନିର୍ବାଚନୀ ମଣ୍ଡଳୀରେ ଥିବା ୧୯୭ ବୁଥ୍‌ରେ ପୁରୁଷ ଭୋଟର ଅଧିକ ମତଦାନ କରିଥିବା ଜଣାପଡିଛି। ମୋଟ ଭୋଟର ୨,୧୫,୧୪୭ ଥିବା ବେଳେ ସେଥିରୁ ପୁରୁଷ ୭୦,୬୫୨ ଓ ମହିଳା ୬୭,୭୮୬ ଜଣ ଭୋଟ ଦେଇଥିଲେ। ମହିଳା ମାନେ ୬୪.୦୪ ପ୍ରତିଶତ ଓ ପୁରୁଷ ୬୪.୬୭ ପ୍ରତିଶତ ମତଦାନ କରିଥିଲେ। ସୂଚନାଯୋଗ୍ୟ, ପ୍ରଶାସନ ପକ୍ଷରୁ ସଚେତନତାମୂଳକ କାର୍ଯ୍ୟକ୍ରମ ସତ୍ତ୍ୱେ ଭୋଟ ହାର ବୃଦ୍ଧିରେ ପ୍ରତିବନ୍ଧକ ଦେଖାଯାଇଥିବା ଆଲୋଚନା ହେଉଛି। ରାଉରକେଲା ନିର୍ବାଚନ ମଣ୍ଡଳୀରେ ଅନେକ ବୁଥ୍‌ରେ ଲୋକଙ୍କ ତାଲିକାରେ ନାମ ଥିବା ସତ୍ତ୍ୱେ ଭୋଟ କେନ୍ଦ୍ରରେ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

# ଜୁନ୍ ୨ରେ ବାଣିଜ୍ୟ ସଂଘ ନିର୍ବାଚନ

**ରାଉରକେଲା,୨୩ା୫,(ଦିନେଶ ମିଶ୍ର)**

ରାଉରକେଲା ବାଣିଜ୍ୟ ସଂଘ ନିର୍ବାଚନ ଜୁନ ୨ରେ ପାନପୋଷ ବାଇପାଷ ରୋଡ ସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ସଂଘ ପକ୍ଷରୁ ଅଧ୍ୟକ୍ଷ ପାଇଁ ନରେଶ ଆରିଆଙ୍କ ସହ ପ୍ରଭାତ କୁମାର ଟିବରୱାଲଙ୍କ ମଧ୍ୟରେ ଟକ୍କର ହେବ। ସେହିଭଳି ଉପାଧ୍ୟକ୍ଷ ପାଇଁ ରାଜେନ୍ଦ୍ର ଅଗ୍ରୱାଲ ଓ କ୍ରାନ୍ତିଲାଲ ଏମ୍ କୋଠାରୀ, ସନ୍ତୋଷ କୁମାର ଅଗ୍ରୱାଲ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ। ସାଧାରଣ ସମ୍ପାଦକ ଭାବେ ନିର୍ଦ୍ୱନ୍ଦୀପ୍ରାର୍ଥୀ ଶୁଭମ କାପୁର ଲଢୁଥିବାବେଳେ ସମ୍ପାଦକ ଭାବେ ଅମୋନିସ ମୋସ ଓ ଶ୍ରୀଧର ମଧ୍ୟରେ ଟକ୍କର ହେବ। ସେହିପରି କାର୍ଯ୍ୟକାରୀ ସଭ୍ୟ ୩ ପଦପାଇଁ ଅରୁଣ ରେଡେରିଆ, ଲେମ୍ବୁ ଜୈନ, ରାଜେଶ ପାତ୍ର, ଅବଦୁଲ ସଲିମ, ରାହୁଲ ମଧ୍ୟରେ ଟକ୍କର ହେବ ବୋଲି ଜଣାପଡିଛି।

# ସ୍ୱଚ୍ଛତା ପାଇଁ ଶପଥ ନେଲେ ରେଳ ଅଧିକାରୀ, କର୍ମଚାରୀ



**ବନ୍ଧମୁଣ୍ଡା,୨୩ା୫(ସୁବ୍ରତ ଦେ)**

ବନ୍ଧମୁଣ୍ଡା ରେଳବାଇ ହସ୍ପିଟାଲ ତରଫରୁ ସ୍ୱଚ୍ଛ ରେଳ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଗୁରୁବାର ଆୟୋଜିତ ହୋଇଯାଇଛି। ବନ୍ଧମୁଣ୍ଡା ରେଳବାଇ ହସ୍ପିଟାଲର ସିଏମ୍‌ଏସ୍ ଡା. ସଞ୍ଜୀବ କୁମାରଙ୍କ ନେତୃତ୍ୱରେ ବିଭିନ୍ନ ରେଳବାଇ ବିଭାଗର ଅଧିକାରୀ ଏବଂ କର୍ମଚାରୀ ଏକତ୍ରିତ ହୋଇ ରେଳବାଇ ପାର୍କ, ବନ୍ଧମୁଣ୍ଡା ରେଳବାଇ କଲୋନି ସମେତ ହସ୍ପିଟାଲ ବଗିଚା ସଫେଇ କରିଥିଲେ। ଏହି ଅବସରରେ ରେଳବାଇ ଅଧିକାରୀ ଏବଂ କର୍ମଚାରୀ ଝାଡୁ ଧରି ସେମାନଙ୍କ ଅଞ୍ଚଳକୁ ସଫା କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଏମ୍‌ଏସ୍ ଡ. ସଞ୍ଜୀବ କୁମାର ରେଳ କର୍ମଚାରୀଙ୍କୁ ସ୍ୱଚ୍ଛତାର ଶପଥ ଗ୍ରହଣ କରାଇଥିଲେ। ଏହି ଅବସରରେ ରେଳବାଇ ହସ୍ପିଟାଲର ଡାକ୍ତର କେ. ମୁର୍ମୁ, ଡ. ସମରେନ୍ଦ୍ର ପ୍ରସାଦ ମିଶ୍ର, ସ୍ୱାସ୍ଥ୍ୟ ଅଧିକାରୀ ସୁମନ କୁମାର, ଡିଜେଲ ଶେଡ୍ ସିନିୟର ଡିଏମ୍‌ଇ ପଞ୍ଚାନନ ବେହେରା, ଏଡିଇଇ ଅଶୋକ କୁମାର, ଆର୍‌ପିଏଫ୍ ଏଏସ୍‌ସି ଏ.କେ. ସିଂ ସମେତ ଅନ୍ୟ ବିଭାଗର ଅଧିକାରୀ,ବିଭିନ୍ନ ରେଳବାଇ କର୍ମଚାରୀ ସଙ୍ଗଠନର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ବଢ଼ୁଛି ଚୋରି, ପୋଲିସ ହାତ ଖାଲି

**ରାଉରକେଲା, ୨୩ା୫(ସଙ୍ଗୀତା ଜେନା)**

ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ଚୋରି ଦିନକୁ ଦିନ ବଢୁଥିବା ଅଭିଯୋଗ ହେଉଛି। ଗତ ୨ ମାସରେ ୧୦ରୁ ଊର୍ଦ୍ଧ୍ୱ ଦୋକାନରୁ ଚୋରି ହୋଇଛି। ଏହି ଚୋରିରେ ନାବାଳକ ଗ୍ୟାଙ୍ଗ ସକ୍ରିୟ ଥିବା ସନ୍ଦେହ କରାଯାଉଛି। ବୁଧବାର ବିଳମ୍ବିତ ରାତିରେ ଟ୍ରାଫିକ ମାର୍କେଟରେ ଏକ ରାସନ ଦୋକାନର ଛାତ ଭାଙ୍ଗି କେହି ଦୁର୍ବୃତ୍ତ ସମସ୍ତ ଦାମୀ ସିଗାରେଟ୍ ସହ ୧୫ ହଜାର ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ କେହି ଧରାପଡ଼ି ନ ଥିବା ଦୋକାନୀମାନେ କହିଛନ୍ତି। ଅପରପକ୍ଷରେ ଥାନାଧୀକାରୀ ଜୟନାରାୟଣ ଖଣ୍ଡାୟୀ କହିଛନ୍ତି, ନିର୍ବାଚନ ପାଇଁ ହୋମଗାର୍ଡମାନେ ନାହାଁନ୍ତି। କର୍ମଚାରୀ ସଂଖ୍ୟା କମ ଥିବା ଯୋଗୁ ପାଟ୍ରୋଲିଂରେ ସମସ୍ୟା ହେଉଛି। ତେବେ ଏହି ସମସ୍ୟାର ସମାଧାନ ଯଥାଶୀଘ୍ର କରାଯିବ ବୋଲି ଖଣ୍ଡାୟୀ କହିଥିଲେ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ରାଉରକେଲା,୨୩ା୫ (ସଙ୍ଗୀତା ଜେନା)**

ସେକ୍ଟର-୧୯ ଥାନା ଅନ୍ତର୍ଗତ ସେକ୍ଟର-୨୦ ଅଞ୍ଚଳରୁ ଗୁରୁବାର ଅପରାହ୍ନରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ପୋଲିସ ଉକ୍ତ ମୃତଦେହକୁ ଇସ୍ପାତ ଜେନେରାଲ ହସ୍‌ପିଟାଲ ମର୍ଗହାଉସରେ ରଖିଛି। ଶୁକ୍ରବାର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

# ବରସୁଆଁ ରେଲୱେ ସାଇଡିଂରେ ୩ଟି ବଗି ଲାଇନଚ୍ୟୁତ



**ଟେନ୍‌ସା,୨୩ା୫ (ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ ଟେନ୍‌ସା ଫାଣ୍ଡି ଅନ୍ତର୍ଗତ ବରସୁଆଁ ରେଲୱେ ସାଇଟିଙ୍ଗିରେ ବୁଧବାର ରାତିରେ ଏକ ମାଲବାହି ଟ୍ରେନ ଲାଇନଚ୍ୟୁତ ହୋଇଥିଲା। ଏଥିରେ କାହାର କିଛି କ୍ଷତି ହୋଇ ନ ଥିବାବେଳେ ଲୁହାପଥର ପରିବହନ କ୍ଷେତ୍ରରେ ବାଧା ପ୍ରାପ୍ତ ହୋଇଛି। ଘଟଣା ସ୍ଥଳରେ ବନ୍ଧମୁଣ୍ଡା ରେଲୱେ କର୍ମଚାରୀ ପହଁଚି ଉଦ୍ଧାର କରିଥିବା ଜଣାପଡ଼ିଛି। ବୁଧବାର ରାତିରେ ଲୁହାପଥର ନେବା ପାଇଁ ଏକ ମାଲବାହି ଟ୍ରେନ ବରସୁଆଁ ରେଲୱେ ସାଇଟିଙ୍ଗିକୁ ଆସୁଥିଲା। କୌଣସି କାରଣ ଯୋଗୁଁ ଟ୍ରେନ ଟିଲାଇନଚ୍ୟୁତ ହୋଇଥିଲା।

## ଫଟୋରେ ଖବର...







କାଳ ବୈଶାଖୀ ବର୍ଷାରେ ଆସ୍‌ବେଷ୍ଟସ୍ ଉଡ଼ି କାର୍ ଉପରେ ପଡ଼ିଛି। ଖରାଦିନିଆ ଫଳ ଲିଚୁ ବହୁ ପରିମାଣରେ ଝାଡଖଣ୍ଡ ବାନୋ, ସିମଡେଗା, ଲୋହରଦଗା ଅଞ୍ଚଳରୁ ଆସି ରାଉରକେଲା ଟ୍ରାଫିକ ଛକରେ ବିକ୍ରି ହେଉଛି। ସୀମାନ୍ତ କରାଇକେଲା ଅଞ୍ଚଳରୁ ଜବତ ହୋଇଥିବା ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ୨ ଗୁରୁତର

ରେଢାଖୋଲ,୨୩।୫(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ବନଖଣ୍ଡର ବଡମାଳ ରେଞ୍ଜ ଅଧିନ ବ୍ରାହ୍ମଣିପାଲି ଓ ସାଇବେର୍ଣ୍ଣ ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ମହିଳା ଓ ଜଣେ ପୁରୁଷ ଗୁରୁତର ଆହତ ହୋଇଛନ୍ତି। ଉଭୟେ କେନ୍ଦୁପତ୍ର ତୋଳିବାକୁ ଯାଇଥିବା ବେଳେ ଭାଲୁ ଆକ୍ରମଣ କରିଥିଲା। ଗୁରୁତର ଆହତ ହୋଇଥିବା ବ୍ରାହ୍ମଣିପାଲି ଗ୍ରାମର ମହିଳା ସଂଯୁକ୍ତା ବାଗ ଓ ସାଇବେର୍ଣ୍ଣ ଗ୍ରାମର ଲାଲମଣି ବୁଡା ବୋଲି ଜଣାପଡିଛି। ଗୁରୁତର ଆହତଙ୍କୁ ରେଢାଖୋଲ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

### ବିଜେଡିରେ ଯୋଗଦେଲେ ୨୫ କଂଗ୍ରେସ କର୍ମୀ

ରେଢାଖୋଲ,୨୩।୫(ଅଚ୍ୟୁତାନନ୍ଦ ପୁରୋହିତ)

ରେଢାଖୋଲ ବ୍ଲକର ୨୫ ଜଣ କଂଗ୍ରେସ କର୍ମୀ ଗୁରୁବାର ବିଜେଡିରେ ଯୋଗଦେଇଛନ୍ତି। ଏ ଅବସରରେ ବିଜେଡି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରେଢାଖୋଲ ବିଧାୟକ ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବିଜେଡି ଯୁବନେତା ରାଜିବ ଲୋଚନ ପ୍ରଧାନ ଯୋଗଦେଇ କଂଗ୍ରେସ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। କଂଗ୍ରେସ ଦଳର ଅଜିତ ନାଏକ, ବିଶ୍ୱଜିତ ମେସଓ୍ୱା, ପ୍ରକାଶ ମହାକୁଡ, ସନ୍ୟାସୀ ଭୋଇ, ଆଶିଷ ନାୟକ, ତିଲକ ସୁନା, ରତନ ନାଏକ, ବିଦ୍ୟାଧର ନାଏକ, ଦାଶରଥି ନାଗଙ୍କ ସମେତ ୨୫ଜଣ ବିଜେଡିରେ ଯୋଗ ଦେଇଛନ୍ତି।

### ବିଓବିର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ଦେବୀପ୍ରସାଦଙ୍କ ମହାନ୍ତି କାର୍ଯ୍ୟଭାର ଗ୍ରହଣ



ସମ୍ବଲପୁର,୨୩।୫(ବି.ଶଙ୍କର)

ବ୍ୟାଙ୍କ ଅଫ ବରୋଦା(ବିଓବି)ର ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ଦେବୀ ପ୍ରସାଦ ମହାନ୍ତି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଗୁଜୁରାଟ ସ୍ଥିତ ଆରଆରବି ମହାସେନାରେ କ୍ଷେତ୍ରୀୟ ମୁଖ୍ୟ ରୂପେ କାର୍ଯ୍ୟ କରୁଥିଲେ। କ୍ଷେତ୍ରୀୟ ମୁଖ୍ୟ ଭାବେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ କୃଷି, ଅଗ୍ରୀମ, ଏନପିଏ ପରିଚାଳନା, କାସା ଜମାରେ ଅଭିବୃଦ୍ଧି ଆଣିବା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି।







ସମ୍ବଲପୁର ବିଧାନସଭା ଅଞ୍ଚଳର ଛକ ଓ ପଡ଼ାକୁ ଯାଇ କଂଗ୍ରେସ ବିଧାନସଭା ପ୍ରାର୍ଥୀ ଦୁର୍ଗା ପ୍ରସାଦ ପାଢ଼ୀ ପ୍ରଚାର କରୁଛନ୍ତି(ବାମ), ଗୁରୁବାର ସମ୍ବଲପୁରରେ ବିଜେଡିର ବାଇକ୍ ରାଲି(ମଝି), ଗୁରୁବାର ସମ୍ବଲପୁରରେ ବିଜେଡିର ଷ୍ଟାର ପ୍ରଚାରକ (ଡାହାଣ)।

# ଶେଷ ଦିନରେ ଜମିଲା ସବୁ ଦଳର ପ୍ରଚାର

### ଭାଜପାର ପଦଯାତ୍ରାରେ ଗିରିରାଜ ସିଂ ସାମିଲ

ସମ୍ବଲପୁର,୨୩।୫(ଭବାନୀ ଶଙ୍କର ଭୋଇ)

ଆସନ୍ତା ୨୫ ତାରିଖରେ ସମ୍ବଲପୁରରେ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ମତଦାନ ପାଇଁ ଗୁରୁବାର ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ତେବେ ପ୍ରଚାରର ଶେଷ ଦିନରେ ତିନି ପ୍ରମୁଖ ଦଳ ପକ୍ଷରୁ ଭିନ୍ନଭିନ୍ନ ଢଙ୍ଗରେ ଭୋଟରମାନଙ୍କୁ ଆକର୍ଷିତ କରିବାକୁ ଚେଷ୍ଟା କରାଯାଇଛି । ଭାଜପାର ଷ୍ଟାର ପ୍ରଚାରକ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ସମ୍ବଲପୁରରେ ଶେଷ ଦିନରେ ପ୍ରଚାରର ମଙ୍ଗ ଧରିଥିଲେ। ଶୋଭାଯାତ୍ରାରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ସମେତ ବହୁ ସଂଖ୍ୟାରେ ମହିଳା ସାମିଲ ହୋଇଥିଲେ। ଲକ୍ଷ୍ମୀଟକିଜ ଛକରୁ ପଦଯାତ୍ରା ବାହାରି ଗୋଳବଜାର, ଗେଟୀ ରୋଡ, ପଟନାୟକ ପଡା, କୁଞ୍ଜେଲପଡା, ସାନସଡକ, ପର୍ଶୁରାମ ଚକ, ଶକ୍ତି ଚକ, ମୁନିସିପାଲିଟି ଛକ ଦେଇ ଭାଜପା କାର୍ଯ୍ୟାଳୟରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଘୁମରା, ସମ୍ବଲପୁରୀ ନୃତ୍ୟ, ଦୁଲଦୁଲି, ମୟୁର ନୃତ୍ୟ ଆଦି ସାଂସ୍କୃତିକ ଦଳ ଗୁଡିକ ସାମିଲ ହୋଇଥିଲେ।



ଗୁରୁବାର ସମ୍ବଲପୁରରେ ମହିଳାଙ୍କ ପଦଯାତ୍ରା।

### ବିଜେଡିର ବାଇକ୍ ଶୋଭାଯାତ୍ରା, ଷ୍ଟାର ପ୍ରଚାରକ ସାମିଲ

ସେହିପରି ପ୍ରଚାରର ଶେଷ ଦିନରେ ବିଜେଡି ପକ୍ଷରୁ ସ୍ଥାନୀୟ ଅଇଁଠାପାଲିଠାରୁ ଏକ ବିଶାଳ ବାଇକ ଶୋଭାଯାତ୍ରା କରାଯାଇଛି। ଏହି ଶୋଭଯାତ୍ରାରେ ଓଡିଶାର ବିଶିଷ୍ଟ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଷୀ, ସିନେତାରକା ଜୌତି ଏବଂ ବିଏମ ବୈଶାଳୀ ସାମିଲ ହୋଇ ବିଜୁ ଜନତା ଦଳ ପାଇଁ ପ୍ରଚାର କରିଥିଲେ। ହଜାର ହଜାର ସମର୍ଥକଙ୍କ ଗହଣରେ ଶୋଭଯାତ୍ରା କରାଯାଇଥିଲା। ଅଇଁଠାପାଲି ପଡିଆରୁ ଶୋଭଯାତ୍ରା ବାହାରି ବୁଢାରଜା, ଚର୍ଚ୍ଚ ଛକ, ଲକ୍ଷ୍ମୀ ଟକିଜ, ଗୋଲବଜାର, ମ୍ୟୁନିସିପାଲଟି ଛକ, କୁଞ୍ଜେଲପଡା, ସମଲେଇ ମନ୍ଦିର, ବଡବଜାର, କ୍ଷେତରାଜପୁର ଓଭରବ୍ରିଜ, କ୍ଷେତରାଜପୁର ଦେଇ ରେମେଡ ଛକ ଠାରେ ପହଞ୍ଚିଥିଲା। ତାରକା ପ୍ରଚାରକମାନେ ବୁଲିବୁଲି ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ଶୋଭଯାତ୍ରାରେ ଅନେକ ଯୁବକର୍ମୀ ସାମିଲ ହୋଇଥିଲେ।

### ଘରକୁ ଘର ଯାଇ ଭୋଟ ମାଗିଲେ କଂଗ୍ରେସ କର୍ମୀ

ସମ୍ବଲପୁର,୨୩।୫(ବି.ଶଙ୍କର)

ଭୋଟ ପ୍ରଚାର ଅନ୍ତିମ ଦିନରେ କଂଗ୍ରେସ ଗୁରୁବାର ମାରାଥନ ପ୍ରଚାର କରିଛି । ସମ୍ବଲପୁର ବିଧାନସଭା ଅଞ୍ଚଳର ଛକ ଓ ପଡ଼ାକୁ ଯାଇ ପ୍ରଚାର କରିଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ସମ୍ବଲପୁରର ସମସ୍ତ ମୌଳିକ ସମସ୍ୟା ୩୦ ଦିନରେ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସମ୍ବଲପୁର ସହରକୁ ଏକ ବିକଶିତ ସହର କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହିକ୍ରମରେ ଅଇଁଠାପାଲି ଛକ, ଲକ୍ଷ୍ମୀ ଟକିଜ ଛକ, ଗୋଲବଜାର ଛକ, ପିରବାବା ଛକ, ଜିଲ୍ଲାସ୍କୁଲ ଛକ, ବୈଦ୍ୟନାଥ ଛକ, କୁଞ୍ଜେଲପଡା ଛକରେ ପ୍ରଚାର କରିଥିଲେ। ସେହିପରି ରେମେଡ, କ୍ଷେତରାଜପୁର, ବଡବଜାର, ହଟଲି, ମୋଦିପଡ଼ା, ଫାଟକ, ଦେହୁରିପାଲି, ମୋତିଝରାନ, ଧନୁପାଲି ପ୍ରଭୃତି ଅଞ୍ଚଳରେ ପ୍ରଚାର ସହ କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ଦେଇଥିଲେ। ଲୋକଙ୍କୁ ବିଧାୟକ ଓ ସାଂସଦଙ୍କ ଅପାରଗତା ବିଷୟରେ ବୁଝାଇ ଭୋଟ ନିଜ ପାଇଁ ମାଗିଥିଲେ। କଂଗ୍ରେସ ଜିତିଲେ ସମସ୍ତ ସମସ୍ୟା ଅବିଳମ୍ବେ ସମାଧାନ କରିବାକୁ ବିଧାୟକ ପ୍ରାର୍ଥି ଦୁର୍ଗା ପ୍ରସାଦ ପାଢୀ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରଚାରରେ ଆଇନଜୀବି ଅରୁଣ କୁମାର, ବୁଲୁ ବଡପଣ୍ଡା, ସୁରେନ ମହାନ୍ତି, ବିଜୁ ପ୍ରଧାନ, ଚନ୍ଦ୍ର ମହାନ୍ତି, ଚିନୁ ଶତପଥୀ, ସୁତପା ମିତ୍ର, ସୁରଜନୀ ବାରିକ, ଇଂ ଦିଗାମ୍ବର ପାତ୍ର, ଡ.ସନ୍ତୋଷ କାନୁନଗୋ, ସନ୍ତୋଷ ରାଉତ, ବୁଲୁ ମାଝୀ, ଜ୍ଞାନ ସାହୁ, କୁବେର ଖାନ, ତାନୁଜ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ ।

## ପ୍ରଣବଙ୍କ ଫୋକସରେ ରହିଛି ସମ୍ବଲପୁରର ବିକାଶ: ବିଜୁ ପରିବାର

ସମ୍ବଲପୁର,୨୩।୫(ପ୍ରମୋଦ ବହିଦାର)

**ବିଜେଡି କ୍ଷମତାକୁ ଆସିବାର ଦୁଇ ମାସ ମଧ୍ୟରେ ହେବ ସମ୍ବଲପୁର ମହାନଗର ନିଗମ ନିର୍ବାଚନ**

ବିଜେଡିର ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ଫୋକସରେ ରହିଛି ସମ୍ବଲପୁରର ବିକାଶ। ତେଣୁ ସେ ନିଜ ଅଞ୍ଚଳ ଛାଡ଼ି ଆସି ଏଠାରେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ନିଜ ନିର୍ବାଚନ ମଣ୍ଡଳୀ ଯାଜପୁରରୁ ଲଗାତାର ତିନିଥର ବିଧାୟକ ନିର୍ବାଚିତ ହୋଇ ମଧ୍ୟ ସେ ସମ୍ବଲପୁରର ବିକାଶ ଲକ୍ଷ୍ୟରେ ଏଠାରୁ ପ୍ରାର୍ଥୀ ହୋଇଛନ୍ତି ବୋଲି ବିଜୁ ପରିବାର ଆବାହକ ନାରାୟଣ ଚନ୍ଦ୍ର ପତି କହିଛନ୍ତି। ଭିଏସ୍ଏସ୍ ମାର୍ଗସ୍ଥିତ ଏକ ହୋଟେଲରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଲେ ଯେ, ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାରେ ଦେଶର ଯେକୌଣସି ସ୍ଥାନର ବ୍ୟକ୍ତି ଦେଶର ଯେକୌଣସି ସ୍ଥାନରୁ ନିର୍ବାଚନ ଲଢ଼ିପାରିବେ। କାହାରିକୁ ବାହାରିଆ ପ୍ରାର୍ଥୀ କହିବା ଅନୁଚିତ। ଅପରପକ୍ଷରେ ମା' ସମଲେଇ ପ୍ରକଳ୍ପରେ ପ୍ରଣବଙ୍କର ଅବଦାନକୁ ଅଣଦେଖା କରାଯାଇ ପାରିବ ନାହିଁ। ଆଗକୁ ମଧ୍ୟ ଆହୁରି ଅନେକ ପ୍ରକଳ୍ପ ନେବାକୁ ସେ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି ନାରାୟଣ। ତେଣୁ ନିର୍ବାଚନରେ ପ୍ରଣବ ପ୍ରକାଶ ଦାସ ବିଜୟୀ ହେଲେ ସମ୍ବଲପୁରର ପ୍ରକୃତ ବିକାଶ ହୋଇପାରିବ। ଏହିପରି ବିଜେଡି ପୁନଃ କ୍ଷମତାକୁ ଆସିବାର ୨ ମାସ ମଧ୍ୟରେ ସମ୍ବଲପୁର ମହାନଗର ନିଗମ ନିର୍ବାଚନ କରାଯିବ ବୋଲି ନାରାୟଣ ପ୍ରତିଶ୍ରୁତି ଦେଇଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଡବ୍ଲ୍ୟୁଓଡିସିର ପୂର୍ବତନ ବିଶେଷଜ୍ଞ ସଦସ୍ୟ ଗତିକରଷ୍ଣ ମିଶ୍ର, ମହମ୍ମଦ ଅଖତର, ପୂର୍ବତନ କାଉନସିଲର ସୌରୀ ନାରାୟଣ ପାଣିଗ୍ରାହୀ, ବରିଷ୍ଠ ନାଗରିକ ଭବାନୀବାବୁ ପ୍ରମୁଖ ଉପସ୍ଥିତ ଥିଲେ।

## ୧୮୬୨ ମତଦାନ କେନ୍ଦ୍ରରେ ହେବ ଭୋଟ ଗ୍ରହଣ

ସମ୍ବଲପୁର,୨୩।୫(ପ୍ରମୋଦ ବହିଦାର)

**ସମ୍ବଲପୁର ସଂସଦୀୟ କ୍ଷେତ୍ର**

ସାଧାରଣ ନିର୍ବାଚନ-୨୦୨୪ ପାଇଁ ତାରିଖ ଘୋଷଣା ହେବା ପରଠାରୁ ସମ୍ବଲପୁରରେ ବିଭିନ୍ନ ରାଜନୈତି ଦଳ ପକ୍ଷରୁ ଚାଲିଥିବା ନିର୍ବାଚନୀ ପ୍ରଚାର ଗୁରୁବାର ସନ୍ଧ୍ୟାରେ ଶେଷ ହୋଇଛି। ୨୫ରେ ତୃତୀୟ ପର୍ଯ୍ୟାୟରେ ସମ୍ବଲପୁରରେ ନିର୍ବାଚନ ଅନୁଷ୍ଠିତ ହେବ। ଏଠାରେ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ତଥା ଶାନ୍ତିଶୃଙ୍ଖଳାର ସହିତ ଆୟୋଜନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି।

ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୧୮୬୨ଟି ବୁଥରେ ଭୋଟ ଗ୍ରହଣ କରାଯିବାକୁ ଥିବା ବେଳେ ସମ୍ବଲପୁର ଜିଲାର ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୯୪୮ଟି ବୁଥ ରହିଛି। ସେଥିମଧ୍ୟରେ ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୮୯ଟି, ରେଢ଼ାଖୋଲରେ ୨୫୨ଟି, କୁଚିଣ୍ଡାରେ ୨୭୨ଟି, ରେଙ୍ଗାଲିରେ ୨୩୫ଟି, ଛେଣ୍ଡିପଦାରେ ୨୨୭ଟି, ଆଠମଲ୍ଲିକରେ ୨୪୯ଟି ବୁଥ ରହିଥିବା ବେଳେ ଦେଓଗଡ଼ର ସର୍ବାଧିକ ୩୩୮ଟି ବୁଥ ରହିଛି। ସମ୍ବଲପୁର ଜିଲାର ୯୪୮ଟି ବୁଥ ମଧ୍ୟରୁ କୁଚିଣ୍ଡାରେ ୭ଟି ସଖି ବୁଥ, ୫ଟି ଯୁବବର୍ଗଙ୍କ ଦ୍ୱାରା ପରିଚାଳିତ ବୁଥ, ୪ଟି ଇକୋ ଫ୍ରେଣ୍ଡଲି ବୁଥ, ୫ଟି ଏଥନିକ ବୁଥ ତଥା ୩୩ଟି ଅନ୍ୟାନ୍ୟ ଥିମ ଆଧାରିତ ବୁଥ ରହିଛି। ରେଙ୍ଗାଲିରେ ୧୫ଟି ସଖି ବୁଥ, ୫ଟି ଯୁବବର୍ଗଙ୍କ ଦ୍ୱାରା ପରିଚାଳିତ ବୁଥ, ୫ଟି ଇକୋ ଫ୍ରେଣ୍ଡଲି ବୁଥ, ୫ଟି ଏଥନିକ ବୁଥ ଓ ୧୭ଟି ଅନ୍ୟାନ ଥିମ ଆଧାରିତ ବୁଥ ରହିଛି। ରେଢ଼ାଖୋଲରେ ୧୫ଟି ସଖି ବୁଥ, ୫ ଟି ଯୁବବର୍ଗଙ୍କ ଦ୍ୱାରା ପରିଚାଳିତ ବୁଥ, ୩ଟି ଇକୋ ଫ୍ରେଣ୍ଡଲି ବୁଥ, ୨ଟି ଏଥନିକ ବୁଥ ଓ ୨୫ଟି ଅନ୍ୟାନ୍ୟ ଥିମ ଆଧାରିତ ବୁଥ ରହିଥିବାବେଳେ ସମ୍ବଲପୁର ନିର୍ବାଚନ ମଣ୍ଡଳୀରେ ୨୮ଟି ସଖି ବୁଥ, ୨ଟି ଯୁବବର୍ଗଙ୍କ ଦ୍ୱାରା ପରିଚାଳିତ ବୁଥ, ୩୮ଟି ଅନ୍ୟାନ୍ୟ ଥିମ ଆଧାରିତ ତଥା ଗୋଟିଏ ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ବୁଥ ଭାଟର ସଂଗ୍ରହର ବ୍ୟବସ୍ଥା କରାଯାଇଛି। ସମ୍ବଲପୁର ଜିଲାର ସମ୍ବଲପୁର, କୁଚିଣ୍ଡା, ରେଙ୍ଗାଲି ଓ ରେଢ଼ାଖୋଲ, ଅନୁଗୋଳ ଜିଲାର ଛେଣ୍ଡିପଦା, ଆଠମଲ୍ଲିକ ଓ ଦେବଗଡ଼ ଜିଲାର ଦେବଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଆଦି ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନେଇ ସମ୍ବଲପୁର ସଂସଦୀୟ କ୍ଷେତ୍ର ଗଠିତ। ସମ୍ବଲପୁର ଲୋକସଭା ଆସନରେ ୧୪ ଜଣ ପ୍ରାର୍ଥୀଙ୍କୁ ମିଶାଇ ୭ଟି ଯାକ ବିଧାନସଭା ଆସନରେ ମୋଟ ୬୮ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ ସମ୍ବଲପୁର ଜିଲାର ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ୍ ୪୪ ଜଣ ପ୍ରାର୍ଥୀ ଚଳିତ ନିର୍ବାଚନରେ ନିଜ ଭାଗ୍ୟ ପରୀକ୍ଷା କରିବେ। ଜିଲାରେ ମୋଟ ଭୋଟରଙ୍କ ସଂଖ୍ୟା ହେଉଛି ୮ ଲକ୍ଷ ୧୩ ହଜର ୫୧୦। ସେଥିମଧ୍ୟରୁ ୪ ଲକ୍ଷ ୩ ହଜାର ୮୮୩ ହେଉଛନ୍ତି ପୁରୁଷ ଓ ୪ ଲକ୍ଷ ୯ ହଜାର ୫୪୮ ହେଉଛନ୍ତି ମହିଳା ଭୋଟର। ଏହାବ୍ୟତୀତ ତୃତୀୟ ଲିଙ୍ଗୀ ଭୋଟରଙ୍କ ସଂଖ୍ୟା ହେଉଛି ୭୯। ମୋଟ ଭୋଟରଙ୍କ ମଧ୍ୟରୁ ୮୦ ବର୍ଷରୁ ଅଧିକ ଭୋଟର ଓ ନୂତନ ଭୋଟରଙ୍କ ସଂଖ୍ୟା ଯଥାକ୍ରମେ ୧୪୭୫୪ ଓ ୧୮୦୫୮ ତଥା ଦିବ୍ୟାଙ୍ଗ ଭୋଟରଙ୍କ ସଂଖ୍ୟା ହେଉଛି ୧୬୭୪୨।

## ନବୀନଙ୍କ ସ୍ୱପ୍ନକୁ ସାକାର କରୁଥିବା ବିଜେଡି ନେତାଙ୍କ ପ୍ରତି ଈର୍ଷାନ୍ୱିତ ଭାଜପା ନେତୃବୃନ୍ଦ: ସଞ୍ଜୟ ବାବୁ

ସମ୍ବଲପୁର,୨୩।୫(ପ୍ରମୋଦ ବହିଦାର)

ଓଡିଶା ଆଜି ରୂପାନ୍ତରଣ ପାଇଁ ବିଶ୍ୱ ଦରବାରରେ ପ୍ରଶଂସିତ ହୋଇଛି। ବିଦ୍ୟାଳୟ, ଡାକ୍ତରଖାନା ଠାରୁ ଆରମ୍ଭ କରି ପୁରୀ ପରିକ୍ରମା ପ୍ରକଳ୍ପ, ମା' ସମଲେଇ ପ୍ରକଳ୍ପ ପର୍ଯ୍ୟନ୍ତ ସବୁଠାରେ ଲାଗିଛି ରୂପାନ୍ତରଣର ଛାପ। ୫-ଟି ଉପକ୍ରମରେ ନୂଆ ରୂପ ପାଇଛି ଓଡ଼ିଶା। କାର୍ତ୍ତିକ ପାଣ୍ଡିଆନ ହେଉଛନ୍ତି ସେହି ବ୍ୟକ୍ତି ଯିଏ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ରୂପରେଖ ଦେବାରେ ଯଥେଷ୍ଟ ଅବଦାନ ରଖିଛନ୍ତି। ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଓଡ଼ିଶାର ବିଭିନ୍ନ ଜିଲାରେ ସଫଳ ପ୍ରଶାସନିକ ଅଧିକାରୀ ଭାବରେ ଦାୟିତ୍ୱ ନିର୍ବାହ କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ରୂପାନ୍ତରିତ ଓଡ଼ିଶାର ମଙ୍ଗ ଧରିଛନ୍ତି। ପ୍ରତିଟି କ୍ଷେତ୍ରରେ ରପାନ୍ତରଣ ଆଣି ନବୀନ ଓଡିଶା ଗଠନ କରିବା ଲକ୍ଷ୍ୟରେ ଆଗେଇ ଚାଲିଛନ୍ତି। ମାତ୍ର ବିକାଶକୁ ବିରୋଧ କରୁଥିବା ବିରୋଧୀ ଦଳର ନେତା ଏହାକୁ ସହିପାରୁନାହାନ୍ତି। ନିର୍ବାଚନୀ ପ୍ରସଙ୍ଗ କରି ଅପପ୍ରଚାର କରିବାକୁ ଚେଷ୍ଟା କରୁଛନ୍ତି ବୋଲି କହିଛନ୍ତି ବିଜୁ ଜନତା ଦଳର ନେତା ତଥା ସମ୍ବଲପୁର ବିଧାନସଭା ନିର୍ବାଚନ ଦାୟିତ୍ୱରେ ଥିବା ସଞ୍ଜୟ ବାବୁ। ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା ସମ୍ବଲପୁର ଗସ୍ତ କରି ଓଡ଼ିଶା ବିରୋଧରେ ନକରାତ୍ମକ ଟିପ୍ପଣୀ ଦେବା ଘଟଣାକୁ ସେ ଦୃଢ ନିନ୍ଦା କରିଥିଲେ। ସେ କହିଥିଲେ ଯେ, ଓଡ଼ିଶାରେ ଭାଜପାର ଶୋଚନୀୟ ପରାଜୟ ନିଶ୍ଚିତ। ଯାହା ଦଳୀୟ ନେତାଙ୍କ ନିଦ ହଜାଇ ଦେଇଛି। ଏକ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ସାମ୍ନା କରିବାକୁ ଦେଶର ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀଙ୍କ ସହିତ ଅନ୍ୟାନ୍ୟ କେନ୍ଦ୍ରୀୟ ନେତା ଓଡ଼ିଶାରେ ଡେରା ପକାଇବା ଦେଶରେ ପ୍ରଥମ ଘଟଣା। ଧର୍ମେନ୍ଦ୍ର ପ୍ରଧାନଙ୍କ ସ୍ଥିତି ଟଳମଳ। ତେଣୁ କେନ୍ଦ୍ରୀୟ ନେତାମାନଙ୍କର ସମ୍ବଲପୁର ଉପରେ ଫୋକସ ରହିଛି। ସେ ଆହୁରି କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନକୁ ସାକାର କରୁଥିବା ବିଜେଡିର ବରିଷ୍ଠ ନେତାଙ୍କ ପ୍ରତି ଇର୍ଷାନ୍ୱିତ ହୋଇ ଭାଜପାର ଶୀର୍ଷ ନେତୃତ୍ୱ ବିକବିକେଇ ହେଉଛନ୍ତି। ନବୀନ ବାବୁଙ୍କ ନେତୃତ୍ୱରେ ୫-ଟି ପଦ୍ଧତିକୁ ଅବଲମ୍ବନ କରି ଓଡ଼ିଶା ଆଜି ପ୍ରଗତିର ପଥରେ ଆଗେଇ ଚାଲିଛି। ଓଡିଶାର ନେତୃତ୍ୱ ଓ ପରାକାଷ୍ଠା ଦେଶରେ ବିଭିନ୍ନ କ୍ଷେତ୍ରରେ ଲୋକଲୋଚନ ପରିସର ଭୁକ୍ତ ହୋଇଛି। ପ୍ରଭୁ ଜଗନ୍ନାଥ ଓ ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ଓ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସାଢେ ଚାରିକୋଟି ଓଡିଆଙ୍କ ପାଇଁ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ ପ୍ରକଳ୍ପମାନ କରାଯାଉଛି । ଏହାକୁ ସହି ନ ପାରି ଧର୍ମେନ୍ଦ୍ର ପ୍ରଧାନ, ଅପରାଜିତା ଷଡଙ୍ଗୀ, ଗିରିରାଜ ସିଂ, ହେମନ୍ତ ବିଶ୍ୱଶର୍ମା କଟୁମନ୍ତବ୍ୟ ଦେଉଛନ୍ତି। ଧର୍ମେନ୍ଦ୍ର ପ୍ରଧାନ ୧୦ବର୍ଷ କ୍ଷମତାରେ ରହି ଓଡିଶା ପାଇଁ ଯାହା ପରିକଳ୍ପନା କରିନାହାନ୍ତି କାର୍ତ୍ତିକ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ତାଠାରୁ ଅଧିକ କରି ଦେଖାଇଛନ୍ତି। ଗତଥର ମଧ୍ୟ ଭାଜପା ବାହସ୍ଫୋଟ ମାରି ୧୨୦ଟି ଆସନରୁ ୨୦ଟି ଆସନରେ ସୀମିତ ହୋଇଥିବାବେଳେ ଏଥର ମଧ୍ୟ ସେହି ସମାନ ଅବସ୍ଥା ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ବାବୁ। ଏହା ଜାଣିବା ପରେ ଭାଜପାର ତୁଙ୍ଗ ନେତାମାନେ ରାଜନୈତିକ ଶିଷ୍ଟାଚାର ମଧ୍ୟ ଭୁଲିଗଲେଣି ବୋଲି ସେ କହିଛନ୍ତି।

## ସମ୍ବଲପୁରରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା

ସମ୍ବଲପୁର,୨୩।୫(ବି.ଶଙ୍କର)

**ମା' ସମଲେଶ୍ୱରୀଙ୍କୁ ଦର୍ଶନ କରିବା ସହ ବେଜବରୁଆ ଭବନ ବୁଲିଲେ**

ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଗୁରୁବାର ସମ୍ବଲପୁର ଗସ୍ତ କରିଛନ୍ତି। ସକାଳେ ସେ ମା'ସମଲେଶ୍ୱରୀଙ୍କୁ ଦର୍ଶନ କରିବା ସଙ୍ଗେ ବେଜବରୁଆ ଭବନ ବୁଲି ଦେଖିଛନ୍ତି। ଝାରସୁଗୁଡ଼ାରୁ ସଡ଼କ ପଥରେ ଆସି ମୁଖ୍ୟମନ୍ତ୍ରୀ ହିମନ୍ତ ସିଧାସଳଖ ସମଲେଶ୍ୱରୀ ମନ୍ଦିରରେ ପହଞ୍ଚିଥିଲେ। ତାଙ୍କ ସହିତ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଥିଲେ। ଏଠାରେ ତାଙ୍କୁ ମନ୍ଦିର ପରିଚାଳନା କମିଟିର ସଦସ୍ୟ ପ୍ରଫୁଲ୍ଲ ହୋତାଙ୍କ ସମେତ ପୂଜକମାନେ ଏବଂ ଭାରତୀୟ ଜନତା ପାର୍ଟିର ସଦସ୍ୟମାନେ ସ୍ୱାଗତ ଜଣାଇଥିଲେ। ସମଲେଶ୍ୱରୀଙ୍କ ଦର୍ଶନ ପରେ ମୁଖ୍ୟମନ୍ତ୍ରୀ ହିମନ୍ତ ବେଜବରୁଆ ଭବନରେ ପହଞ୍ଚ ଥିଲେ। ବେଜବରୁଆ ସ୍ମୃତି ରକ୍ଷା ସମିତିର ଆବାହକ ତଥା ଦୀପକ କୁମାର ପଣ୍ଡା, ସଦସ୍ୟ ଡ.ବିଭୂଦତ୍ତ ପ୍ରମୋଦ କୁମାର ମିଶ୍ର, ସୂର୍ଯ୍ୟ ପାଣିଗ୍ରାହୀ, କମଳ ଲୋଚନ ପଣ୍ଡା ଓ ଅନ୍ୟମାନେ ଏଠାରେ ମୁଖ୍ୟମନ୍ତ୍ରୀ ହିମନ୍ତ ଏବଂ ଧର୍ମେନ୍ଦ୍ରଙ୍କୁ ସ୍ୱାଗତ ଜଣାଇଥିଲେ। ସାହିତ୍ୟରଥୀ ଲକ୍ଷ୍ମୀନାଥ ବେଜବରୁଆଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସେମାନେ ସାଧନା ଗୃହ ବୁଲି ଦେଖିଥିଲେ। ଏନେଇ ମୁଖ୍ୟମନ୍ତ୍ରୀ ହିମନ୍ତ କହିଲେ ଯେ, ସାହିତ୍ୟରଥୀ ଲକ୍ଷ୍ମୀନାଥ ବେଜବରୁଆ ଆସାମର ଭାଷା-ସାହିତ୍ୟ, ଅସ୍ମିତା ଓ ଗୌରବର ପୁନଃ ସଂସ୍ଥାପନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ସେ ଆସାମବାସୀଙ୍କ ମନ ହୃଦୟରେ ବିରାଜମାନ କରନ୍ତି। ତାଙ୍କ ରଚିତ କବିତା ଆସାମର ରାଜ୍ୟ ସଙ୍ଗୀତ ଅଟେ। ସମ୍ବଲପୁର ସାହିତ୍ୟରଥୀଙ୍କ ଜୀବନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ତେଣୁ ଆସାମବାସୀ ସମ୍ବଲପୁରକୁ ଶ୍ରଦ୍ଧା ଓ ସମ୍ମାନ କରନ୍ତି। ବେଜବରୁଆ ଓ ସମ୍ବଲପୁରକୁ ନେଇ ଯାହା ସମ୍ଭବ ତାହା ତତ୍ପରତାର ସହ କରାଯିବ। ବେଜବରୁଆ ଭବନର ପୁନର୍ବିନ୍ୟାସ ପାଇଁ ଆସାମ ସରକାର ଦୁଇଟି ଚରଣରେ ଅର୍ଥ ଯୋଗାଇବା ସହିତ ବେଜବରୁଆଙ୍କ ପ୍ରତିମୂର୍ତ୍ତି ସକାଶେ ପୃଥକ ଭାବରେ ଅନୁଦାନ ପ୍ରଦାନ କରିଛନ୍ତି । ସାହିତ୍ୟ ରଥୀ ଲକ୍ଷ୍ମୀନାଥ ବେଜବରୁଆ ସ୍ମୃତି ରକ୍ଷା ସମିତିର ଆବାହକ ଦୀପକଙ୍କ ସହିତ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଶୀଘ୍ର ବେଜବରୁଆ ଚେୟାର ସ୍ଥାପିତ ହେବ ବୋଲି କହିଛନ୍ତି। ବେଜବରୁଆ ଭବନର ପୁନର୍ବିନ୍ୟାସ ପରେ ଏହାର ପରିଚାଳନା, ବାସଗୃହର ଆଭ୍ୟନ୍ତରୀଣ ସାଜସଜ୍ଜା, ଗୁଆହାଟୀ-ସମ୍ବଲପୁର ଟ୍ରେନ ଓ ଅନ୍ୟାନ୍ୟ କେତୋଟି ବିଷୟ ପ୍ରତି ସ୍ମୃତି ସମିତି କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ହିମନ୍ତଙ୍କୁ ଐତିହାସିକ ଦୀପକ ସ୍ମାରକପତ୍ର ଦେବା ସହିତ ତାଙ୍କ ରଚିତ ବେଜବରୁଆ ଓ ସମ୍ବଲପୁର ପୁସ୍ତକ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ସମ୍ବଲପୁରରୁ ଦେବଗଡ଼ ଉଦ୍ଦେଶ୍ୟରେ ଯାତ୍ରା କରିଥିଲେ।



ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ସମ୍ବଲପୁର ଗସ୍ତରେ ଆସି ବେଜବରୁଆ ଭବନ ବୁଲି ଦେଖୁଛନ୍ତି।

# ରଣୀମହୁଲ ଜଙ୍ଗଲରେ ହାତୀପଲ

**ସଇଁତଲା, ୨୩।୫ (ରାଖାଲ ପ୍ରସାଦ ଶତପଥୀ)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କନ୍ଧକେଲଗାଁ ପଞ୍ଚାୟତ ଅନ୍ତର୍ଗତ ରଣୀମହୁଲ ଗ୍ରାମ ନିକଟରେ ଥିବା ବହଲି ଓ ସମରାବୁଢ଼ା ସଂରକ୍ଷିତ ଜଙ୍ଗଲକୁ ହାତୀପଲ ଗୁରୁବାର ଦିନ ପଶି ଆସିଥିବା ଗ୍ରାମବାସୀ ଦେଖିବାକୁ ପାଇଛନ୍ତି । ଏହି ହାତୀପଲରେ ୧୨ରୁ ୧୩ ଗୋଟି ହାତୀ ରହିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗ୍ରାମବାସୀ ଭୟଭୀତ ହୋଇ ସଇଁତଲା ଓ କନ୍ଧକେଲଗାଁ ବନ ବିଭାଗ କର୍ମଚାରୀଙ୍କୁ ଖବର ଦେବା ପରେ ଘଟଣାସ୍ଥଳରେ ପଦସ୍ଥ ଅଧିକାରୀ, କର୍ମଚାରୀ ଓ ପୋଲିସ ପହଞ୍ଚି ହାତୀ ପଲକୁ ଜଗି ରହିଛନ୍ତି। ବନ ବିଭାଗ ଡ୍ରୋନ ଜରିଆରେ ହାତୀପଲ ଉପରେ ନଜର ରଖିଛି। ଅଞ୍ଚଳରେ


ରଣୀମହୁଲ ରାସ୍ତାରେ ହାତୀପଲକୁ ଜଗି ରହିଛନ୍ତି ବନ ବିଭାଗ କର୍ମଚାରୀ ।

ବିଦ୍ୟୁତ ସରବରାହକୁ ବିଚ୍ଛିନ୍ନ କରି ଦିଆଯାଇଛି। ରଣୀମହୁଲ ଗ୍ରାମକୁ ଯାଇଥିବା ରାସ୍ତାରେ ଗମନାଗମନକୁ ବନ୍ଦ କରି ଦିଆଯାଇଛି। ହାତୀପଲ ଆସିଥିବା ଖବର ପାଇ ରେଳ ବିଭାଗ ସମସ୍ତ ଟ୍ରେନକୁ ଏହି ବାଟ ଦେଇ

### ହାତୀପଲ ଯୋଗୁ କେନ୍ଦୁପତ୍ର ତୋଳାରେ ବାଧା

ଗଲା ବେଳେ ଧୀର ଗତିରେ ଯିବା ପାଇଁ ସତର୍କ କରିଥିବା ଜଣାଯାଇଛି। ଜନସାଧାରଣ ଭୟଭୀତ ହୋଇ ଜଙ୍ଗଲକୁ ଯାଉ ନ ଥିବା ବେଳେ କେନ୍ଦୁପତ୍ର ତୋଳାରେ ବାଧା ସୃଷ୍ଟି ହୋଇଛି । ରଣୀମହୁଲ ନିକଟସ୍ଥ ଜଙ୍ଗଲ ସଇଁତଲା ଓ ଦେଓଗାଁ ଜନବସତି ଅଞ୍ଚଳକୁ ଲାଗି ରହିଥିବାରୁ ହାତୀପଲକୁ ଘଉଡ଼ାଇବା ପାଇଁ ବନବିଭାଗ ଉଦ୍ୟମ ଚଳାଇଛି। ଅନ୍ୟପକ୍ଷରେ ଅଞ୍ଚଳରେ ହାତୀ ଆସିଥିବା ପ୍ରଚାର ହେବା ପରେ ସାଧାରଣରେ ଭୟର ବାତାବରଣ ଖେଳିଯାଇଛି।

# ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଉଦ୍‌ଯାପିତ


ମେଳାର ଉଦ୍‌ଯାପନୀ ଉତ୍ସବରେ ଶ୍ରଦ୍ଧାଳୁଙ୍କ ଭିଡ଼ ।

**ଖପ୍ରାଖୋଲ, ୨୩।୫ (ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ହରିଶଙ୍କର ଠାରେ ଆୟୋଜିତ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ହରିଶଙ୍କର ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର, ଦେବୋତ୍ତର କମିଟି ସଦସ୍ୟ ଅଭୟ ତ୍ରିପାଠୀ, ରୋହିତ ମେହେର, ସବ୍ କମିଟି ସଦସ୍ୟ ସୁଶିଲ କୁମାର ଗୁରୁ, କ୍ଷମାନିଧି ଭୋଇ, ବଳରାମ ବେହେରା, ଶତ୍ରୁଘ୍ନ ନାୟକ, ଗୋପାଳ ପାତ୍ର, ସଦାନନ୍ଦ ଭୋଇ, ଗୁଲୁ

### ପାପନାଶିନୀ ଝରଣାରେ ପୂର୍ଣ୍ଣିମା ବୁଡ଼ ପକାଇଲେ ଶ୍ରଦ୍ଧାଳୁ

ବେହେରା, ଉମାକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ମଞ୍ଚରେ ସୁର ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଦଣ୍ଡ ନାଚ ପରିବେଷିତ ହୋଇଥଲା। ସେହିପରି ଦ୍ୱିତୀୟ ମଞ୍ଚରେ ଘୁଡୁକା ନାଚ ଓ ଦଣ୍ଡ ନାଚ ପରିବେଷଣ ହୋଇଥଲା। ପୂର୍ଣ୍ଣିମା ହୋଇଥିବାରୁ ପାପନାଶିନୀ ଝରଣାରେ ବୁଡ଼ ପକାଇବାକୁ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥଲା। ମେଳା ପାଇଁ ତିନି ଦିନ ଧରି ପ୍ରବଳ ଜନ ସମାଗମ ହୋଇଥିଲା। ପାଟଣାଗଡ଼ ଉପଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ନାୟକ ଶେଷ ଦିନ ଉପସ୍ଥିତ ରହି ମେଳା ତଦାରଖ କରିଥିଲେ। ପାଟଣାଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଦାନନ୍ଦ ପୂଜାରୀଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିଲା। ଭୁଲିଆ ସମାଜ, ଯୁବ କୁଲତା ସମାଜ ଓ କୁମ୍ଭାର ସମାଜ ତରଫରୁ ମାଗଣା ଖାଦ୍ୟ ବ୍ୟବସ୍ଥା ହୋଇଥିଲା। ସେହିପରି ସତ୍ୟସାଇ ସେବା ସମିତି, ବିଶା ଶହେ ଦଳକନ୍ଧ ସମାଜ, ସ୍ୱାଭିମାନ ପରିବାର, ମାହେଶ୍ୱରୀ ସଂଗଠନ ପ୍ରମୁଖ ସେବା ଦଳ ତତଫରୁ ଜଳଛତ୍ର ବ୍ୟବସ୍ଥା କରାଯାଇଥିଲା।

# କୃଷି ଋଣ ନବୀକରଣକୁ ନେଇ ଦ୍ୱନ୍ଦ୍ୱରେ ଋଣୀ ଚାଷୀ

**ଲୋଇସିଂହା, ୨୩।୫ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ଏସ୍‌ବିଆଇ ଶାଖାରେ କୃଷି ଋଣ ନବୀକରଣକୁ ନେଇ ଏବେ ଚାଷୀ ଦ୍ୱନ୍ଦ୍ୱରେ ପଡିଛନ୍ତି। ବ୍ୟାଙ୍କରୁ କୃଷି ଋଣ ନେଇଥିବା ଯେଉଁ ଚାଷୀଙ୍କ ୫ ବର୍ଷରୁ ଅଧିକ ସମୟ ହୋଇଯାଇଛି , ସମ୍ପୃକ୍ତ ଋଣୀ ଚାଷୀଙ୍କୁ ସମସ୍ତ ଋଣ ଟଙ୍କା ପରିଶୋଧ କଲା ପରେ ନୂତନ ଋଣ ଟଙ୍କା ମଞ୍ଜୁର କରାଯିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଉଛି। ଏବେ ଖରିଫ ଚାଷ ପାଇଁ ଚାଷୀ ପ୍ରସ୍ତୁତ ହେଉଥିବା ବେଳେ କୃଷି ଋଣ ବାଧକ ସାଜିଥିବାରୁ ଚାଷୀ ଚିନ୍ତାରେ ପଡିଛି। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଏପରି ପଦକ୍ଷେପ ଯୋଗୁ ଶତାଧିକ ଚାଷୀ କୃଷି ଋଣ ନବୀକରଣରୁ ବଞ୍ଚିତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ସରକାର ଚାଷ ଓ ଚାଷୀର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ଯୋଗାଉଛନ୍ତି । ଏହି କୃଷି ଋଣ ଖରିଫ ଚାଷ ବେଳେ ଚାଷୀଙ୍କୁ ସହାୟକ ହୋଇଥାଏ। ଋଣ କରି ଶତାଧିକ ଚାଷୀ ଉପକୃତ ହେଉଛନ୍ତି । ଖରିଫ ଚାଷ ପୂର୍ବରୁ ଋଣୀ ଚାଷୀମାନେ ବିଗତ ଦିନର ସୁଧ ଟଙ୍କା ପରିଶୋଧ କଲାପରେ ନବୀକରଣ ହୋଇ ଯାଉଥିଲା। କିନ୍ତୁ ୨୦୨୪-୨୫ ଖରିଫ ଋତୁ ପାଇଁ ସ୍ଥାନୀୟ ଏସବିଆଇ ଶାଖା ପକ୍ଷରୁ ବିଚିତ୍ର ନିୟମ ଲାଗୁ କରାଯାଇଛି। ଯେଉଁ ଋଣୀ ଚାଷୀଙ୍କ ନବୀକରଣ ୫ ବର୍ଷରୁ ଅଧିକ ହୋଇଥିବ ତାଙ୍କୁ ସୁଧ ସହ ମଞ୍ଜୁର ଋଣ ଟଙ୍କା ବ୍ୟାଙ୍କରେ ବାନ୍ଧିଲା ପରେ ନୂତନ ଭାବେ ଋଣ ମଞ୍ଜୁର କରାଯାଉଛି । ବ୍ୟାଙ୍କ କ୍ଷେତ୍ର କର୍ମଚାରୀଙ୍କ ସୂଚନା ଅନୁଯାୟୀ, ପ୍ରାୟ ୩ ଶହରୁ ୪ ଶହ ଚାଷୀ ଋଣ ନେବାର ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲାଣି। ହାତ ଗଣତି ଚାଷୀ ସୁଧ ଓ ମଞ୍ଜୁର ଋଣ ପରିଶୋଧ ପାଇଁ ଆଗେଇ ଆସୁଥିବା ବେଳେ ଅବଶିଷ୍ଟ ଚାଷୀ ଲକ୍ଷ ଲକ୍ଷ ଟଙ୍କା ବାନ୍ଧିବାକୁ ଅମଙ୍ଗ ହେଉଛନ୍ତି। ଟଙ୍କା ଅଭାବରୁ ସଂପୃକ୍ତ ଚାଷୀଙ୍କ ଖରିଫ ଚାଷରେ ବାଧା ସୃଷ୍ଟି ହେବା ଆଶଙ୍କା ପ୍ରକାଶ ପାଇଛି। ଏହାବ୍ୟତୀତ ନବୀକରଣ ହୋଇ ନ ପାରିଲେ ଋଣୀ ଚାଷୀମାନେ ଖିଲାପକାରୀ ହେବା ଏକରକମ ନିଶ୍ଚିତ ହୋଇ ପଡିଛି। ଅନେକ ଚାଷୀ ବ୍ୟାଙ୍କ କ୍ଷେତ୍ର ଅଧିକାରୀଙ୍କୁ ସୁଧ ଟଙ୍କା ନେଇ ଋଣ ନବୀକରଣ ପାଇଁ ନେହୁରା ହେଉଛନ୍ତି । ହେଲେ କ୍ଷେତ୍ର କର୍ମଚାରୀ କମ୍ପ୍ୟୁଟର ନେଉନାହିଁ, ଚାଷୀଙ୍କୁ ଯେ କୌଣସି ପରିସ୍ଥିତରେ ସବୁ ଟଙ୍କା ବାନ୍ଧିବାକୁ ପଡିବ ବୋଲି କହୁଥିବା ଚାଷୀମାନେ କହିଛନ୍ତି। ଏଭଳି ସ୍ଥିତିରେ ଋଣୀ ଚାଷୀ ଅସହାୟ ହୋଇ ପଡିଛନ୍ତି। ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଜିଲାପାଳ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଲୋଇସିଂହା ଓ ଆଗଲପୁର ବ୍ଲକ ମିଳିତ କୃଷକ ସଂଗଠନ ପକ୍ଷରୁ ଦାବି ହୋଇଛି।

# କର୍ଣ୍ଣିଆପଡ଼ାରେ ଷ୍ଟ୍ରିଟ୍ ଲାଇଟ ଲଗାଯାଉ

**ଲାଠୋର, ୨୩।୫ (ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତର ସଦର ଗ୍ରାମ କର୍ଣ୍ଣିଆପଡ଼ାରେ ଦୀର୍ଘ ଦିନ ହେଲା ଷ୍ଟ୍ରିଟ ଲାଇଟ ଲଗାଇବାକୁ ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଏଥିନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ପଡ଼ାରେ ସମୁଦାୟ ୪୦ ପରିବାର ବସବାସ କରୁଥିବା ବେଳେ ୬ ଗୋଟି ବିଦ୍ୟୁତ୍ ଖୁଣ୍ଟ ପୋତା ଯାଇ ତାର ଟଣା ଯାଇଛି। ୬ ଗୋଟି ଖୁଣ୍ଟ ମଧ୍ୟରୁ କେବଳ ଗୋଟିଏ ଖୁଣ୍ଟରେ ଲାଇଟ ଲାଗିଥିବା ବେଳେ ୫ ଗୋଟି ଖୁଣ୍ଟରେ ଲାଇଟ ଲାଗିନାହିଁ। ଫଳରେ ରାତିରେ ପଡ଼ାର ଚାରିପଟ ଅନ୍ଧାର ରହୁଛି। ଅନେକ ସମୟରେ ଚାଷ ଜମିରୁ ବିଷାକ୍ତ ସାପ ବାହାରି ପଡ଼ା ଭିତରେ ରହୁଥିବା ଲୋକଙ୍କ ଘରେ ପଶି ଯାଉଛି। ଫଳରେ ପଡ଼ାବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି । ପଡ଼ାରେ ରହିଥିବା ଖୁଣ୍ଟଗୁଡିକରେ ଲାଇଟ ଲଗାଇବା ପାଇଁ ପଡ଼ାବାସୀ ଜନ ପ୍ରତିନିଧିମାନଙ୍କୁ ବହୁବାର କହିଥିଲେ ମଧ୍ୟ କୌଣସି ସୁଫଳ ମିଳି ନାହିଁ। ଯଥାଶୀଘ୍ର ପଡ଼ାର ଯେଉଁ ସ୍ଥାନରେ ଷ୍ଟ୍ରିଟ ଲାଇଟ ଲାଗିବାର ଆବଶ୍ୟକତା ରହିଛି ସେଠାରେ ଲାଇଟ ଲଗାଇବା ପାଇଁ ସାଧାରଣରେ ଦାବି ହେଉଛି।

# ଜିଲାସ୍ତରୀୟ ଯୋଗ ଅଲମ୍ପିଆଡ୍ ଚୟନ ଉତ୍ସବ

**ବଲାଙ୍ଗୀର, ୨୩।୫ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସରକାରୀ ଟାଉନ ବାଳିକା ହାଇସ୍କୁଲଠାରେ ଜିଲାସ୍ତରୀୟ ଯୋଗ ଅଲମ୍ପିଆଡ୍ ଚୟନ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ପ୍ରାକ୍ତନ ଜିଲା କ୍ରୀଡ଼ା ଶିକ୍ଷାଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ କେଶବ ମେହେର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଟାଉନ ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷକ ନରେନ୍ଦ୍ର ନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଶିକ୍ଷାଧିକାରୀ ପ୍ରଦୀପ କୁମାର



ଜିଲାସ୍ତରୀୟ ଯୋଗ ଅଲମ୍ପିଆଡ ଚୟନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ।

ପାତ୍ର ଅତିଥି ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲାର ସମସ୍ତ ବ୍ଲକରୁ ୨୦ ଜଣ ଶିକ୍ଷକଙ୍କ ସହ ୫୦ ଜଣ ପ୍ରତିଯୋଗୀ ଯୋଗ ଚୟନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ ଚୟନ କରଯାଇଥିବା ୬ ଜଣ କୃତୀ ପ୍ରତିଯୋଗୀ ଆସନ୍ତା ୨୭ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ଯୋଗ ଅଲମ୍ପିଆଡ ପ୍ରତିଯୋଗିତାରେ ଭାଗ ନେବେ। ହେମନ୍ତ କୁମାର ପଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷକ ବିନୋଦ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜୁନାଗଡ଼ଠାରେ ଧାନମଣ୍ଡି ଉଦ୍‌ଘାଟିତ

**ଜୁନାଗଡ଼, ୨୩।୫ (ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ଆ।ର୍‌ଏମ୍‌ସି ଠା।ରେ ଗୁରୁବାର ଜୁନାଗଡ଼ ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ମଣ୍ଡିରେ ସମିତି ଅନ୍ତର୍ଗତ ମେରିଆବନ୍ଧଲି, ବଳଦିଆମାଲ, ଭାଇଁରିଗୁଡାର ଚାଷୀ ଆଜିଠାରୁ ଧାନ ବିକ୍ରି କରିପାରିବେ। ପ୍ରାଥମିକ କୃଷି ସମବାୟ ସମିତି ଡାଇରେକ୍ଟର ସନ୍ତୋଷ କୁମାର ସିଂହ ଦେଓ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜାମିଳ ପୂଜାରି, ଦୁର୍ଗା ପ୍ରସାଦ ନାଏକ, ପ୍ୟାକ୍ସ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଯଦୁମଣି ଭାଟି, ଦିନେଶ କୁମାର ପାତ୍ର, କପୁର କାଣ୍ଡ, ଭୂପେନ୍ଦ୍ର ଘି, ଦେବାଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




# ଚବିଶ ପ୍ରହର ନାମଯଜ୍ଞ: ଗ୍ରାମରେ ଭକ୍ତିମୟ ପରିବେଶ



**ମୁରିବାହାଲ, ୨୩।୫ (ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ବେଲପଡା ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ଚାଲିଛି। ଏଥିଯୋଗୁ ଗାଁରେ ଭକ୍ତିମୟ ପରିବେଶ ସୃଷ୍ଟି ହେଉଛି। ଗତ ୨୦ ତାରିଖ ଠାରୁ ଆରମ୍ଭ ହୋଇଥିବା ନାମଯଜ୍ଞର ଶୁକ୍ରବାର ପୂର୍ଣ୍ଣାହୁତି ହେବ। ଗତ ୨୦ ତାରିଖ ଦିନ ବେଲପଡା ଶିବ ମନ୍ଦିରଠାରୁ ୧୦୮ କଳସ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିବା ପରେ ଯଜ୍ଞସ୍ଥଳରେ କଳସ ସ୍ଥାପନ କରାଯାଇଥିଲା। ଏହି ନାମଯଜ୍ଞରେ କର୍ତ୍ତା ଭାବେ ଭରତ ପୁଟେଲ ଓ ତାଙ୍କ ସ୍ତ୍ରୀ ଚନ୍ଦ୍ରକାନ୍ତି ପୁଟେଲ ଦାୟିତ୍ୱ ତୁଲାଉଥିବା ବେଳେ ପୂଜକ ଭାବେ ଦଣ୍ଡପାଣି ମିଶ୍ର ଓ ଅନ୍ୟମାନେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଆୟୋଜକ କମିଟିର ସଭାପତି ଦେବରାଜ ପୋଢ, ସମ୍ପାଦକ ରଞ୍ଜିତ ମେହେର, କମ୍ବୁପାଣି ପୋଢ, ରାମଲାଲ ପୁଟେଲ, ଗଜମନ ପୁଟେଲ, କୋଷାଧ୍ୟକ୍ଷ ରୁପେଶ ମେହେର, ନିରାକାର ମେହେର, ବିଭୀଷଣ ବାଗ, ବିପିନ ବିହାରୀ ପୋଢ, ବୈଶାଖୁ ବଘେଲ, କିଶୋର କୁମାର ବଘେଲଙ୍କ ସମେତ ଗ୍ରାମବାସୀଙ୍କ ସହଯୋଗରେ ନାମଯଜ୍ଞ ଚାଲିଛି। ଏହି ନାମଯଜ୍ଞରେ ବଲାଙ୍ଗୀର, ନୂଆପଡା ଓ କଳାହାଣ୍ଡି ଜିଲାର ବିଭିନ୍ନ ମହିଳା ସଂକୀର୍ତ୍ତନ ଦଳ ସାମିଲ ହୋଇଛନ୍ତି । ବେଲପଡା(ତଳପଡା), ବେଲପଡା (ଉପରପଡା), କଟିଙ୍ଗପଦର, ସାଲେପାଲି, ସୁନାମାଲ, ମୁଙ୍ଗୁନାପଦର(କୋକସରା), ପିପଲଗୁଡା(ଜୟପାଟଣା), ବଡଗମଡା ଉପରପଡା, କୁଶମାଲ, ଛୁରିଆଗଡ, ପଦ୍ମପୁର ପ୍ରମୁଖ ସଂକୀର୍ତ୍ତନ୍ୟ ଦଳ ଅଂଶଗ୍ରହଣ କରଛନ୍ତି । ନାମଯଜ୍ଞ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଜମୁଛି ।



# ନିର୍ବାଚନ କାର୍ଯ୍ୟରେ ଅବହେଳା ପାଇଁ ୧୨ ଜଣ କର୍ମଚାରୀ ନିଲମ୍ବିତ

ବୌଦ୍ଧ,୨୩।୫( ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ନିର୍ବାଚନ କାର୍ଯ୍ୟରେ ଅବହେଳା ପାଇଁ ୧୨ ଜଣ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି । ଜିଲାର କଣ୍ଟାମାଳ ନିର୍ବାଚନମଣ୍ଡଳୀର ୨ଟି ବୁଥ୍‌ରେ ମତଦାନ ବେଳେ ଅନିୟମିତତା ଅଭିଯୋଗ ହେବା ପରେ ଉଭୟ ବୁଥ୍‌ରେ ନିର୍ବାଚନ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନା ମୁତାବକ, କଣ୍ଟାମାଳ ନିର୍ବାଚନମଣ୍ଡଳୀର ୨୬ ନମ୍ବର କିରାସିରା ବୁଥ ପ୍ରିଜାଇଡିଂ ଅଫିସର ଦାୟିତ୍ୱରେ ଥିବା ଏଲଡିଏମ ଫିଲ୍ଡ ଅଫିସର ଅନନ୍ତ ରାମକୃଷ୍ଣ ସାହୁ, ଅନ୍ୟ ପୋଲିଂ ଅଧିକାରୀ ଘଣ୍ଟାପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ସତ୍ୟନାରାୟଣ ପଣ୍ଡା, ଡାଙ୍ଗମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପୁରୁଷୋତ୍ତମ ମହଲା, ଦପଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ କୁମାର ପଟେଲ, ଚାରିଛକ ଟିଓ୍ୟୁପିର ଲିଙ୍ଗରାଜ କହଁର ଓ ଶୁଣ୍ଡିପଦର ବିଦ୍ୟାଳୟର ଶିକ୍ଷକ ରବିନ କୁମାର ବସ୍ତିଆଙ୍କୁ ନିର୍ବାଚନ କାର୍ଯ୍ୟରେ ଅବହେଳା ପାଇଁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଜେ. ସୋନାଲ ନିଲମ୍ବିତ କରିଛନ୍ତି। ସେହିପରି ମହେଶ୍ୱରପିଣ୍ଡା ୨୮ ନମ୍ବର ବୁଥ୍‌ର ପ୍ରିଜାଇଡିଂ ଅଫିସର ଟେକ୍ସଟାଇଲ ଇନ୍ସପେକ୍ଟର ଉଦିପ୍ତ ଶେଖର ସୁନା, ଅନ୍ୟ ପୋଲିଂ ଅଧିକାରୀ ଲୁଣିବାହାଲ ବିଦ୍ୟାଳୟର ଶିକ୍ଷକ ଚରଞ୍ଜୀବ ଭୁକ୍ତା, ବିରିଗଡ ବିଦ୍ୟାଳୟର ଶିକ୍ଷକ ସତ୍ୟ ନାରାୟଣ ପ୍ରଧାନ, ଲକ୍ଷ୍ମୀ ପ୍ରସାଦ ବିଦ୍ୟାଳୟର ଶିକ୍ଷକ ଅଜିତ କୁମାର ମହାପାତ୍ର, କୃଷି ସମବାୟ ସମିତିର ସେକ୍ରେଟାରୀ ନିର୍ମଳ ବାରିକ୍ ଓ ଘଣ୍ଟାପଡା ଡିଗ୍ରୀ ମହାବିଦ୍ୟାଳୟର ଲାଇବ୍ରେରିଆନ କ୍ଷୀରୋଦ ରଣାଙ୍କୁ ମଧ୍ୟ ନିର୍ବାଚନ କାର୍ଯ୍ୟରେ ଅବହେଳା ପାଇଁ ନିଲମ୍ବିତ କରାଯାଇଛି। ଗତ ୨୦ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ହୋଇଥିବା ଭୋଟ ଗ୍ରହଣ ବେଳେ କଣ୍ଟାମାଳ ବିଧାନସଭା ନିର୍ବାଚନମଣ୍ଡଳୀ (୮୫)ର କେତେକ ସ୍ଥାନରେ ଗଣ୍ଡଗୋଳ ହେବା ସହ ୨୬ନମ୍ବର ବୁଥ୍ କିରାସିରା ଓ ୨୮ ନମ୍ବର ବୁଥ୍ ମହେଶ୍ୱରପିଣ୍ଡା ବୁଥ୍‌ରେ ମତଦାନ ସମୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ଉଭୟ ବୁଥ୍‌ରେ ଗୁରୁବାର ସାନି ନିର୍ବାଚନ ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ୨୩ ତାରିଖରେ ପୋଲିସର କଡ଼ା ସୁରକ୍ଷା ସାଙ୍ଗକୁ ବରିଷ୍ଠ ଅଧିକାରୀ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉଭୟ ବୁଥ୍‌ରେ ନିର୍ବାଚନ ହୋଇଯାଇଛି।

# ବୃଦ୍ଧଙ୍କ ମୃତଦେହ ସତ୍କାର କଲେ ରାମଲୀଳା ନାଟ୍ୟ ସଂସଦ ସଦସ୍ୟ

ବୌଦ୍ଧ,୨୩।୫(ଅଜିତ କୁମାର ବାରିକ)


ବୌଦ୍ଧ ରାଜଘାଟଠାରେ ରାମଲୀଳା ନାଟ୍ୟ ସଂସଦର ସଦସ୍ୟ ।

ବୌଦ୍ଧର ରାମଲୀଳା ନାଟ୍ୟ ସଂସଦ ସଦସ୍ୟମାନେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଜଣେ ବୃଦ୍ଧଙ୍କ ଅନ୍ତିମ ସତ୍କାର କରି ପ୍ରଶଂସା ସାଉଁଟିଛନ୍ତି। ପ୍ରକାଶ ଯେ, ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଚାରିଛକ ଠାରେ ଗତ ବୁଧବାର ଏକ ଅଜଣା ଗାଡି ଧକ୍କାରେ ଠିକିଯୋର ଗ୍ରାମର ବଶିଷ୍ଠ ନାୟକ(୬୭) ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ପୁରୁଣାକଟକ ମେଡିକାଲରେ ପ୍ରାଥମିକ ଚିକିତ୍ସା କରାଯାଇ ପରେ ବୌଦ୍ଧ ମେଡିକାଲକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପୂର୍ବରୁ ମୃତ ବଶିଷ୍ଠଙ୍କ ଦୁଇ ପୁଅଙ୍କ ମୃତ୍ୟୁ ହୋଇଯାଇଛି। ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀ ରାଧା ଅସହାୟ ହୋଇ ପଡିଥିଲେ। ମୃତଦେହ ସତ୍କାର କରିବା ତାଙ୍କ ପକ୍ଷେ କଷ୍ଟକର ହୋଇପଡିଥିଲା ।ଶେଷରେ ସେ ପୁରୁଣାକଟକ ପୋଲିସ ସହାୟତାରେ ବୌଦ୍ଧର ଅଗ୍ରଣୀ ଅନୁଷ୍ଠାନ ଶ୍ରୀ ରାମଲୀଳା ନାଟ୍ୟ ସଂସଦର ସଦସ୍ୟଙ୍କ ସହ ଯୋଗାଯୋଗ କରିଥିଲେ। ରାମଲୀଳା ନାଟ୍ୟ ସଂସଦର ସଦସ୍ୟ ସନ୍ତୋଷ ସାହୁ, ଏମ. ମିଶ୍ର, ଅମ୍ରିତ ମହପାତ୍ର, ରିତେଶ ମହାପାତ୍ର, ପବନ ମିଶ୍ର ପୁରୁଣାକଟକ ପୋଲିସ ଓ ରାଧାଙ୍କ ଉପସ୍ଥିତିରେ ବୌଦ୍ଧ ରାଜଘାଟଠାରେ ବଶିଷ୍ଟଙ୍କ ଅନ୍ତିମ ସଂସ୍କାର କରିଥିଲେ ।

# ଡୁଙ୍ଗୁରିପାଲିରେ ଧାନମଣ୍ଡି ଉଦ୍‌ଘାଟିତ

ଡୁଙ୍ଗୁରିପାଲି, ୨୩।୫(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଆରଏମ୍‌ସି ପରିସରରେ ବୁଧବାର ଡୁଙ୍ଗୁରିପାଲି ପ୍ରାଥମିକ କୃଷି ସମବାୟ ସମିତି ଲି଼ ର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସୁବର୍ଣ୍ଣପୁର ଉପନିବନ୍ଧକ ରଶ୍ମିରତା ବେହେରା, ସୁବର୍ଣ୍ଣପୁର ସହକାରୀ ନିବନ୍ଧକ ପାଣ୍ଡୁଚରଣ ସାହୁ, ଡୁଙ୍ଗୁରିପାଲି ଆରଏମ୍‌ସି ଭାରପ୍ରାପ୍ତ ସମ୍ପାଦକ ଉଦିତ କୁମାର ବାବୁ, ପେକ୍ସ ସମ୍ପାଦକ ରବୀନ୍ଦ୍ରଚନ୍ଦ୍ର ବିଶ୍ୱାଳ, ପେକ୍ସ ସଭାପତି ଦାଶରଥି ବିଶ୍ୱାଳ, ବ୍ଲକ ଯୋଗାଣ ନିରୀକ୍ଷକ ସୁବ୍ରତ କୁମାର ପାଣି ଅତିଥି ଭାବେ ଯୋଗଦେଇ ରବି ଋତୁ ଧାନ ସଂଗ୍ରହକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ଡୁଙ୍ଗୁରିପାଲି ପେକ୍ସରୁ ଜଣେ ଚାଷୀଙ୍କ ୪୦ କୁଇଣ୍ଟାଲ ଧାନ ବିକ୍ରି ହୋଇଛି। ଏହି ପେକ୍ସରେ ମୋଟ ୭୫୩ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜିକରଣ କରିଛନ୍ତି। ଚାଷୀଙ୍କ ୫୪ ହଜାର କୁଇଣ୍ଟାଲ ଧାନ ବିକ୍ରି ହେବାର ଧାର୍ଯ୍ୟ ରହିଛି। ଚାଷୀ ଧାର୍ଯ୍ୟ ସମୟରେ ଧାନ କିପରି ବିକ୍ରି କରିପାରିବେ ସେ ବିଷୟରେ ଆଲୋଚନା ହୋଇଥିଲା। ଉଦ୍‌ଘାଟନ ବେଳେ ଚାଷୀ ସମ୍ପଦ ମଲ୍ଲିକ, ଅଜିତ ବେହେରା, ବିଶ୍ୱ ଖମାରୀ, ସଞ୍ଜୟ ସାହୁ, ଲମ୍ବୋଧର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଠିକ ସେହିପରି ଦିଗଶିରା ଉପବଜାର ପରିସରରେ ଦିଗଶିରା ମଣ୍ଡିରୁ ୧୨୯ କୁଇଣ୍ଟାଲ ୯୪ କିଲୋ ଜଣେ ଚାଷୀଙ୍କ ଧାନ ବିକ୍ରି ହୋଇଥିଲା। ଏହାକୁ ମା' ସମଲେଶ୍ୱରୀ ସ୍ୱୟଂ ସହାୟତା ମହିଳା ଗ୍ରୁପ ଧାନ ବିକ୍ରି ଶୁଭ ଆରମ୍ଭ କରିଛନ୍ତି। ଦ୍ୱିତୀୟ ଦିନ ଗୁରୁବାର ଦିଗଶିରା ମଣ୍ଡିରେ ଦୁଇ ଜଣ ଚାଷୀଙ୍କ ମଧ୍ୟରୁ ଜଣଙ୍କର ୧୩୦ କୁଇଣ୍ଟାଲ ଓ ଅନ୍ୟ ଏକ ଚାଷୀଙ୍କ ୧୧୪ କୁଇଣ୍ଟାଲ ଧାନ ବିକ୍ରି ହୋଇଛି।


ଆରଏମ୍‌ସି ପରିସରରେ ଅତିଥିମାନେ ଧାନମଣ୍ଡି ଉଦ୍‌ଘାଟନ କରୁଛନ୍ତି।

# ଅସହାୟ ମହିଳାଙ୍କ ମୃତଦେହ ସତ୍କାର କଲେ ଯୁବଗୋଷ୍ଠୀ


ଯୁବଗୋଷ୍ଠୀ ମୃତଦେହ ସତ୍କାର କରୁଛନ୍ତି।

ତରଭା,୨୩।୫(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ସହରର ବନ୍ଧପଡା ନିକଟରେ ରହୁଥିବା ଜଣେ ମହିଳାଙ୍କ ମୃତ୍ୟୁ ପରେ ତାଙ୍କର ମୃତଦେହ ସତ୍କାର କରିଛନ୍ତି ଯୁବଗୋଷ୍ଠୀ। ମୃତଦେହ ସତ୍କାର ଲାଗି ତାଙ୍କର କେହି ସମ୍ପର୍କୀୟ ଆସି ନ ଥିଲେ। ଫଳରେ ଯୁବ ଗୋଷ୍ଠୀ ଅଣ୍ଟା ଭିଡିଥିଲା। ବନ୍ଧପଡା ନିକଟରେ ନିଜ ଘରେ ଯୁଧିଷ୍ଠିର ନାଏକଙ୍କ ସ୍ତ୍ରୀ ଗୀତାଞ୍ଜଳି (୩୫) ବେକରେ ରଶୀ ଲଗେଇ ମୃତ୍ୟୁବରଣ କରିଥିଲେ। ଏହି ଖବର ସେ ଅଞ୍ଚଳର ଜନସାଧାରଣ ମାହେଶ୍ୱରୀ ସଙ୍ଗଠନକୁ ଜଣାଇଥିଲେ। ମାହେଶ୍ୱରୀ ସଙ୍ଗଠନର ସଦସ୍ୟମାନେ ତରଭା ଥାନାରେ ଜଣାଇଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ତରଭା ଅଞ୍ଚଳରେ ଗତ ୬ ମାସ ହେବ ସ୍ୱର୍ଗରଥ ଖରାପ ହୋଇଯାଇଥିବାରୁ ମାହେଶ୍ୱରୀ ସଙ୍ଗଠନର ସଦସ୍ୟମାନେ ବଲାଙ୍ଗୀରରୁ ସ୍ୱର୍ଗରଥ ଆଣି ମୃତଦେହ ବ୍ୟବଚ୍ଛେଦ କରିବା ସହ ସ୍ଥାନୀୟ ସ୍ୱର୍ଗଦ୍ୱାରରେ ସତ୍କାର କରିଥିଲେ। ଏଥିରେ ତରଭା ମାହେଶ୍ୱରୀ ସଙ୍ଗଠନର ସଭାପତି ପ୍ରଦୀପ ମେହେର, ସୋମ ମିଶ୍ର, ରିଙ୍କୁ ବରର୍ତ୍ତୀ, ସୁମିତ ସାହୁ, ବିଜ୍ଞାନ ମିଶ୍ର, ମନୋଜ ନାଏକ, ସତ୍ୟଜିତ ହାତୀ, ଆଶୁତୋଷ ମାହାଣା ପ୍ରମୁଖ ସହଯୋଗ କରିଥିଲେ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ସ୍ୱର୍ଗରଥ ଠିକ କରାଯାଇ ନ ଥିବାରୁ ଜନସାଧାରଣ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ଉପନଗରପାଳ ଗଗନ କୁମାର ଅଗ୍ରୱାଲଙ୍କ ସହିତ ଯୋଗାଯୋଗ କରିବାରୁ ସେ ସ୍ୱର୍ଗରଥ ଆକ୍ସିଡେଣ୍ଟ ହୋଇଥିଲା। ଏଥିପାଇଁ ଇନ୍ସୁରାନ୍ସ କ୍ଲେମ କରାଯାଇଛି। ଗାଡ଼ିର କେତେକ ଜିନିଷ ଏଠାରେ ମିଳୁ ନ ଥିବାରୁ ବିଳମ୍ବ ହେଉଛି। ଖୁବଶୀଘ୍ର ସ୍ୱର୍ଗରଥ ଗାଡ଼ି କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରକାଶ କରିଥିଲେ।

# ଅଷ୍ଟପ୍ରହରୀ ନାମଯଜ୍ଞ ମହୋତ୍ସବ ଉଦ୍‌ଯାପିତ

ସୋନପୁର,୨୩।୫ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ବଡବଜାର ସ୍ଥିତ ନୃସିଂହ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ଅଷ୍ଟପ୍ରହରୀ ନାମଯଜ୍ଞ ଗୁରୁବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀ ଶ୍ରୀ ନୃସିଂହ ନାମଯଜ୍ଞ କମିଟି ପକ୍ଷରୁ ଏହି ମହୋତ୍ସବ ଆୟୋଜିତ ହୋଇଥିଲା। ମଙ୍ଗଳବାର ଅଧିବାସ ପରେ ବୁଧବାର ନୃସିଂହ ଚତୁର୍ଦ୍ଦଶୀରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ମୁଖ୍ୟ ଆଚାର୍ଯ୍ୟ ଶରତ କୁମାର କର ଓ ଆନନ୍ଦ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ଓ ନାମଯଜ୍ଞ ସମ୍ପାଦିତ ହୋଇଥିଲା। ରାସେଶ୍ୱରୀ ମହାଳିକ ଓ କଲ୍ପର ମହାଳିକ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଅପରାହ୍ନରେ ତିନି ଦିନ ଧରି ଚାଲିଥିବା ନାମଯଜ୍ଞ ମହୋତ୍ସବର ପୂର୍ଣ୍ଣାହୁତି ହୋଇଥିଲା। ପରେ ଶତାଧିକ ମହିଳା ପୁରୁଷ ସଂକୀର୍ତ୍ତନ୍ୟ ଦଳ ସହିତ ନଗର ପରିକ୍ରମା କରିଥିଲେ। ରାତିରେ ସମ୍ବଲପୁର, ବୌଦ୍ଧ, ବଲାଙ୍ଗୀର, ବରଗଡ ଓ ସୁବର୍ଣ୍ଣପୁର ଜିଲାର ଭିନ୍ନଭିନ୍ନ ସ୍ଥାନରୁ ଆସିଥିବା ସଂକୀର୍ତ୍ତନ୍ୟ ଦଳକୁ ନେଇ ବୈଠକୀ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।




# ଶିକ୍ଷା ବିଭାଗର ଗ୍ରୀଷ୍ମ ଶିବିର ଉଦ୍‌ଘାଟିତ

ବରଗଡ଼,୨୩।୫(ପ୍ରେମାନନ୍ଦ ଖମାରୀ)

ବରଗଡ ଶିକ୍ଷା ଭିଭାଗ ପକ୍ଷରୁ ଗ୍ରୀଷ୍ମ ଶିବିର ଆରମ୍ଭ ହୋଇଛି। ଗୁରୁବାର ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର ଉଦଘାଟନ କରିଥିଲେ। ଶିବିରରେ ବିଭିନ୍ନ ବିଦ୍ୟାଳୟର ୬୦ଜଣ ଛାତ୍ରୀଛାତ୍ର ଉପସ୍ଥିତ ଅଛନ୍ତି। ସେମାନଙ୍କୁ ଯୋଗ, କଳା ଆଦି ଉପରେ ଶିକ୍ଷା ଦିଆଯାଉଛି। ପିଲାମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଶିବିରରେ ଯୋଗଗାଭ୍ୟାସ, କଳାତ୍ମକ ବିକାଶ, ସୃଜନାତ୍ମକ କାର୍ଯ୍ୟକଳାପ ଆଦି ଶିକ୍ଷା ଦିଆଯାଉଛି ଏବଂ ଏହା ଛାତ୍ରୀଛାତ୍ରଙ୍କ ବିକାଶରେ ବେଶ ସହାୟକ ହେବ ବୋଲି ଜିଲା ଶିକ୍ଷା ଅଧିକାରୀ ଛତ୍ରୀ କହିଛନ୍ତି। ୧୦ଦିନ ଧରି ଏହି ଶିବିର ଚାଲିବ। ପିରମଲ ଫାଉଣ୍ଡେଶନର ପ୍ରଶିକ୍ଷକ ସୁଶ୍ରୀ ସଙ୍ଗୀତା ମହାନ୍ତି, ଅନନ୍ୟା ଗୁପ୍ତା, ଅନୁପମ କୁମାର ପ୍ରମୁଖ ଶିକ୍ଷା ପ୍ରଦାନ କରୁଛନ୍ତ। ଗ୍ରୀଷ୍ମ ଅବକାଶର ସଦୁପଯୋଗ ନିମନ୍ତେ ଜିଲା ଶିକ୍ଷା ବିଭାଗର ଏଭଳି ଅଭିନବ ପ୍ରୟାସ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ମତପ୍ରକାଶ ପାଇଛି। ବରଗଡ ଶିକ୍ଷା ବିଭାଗ ଓ ପିରମଲ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଏହି ଶିବିରରେ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ କବିତା ବରିହା, ପଦ୍ମିନୀ ପ୍ରଧାନ ଶିକ୍ଷକ ଚନ୍ଦନ ପଟେଲ ଶିବିର ଉଦଘାଟନୀ ସମାରୋହରେ ସହଯୋଗ କରିଥିଲେ।


ଅତିଥି ଓ ଆୟୋଜକଙ୍କ ଗହଣରେ ଶିବିରାର୍ଥୀବୃନ୍ଦ।

# କବିଙ୍କ ବାଣୀ ଯୁବ ସମାଜକୁ ପ୍ରେରଣା ଯୋଗାଇବ


ଜୟନ୍ତୀ ସଭାରେ ସାଧୁ ସନ୍ଥ ଓ ଟ୍ରଷ୍ଟର କର୍ମକର୍ତ୍ତା।

ସୋନପୁର,୨୩।୫(ମୃତ୍ୟୁଞ୍ଜୟ ଶତପଥୀ)

## ଭୀମଭୋଇଙ୍କ ୧୭୪ତମ ଜୟନ୍ତୀ ପାଳିତ

ସୋନପୁର ବ୍ଲକ ଖଲିଆପାଲି ସ୍ଥିତ ଭୀମଭୋଇଙ୍କ ସିଦ୍ଧି, ସାଧନା ଓ ସମାଧି ପୀଠରେ ସନ୍ଥ କବିଙ୍କ ୧୭୪ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ସମାଧି ପୀଠର ମୁଖ୍ୟ ବାବା ସନ୍ୟାସୀ ବାବା ଏଥିରେ ଯୋଗଦାନ କରି ସନ୍ଥ କବିଙ୍କୁ ମାନବବାଦୀ, ସମାଜ ସଂସ୍କାରକ, ବିଶିଷ୍ଟ କବି ତଥା ଅବତାରୀ ପୁରୁଷ ବୋଲି କହିଥିଲେ। କବିଙ୍କ ଲିଖିତ ବାଣୀ ଯୁବ ସମାଜକୁ ଆଗକୁ ବଢିବାକୁ ପ୍ରେରଣା ଯୋଗାଇବ ବୋଲି ସନ୍ୟାସୀ ବାବା ଏହି ଅବସରରେ ମତପ୍ରକାଶ କରିଥିଲେ। ଭୀମ ଭୋଇ ସମାଧି ପୀଠର ମ୍ୟାନେଜିଂ ଟ୍ରଷ୍ଟି ଛତ୍ରଧାରୀ ଅଗ୍ରୱାଲ ସନ୍ଥ କବିଙ୍କ ବାଣୀ ବର୍ତ୍ତମାନର ଅବକ୍ଷୟମୁଖି ସମାଜ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଥିବା କହିଥିଲେ। ଟ୍ରଷ୍ଟର ସଭ୍ୟ ମହାଦେବ ବରର୍ତ୍ତି, ଅଶୋକ ବଡମାଳୀ, କାର୍ତ୍ତିକ ଭୋଇ ଓ କାର୍ଯ୍ୟାଳୟ ସମ୍ପାଦକ ଜନ୍ମେଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇ ସନ୍ଥକବିଙ୍କ ବାଣୀ ଓ ସାହିତ୍ୟ ରଚନା ବିଷୟରେ ଆଲୋଚନା କରିଥିଲେ। ଜୟନ୍ତୀ ପାଳନ ଅବସରରେ ଶତାଧିକ ସାଧୁସନ୍ଥ ଓ ମହିମା ଭକ୍ତ ଯୋଗଦାନ କରିଥିଲେ। ଏହି ଉପଲକ୍ଷେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ଜୟନ୍ତୀ ଅବସରରେ ସନ୍ଧ୍ୟା ୬ଟାରେ ଶ୍ରଦ୍ଧାଳୁଙ୍କ ସକାଶେ ସମାଧି ମନ୍ଦିର ଖୋଲା ଯାଇଥିଲା।



# ସହରରେ ଟ୍ରାଫିକ୍ ସମସ୍ୟା ବିପର୍ଯ୍ୟସ୍ତ

ଝାରସୁଗୁଡ଼ା,୨୩।୫(ସଞ୍ଜୟ ମାଲି)

ଝାରସୁଗୁଡ଼ା ସହରରେ ଦୀର୍ଘ ବର୍ଷରୁ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ସହରର ମୁଖ୍ୟ ରାସ୍ତା ସରବାହାଲ ରେଳ ଫାଟକଠାରୁ ବେହେରା ମାଳ ଛକ ଓ ବିଟିଏମଠାରୁ ବଢେଇ ମୁଣ୍ଡା ଛକ ପର୍ଯ୍ୟନ୍ତ ପ୍ରତିଦିନ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଏଥିଯୋଗୁ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ସହରରେ ୧୯୮୪ରେ ଟ୍ରାଫିକ ପ୍ରତିଷ୍ଠା ହୋଇଥିବାବେଳେ ସେ ସମୟରେ ପୂର୍ବାହ୍ନ ୮ଟାରୁ ମଧ୍ୟାହ୍ନ ୧୨ଟା ଓ ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ଟ୍ରାଫିକ ପୋଲିସ ମୁତୟନ ହେଉଥିଲେ। ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ନୋ ଏଣ୍ଟ୍ରି ଖୋଲୁଥିଲା। ଗତ କିଛି ବର୍ଷ ତଳେ ଝାରସୁଗୁଡ଼ା ସଦର ମହକୁମା ଅଞ୍ଚଳରେ ଅନେକ ଶିଳ୍ପ ପ୍ରତିଷ୍ଠା ବୃଦ୍ଧି ପାଇବା ଏବଂ ଗାଡ଼ିମଟର ବଢିବା ସାଙ୍ଗକୁ ଜନସଂଖ୍ୟା ବଢିଛି। ଏହା ଫଳରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଉପୁଜିବା ଫଳରେ ଲୋକେ ହସ୍ତତନ୍ତ ହେଉଥିବାର ପରିଲକ୍ଷିତ ହେଉଛି। ଅନ୍ୟପଟେ ଦେଖିବାକୁ ଗଲେ ସହରର ମୁଖ୍ୟ ମାର୍ଗ ଅଣ ଓସାରିଆ ରାସ୍ତା ସାଙ୍ଗକୁ ରାସ୍ତା ଦୁଇ ପାର୍ଶ୍ୱରେ ଅସ୍ଥାୟୀ ଦୋକାନ ଟ୍ରାଫିକ ସମସ୍ୟାକୁ ଅଧିକ ଜଟିଳ କରୁଛି। ସହରର ମୁଖ୍ୟ ମାର୍ଗରେ ଅନେକ ସପିଙ୍ଗ ମଲ ଖୋଲିଥିବା ସାଙ୍ଗକୁ ପାର୍କିଂ ଅଭାବରୁ ରାସ୍ତା ଉପରେ ଗାଡିଚାଳକ ଅନେକ ଚାରି ଚକିଆ ଯାନବାହନ ସାଙ୍ଗକୁ ମଟରସାଇକେଲ ରାସ୍ତା ଉପରେ ରଖୁଥିବାରୁ ଲୋକେ ଯିବାଆସିବା ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ପୁରୁଣା ବସଷ୍ଟାଣ୍ଡ ଓ ରେଳ ଷ୍ଟେଶନ ମୁଖ୍ୟ ରାସ୍ତା ଉପରେ ଅଟୋ ଚାଳକମାନେ ଦୀର୍ଘ ସମୟ ଧରି ଅଟୋ ରଖୁଛନ୍ତି। ସହର ବାଇପାସ ଓ ବଡ଼ମାଳ ବିଜୁପଟ୍ଟନାୟକ ଛକଠାରୁ ବେଦାନ୍ତ ସଂଯୋଗ କରୁଥିବା ରାସ୍ତା ଉପରେ ଟ୍ରକଗୁଡ଼ିକ ଦୀର୍ଘ ସମୟ ଧରି ଛିଡ଼ା ହୋଇରହୁଛି। ଫଳରେ ବଡ଼ମାଳ ପଟୁ ଆସୁଥିବା ଗାଡ଼ି ଚାଳକ, ଶିଳ୍ପାନୁଷ୍ଠାନ କର୍ମଚାରୀ, ଛାତ୍ରୀଛାତ୍ରଙ୍କ ସମେତ ଲୋକେ ଯିବାଆସିବା ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପର୍ବ ପର୍ବାଣି ସମେତ ବିଭିନ୍ନ ସଭା ସମିତି, ରାଲି ମୁଖ୍ୟ ମାର୍ଗ ଉପରେ ଯିବା ବେଳେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଦୀର୍ଘ ବର୍ଷରୁ ବିଭିନ୍ନ ଛକରେ ଟ୍ରାଫିକ ପୋଲିସ ମୁତୟନ ହେଉଥିବା ବେଳେ ଖରା, ବର୍ଷା ଓ ଶୀତରେ ଦିନ ତମାମ ଖଟୁଥିବା ବେଳେ ଟ୍ରାଫିକ ପୋଲିସ ପାଇଁ ଟ୍ରାଫିକ ପୋଷ୍ଟ ନିର୍ମାଣ ହେଉନାହିଁ। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ସହରର ଟ୍ରାଫିକ ସମସ୍ୟା ସମାଧାନ ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଅଭିଯୋଗ କଲେ ସୁଧା କୌଣସି ସମାଧାନ ହୋଇପାରୁନାହିଁ। ଟ୍ରାଫିକ ସମସ୍ୟା ସମାଧାନ ପାଇଁ ଜନସାଧାରଣ ପକ୍ଷରୁ ଦୀର୍ଘ ଦିନରୁ ଦାବି ହୋଇଆସୁଛି।



**ଝାରସୁଗୁଡ଼ା ସହର**

- ଟ୍ରାଫିକ୍ ପୋଲିସ ପାଇଁ ଟ୍ରାଫିକ ପୋଷ୍ଟ ନାହିଁ
- ଅସ୍ଥାୟୀ ଦୋକାନ ଟ୍ରାଫିକ ସମସ୍ୟାକୁ ଅଧିକ ଜଟିଳ କରୁଛି

# ସମ୍ମିଳିତ ଆଦିବାସୀ ସମାଜର ସମୀକ୍ଷା ସଭା

ଝାରସୁଗୁଡ଼ା,୨୩।୫(ସଞ୍ଜୟ ମାଲି)



ଝାରସୁଗୁଡା ଜିଲା ସମ୍ମିଳିତ ଆଦିବାସୀ ସମାଜର ଏକ ସମୀକ୍ଷା ସଭା ପୃଥକ ଭାବେ ସହରସ୍ଥିତ ଝରିଆନାଲ ଓ କାପୁ ମାଲ ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀମାନଙ୍କ ପ୍ରତି ଭାଜପାର ବୈମାତୃକ ଭାବ ତଥା ମିଛ ପ୍ରତିଶ୍ରୁତିରେ ଆଉ ସମ୍ମିଳିତ ଆଦିବାସୀ ସମାଜ ରହିବ ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦିବାସୀମାନଙ୍କ ଯେଉଁଭଳି ଭାବରେ ସର୍ବାଙ୍ଗୀନ ଉନ୍ନତି ଅଭିଯାନ ଜାରିରଖିଛନ୍ତି, ସେଥିପାଇଁ ଆଦିବାସୀ ସମାଜ ବିଜେଡି ସପକ୍ଷରେ ସବୁ ବେଳେ ଠିଆ ରହିବ ବୋଲି ସମ୍ମିଳିତ ଆଦିବାସୀ ସମାଜ ପ୍ରଚାର କରିଛି। ଏହି ସଭାରେ ଅଖିଳ ଭାରତୀୟ ଗୋଣ୍ଡୱନା ଗୋଣ୍ଡ ମହାସଭା ରାଜ୍ୟ ସଭାପତି ମହେନ୍ଦ୍ର ନାଏକ, ପ୍ରମୁଖ ସଚିବ ଅଶୋକ ମାଝୀ, ଉପସଭାପତି ପଦ୍ମିନୀ ମୁଣ୍ଡା, ସଚିବ ପବିତ୍ର ମୋହନ ନାଏକ, ରାଜେଶ କୁମାର ନେଟି, ନିଲେନ୍ଦ୍ରି କାଲୋ, ବିଜୟ କୁମାର ନାଏକ, ମଦନ ଧୁରୁଆ, ମୁରଲୀ କିଷାନ, ଘନଶ୍ୟାମ ପାଉଲେ, ଅଜିତ କୁମାର ନାଏକ, ଦୁଷ୍ମନ୍ତ ବରିହା, ଉମାକାନ୍ତ ନାଏକ, ବିକ୍ରମ ମୁଣ୍ଡା, ନଳିନ ନାଏକ, ଡିଲେଶର ନାଏକ, ହୁକୁମ ସିଂ, କ୍ଷମାଶୀଳ ନାଏକ, ଅପିଲ କିଷାନ, ନିରାକାର ନାଏକ, ଅର୍ଜୁନ କିଷାନ, ମୋହନ କିଷାନ, ଚନ୍ଦ୍ରକାନ୍ତ କିଷାନ, କୈଳାଶ ନାଏକ, ଗୌରବ ନାଏକ ବୀର ସମର୍ଥା କୋଲାବିରା ବ୍ଲକର ନଅ ଟି ପଞ୍ଚାୟତ ଓ ଲଇକେରା ଜୋନ ୧ର ୬ଟି ପଞ୍ଚାୟତର ସମ୍ମିଳିତ ଆଦିବାସୀ ସମାଜର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କଣ୍ଟିଆମୁରାରେ ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ

ବଡ଼ଗାଁ,୨୩।୫(ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ବ୍ଲକ ତୁଡାଲଗା ପଞ୍ଚାୟତ କଣ୍ଟିଆମୁରା ଗ୍ରାମରେ ଗୁରୁବାର ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ ଆରମ୍ଭ ହୋଇଛି। ବୁଧବାର ସଂଧ୍ୟାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବା ପରେ ସ୍ଥାପନା କରଯାଇଥିଲା। ଶୁକ୍ରବାର ଦଧି ହାଣ୍ଡି ଭଞ୍ଜନ, ଯମୁନା ସ୍ନାନ ଓ ନଗର ସଂକୀର୍ତ୍ତନ ଅନୁଷ୍ଠିତ ହେବ। ଗାଁର କୀର୍ତ୍ତନ ପରିଚାଳନା କମିଟି ସଭାପତି ଅମୀୟ କୁମାର ପାଣିଗ୍ରାହୀ, ସଦସ୍ୟ ତାପସ ପାଣିଗ୍ରାହୀ, କମଲ ସା, ପଦ୍ମରାଜ ସା, ମଳୟ କୁମାର ପାଣିଗ୍ରାହୀ, ରବିନ୍ଦ୍ର ନାଏକ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଏହି ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମରେ କବରିବାହାଲ, କୁରେଇବଗା, ତୁଡାଲଗା, ବଡ଼ଗାଁ,ଝଣ୍ଟେଲବୁଡର ୧୬ଟି ନାମ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଛନ୍ତି।

# ସେବକର ୨୯ତମ ପ୍ରତିଷ୍ଠା ଦିବସ




ସୁନ୍ଦରଗଡ,୨୩।୫(ଜୟ ନାରାୟଣ ମେଣ୍ଟୁଲି)

ସେବକ ରଙ୍ଗିଆମୁଣ୍ଡାର ୨୯ତମ ପ୍ରତିଷ୍ଠା ଦିବସ ସେବକର ଆଞ୍ଚଳିକ ସାଧନ କେନ୍ଦ୍ରଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସେବକର ଅଧକ୍ଷ ଅମୀୟକାନ୍ତ ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସମାଜର ପଛୁଆ, ଗରିବ, ଅବହେଳିତ ଲୋକଙ୍କ ଉନ୍ନତି ନିମନ୍ତେ ସେବକର ୨୯ ବର୍ଷର ଅବିଶ୍ରାନ୍ତ ଯାତ୍ରା ଉପରେ ଅଭିଭାଷଣ ଦେଇଥିଲେ। ଭର୍ଚୁଆଲ ମୋଡରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସେବକର ପ୍ରତିଷ୍ଠାତା ତଥା ନେହେରୁ ଯୁବ କେନ୍ଦ୍ରର ଅବସରପ୍ରାପ୍ତ ଡେପୁଟି ଡାଇରେକ୍ଟର ଗୋପାଳ ଚନ୍ଦ୍ର ଓଝା ସୁନ୍ଦରଗଡରେ ଯୁବ ଆନ୍ଦୋଳନ ଭୂମିକା, ସେବକର ଅଭ୍ୟୁଦୟ, ଯୁବ ସମାଜକୁ ଆତ୍ମନିର୍ଭରଶୀଳ କରିବାର ସଂଘର୍ଷ ଉପରେ ବ୍ୟକ୍ତବ୍ୟ ରଖିଥିଲେ। ପ୍ରାଚୀନ ପରମ୍ପରାକୁ ସମ୍ମାନ ଜଣାଇବା ସହ ସୁସ୍ଥ ସମାଜ ଗଠନ ନିମନ୍ତେ ତୃଣମୂଳ ସ୍ତରରୁ ପ୍ରତ୍ୟେକ ଯୋଜନାର ସଫଳ ରୂପାନ୍ତିକରଣ ଆବଶ୍ୟକ ବୋଲି ଓଝା ମତ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଜଳ ସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ. ଦାମୋଦର ଦେହୁରିଆ ଯୋଗଦେଇ ଜଳ ସଙ୍କଟ ଉପରେ ଏକ ବିସ୍ତୃତ ଉପସ୍ଥାପନା କରିବା ସହିତ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ସହିତ ଜଳ, ଜମି, ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ନିମନ୍ତେ ସମସ୍ତେ ମିଳିମିଶି ପ୍ରୟାସ କରିବାକୁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥିଭାବେ ସୋଲିଡାରିଡାଡ ଭୁବନେଶ୍ୱରର ରାଜ୍ୟ କାର୍ଯ୍ୟକ୍ରମ ପ୍ରବନ୍ଧକ ଜ୍ଞାନ ରଞ୍ଜନ ଷଡଙ୍ଗୀ ଯୋଗଦେଇ ସମାଜ ମଙ୍ଗଳରେ ସଚ୍ଛୋସେବୀ ଅନୁଷ୍ଠାନ ସେବକର ଭୂମିକା ଉପରେ ଆଲୋକପାତ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଦିଲ୍ଲୀ ଏମ୍ସର ବିଜୟାନନ୍ଦ ନାଏକ ଯୋଗଦେଇ ବର୍ତ୍ତମାନର ସମୟକୁ ଆଖିଆଗରେ ରଖି ସୌରଶକ୍ତି ଚାଳିତ ଯନ୍ତ୍ରାବଳୀର ବହୁଳ ବ୍ୟବହାର ସଙ୍ଗେ ସଙ୍ଗେ ଜଳବାୟୁ ପରିବର୍ତ୍ତନର ସମାଧାନ ଉପରେ ଗୁରୁତ୍ୱ ଦେବା ପାଇଁ ଆହ୍ୱାନ ଦେଇଥିଲେ। ସେବକର ଅନ୍ୟତମ ପ୍ରତିଷ୍ଠାତା ସଭ୍ୟ ଅନିଲ ପଟେଲ ଯୋଗଦେଇ ଜଙ୍ଗଲ ପରିବେଶ ସୁରକ୍ଷା ତଥା ଜୀବିକାର ଉନ୍ନତି ନିମନ୍ତେ ସେବକ ତରଫରୁ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିବା ସହ ଜାତୀୟ ସ୍ତରରେ ଏହା ଏକ ମଡେଲ ବୋଲି ମତ ପ୍ରଦାନ କରିଥିଲେ। ବରିଷ୍ଠ ସମାଜସେବୀ ମଧୁସୂଦନ ରାଉତ ଯୋଗଦେଇ ଆଗାମୀ ଦିନ ପାଇଁ ରୋଡମ୍ୟାପ ପ୍ରସ୍ତୁତି ସହ ସ୍ୱାସ୍ଥ୍ୟ-ଜଳବାୟୁ ପରିବର୍ତ୍ତନ-ଜୀବିକାର ସୁଯୋଗ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ଉପସ୍ଥାପନା ସହ କ୍ଲାଇମେଟ ଏସିଆ, ବ୍ୟବସ୍ଥାର ଡିଜିଟାଲାଇଜେସନ, ପରିବର୍ତ୍ତନର ସିଦ୍ଧାନ୍ତ, ଜୈବିକ ଓ ପ୍ରାକୃତିକ କୃଷି ଉପରେ ଉପସ୍ଥାପନା କରିଥିଲେ। ଏହାପରେ ବୈଷୟିକ ଅଧିବେଶନରେ ସେବକର ବରିଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଦିଗାମ୍ବର ଉପାଧ୍ୟାୟ ଅନୁଷ୍ଠାନର ଷ୍ଟ୍ରାଟେଜିକ ପ୍ଲାନିଂ ତଥା ଭିଜନ ଡୋକ୍ୟୁମେଣ୍ଟ-୨୦୩୬ ଉପରେ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ସେବକର ସଞ୍ଜୁ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ରୋଟାରି କ୍ଲବ୍‌ର ସ୍ଥାପନା ଦିବସ, ପାନୀୟ ଜଳଯନ୍ତ୍ର ଲୋକାର୍ପିତ

ସୁନ୍ଦରଗଡ଼,୨୩।୫
(ଜୟନାରାୟଣ ମେଣ୍ଟୁଲି)




ସୁନ୍ଦରଗଡ଼ ରୋଟାରି କ୍ଲବ୍‌ର ୨୭ତମ ସ୍ଥାପନା ଦିବସ ବୁଧବାର ପାଳିତ ହୋଇଯାଇଛି। କ୍ଲବ ସଭାପତି ରୋଟାରିଆନ ବାଲ ଗୋପାଲ ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କ୍ଲବ୍ ଦ୍ୱାରା କରାଯାଉଥିବା ବିଭିନ୍ନ ଉନ୍ନତିମୂଳକ, ସାମାଜିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ନବ ନିର୍ବାଚିତ ପ୍ରାନ୍ତପାଳ ଆଲମ ସିଂହ ଛାପ୍ରା, ସମ୍ମାନିତ ଅତିଥିଭାବେ ରୋଟାରିଆନ ବିକାଶ ଅଗ୍ରୱାଲ ଯୋଗଦେଇଥିଲେ। ରୋଟାରିକୁ ଶକ୍ତିଶାଳୀ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମ୍ପାଦକ ବିଶ୍ୱରଞ୍ଜନ ପୁରୋହିତ ବିବରଣୀରେ ପାଠ କରିଥିଲେ। ହରପାଲ ସିଂହ ଛାପ୍ରା ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସଭାକାର୍ଯ୍ୟ ପୂର୍ବରୁ ଜିଲା ମୁଖ୍ୟ ଡାକ୍ତରଖାନା ସମ୍ମୁଖରେ କ୍ଲବ ତରଫରୁ ଏକ ଥଣ୍ଡା ପାନୀୟ ଜଳ ମେଶିନ ଲୋକାର୍ପିତ ହୋଇଥିଲା।






# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବଡ଼ଗାଁ,୨୩।୫(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଟିମନା ଗାଁ ନିକଟ ଚାଟଲି ପାହାଡ଼ ଉପରୁ ଗୁରୁବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ରେମଡାମାଲ ଗ୍ରାମର ମିଳନ କେରକେଟା (୨୧)। ବଡ଼ଗାଁ ଥାନା ଏଏସଆଇ ଗୋପୀନାଥ ଓଝା ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

# ୩୦ ଫୁଟ୍ ଗଭୀର କୂଅରୁ ମହିଳାଙ୍କୁ ଉଦ୍ଧାର

ରେଢାଖୋଲ,୨୩।୫
(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ଥାନା ତେରବେଡା ଗ୍ରାମରେ ୩୦ ଫୁଟ ଗଭୀର କୂଅରୁ ମହିଳାଙ୍କୁ ଉଦ୍ଧାର କରାଯାଇଛି। ସସ୍ମିତା ଜାଲ (୩୮) ନାମକ ଜଣେ ମହିଳା ଗୁରୁବାର ଅପରାହ୍ନ ୪ଟାବେଳେ ଅସାବଧାନତା ବଶତଃ ନୂତନ ଭାବେ ଖୋଳା ଯାଇଥିବା ଏହି କୁଅରେ ପଡିଯାଇଥିଲେ। ଖବରପାଇ ରେଢାଖୋଲ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ମହିଳାଙ୍କୁ ଉଦ୍ଧାର କରିଥିବା ଜଣାପଡିଛି। ତେବେ ମହିଳା ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାପଡିଛି।

# ପ୍ରସଙ୍ଗଭିତ୍ତିକ ନିର୍ବାଚନ ଲଢ଼ିବାକୁ ଅସମର୍ଥ ଧର୍ମେନ୍ଦ୍ର: ଲେନିନ

ସମ୍ବଲପୁର,୨୩।୫(ପ୍ରମୋଦ ବହିଦାର)

ସମ୍ବଲପୁର ଲୋକସଭା ଭାଜପା ପ୍ରାର୍ଥୀ ଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ଧର୍ମେନ୍ଦ୍ର ପ୍ରଧାନଙ୍କୁ ହାରିବା ଭୟ ଘାରିଛି। ତେଣୁ ଭାଜପାର ଶୀର୍ଷ ନେତୃତ୍ୱଙ୍କ ଠାରୁ ଆରମ୍ଭ କରି ସମସ୍ତେ ଅବାସ୍ତବ କଥା କହୁଛନ୍ତି। କ୍ଷମତାରେ ଥିବା ସମୟରେ ଲୋକଙ୍କ ପାଇଁ କ'ଣ କରିଛନ୍ତି ବୋଲି ପ୍ରଶ୍ନ ପଚରା ଯାଇଥିବାବେଳେ ଏହାର ଉତ୍ତର ଦେବା ଛାଡି ଅସ୍ମିତା, ସ୍ୱାଭିମାନର ମିଛ ଭାଷଣ ଦେବାର ବ୍ୟସ୍ତ ରହୁଛନ୍ତି। ନିର୍ବାଚନରେ ପରାଜୟକୁ ଜାଣିପାରି ସେମାନେ ଧର୍ମକୁ ନେଇ ରାଜନୀତି କରିବା ସହିତ ଅବାନ୍ତର କଥା କହୁଛନ୍ତି ବୋଲି କହିଛନ୍ତି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି। ପ୍ରକୃତରେ ଭାରତୀୟ ଜନତା ପାର୍ଟି ଆସନ୍ନ ପରାଜୟ ନେଇ ସୁନିଶ୍ଚିତ ହୋଇଗଲାଣି। ଯେଉଁଥିପାଇଁ ସମସ୍ତେ ବିକିବିଲେଇ ହେଉଛନ୍ତି। ଯେହେତୁ ଧର୍ମନ୍ଦ୍ରବାବୁ ବିକାଶ ପ୍ରସଙ୍ଗରେ ନିର୍ବାଚନ ଲଢିପାରିବେ ନାହିଁ। ବର୍ତ୍ତମାନ ଧର୍ମ ଆଡକୁ ଢଳିଛନ୍ତି। ବିଭିନ୍ନ ପ୍ରକାର ଅବାନ୍ତର, ଅବାସ୍ତବ ଲାଞ୍ଛନା ଆଣିବା ପାଇଁ ଚେଷ୍ଟା କରୁଛନ୍ତି। ଏହାହିଁ ତାଙ୍କର ପରାଜୟକୁ ସ୍ପଷ୍ଟ କରୁଛି। ସମ୍ବଲପୁରବାସୀ ସ୍ୱାଭିମାନୀ ଅଟନ୍ତି। ସେମାନେ କେବେହେଲେ ମିଛ ପ୍ରତିଶୃତି, ଅବାନ୍ତର କଥାକୁ ଗ୍ରହଣ କରିବେ ନାହିଁ। ଯେଉଁ ଦଶବର୍ଷ କ୍ଷମତାରେ ରହି ସମ୍ବଲପୁରର ଜନତାଙ୍କୁ ପ୍ରତାରଣା କରିଛନ୍ତି ତାର ଜବାବ ନିଶ୍ଚିତ ମିଳିବ। ଆସନ୍ତା ୨୫ ତାରିଖ ଦିନ ଜନତା ତାଙ୍କୁ ପ୍ରତ୍ୟାଖ୍ୟାନ କରି ଉଚିତ ଜବାବ ଦେବେ ବୋଲି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି ପ୍ରକାଶ କରିଛନ୍ତି।




# ମହଙ୍ଗା ପଡ଼ିଲା ହାଇକୋର୍ଟରେ ତଥ୍ୟ ଗୋପନ

**କଟକ, ୨୩।୫ (କାର୍ତ୍ତିକ ସାହୁ)**

ଏକ ଅଦାଲତ ଆଦେଶ ଅବମାନନା ମାମଲାର ବିଚାର ଚାଲୁଥିବା ବେଳେ ହାଇକୋର୍ଟରେ ଠିକ୍ ତଥ୍ୟ ପ୍ରଦାନ ବଦଳରେ ଗୋପନ ରଖିବା ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ମହଙ୍ଗା ସାବ୍ୟସ୍ତ ହୋଇଛି। ଏପରିକି ସରକାରୀ ଆଇନଜୀବୀଙ୍କୁ ତଥ୍ୟ ନ ଜଣାଇବା ଓ ରିଟ୍ ଅପିଲ୍ ସଂକ୍ରାନ୍ତରେ ଅବଗତ ନ କରିବାକୁ ହାଇକୋର୍ଟ ଗୁରୁତର ସହ ଗ୍ରହଣ କରିଛନ୍ତି। ହାଇକୋର୍ଟର ଜଣିକିଆ ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଗୁରୁବାର ଏ ସଂକ୍ରାନ୍ତ ମାମଲାର ଶୁଣାଣି କରି ସଂପୃକ୍ତ ଉଚ୍ଚପଦସ୍ଥ ଅଧିକାରୀ ତଥା ଦେବଗଡ଼ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଏଜିଏ ମଳୟ କେତନ ବଳବନ୍ତରାୟଙ୍କୁ ଏହି ଆଦେଶ ତୁରନ୍ତ କାର୍ଯ୍ୟକାରୀ କରିବାକୁ ହାଇକୋର୍ଟ ଆଦେଶନାମାରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ଦେବଗଡ଼ ଜିଲା ବାଲିଆବେରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସିପାଲ ଇନ୍‌ଚାର୍ଜ ପଦବୀକୁ ନେଇ ଦୀର୍ଘ ଦିନ ଧରି ବିବାଦ ଲାଗିରହିଥିଲା। ଆବେଦନକାରୀ ପ୍ରହଲ୍ଲାଦ କୁମାର ଦେବଙ୍କ ପକ୍ଷରୁ ରୁଜୁ ମାମଲାରେ ହାଇକୋର୍ଟର ଜଣିକିଆ ବିଚାରପତି ଆବେଦନକାରୀଙ୍କୁ ପ୍ରିନ୍ସିପାଲ ଇନ୍‌ଚାର୍ଜ ଭାବେ ନିଯୁକ୍ତି ଦେବାକୁ ଉକ୍ତ ମହିଳା ଶିକ୍ଷାନୁଷ୍ଠାନର ସଭାପତି ତଥା ଦେବଗଡ଼ ଅତିରିକ୍ତ ଜିଲାପାଳଙ୍କୁ ୨୦୨୪ ଜାନୁଆରୀ ୨୪ରେ ଆଦେଶ ଦେଇଥିଲେ। ଏହି ଆଦେଶ କାର୍ଯ୍ୟକାରୀ ନ ହେବାରୁ ଆବେଦନକାରୀ ଅଦାଲତ ଆଦେଶ ଅବମାନନା ମାମଲା ହାଇକୋର୍ଟରେ ଦାଏର କରିଥିଲେ। ଗତ ଏପ୍ରିଲ ୨୬ରେ ହାଇକୋର୍ଟ ମାମଲାର ଶୁଣାଣି କରି ସଂପୃକ୍ତ କଲେଜ ପରିଚାଳନା ସଭାପତି ତଥା ଏଡିଏମ୍‌ଙ୍କୁ ଗତ ୨୯ ତାରିଖ ଶୁଣାଣିରେ ଉପସ୍ଥିତ ରହିବାକୁ ଆଦେଶ ଦେଇଥିଲେ। ମାତ୍ର ଏପ୍ରିଲ ୨୯ରେ ମାମଲାର ଶୁଣାଣି ବେଳେ ଏଡିଏମ୍‌ଙ୍କ ଆଇନଜୀବୀ ଦର୍ଶାଇଥିଲେ ଯେ, ସାଧାରଣ ନିର୍ବାଚନ ପାଇଁ ଏଡିଏମ୍ ଦେବଗଡ଼ ଜିଲାର ନୋଡାଲ୍ ଅଫିସର୍ ଥିବାରୁ ହାଜର ହୋଇପାରୁନାହାନ୍ତି।

**ଦେବଗଡ଼ ଅତିରିକ୍ତ ଜିଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ**

ଅନ୍ୟପକ୍ଷରେ ଦେବଗଡ଼ ଏଡିଏମ୍ ସରକାରୀ ଓକିଲ ପରିବର୍ତ୍ତେ ଜଣେ ବେସରକାରୀ ଓକିଲଙ୍କ ମାଧ୍ୟମରେ ଉପରୋକ୍ତ ଆଦେଶ ବିରୋଧରେ ହାଇକୋର୍ଟରେ ରିଟ୍ ଅପିଲ ଦାଖଲ କରିଥିଲେ। ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଏବଂ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରିଟ୍ ଅପିଲର ଶୁଣାଣି କରିଥିଲେ। ଏହି ସମୟରେ ତାଙ୍କ ଆଇନଜୀବୀ ଦର୍ଶାଇଥିଲେ, ଜଣିକିଆ ବିଚାରପତି ଅତିରିକ୍ତ ଜିଲାପାଳ ବିଲୁଙ୍ଗଙ୍କୁ ଦେବଗଡ଼ ଏସ୍‌ପିଙ୍କ ଦ୍ୱାରା କୋର୍ଟରେ ହାଜର ହେବାକୁ ଯେଉଁ ଆଦେଶ ଦେଇଛନ୍ତି ତାହା ବେଆଇନ। ତେବେ ଅଦାଲତ ଆଦେଶ ଅବମାନନା ଉପରେ ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ସ୍ଥଗିତାଦେଶ ପ୍ରଦାନ ସହିତ ପରବର୍ତ୍ତୀ ଶୁଣାଣି ଲାଗି ମେ ୬ ତାରିଖକୁ ଦିନ ଧାର୍ଯ୍ୟ କରିଥିଲେ। ଏଡିଏମ୍‌ଙ୍କ ଆଇନଜୀବୀ ଏଭଳି ମିଥ୍ୟା ତଥ୍ୟ ଉପସ୍ଥାପନ ପ୍ରସଙ୍ଗରେ ରିଟ୍ ଅପିଲ କୋର୍ଟ ମେ ୬ ତାରିଖ ଶୁଣାଣି ବେଳେ ଅନୁରୂପ ଭାବେ କଡ଼ା ଆଭିମୁଖ୍ୟ ଗ୍ରହଣ ସହିତ ସ୍ଥଗିତାଦେଶ ପ୍ରତ୍ୟାହାର ପୂର୍ବକ ଅଦାଲତ ଆଦେଶ ଅବମାନନା ମାମଲାର ପରବର୍ତ୍ତୀ ଶୁଣାଣି ଲାଗି ଜଣିକିଆ ବିଚାରପତିଙ୍କୁ ଅବଗତ କରାଇଥିଲେ।

ଜଣିକିଆ ବିଚାରପତି ମେ ୧୫ ତାରିଖ ଶୁଣାଣି ବେଳେ ଶିକ୍ଷା ନିର୍ଦ୍ଦେଶାଳୟର ଗତ ଏପ୍ରିଲ ୨୪ ତାରିଖ ଚିଠିକୁ ଏଡିଏମ୍ ଠିକ୍ ଭାବେ କାର୍ଯ୍ୟକ୍ଷମ କରିଛନ୍ତି କି ନାହିଁ, ଉଭୟ ସିଙ୍ଗଲ ଓ ରିଟ୍ ଅପିଲ କୋର୍ଟରେ ସରକାରୀ ଆଇନଜୀବୀ ବଦଳରେ ବେସରକାରୀ ଆଇନଜୀବୀ ନିଯୁକ୍ତି ଦେବା ଲାଗି ସରକାରୀ ଅନୁମତି ନେଇଛନ୍ତି କି ନାହିଁ ପ୍ରଭୃତି ସଂକ୍ରାନ୍ତରେ ସତ୍ୟପାଠ ମାଧ୍ୟମରେ କୋର୍ଟଙ୍କୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଦାଲତ ଆଦେଶ ଅବମାନନା ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ବେଳେ ସରକାରୀ ଆଇନଜୀବୀ ଏହି ଦୁଇଟି କେସ୍‌ର ପରିଚାଳନା ଲାଗି ବେସରକାରୀ ଓକିଲ ନିଯୁକ୍ତି ପ୍ରସଙ୍ଗରେ ଏଡିଏମ୍ ସରକାରୀ ଅନୁମତି ନେଇ ନ ଥିଲେ ବୋଲି ଦର୍ଶାଇଥିଲେ। ତେବେ ଅଦାଲତଙ୍କ ଜାନୁଆରୀ ୩୦ ତାରିଖ ଆଦେଶନାମାକୁ ଏଡିଏମ୍ ଇଚ୍ଛାକୃତ ଓ ଉଦ୍ଦେଶ୍ୟମୂଳକ ଭାବେ କାର୍ଯ୍ୟକ୍ଷମ ନ କରିବା ବିଶେଷକରି ଜଣେ ଉଚ୍ଚପଦସ୍ଥ ଅଫିସର ହୋଇ ସରକାରୀ ନୀତି ନିୟମ ଉର୍ଦ୍ଧ୍ୱକୁ ଯାଇଥିବାରୁ କୋର୍ଟ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଉପରୋକ୍ତ ଆଦେଶ ଦେଇଛନ୍ତି।

# ଡିସପୋଜାଲ ସେଣ୍ଟରରେ କାର୍ଯ୍ୟରତ କର୍ମଚାରୀଙ୍କ ବୈଠକ



**ଦେବଗଡ଼, ୨୩।୫ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାରେ ଆସନ୍ତା ୨୫ ତାରିଖରେ ମତଦାନ ହେବ। ଏହି ପରିପ୍ରେକ୍ଷୀରେ ଗୁରୁବାର ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ତଥା ରିଟର୍ନିଂ ଅଫିସର ପରକ୍ଷିତ ସାହୁ ପ୍ରମୁଖ ଉପସ୍ଥିତ ରହି ଡିସପୋଜାଲ ସେଣ୍ଟର୍‌ରେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ୨୪ ତାରିଖରେ ପଲିଟେକନିକଠାରେ ଡିସପୋଜାଲ ସେଣ୍ଟର୍‌ରେ ଦାୟିତ୍ୱରେ ଥିବା କର୍ମଚାରୀ ଓ ଅଧିକାରୀମାନେ ସକାଳ ୫ଟାରେ ପହଞ୍ଚି ବିଭିନ୍ନ ଷ୍ଟଲରେ ଉପସ୍ଥିତ ରହି ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ସମସ୍ତ ଆନୁଷଙ୍ଗିକ ସାମଗ୍ରୀ ବିତରଣ କରି ଯଥେଷ୍ଟ ସମୟ ପୂର୍ବରୁ ଭୋଟ ଗ୍ରହଣ କେନ୍ଦ୍ରକୁ ପଠାଯିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଠିକ ସମୟରେ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀ ବୁଥକୁ ପହଞ୍ଚିବା ପାଇଁ ଅତିରିକ୍ତ ଜିଲାପାଳ ବିଲୁଙ୍ଗ ପରାମର୍ଶ ଦେଇଥିଲେ। ବୈଠକରେ ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର, ସହକାରୀ ଜିଲାପାଳ ହେମନ୍ତ ସିଂ, ଈଶର ଗୁରୁ, ତାପସ କୁମାର ମହାନ୍ତ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାରକୋଟ ସ୍ମୃତି ରଞ୍ଜନ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିଆମାଳ ଉଗ୍ରସେନ ଓରାମ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତିଲେଇବଣି ରଘୁନାଥ ପାଣିଗ୍ରାହୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଡିସପୋଜାଲ ସେଣ୍ଟରରେ ନିୟୋଜିତ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସେକ୍ଟର ଅଫିସରଙ୍କ ଅନ୍ତିମ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର

**ଦେବଗଡ଼, ୨୩।୫ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାରେ ଆଗାମୀ ମେ ୨୫ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସେକ୍ଟର ଅଫିସରମାନଙ୍କ ଅନ୍ତିମ ପର୍ଯ୍ୟାୟ ପ୍ରଶିକ୍ଷଣ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ତଥା ରିଟର୍ନିଂ ଅଫିସର ପରକ୍ଷିତ ସାହୁ ସେକ୍ଟର ଅଫିସରମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ସେକ୍ଟର ଅଫିସରମାନଙ୍କ ଗୁରୁ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ପ୍ରଶିକ୍ଷଣ ଶିବିରରେ ସହକାରୀ ଜିଲାପାଳ ହେମନ୍ତ ସିଂ, ତାପସ କୁମାର ମହାନ୍ତ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାରକୋଟ ସ୍ମୃତି ରଞ୍ଜନ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିଆମାଳ ଉଗ୍ରସେନ ଓରାମ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତିଲେଇବଣି ରଘୁନାଥ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ବବୁରୁ ବାହନ ଦତ୍ତ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ୪୧ଜଣ ସେକ୍ଟର ଅଫିସର ପ୍ରମୁଖ ଉପସ୍ଥିତ ଥିଲେ।



# ଦେବଗଡ଼ରେ ଆସାମ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ'



**ଦେବଗଡ଼, ୨୩।୫ (ଶଶାଙ୍କ ଶେଖର ଝାଙ୍କର)**

**ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ**

■ ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କଲେ

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଗୁରୁବାର ଦେବଗଡ ଗସ୍ତ କରିଛନ୍ତି। ବିଶ୍ୱଶର୍ମା ଦେବଗଡ ଆସି ରୋଡ ଶୋ' ମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଓ ଦେବଗଡ ବିଧାନସଭା ଭାଜପା ପ୍ରାର୍ଥୀ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ବିଶ୍ୱଶର୍ମା ଓ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଧାନ ହେଲିକ୍ୟାପ୍ଟର ଯୋଗେ ବଡବଗିଚାଠାରେ ଅବତରଣ କରିଥିଲେ। ପରେ ଏକ ପୁଷ୍ପ ସୁସଜ୍ଜିତ ଯାନରେ ସ୍ଥାନୀୟ ଗୋପାଳଜୀ ମନ୍ଦିର ନିକଟରୁ ଏକ ବିଶାଳ ରୋଡ ଶୋ'ରେ ବାହାରିଥିଲେ। ଭାରତୀୟ ଷ୍ଟେଟବ୍ୟାଙ୍କ ଛକ, ଗୋପବନ୍ଧୁ ଛକ, ଘରୋଇ ବସଷ୍ଟାଣ୍ଡ ଛକ, ସଭାଗୁଲି ଛକ ଓ ମ୍ୟୁନିସିପାଲିଟି ଛକ ଦେଇ ପରିକ୍ରମା କରିବା ସହ ଜନସାଧାରଣଙ୍କୁ ହାତ ଯୋଡି ଉଭୟ ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କ ନିମନ୍ତେ ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ସେମାନଙ୍କ ସମେତ ଦେବଗଡ ବିଧାନସଭା ଭାଜପା ପ୍ରାର୍ଥୀ ପାଣିଗ୍ରାହୀ ମଧ୍ୟ ସାମିଲ ଥିଲେ। କାର୍ଗିଲ ଛକ ନିକଟରେ ପହଞ୍ଚିବା ପରେ ଆସାମ ମୁଖ୍ୟମନ୍ତ୍ରୀ ଶର୍ମା ଓ କେନ୍ଦ୍ରମନ୍ତ୍ରୀ ପ୍ରଧାନ କୌଣସି କାରଣରୁ ଆଉ ଆଗକୁ ନ ଯାଇ ସେଠାରେ ରୋଡ ଶୋ'କୁ ଶେଷ କରିଥିଲେ। ଏହାପରେ ବିଧାନସଭା ପ୍ରାର୍ଥୀ ପାଣିଗ୍ରାହୀ ନିଜେ ଏକାକି ରୋଡ ଶୋ'ରେ ପୂର୍ବ ନିର୍ଦ୍ଧାରିତ ରୁଟ ଦେଇ ବିଭିନ୍ନ ସାହି ଗଳି ପରିକ୍ରମା କରି ଉଭୟ ବିଧାନସଭା ଓ ଲୋକ ସଭା ପ୍ରାର୍ଥୀଙ୍କୁ ପଦ୍ମଫୁଲ ଚିହ୍ନରେ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ରୋଡ ଶୋ'ରେ ଜିଲା ଭାଜପା ସଭାପତି ଅରୁଣ ସାହ ଓ ଦେବଗଡ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଳଙ୍କ ସମେତ ବହୁ ଭାଜପା ନେତା, କର୍ମୀ, କାଉନସିଲର ଓ ଜନସାଧାରଣ ସାମିଲ ଥିଲେ। ରୋଡ ଶୋ' ଆସାମ ମୁଖ୍ୟମନ୍ତ୍ରୀ ସାମିଲ ଥିବାରୁ ସୁରକ୍ଷା ଦୃଷ୍ଟିରୁ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ ସମେତ ଜିଲା ପୋଲିସର ବହୁ ଅଧିକାରୀ ଓ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳାଙ୍କ ମୃତ୍ୟୁ

**କୁଚିଣ୍ଡା, ୨୩।୫ (ବିରଞ୍ଚି ଦର୍ଶୀ)**

ସମ୍ବଲପୁର କୁଚିଣ୍ଡା ଥାନା ଡିମିରିମୁଣ୍ଡା ପଞ୍ଚାୟତର ବାଲିବୁଡା ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ବାଲିଗୁଡା ଗ୍ରାମର ଗୁରୁଚରଣ ବାରିକଙ୍କ ସ୍ତ୍ରୀ ବନିତା (୩୫)। ଗୁରୁଚରଣ ପାଇଥିବା ପ୍ରଧାନମନ୍ତ୍ରୀ ଆବାସ ଘରେ ଲୁହା କବାଟ ଲଗାଇଥିଲେ। ବନିତା ଗୁରୁବାର କବାଟ ଖୋଲୁଥିବା ସମୟରେ ହଠାତ ବିଦ୍ୟୁତ୍ ସଂସ୍ପର୍ଶରେ ଆସି କବାଟରେ ଲାଗିଯାଇଥିଲେ। ଏହା ଦେଖି ପରିବାର ଲୋକେ ବିଦ୍ୟୁତ୍ ବିଛିନ୍ନ କରି ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି କୁଚିଣ୍ଡା ମେଡିକାଲକୁ ଚିକିତ୍ସା ପାଇଁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କୁଚିଣ୍ଡା ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।




# ୩୦ ଫୁଟ ଗଭୀର କୂଅରୁ ମହିଳାଙ୍କୁ ଉଦ୍ଧାର

**ରେଢାଖୋଲ, ୨୩।୫ (ଅଚ୍ୟୁତାନନ୍ଦ ପୁରୋହିତ)**

ସମ୍ବଲପୁର ଜିଲା ରେଢାଖୋଲ ଥାନା ତେରବେଢା ଗ୍ରାମରେ ୩୦ ଫୁଟ ଗଭୀର କୁଅରୁ ମହିଳାଙ୍କୁ ଉଦ୍ଧାର କରାଯାଇଛି। ସସ୍ମିତା ଜାଲ (୩୮) ନାମକ ଜଣେ ମହିଳା ଗୁରୁବାର ଅପରାହ୍ନ ୪ଟାବେଳେ ଅସାବଧାନତା ବଶତଃ ନୂତନ ଭାବେ ଖୋଳା ଯାଇଥିବା ଏହି କୁଅରେ ପଡିଯାଇଥିଲେ। ଖବରପାଇ ରେଢାଖୋଲ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ମହିଳାଙ୍କୁ ଉଦ୍ଧାର କରିଥିବା ଜଣାପଡିଛି। ତେବେ ମହିଳା ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାପଡିଛି।

# ପ୍ରସଙ୍ଗ ଭିତ୍ତିକ ନିର୍ବାଚନ ଲଢ଼ିବାକୁ ଅସମର୍ଥ ଧର୍ମେନ୍ଦ୍ର: ଲେନିନ

**ସମ୍ବଲପୁର, ୨୩।୫ (ପ୍ରମୋଦ ବହିଦାର)**

ସମ୍ବଲପୁର ଲୋକସଭା ଭାଜପା ପ୍ରାର୍ଥୀ ଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ଧର୍ମେନ୍ଦ୍ର ପ୍ରଧାନଙ୍କୁ ହାରିବା ଭୟ ଘାରିଛି। ତେଣୁ ଭାଜପାର ଶୀର୍ଷ ନେତୃତ୍ୱଙ୍କ ଠାରୁ ଆରମ୍ଭ କରି ସମସ୍ତେ ଅବାସ୍ତବ କଥା କହୁଛନ୍ତି। କ୍ଷମତାରେ ଥିବା ସମୟରେ ଲୋକଙ୍କ ପାଇଁ କ'ଣ କରିଛନ୍ତି ବୋଲି ପ୍ରଶ୍ନ ପଚରା ଯାଇଥିବାବେଳେ ଏହାର ଉତ୍ତର ଦେବା ଛାଡି ଅସ୍ମିତା, ସ୍ୱାଭିମାନର ମିଛ ଭାଷଣ ଦେବାର ବ୍ୟସ୍ତ ରହୁଛନ୍ତି। ନିର୍ବାଚନରେ ପରାଜୟକୁ ଜାଣିପାରି ସେମାନେ ଧର୍ମକୁ ନେଇ ରାଜନୀତି କରିବା ସହିତ ଅବାନ୍ତର କଥା କହୁଛନ୍ତି ବୋଲି କହିଛନ୍ତି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି। ପ୍ରକୃତରେ ଭାରତୀୟ ଜନତା ପାର୍ଟି ଆସନ୍ନ ପରାଜୟ ନେଇ ସୁନିଶ୍ଚିତ ହୋଇଗଲାଣି। ଯେଉଁଥିପାଇଁ ସମସ୍ତେ ବିଳିବିଲେଇ ହେଉଛନ୍ତି। ଯେହେତୁ ଧର୍ମେନ୍ଦ୍ରବାବୁ ବିକାଶ ପ୍ରସଙ୍ଗରେ ନିର୍ବାଚନ ଲଢିପାରିବେ ନାହିଁ। ବର୍ତ୍ତମାନ ଧର୍ମ ଆଡକୁ ଢଳିଛନ୍ତି। ବିଭିନ୍ନ ପ୍ରକାର ଅବାନ୍ତର, ଅବାସ୍ତବ ଲାଞ୍ଛନା ଆଣିବା ପାଇଁ ଚେଷ୍ଟା କରୁଛନ୍ତି। ଏହାହିଁ ତାଙ୍କର ପରାଜୟକୁ ସ୍ପଷ୍ଟ କରୁଛି। ସମ୍ବଲପୁରବାସୀ ସ୍ୱାଭିମାନୀ ଅଟନ୍ତି। ସେମାନେ କେବେହେଲେ ମିଛ ପ୍ରତିଶ୍ରୁତି, ଅବାନ୍ତର କଥାକୁ ଗ୍ରହଣ କରିବେ ନାହିଁ। ଯେଉଁ ଦଶବର୍ଷ କ୍ଷମତାରେ ରହି ସମ୍ବଲପୁରର ଜନତାଙ୍କୁ ପ୍ରତାରଣା କରିଛନ୍ତି ତାର ଜବାବ ନିଶ୍ଚିତ ମିଳିବ। ଆସନ୍ତା ୨୫ ତାରିଖ ଦିନ ଜନତା ତାଙ୍କୁ ପ୍ରତ୍ୟାଖ୍ୟାନ କରି ଉଚିତ ଜବାବ ଦେବେ ବୋଲି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି ପ୍ରକାଶ କରିଛନ୍ତି।



## ସଂକ୍ଷେପରେ

### ରାଷ୍ଟ୍ରପତି ପ୍ରାର୍ଥୀଙ୍କ ମଞ୍ଚ ଭୁଶୁଡ଼ିଲା: ୯ ମୃତ

ମେକ୍ସିକୋ ସିଟି, ୨୩।୫

ମେକ୍ସିକୋର ନୁଏଭୋ ଲିୟୋନ୍ ରାଜ୍ୟରେ ଗୁରୁବାର ସିଟିଜେନ ମୁଭ୍‌ମେଣ୍ଟ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ଅଲ୍‌ଭାରେଜ ମେନେଜ୍‌ଙ୍କ ଏକ ନିର୍ବାଚନୀ ସଭା ସମୟରେ ଅଘଟଣ ଘଟିଛି। ସଭା ଚାଲିଥିବାବେଳେ ଉକ୍ତ ମଞ୍ଚ ଭୁଶୁଡ଼ି ଜଣେ ନାବାଳକଙ୍କ ସହ ୯ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିବା ମେକ୍ସିକୋର ସାମାଜିକ ସୁରକ୍ଷା ପ୍ରତିଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରବଳ ପବନ ଯୋଗୁ ମଞ୍ଚଟି ଭୁଶୁଡ଼ି ପଡ଼ିଥିବା ନୁଏଭୋ ଲିୟୋନ୍‌ର ଗଭର୍ନର ସାମୁଏଲ ଗାର୍ସିଆ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମେକ୍ସିକୋରେ ଆସନ୍ତା ମାସ ୨ରେ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ। ଏହା ପୂର୍ବରୁ ରାଜନୈତିକ ଦଳମାନେ ଜୋରସୋରରେ ପ୍ରଚାରରେ ଲାଗିଛନ୍ତି।

### କାମ୍ୟା ସର୍ବକନିଷ୍ଠା ଭାରତୀୟ ଏଭରେଷ୍ଟ ଆରୋହଣକାରୀ


କାମ୍ୟା କାର୍ତ୍ତିକେୟନ

ନୂଆଦିଲ୍ଲୀ, ୨୩।୫

ନେପାଳ ପାର୍ଶ୍ୱରୁ ୮,୮୪୯ ମିଟର ଉଚ୍ଚତାବିଶିଷ୍ଟ ଏଭରେଷ୍ଟ ଶୃଙ୍ଗ ଆରୋହଣ କରିବାରେ କାମ୍ୟା କାର୍ତ୍ତିକେୟନ ସର୍ବକନିଷ୍ଠା ଭାରତୀୟ ହୋଇଥିବାବେଳେ ସାରା ବିଶ୍ୱରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ମୁମ୍ବାଇର ନେଭି ଚିଲ୍ଡ୍ରେନ୍ ସ୍କୁଲର ଦ୍ୱାଦଶ ଶ୍ରେଣୀ ଛାତ୍ରୀ କାମ୍ୟା ମାତ୍ର ୧୬ ବର୍ଷ ବୟସରେ ଏହି ସଫଳତା ହାସଲ କରିଛନ୍ତି। ଏଭରେଷ୍ଟ ଆରୋହଣରେ ତାଙ୍କୁ ଭାରତୀୟ ନୌସେନାରେ ଥିବା ତାଙ୍କ ବାପା କମାଣ୍ଡର ଏସ୍. କାର୍ତ୍ତିକେୟନ ସହାୟତା କରିଥିଲେ। ଉଭୟ ଏକାଠି ଏଭରେଷ୍ଟ ଆରୋହଣ କରିଥିଲେ। ନୌସେନା ପକ୍ଷରୁ ସୋସିଆଲ ମିଡିଆ ଏକ୍ସ ଜରିଆରେ ବାପଝିଅଙ୍କୁ ଅଭିନନ୍ଦନ ଜଣାଯାଇଛି। କାମ୍ୟାଙ୍କ ହିମାଳୟ ଅଭିଯାନ ୨୦୧୫ରୁ ଆରମ୍ଭ ହୋଇଥିଲା। ସେ ତାଙ୍କ ବାପାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ମାତ୍ର ୭ ବର୍ଷ ବୟସରେ ଚନ୍ଦ୍ରଶିଳା ଶିଖରକୁ ଯାଇଥିଲେ। ଇତିମଧ୍ୟରେ ସେ ୬ ମହାଦେଶର ଉଚ୍ଚତମ ଗିରିଶୃଙ୍ଗ ଆରୋହଣ କଲେଣି।

# ସହଭାଗିତାରେ ଜଳ ସଙ୍କଟର ସମାଧାନ

**୧୦ମ ବିଶ୍ୱ ଜଳ ସମ୍ମିଳନୀ**



ଜଳ ସମ୍ମିଳନୀର ଉଦ୍‌ଘାଟନୀ ଅବସରରେ ବିଭିନ୍ନ ଦେଶର ରାଷ୍ଟ୍ର ମୁଖ୍ୟଙ୍କ ସହ 'ବିଶ୍ୱ ଜଳ ପରିଷଦ'ର ଅଧ୍ୟକ୍ଷ ଲୋଇକ୍ ଫାଉଚନ୍ ଓ ଇଣ୍ଡୋନେସିଆର ରାଷ୍ଟ୍ରପତି ଜୋକୋ ୱିଡୋଡୋ।

ବାଲି, ୨୩।୫

ଇଣ୍ଡୋନେସିଆର ବାଲିଠାରେ '୧୦ମ ବିଶ୍ୱ ଜଳ ସମ୍ମିଳନୀ' ଆୟୋଜିତ ହେଉଛି। ପ୍ରଥମଥର ପାଇଁ କୌଣସି ଦକ୍ଷିଣ-ପୂର୍ବ ଏସୀୟ ଦେଶ ଏହି ସମ୍ମିଳନୀ ଆୟୋଜନ କରିଛି। ଗତ ୧୮ରୁ ଆରମ୍ଭ ହୋଇଥିବା ଏହି ସମ୍ମିଳନୀ ଆସନ୍ତା ୨୫ ଯାଏ ଚାଲିବ। ଏହାର ଥିମ୍ ରହିଛି 'ସହଭାଗୀ ସମୃଦ୍ଧତା ପାଇଁ ଜଳ'। ଏହି ଅବସରରେ ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ ଉଦ୍‌ଘାଟନୀ ଭାଷଣ ଦେଇ ବିଶ୍ୱରେ ଜଳ ସଂକଟ ଓ ଜଳ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ପାରସ୍ପରିକ ସହଯୋଗ ଓ ସମୃଦ୍ଧି ମାଧ୍ୟମରେ ସମାଧାନ କରିବା ପାଇଁ ଦେଶଗୁଡ଼ିକୁ ମିଳିତ ଭାବେ ପ୍ରୟାସ କରିବାକୁ ଆହ୍ୱାନ କରିଛନ୍ତି। ସେହିପରି 'ବିଶ୍ୱ ଜଳ ପରିଷଦ'ର ଅଧ୍ୟକ୍ଷ ଲୋଇକ୍ ଫାଉଚନ୍ ଜଳବାୟୁ ପରିବର୍ତ୍ତନ, ଜନସଂଖ୍ୟା ବୃଦ୍ଧି, ସହରୀକରଣ ଓ ଉନ୍ନତ ମାନର ଜୀବନ ଯୋଗୁ ସମ୍ପ୍ରତି ଜଳର ଚାହିଦା ବୃଦ୍ଧି ପାଇଥିବା କହିଛନ୍ତି। ଜଳ ନିରାପତ୍ତା ତଥା ସମୃଦ୍ଧତାକୁ ସୁନିଶ୍ଚିତ କରିବାରେ ବିଶ୍ୱସ୍ତରୀୟ ସହଭାଗିତାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ କାର୍ଯ୍ୟ କରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି। 'ବିଶ୍ୱ ଜଳ ପରିଷଦ' ଦ୍ୱାରା ଆୟୋଜିତ ଏହି ସମ୍ମିଳନୀରେ ଅନେକ ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଓ ଆଲୋଚନା ହେଉଛି। ଖାସ୍ କରି ଜଳ ନିରାପତ୍ତା ଓ ସମୃଦ୍ଧତା, ମାନବ ଏବଂ ପ୍ରକୃତି ପାଇଁ ଜଳର ବ୍ୟବହାର, ଜଳ ବିପର୍ଯ୍ୟୟ ହ୍ରାସ ଏବଂ ପରିଚାଳନା, ଜଳ କୂଟନୀତି ଆଦି ପ୍ରସଙ୍ଗରେ ବିଶ୍ୱର ବିଭିନ୍ନ ଦେଶରୁ ଆସିଥିବା ଅନେକ ସଂଗଠନ, ସାମାଜିକ କର୍ମୀ, ଜଳ ବିଶେଷଜ୍ଞ ଆଦି ଆଲୋଚନା କରିଛନ୍ତି। ଏହି ସମ୍ମିଳନୀରେ ୧୦ ଦେଶର ରାଷ୍ଟ୍ର ପ୍ରମୁଖ, ୩ ଦେଶର ଉପ ପ୍ରଧାନମନ୍ତ୍ରୀ ଯୋଗଦେଇଛନ୍ତି। ସେହିପରି ବିଭିନ୍ନ ଦେଶରୁ ୧୦୫ ମନ୍ତ୍ରୀ, ବିଭିନ୍ନ ସଂଗଠନ ଏବଂ ପ୍ରାୟ ୧୩ ହଜାର ଅଂଶଗ୍ରହଣକାରୀ ଏହି ସମ୍ମିଳନୀରେ ସାମିଲ ହୋଇଛନ୍ତି। ରାଜ୍ୟସଭା ସଦସ୍ୟ ଡ.ଅଶୋକ ମିତ୍ତଲ ଏହି ସମ୍ମିଳନୀରେ ଭାରତର ପ୍ରତିନିଧିତ୍ୱ କରୁଛନ୍ତି।

## ବୁଥ୍‌ୱାରି ମତଦାନ ତଥ୍ୟ ପ୍ରଘଟ କଲେ ଅବ୍ୟବସ୍ଥା ସୃଷ୍ଟି ହେବ: ଇସି

ନୂଆଦିଲ୍ଲୀ, ୨୩।୫(ପି.ଟି.)

ସମ୍ଭାବ୍ୟ ପରିଣାମ ପ୍ରତି ଧ୍ୟାନ ନ ଦେଇ ବୁଥ୍‌ୱାରି ମତଦାନ ହାର ତଥ୍ୟ ପ୍ରଘଟ କରିବା ଦ୍ୱାରା ନିର୍ବାଚନ କଳରେ ଅବ୍ୟବସ୍ଥା ସୃଷ୍ଟି ହେବ ବୋଲି ନିର୍ବାଚନ କମିଶନ (ଇସି) ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ଏହା ନିର୍ବାଚନ ପରିଚାଳନାରେ ସମସ୍ୟା ସୃଷ୍ଟି କରିବ। ଇସି କହିଛନ୍ତି, ଫର୍ମ ୧୭ସି, ଯେଉଁଥିରେ ବୁଥ୍‌ୱାରି ମତଦାନ ହାର ପ୍ରଦାନ କରାଯାଇଥାଏ, ତାହା ବୈଧାନିକ ଢାଞ୍ଚା ନୁହେଁ। ତାହା ସମଗ୍ର ନିର୍ବାଚନ ପ୍ରକ୍ରିୟାକୁ ବିଗାଡ଼ିପାରେ ବୋଲି ଇସି କହିଛନ୍ତି। ପ୍ରଥମ ୨ ପର୍ଯ୍ୟାୟରେ ମତଦାନ ହାରକୁ ୫ରୁ ୬ ପ୍ରତିଶତ ବଢ଼ାଇଦିଆଯାଇଥିବା ଅଭିଯୋଗ ମିଥ୍ୟା ଓ ବିଭ୍ରାନ୍ତିକର ବୋଲି କହି ଇସି ଏହାକୁ ଖଣ୍ଡନ କରିଛନ୍ତି। ଭୋଟଗ୍ରହଣର ୪୮ ଘଣ୍ଟା ମଧ୍ୟରେ ବୁଥ୍‌ୱାରି ମତଦାନ ହାର ତଥ୍ୟ ଅପ୍‌ଲୋଡ କରିବାକୁ ଇସିଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବୋଚ୍ଚ ଅଦାଲତରେ ଏକ ଏନ୍‌ଜିଓ ପକ୍ଷରୁ ପିଟିଶନ ଦାଏର ହୋଇଥିଲା। ଅନ୍ୟପକ୍ଷରେ ନିର୍ବାଚନ କମିଶନ ବୁଥ୍‌ୱାରି ମତଦାନ ହାର ୱେବ୍‌ସାଇଟ୍‌ରେ ନ ଛାଡ଼ିବା ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ସନ୍ଦେହ ସୃଷ୍ଟି କରିଥିବା ରାଜ୍ୟ ସଭା ସଦସ୍ୟ କପିଲ ସିବଲ କହିଛନ୍ତି। ସତ୍ୟକୁ ଲୁଚାଇବା ପାଇଁ ଅସାଧୁ ଉଦ୍ୟମ ହେଉଥିବା ସେମାନେ ଆଶଙ୍କା କରିଛନ୍ତି। ତଥ୍ୟ ଅପ୍‌ଲୋଡ୍ କରିବାରେ ସମସ୍ୟା କେଉଁଠି ବୋଲି ସିବଲ ପ୍ରଶ୍ନ କରିଛନ୍ତି।

## କେମିକାଲ ଫ୍ୟାକ୍ଟ୍ରିରେ ବିସ୍ଫୋରଣ: ୬ ମୃତ, ୪୦ ଆହତ



ଠାଣେ, ୨୩।୫

ମହାରାଷ୍ଟ୍ରର ଠାଣେ ଅନ୍ତର୍ଗତ ଡୋମ୍ବିୱାଲିଠାରେ ଥିବା ଏକ କେମିକାଲ ଫ୍ୟାକ୍ଟ୍ରିରେ ଗୁରୁବାର ବିସ୍ଫୋରଣ ପରେ ଅଗ୍ନିକାଣ୍ଡ ଘଟି ୬ ଜଣଙ୍କ ମୃତ୍ୟୁ ହେବା ସହ ୪୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଫ୍ୟାକ୍ଟ୍ରିରେ ଅନେକ ଲୋକ ଫସିରହିଥିବା ଆଶଙ୍କା କରାଯାଉଥିବାବେଳେ ୮ ଜଣଙ୍କୁ ଉଦ୍ଧାର କରାଯାଇଛି। ଏମ୍‌ଆଇଡିସି ଫେଜ୍-୨ ଅଞ୍ଚଳରେ ଥିବା ଅମୁଦାନ କେମିକାଲ କମ୍ପାନୀର ଫ୍ୟାକ୍ଟ୍ରିରେ ଥିବା ବଏଲରରେ ନିଆଁ ଲାଗିଥିଲା। ୩ ଥର ବିସ୍ଫୋରଣ ଶବ୍ଦ ଶୁଣାଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଘଟଣାସ୍ଥଳ ଗସ୍ତ କରିବା ସହ ମୃତକମାନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଆହତମାନଙ୍କ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯିବା ସହ ଅଧିକ ଆମ୍ବୁଲାନ୍ସ ମହଜୁଦ ରଖାଯାଇଛି। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍, ଟିଡିଆର୍‌ଏଫ୍ ଏବଂ ଅଗ୍ନିଶମ ବିଭାଗ ନିୟୋଜିତ ହୋଇଥିବା ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ କହିଛନ୍ତି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଓଜନଦାର ଲୁହା ବିମ୍ ବଙ୍କା ହୋଇଯିବା ସହ ପାଖ ଫ୍ୟାକ୍ଟ୍ରିଗୁଡ଼ିକର ଛାତ ଉଡ଼ିଯାଇଛି। ବିସ୍ଫୋରଣ ଶବ୍ଦ ବହୁ କିଲୋମିଟର ପର୍ଯ୍ୟନ୍ତ ଶୁଣାଯାଇଥିଲା। ପାଖରେ ଥିବା ଏକ ସାଇ ମନ୍ଦିର ବିସ୍ଫୋରଣରେ ପ୍ରଭାବିତ ହୋଇଛି। ସେଠାରେ ଥିବା ଶ୍ରଦ୍ଧାଳୁମାନେ କୌଣସି ପ୍ରକାରେ ଖସି ପଳାଇଥିଲେ।

## ତୁର୍କୀରେ ଭାରତୀୟ ନାଗରିକ ଅପହୃତ

**ଅପହରଣକାରୀ ପାକିସ୍ତାନୀ ଶରଣାର୍ଥୀ ଗିରଫ**

ନୂଆଦିଲ୍ଲୀ, ୨୩।୫

ନିକଟରେ କାମ କରିବା ପାଇଁ ଇସ୍ତାନବୁଲ୍ ଯାଇଥିବା ଭାରତୀୟ ନାଗରିକ ଅଖିଳ କ୍ରିଷ୍ଣନ ରାଧାକ୍ରିଷ୍ଣନଙ୍କୁ ତୁର୍କୀର ଏଡିର୍ନେରୁ ଅପହରଣ କରାଯାଇଥିଲା। ଅପହରଣକାରୀ ପାକିସ୍ତାନୀ ଶରଣାର୍ଥୀମାନେ ତାଙ୍କ ମୁକ୍ତି ବଦଳରେ ଅର୍ଥ ଚାହିଁଥିଲେ। ସେମାନେ ଅଖିଳଙ୍କ ହାତଗୋଡ଼ ବାନ୍ଧି ଭାରତରେ ଥିବା ତାଙ୍କ ପରିବାର ସହ ଭିଡିଓ କଲ୍ କରାଇଥିଲେ ଓ ତାଙ୍କ ମୁକ୍ତି ପାଇଁ ୨୦ ଲକ୍ଷ ଟଙ୍କା ଦାବି କରିଥିଲେ। ସ୍ଥାନୀୟ ପୋଲିସ ଅପହରଣକାରୀମାନଙ୍କୁ ଗିରଫ କରିଛି। ଖବର ଅନୁଯାୟୀ ୨୯ ବର୍ଷୀୟ ଅଖିଳଙ୍କୁ ଏଡିର୍ନେର ରିଅଲ ଇଷ୍ଟେଟରେ ଭଲ ଦରମାରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ କେତେଜଣ ତାଙ୍କୁ ସେଠାକୁ ନେଇଯାଇଥିଲେ। ଏଡିର୍ନେରେ ପହଞ୍ଚି ଅଖିଳ ତାଙ୍କୁ ଦିଆଯାଇଥିବା ଠିକଣାରେ ପହଞ୍ଚିବା ପରେ ସେଠାରୁ ତାଙ୍କୁ ଅପହରଣ କରିନିଆଯାଇଥିଲା। ପଣବନ୍ଦୀ ଅର୍ଥ ଯୋଗାଡ଼ କରିବା ପାଇଁ ଅଖିଳଙ୍କ ପରିବାର ଅପହରଣକାରୀଙ୍କୁ ସମୟ ମାଗିଥିଲେ। ଏଥିସହ ସେମାନେ ଇସ୍ତାନବୁଲ୍‌ରେ ଥିବା ଅଖିଳଙ୍କ ସାଙ୍ଗମାନଙ୍କୁ ଫୋନ୍ କରି ସହାୟତା ଲୋଡ଼ିଥିଲେ। ସେମାନେ ଏଡିର୍ନେ ପୋଲିସ ବିଭାଗକୁ ଜଣାଇବା ପରେ ସେମାନେ ତଲାସି ଅଭିଯାନ ଆରମ୍ଭ କରି ୟାନସିକ୍‌ସି ସାହିନ ଜିଲାର ସେ- ସେଲେବି ମସ୍‌ଜିଦ ଷ୍ଟ୍ରିଟ୍‌ର ଏକ ଘରୁ ଅଖିଳଙ୍କୁ ଠାବ କରିଥିଲେ। ଖସି ପଳାଇଯିବାକୁ ଉଦ୍ୟମ କରୁଥିବା ୩ ଅପହରଣକାରୀଙ୍କୁ ଗିରଫ କରାଯାଇଛି।

## ପ୍ରଜ୍ୱଳ ଭାରତ ଫେରି ଆଇନକୁ ସାମନା କରନ୍ତୁ: ଦେବେଗୌଡ଼ା


ଏଚ୍. ଡି ଦେବେଗୌଡ଼ା

ବେଙ୍ଗାଲୁରୁ, ୨୩।୫

ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜନତା ଦଳ ଧର୍ମ ନିରପେକ୍ଷ(ଜେଡିଏସ୍) ସୁପ୍ରିମୋ ଏଚ୍. ଡି. ଦେବେଗୌଡ଼ା ଗୁରୁବାର ନିଜ ନାତି ତଥା ହାସନ୍ ଏମ୍‌ପି ପ୍ରଜ୍ୱଳ ରେଭନ୍ନାଙ୍କୁ ଭାରତ ଫେରିବାକୁ ଚେତାବନୀ ଦେଇଛନ୍ତି। କର୍ନାଟକ ସେକ୍ସ ସ୍କାଣ୍ଡାଲ ମାମଲାର ମୁଖ୍ୟ ଅଭିଯୁକ୍ତ ପ୍ରଜ୍ୱଳଙ୍କୁ ପୋଲିସ ନିକଟରେ ଆତ୍ମ ସମର୍ପଣ କରିବା ସହ ଆଇନକୁ ସାମ୍‌ନା କରିବାକୁ ଦେବେଗୌଡ଼ା ପରାମର୍ଶ ଦେଇଛନ୍ତି। ଯଦି ପ୍ରଜ୍ୱଳ ଏପରି ନ କରନ୍ତି, ତେବେ ପରିବାର ତାଙ୍କୁ କେବେ କ୍ଷମା ଦେବ ନାହିଁ ବୋଲି ଦେବେଗୌଡ଼ା ଏକ୍ସ' ରେ ପୋଷ୍ଟ କରିଛନ୍ତି। ଏହାସହ ଦେବେଗୌଡ଼ା କହିଛନ୍ତି, ଯଦି ପ୍ରଜ୍ୱଳଙ୍କର ମୋ ପାଇଁ କୌଣସି ମଧ୍ୟ ସମ୍ମାନ ବାକି ଥିବ ତେବେ ସେ ତୁରନ୍ତ ଭାରତ ଫେରିବେ। ଅନ୍ୟପକ୍ଷରେ ଗୁରୁବାର କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଆଉଥରେ ପ୍ରଜ୍ୱଳଙ୍କ କୂଟନୈତିକ ପାସ୍‌ପୋର୍ଟକୁ ରଦ୍ଦ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ସୂଚନାଯୋଗ୍ୟ, ଅନେକ ମହିଳାଙ୍କ ସହ ଯୌନ ଶୋଷଣ କରିଥିବା ନେଇ ଏକାଧିକ ଅଭିଯୋଗ ଆସିବା ପରେ ପ୍ରଜ୍ୱଳ ଗତ ମାସ ୨୭ରୁ ଜର୍ମାନୀ ପଳାଇଥିବା ଅନୁମାନ କରାଯାଉଛି।

## ଋଷିଆ ସେନା ଉପମୁଖ୍ୟ ଗିରଫ


ଭାଡିମ୍ ଶାମରିନ

ମସ୍କୋ, ୨୩।୫

ଏକ ବଡ଼ ଧରଣର ଲାଞ୍ଚ ମାମଲାରେ ଋଷିଆ ମିଲିଟାରୀ ଜେନେରାଲ ଷ୍ଟାଫ୍ ଉପମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଭାଡିମ୍ ଶାମରିନ୍‌ଙ୍କୁ ଗିରଫ କରାଯାଇଛି। ଲାଞ୍ଚ ମାମଲାରେ ଋଷିଆ ସେନାର ଅନେକ ଉଚ୍ଚପଦସ୍ଥ ଅଫିସରଙ୍କୁ ଗିରଫ କରାଗଲାଣି। ଚଳିତ ସପ୍ତାହରେ ମେଜର ଜେନେରାଲ ଇଭାନ ପୋପୋଭାଙ୍କୁ ଗିରଫ କରାଯାଇଥିଲା। ୟୁକ୍ରେନ ବିରୋଧରେ ଯୁଦ୍ଧରେ ସେ ପୂର୍ବରୁ ଋଷିଆ ସେନାର ଶୀର୍ଷ କମାଣ୍ଡର ଥିଲେ। ସେହିପରି ଏପ୍ରିଲରେ ପ୍ରତିରକ୍ଷା ଉପମନ୍ତ୍ରୀ ଟିମୁର ଇଭାନୋଭ ଲାଞ୍ଚ ମାମଲାରେ ଗିରଫ ହୋଇଥିଲେ। ଇଭାନୋଭ ହେଉଛନ୍ତି ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ସେର୍ଗେଇ ଶୋଇଗୁଙ୍କ ଘନିଷ୍ଠ ସହଯୋଗୀ। ନିକଟରେ ଭ୍ଲାଡିମିର ପୁଟିନ ଷଷ୍ଠ ଥର ପାଇଁ ଋଷିଆ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବା ପରେ ସେର୍ଗେଇଙ୍କୁ ମନ୍ତ୍ରିମଣ୍ଡଳରୁ ବିଦା କରିଥିଲେ। ଏହାର ଦୁଇଦିନ ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରଣାଳୟ ପର୍ସୋନେଲ ଡିରେକ୍ଟୋରେଟ୍ ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ୟୁରି କୁଜନେସୋଭ୍‌ଙ୍କୁ ଲାଞ୍ଚ ମାମଲାରେ ଗିରଫ କରାଯାଇଥିଲା। ଗୁରୁବାର ଗିରଫ ହୋଇଥିବା ଶାମରିନ୍ ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖ୍ୟ ଯୋଗାଯୋଗ ନିର୍ଦ୍ଦେଶାଳୟର ମୁଖ୍ୟ। ତାଙ୍କୁ ୨ ମାସ ପାଇଁ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଯୁଦ୍ଧରେ କିଭ୍‌କୁ ଅକ୍ତିଆର କରିବାରେ ବିଫଳତା ପାଇଁ ଶୋଇଗୁଙ୍କୁ ଦାୟୀ କରାଯାଇଥିଲା। ସେ ଅପାରଗ ଏବଂ ଦୁର୍ନୀତିଗ୍ରସ୍ତ ବୋଲି ଘରୋଇ ସେନାର ନେତା ୟେଭଗେନି ପ୍ରିଗୋଝିନ୍ ପୂର୍ବରୁ ଅଭିଯୋଗ କରିଥିଲେ।

## ଭାଜପା ମହିଳା କର୍ମୀଙ୍କୁ ହତ୍ୟା

**ନନ୍ଦିଗ୍ରାମରେ ଉତ୍ତେଜନା**

କୋଲକାତା, ୨୩।୫

ଲୋକ ସଭା ନିର୍ବାଚନର ୨ ଦିନ ପୂର୍ବରୁ ପଶ୍ଚିମବଙ୍ଗର ପୂର୍ବ ମେଦିନିପୁର ଜିଲା ଅନ୍ତର୍ଗତ ନନ୍ଦିଗ୍ରାମରେ ଜଣେ ଭାଜପା ମହିଳା କର୍ମୀଙ୍କୁ ହତ୍ୟା କରାଯାଇଛି। ଏହାକୁ ନେଇ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ଭାଜପା କର୍ମୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୨୫ ତାରିଖରେ ଭୋଟଗ୍ରହଣ ହେବାକୁ ଥିବା ଭାଜପା ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କ ଆସନ ତମଲୁକ ମଧ୍ୟରେ ନନ୍ଦିଗ୍ରାମ ରହିଛି। ହତ୍ୟାକାଣ୍ଡ ପରେ ଭାଜପା କର୍ମୀମାନେ ଟାୟାର ଜାଳି ରାସ୍ତା ଅବରୋଧ କରିବା ସହ ନନ୍ଦିଗ୍ରାମର ଦୋକାନବଜାର ବନ୍ଦ କରିଛନ୍ତି। ରଥିବାଳା ଅରହି (୩୮)ଙ୍କ ହତ୍ୟା ପଛରେ ଟିଏମ୍‌ସିର ଅପରାଧୀମାନେ ସମ୍ପୃକ୍ତ ଥିବା ଭାଜପା ଅଭିଯୋଗ କରିଛି। ଉତ୍ୟକ୍ତ ଲୋକଙ୍କୁ ନିୟନ୍ତ୍ରଣ କରିବା ପାଇଁ ସେଠାକୁ ବହୁସଂଖ୍ୟାରେ ପୋଲିସ ଓ ଆର୍‌ଏଏଫ୍ ଯବାନଙ୍କୁ ପଠାଯାଇଛି। ତେବେ ହତ୍ୟାକାଣ୍ଡରେ ସମ୍ପୃକ୍ତ କାହାକୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ। ଅନ୍ୟପକ୍ଷରେ ପଶ୍ଚିମବଙ୍ଗର ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଭାଜପା ବିଭାଜନର ମଞ୍ଜି ବୁଣୁଛି ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି। କୋଲକାତା ଉତ୍ତରର ଟିଏମ୍‌ସି ପ୍ରାର୍ଥୀ ସୁଦୀପ ବନ୍ଦୋପାଧ୍ୟାୟଙ୍କ ସମର୍ଥନରେ ଏକ ରାଲିକୁ ସମ୍ବୋଧନ କରି ମମତା ଏହା କହିଥିଲେ।

**ଫୁର୍‌ସତ୍**

# ସଚେତନତାର ଆବଶ୍ୟକତା ରହିଛି

**ଆଜି ବିଶ୍ୱ ସ୍କିଜୋଫ୍ରେନିଆ ଦିବସ**



ପ୍ରତିବର୍ଷ ମେ' ୨୪ ତାରିଖକୁ ବିଶ୍ୱ ସ୍କିଜୋଫ୍ରେନିଆ ଦିବସ ଭାବରେ ପାଳନ କରାଯାଇଥାଏ। ଚଳିତ ବର୍ଷ ଉକ୍ତ ଦିବସର ପ୍ରସଙ୍ଗ ରହିଛି-'ଗୋଷ୍ଠୀର ଦୟାଭାବ ଶକ୍ତିକୁ ପାଳନ କରିବା' (celebrating the power of community kindness)। ଯେତେପ୍ରକାର ମାନସିକ ରୋଗ ରହିଛି ସେଥିମଧ୍ୟରୁ ସ୍କିଜୋଫ୍ରେନିଆ ହେଉଛି ଏକ ଗମ୍ଭୀର ମାନସିକ ସମସ୍ୟା। ଏହା ମଣିଷର ଭାବନା ଆବେଗ, ବ୍ୟବହାର ଏବଂ କାର୍ଯ୍ୟଦକ୍ଷତାକୁ ବିଶେଷଭାବରେ ପ୍ରଭାବିତ କରିଥାଏ। ଏହି ରୋଗରେ ଜଣେ ବ୍ୟକ୍ତି ତା'ର ପରିବେଶ ଓ ପରିପାର୍ଶ୍ୱ ସହ ସମ୍ପର୍କ କାଟି ଦେଇଥାଏ। ଏହି ରୋଗୀ ନିଜ ଦୁନିଆରେ ବଞ୍ଚିବା ଆରମ୍ଭ କରେ। ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ। ଅନ୍ୟମାନଙ୍କ ସହ ମିଳାମିଶା କରେନାହିଁ। ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍‌ଭାବରେ କରିପାରେ ନାହିଁ ଏବଂ ନିଦ କମିଯାଏ। ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତି ଅନ୍ୟମାନଙ୍କ ଉପରେ ସନ୍ଦେହ କରିଥାଏ। ରୋଗୀ ମନରେ ସବୁବେଳେ ଡର ଓ ଭୟର ଭାବନା ଦେଖାଯାଇଥାଏ। ଅପଭ୍ରମ, ଭ୍ରାନ୍ତ ବିଶ୍ୱାସ, ବିଷାଦ ସହିତ ରୋଗୀ ନିଜର ସାଧାରଣ ଚିନ୍ତାଶକ୍ତି, ଭାବନାଶକ୍ତି ଧୀରେ ଧୀରେ ହରେଇ ବସିଥାଏ। କାରଣ କେହି ନ ଥାଇ କଥା ଶୁଭୁଛି, ଶୂନ୍ୟବାଣୀ ହେଉଛି ବୋଲି ମଧ୍ୟ କହିଥାଏ। ନ ଥିବା ବସ୍ତୁ, ବ୍ୟକ୍ତିଙ୍କୁ ଦେଖିପାରୁଛି ବୋଲି କହିଥାଏ। ରୋଗୀ ବେଳେବେଳେ ଏସବୁ ଅନୁଭବ ପ୍ରତି ପ୍ରତିକ୍ରିୟା ପ୍ରକାଶ କରେ। ଏହି ପ୍ରତିକ୍ରିୟାରେ ରୋଗୀ ନିଜେ ମନେମନେ କଥାହୁଏ, ଶୂନ୍ୟରେ ଜବାବ ଦିଏ, ମନକୁ ମନ ହସେ ଓ କାନ୍ଦେ। ଭ୍ରାନ୍ତବିଶ୍ୱାସ ଏକ ଅସତ୍ୟ ବା ଭୁଲ ଧାରଣା, ଯାହାକୁ ରୋଗୀମାନେ ନିଜ ମନରେ ଗଣ୍ଠି ବାନ୍ଧି ଧରିବସନ୍ତି ଏବଂ ଏହା ଅନ୍ୟମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇ ନ ଥାଏ। ରୋଗର କାରଣ ମସ୍ତିଷ୍କରେ ମୁଖ୍ୟତଃ 'ଡୋପାମିନ' ନାମକ ଏକ ରାସାୟନିକ ତତ୍ତ୍ୱର ମାତ୍ରା ବୃଦ୍ଧି ଯୋଗୁ ଏହି ରୋଗ ହୋଇଥାଏ। ଏହା ଜିନ୍‌ଗତ କାରଣ କିମ୍ବା ପାରିପାର୍ଶ୍ୱିକ ମାନସିକ ଚାପ କାରଣରୁ ହୋଇପାରେ। ଏହି ରୋଗ ଅନେକାଂଶରେ ବଂଶାନୁଗତ ହୋଇଥାଏ। ଏକ ସର୍ଭେରୁ ଜଣାପଡିଛି ଯଦି ପରିବାରରେ ମାତାପିତାଙ୍କ ମଧ୍ୟରୁ ଜଣେ କାହାକୁ ସ୍କିଜୋଫ୍ରେନିଆ ହୋଇଥାଏ, ତେବେ ତାଙ୍କ ପିଲାଙ୍କୁ ଏହି ରୋଗ ହେବାର ପ୍ରାୟତଃ ୪୦ରୁ୫୦ ପ୍ରତିଶତ ଆଶଙ୍କା ଥାଏ। ସାରା ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୨.୫ କୋଟି ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ସ୍କିଜୋଫ୍ରେନିଆ ଆମ ଦେଶରେ ପ୍ରତି ୧୦୦ ଜଣରେ ଜଣଙ୍କୁ ହୋଇଥାଏ। ଏହି ରୋଗ ମୁଖ୍ୟତଃ ୧୫ରୁ ୩୫ ବର୍ଷ ଭିତରେ ଆରମ୍ଭ ହୋଇଥାଏ। ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଏହା ଅଧିକ ଦେଖାଯାଇଥାଏ। ସ୍କିଜୋଫ୍ରେନିଆ ଏକ ଜଟିଳ ରୋଗ ହେଲେ ମଧ୍ୟ ଏହାର ଚିକିତ୍ସା ସହଜରେ କରିହେବ। ଏହାସହିତ ମାନସିକରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଜରୁରୀ। ପ୍ରାରମ୍ଭିକ ଅବସ୍ଥାରେ ରୋଗର ଲକ୍ଷଣକୁ ଚିହ୍ନିବାରେ ପରିବାରର ସଦସ୍ୟମାନେ ସାଧାରଣତଃ ବିଳମ୍ବ କରିଦେଇଥାନ୍ତି। କେତେକ ଲୋକ ସ୍କିଜୋଫ୍ରେନିଆ ରୋଗ ଓ ତଜ୍ଜନିତ ବ୍ୟବହାରକୁ ରୋଗ ନ ମାନି, ଆମ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଯୋଗୁ ରୋଗୀକୁ ଗୁଣିଗାରେଡି ପାଖକୁ ନେଇ ଅଯଥା ସମୟ ନଷ୍ଟ କରିଥାନ୍ତି। ଏସବୁ ଦ୍ୱାରା ରୋଗର ପ୍ରକୋପ ବଢେ ଓ ଡେରିରେ ଚିକିତ୍ସା କରିଲେ ଅଧିକ ଦିନ ଔଷଧ ସେବନ କରିବାକୁ ପଡିପାରେ ଏବଂ ରୋଗୀ ସମ୍ପୂର୍ଣ୍ଣ ଭାବେ ଠିକ ହେବାର ଆଶଙ୍କା କମିଗଲା ପରେ ମନସ୍ତାତ୍ତ୍ୱିକ ଚିକିତ୍ସା ଯଥା କାଉନସେଲିଂ (ଫାମିଲିଥେରାପି) ସର୍ପୋଟିଭ୍ ଥେରାପି, ସାମାଜିକ କୌଶଳ ଟ୍ରେନିଂ ଓ ଜ୍ଞାନଗତ ପ୍ରତିକାର ଦିଆଯାଇଥାଏ।

ଏହାବ୍ୟତୀତ ସରକାରଙ୍କ ତରଫରୁ ସ୍କିଜୋଫ୍ରେନିଆ ଆକ୍ରାନ୍ତ ରୋଗୀଙ୍କୁ ଭିନ୍ନକ୍ଷମ ସାର୍ଟିଫିକେଟ୍ ଦିଆଯାଇଥାଏ। ଯାହାଫଳରେ ସେମାନେ ଅନେକ ସୁବିଧା ଓ ସୁଯୋଗ ପାଇପାରୁଛନ୍ତି। ବିଶ୍ୱ ସ୍କିଜୋଫ୍ରେନିଆ ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଚିକିତ୍ସା ସମ୍ବନ୍ଧରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ଯାହାଫଳରେ ପ୍ରାରମ୍ଭିକ ଅବସ୍ଥାରେ ଏହି ରୋଗକୁ ଚିହ୍ନଟ କରାଯାଇପାରିବ ଓ ରୋଗୀକୁ ଠିକ୍ ଚିକିତ୍ସା ପ୍ରଦାନ କରାଯାଇପାରିବ। ଏହାଦ୍ୱାରା ରୋଗୀ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ।

**-ଖଗେଶ୍ୱର ମଲିକ,**
ଏମ୍.ଫିଲ୍, ଦ୍ୱିତୀୟବର୍ଷ ଛାତ୍ର, ଚିକିତ୍ସା ମନୋବିଜ୍ଞାନ ବିଭାଗ, ମାନସିକ ସ୍ୱାସ୍ଥ୍ୟ ଅନୁଷ୍ଠାନ, ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍‌ପିଟାଲ, କଟକ



## କାନ୍ଦିଥିଲେ ସଲ୍‌ମାନ

ମୁମ୍ବାଇ

ସଲ୍‌ମାନ ଖାନଙ୍କ 'ମେନେ ପ୍ୟାର୍ କିୟା' ଚଳଚ୍ଚିତ୍ର ୯୦ ଦଶକରେ ବହୁ ଲୋକପ୍ରିୟତା ହାସଲ କରିଥିଲା। ଏହି ରୋମାଣ୍ଟିକ ଫିଲ୍ମରେ ସଲ୍‌ମାନଙ୍କ ସହ ଅଭିନେତ୍ରୀ ଭାଗ୍ୟଶ୍ରୀ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଫିଲ୍ମଟି ବକ୍ସ ଅଫିସରେ ସୁପର-ଡୁପର ହିଟ୍ ସାବ୍ୟସ୍ତ ହୋଇଥିଲା। ତେବେ ଫିଲ୍ମର ହିଟ୍ ଗୀତ 'କବୁତର ଯା ଯା'ର ଶୁଟିଂ ସମୟରେ ଭାବ ବିହ୍ୱଳ ହୋଇ କାନ୍ଦିଥିଲେ ବୋଲି ସଲ୍‌ମାନ ନିକଟରେ ଏକ ସାକ୍ଷାତ୍‌କାର ଦେବା ସମୟରେ ପ୍ରଘଟ କରିଛନ୍ତି।

୧୯୮୯ରେ ରିଲିଜ୍ ହୋଇଥିବା 'ମେନେ ପ୍ୟାର୍ କିୟା' ତାଙ୍କର ଅନ୍ୟତମ ପ୍ରିୟ ଚଳଚ୍ଚିତ୍ର ହୋଇଥିବା ସଲ୍‌ମାନ ଏହି ସାକ୍ଷାତ୍‌କାରରେ କହିଛନ୍ତି। ସେ କହିଛନ୍ତି, "ସେତେବେଳେ ମତେ ମାତ୍ର ୨୩ ବର୍ଷ ବୟସ ହୋଇଥିଲା। 'କବୁତର ଯା ଯା' ଗୀତର ଶୁଟିଂ ମୋ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ଥିଲା। ସେତେବେଳେ ମୁଁ ହଠାତ୍ ଅନୁଭବ କରିଥିଲି ଏହି ଭୂମିକା ପାଇଁ ମୁଁ ଉପଯୁକ୍ତ। ଏହାପୂର୍ବରୁ ମୁଁ ବଡ଼ ଚଳଚ୍ଚିତ୍ର କରିପାରିବି ବୋଲି କେବେ ମଧ୍ୟ କଳ୍ପନା କରି ନ ଥିଲି। ଏହି ଗୀତର ଶୁଟିଂ ସମୟରେ ବଡ଼ ଚଳଚ୍ଚିତ୍ରରେ ମଧ୍ୟ ଅଭିନୟ କରିପାରିବାର ଆତ୍ମବିଶ୍ୱାସ ମୋ ନିକଟରେ ଜାଗ୍ରତ ହୋଇଥିଲା, ଫଳରେ ମୋ ଆଖିରେ ଖୁସିର ଲୁହ ଆସିଥିଲା।" ସୂଚନାଯୋଗ୍ୟ, ସୂରଜ୍ ବରଯାତ୍ୟାଙ୍କ ନିର୍ଦ୍ଦେଶିତ 'ମେନେ ପ୍ୟାର୍ କିୟା' ଚଳଚ୍ଚିତ୍ରରେ ଅଭିନୟ କରିବାକୁ ସଲ୍‌ମାନଙ୍କୁ ଅନେକ ଅଡିସନ୍ ଦେବାକୁ ପଡ଼ିଥିଲା। ଏହି ଚଳଚ୍ଚିତ୍ରର ଗୀତଗୁଡ଼ିକର ଆଜି ମଧ୍ୟ ବହୁ ଲୋକପ୍ରିୟତା ରହିଛି। ସଲ୍‌ମାନଙ୍କୁ ଶେଷଥର ପାଇଁ ଗତ ବର୍ଷ 'ଟାଇଗର ୩' ଫିଲ୍ମରେ ଦେଖିବାକୁ ମିଳିଥିଲା। ମନୀଷ ଶର୍ମାଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ କାଟ୍ରିନା କୈଫ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ସେହିପରି ଆସନ୍ତା ବର୍ଷ ଇଦ୍ ଉପଲକ୍ଷେ ରିଲିଜ୍ ହେଉଥିବା ଏ.ଆର୍. ମୁରୁଗାଡୋସ୍‌ଙ୍କ 'ସିକନ୍ଦର' ଫିଲ୍ମରେ ସଲମାନ୍ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ସହ ମୁଖ୍ୟ ଭୂମିକାରେ ନଜର ଆସିବେ।

# ଅପାରଗ ସରକାର ପାଇଁ ବିକାଶ ହେଉନାହିଁ: ଧର୍ମେନ୍ଦ୍ର

## ସମ୍ବଲପୁର ହେବ ଜ୍ଞାନକୈନ୍ଦ୍ରିକ ଅର୍ଥନୀତିର କେନ୍ଦ୍ର

ସମ୍ବଲପୁର,୨୩।୫ (ଭବାନୀ ଶଙ୍କର ଭୋଇ)

ରାଜ୍ୟରେ ଆସନ୍ତା ୨୫ ତାରିଖରେ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ମତଦାନ ପାଇଁ ଗୁରୁବାର ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ତେବେ ଏହା ପୂର୍ବରୁ କେନ୍ଦ୍ର ମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଖବରଦାତା ସମ୍ମିଳନୀରେ ବିଭିନ୍ନ ପ୍ରସଙ୍ଗ ସହିତ ଆଗାମୀ ଦିନରେ ରହିଥିବା ତାଙ୍କର ଯୋଜନାଗୁଡିକୁ ଉପସ୍ଥାପନ କରିଛନ୍ତି। ରାଜ୍ୟରେ ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ନିଜ ମତ ରଖି କହିଥିଲେ ଯେ, ମହାନଦୀର ଓଡ଼ିଶା ଭାଗର ପାଣିକୁ ଓଡ଼ିଶାକୁ ଦେବାରେ କାହାକୁ ରୋକିବାକୁ ଦିଆଯିବ ନାହିଁ। ତେବେ ବର୍ଷା ସମୟରେ ବୋହିଯାଉଥିବା ପାଣିକୁ ସଂରକ୍ଷଣ କରିବା ପାଇଁ ରାଜ୍ୟ ସରକାର କାହିଁକି ୨୪ ବର୍ଷରେ ଗୋଟିଏ ବ୍ୟାରେଜ ନିର୍ମାଣ କରିପାରିଲେ ନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ଖବରଦାତାଙ୍କ ପ୍ରଶ୍ନର ଉତ୍ତର ରଖି ସେ କହିଥିଲେ, ରାଜ୍ୟ ସଭାରେ ମହାନଦୀ ପ୍ରସଙ୍ଗ ଉଠାଇବା ସହ ଅଣ ମୌସୁମୀ ସମୟରେ ଓଡ଼ିଶା ମହାନଦୀ ପାଣି ପାଇବାର ହକ୍‌ଦାର ବୋଲି ସବୁବେଳେ କହି ଆସିଛନ୍ତି। ଓଡ଼ିଶାକୁ କେମିତି ମହାନଦୀ ପାଣି ମିଳିପାରିବ ସେ ନେଇ ଓଡ଼ିଶା ସରକାର ନେତୃତ୍ୱ ନିଅନ୍ତୁ। ସବୁବେଳେ ଓଡ଼ିଶାର ସ୍ୱାର୍ଥ ପାଇଁ ଓଡ଼ିଶା ସରକାରଙ୍କ ସହିତ ରହିଛି ବୋଲି କହିଛନ୍ତି। ନିର୍ବାଚନ ପରେ ଓଡ଼ିଶାର ଲୋକ ଓଡ଼ିଶାର ନେତୃତ୍ୱନେବେ ବୋଲି ସେ କହିଥିଲେ। ଏହା ସହ ରାଜ୍ୟରେ ଅପାରଗ ସରକାର ଯୋଗୁ ବିକାଶ କାମ ସମ୍ଭବ ହେଉନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ରାଜ୍ୟ ସରକାରକୁ ଟାର୍ଗେଟ କରି କହିଥିଲେ। ୧୨ ବର୍ଷ ହେବ ମହାନଗର ନିଗମ ନିର୍ବାଚନ ନ କରି ହାରିବା ଭୟରେ ଲୋକଙ୍କ ସମସ୍ୟା ଉପରେ ସରକାର ଧ୍ୟାନ ଦେଉ ନ ଥିବା ସେ ଅଭିଯୋଗ କରିଛନ୍ତି।

ପଶ୍ଚିମ ଓଡ଼ିଶାକୁ ରାଜ୍ୟ ସରକାର ଉପେକ୍ଷା ଆଉ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କାର୍ଯ୍ୟାଳୟ ଭୁବନେଶ୍ୱରରେ କ'ଣ ପାଇଁ ଅଛି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ଏଥିସହିତ ମେଡିକାଲରେ ଡାକ୍ତର ଅଭାବ, ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଅଭାବ, ପିଇବା ପାଣି ସମସ୍ୟା, ଦାଦନ, ଶିକ୍ଷକ ନିଯୁକ୍ତି ପ୍ରସଙ୍ଗରେ ବିଜେଡିକୁ ସେ ଟାର୍ଗେଟ କରିଛନ୍ତି। ତେବେ ଗତବର୍ଷ ହନୁମାନ ଜୟନ୍ତୀରେ ଉପୁଜିଥିବା ପରିସ୍ଥିତି ପାଇଁ ସରକାରଙ୍କୁ ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ଭାଜପାର ନିର୍ବାଚନ ସଙ୍କଳ୍ପପତ୍ର ପ୍ରସଙ୍ଗରେ ୩୧୦୦ ଟଙ୍କା ଧାନ କୁଇଣ୍ଟାଲ, ସୁଭଦ୍ରା ଯୋଜନା, ଭତ୍ତା ୧ହଜାରରୁ ୩ ହଜାର, ସମ୍ବଲପୁର ଜିଲାରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତି ଦିଆଯାଇଛି ବୋଲି କହିଛନ୍ତି। ସମ୍ବଲପୁରକୁ ଦେଶର ପ୍ରମୁଖ ୫୦ଟି ସହର ମଧ୍ୟରେ ସାମିଲ କରିବା ପାଇଁ ପ୍ରୟାସ କରାଯିବାକୁ ପଦକ୍ଷେପ ନେବାକୁ ସେ ଖବରଦାତା ସମ୍ମିଳନୀରେ ଘୋଷଣା କରିଥିଲେ। ଆଗାମୀ ଦିନରେ ସମ୍ବଲପୁର ଜ୍ଞାନ କେନ୍ଦ୍ରିକ ଅର୍ଥନୀତିର ପ୍ରମୁଖ କେନ୍ଦ୍ର ଭାବେ ଉଭା ହେବ ବୋଲି ପ୍ରଧାନ କହିଥିଲେ। ଓଡ଼ିଶାର ୧୬ଟି ଜିଲାରେ ପାଇପ ଯୋଗେ ଗ୍ୟାସ ଯୋଗାଇବାକୁ ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି ବୋଲି ସେ କହିଥିଲେ। ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ସେ ନିଜେ ପ୍ରୟାସ କରିବେ ବୋଲି କହିବା ସହ ଚଳିତ ନିର୍ବାଚନରେ ୭୫ରୁ ଅଧିକ ସିଟ୍ ଓଡ଼ିଶାରେ ଭାଜପା ଜିତିବା ସହ ସରକାର ଗଠନ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ସେ ଆସନ୍ତା ୨୫ ତାରିଖରେ ରେକର୍ଡ ସଂଖ୍ୟକ ମତଦାନ କରିବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ଗତ ପର୍ଯ୍ୟାୟଗୁଡ଼ିକରେ ହୋଇଥିବା ନିର୍ବାଚନରେ ଅଧିକ ମତଦାନ ହୋଇଥିବାରୁ ଏହା ପରିବର୍ତ୍ତନର ଲକ୍ଷଣ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସମ୍ମିଳନୀରେ ବରିଷ୍ଠ ନେତା ଡ. ପ୍ରମୋଦ ରଥ, ଗୋବିନ୍ଦ ଅଗ୍ରୱାଲ, ଜିଲା ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି, ମୁକେଶ ଜରିୱାଲ ପ୍ରମୁଖ ଉପସ୍ଥିତ ରହିଥିଲେ।



ସମ୍ବଲପୁରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ଭାଜପାର ମିଛକୁ ଓଡ଼ିଶାବାସୀ ଭଲ ଭାବେ ଜାଣି ସାରିଲେଣି: ପ୍ରଣବ

ଭୁବନେଶ୍ୱର,୨୩।୫(ଅନିଲ ଦାସ)



ପ୍ରଣବ ପ୍ରକାଶ ଦାସ

ଗତ ୨୪ ବର୍ଷ ହେଲା ସାଢ଼େ ୪ କୋଟି ଓଡ଼ିଶାବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଶୀର୍ବାଦ କରିଆସୁଛନ୍ତି। ଓଡ଼ିଶାବାସୀ ମୁଖ୍ୟମନ୍ତ୍ରୀଙ୍କୁ ଭଲ ପାଆନ୍ତି। ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କୁ ନିଜ ପରିବାର ସଦସ୍ୟ ଭାବି କାର୍ଯ୍ୟ କରିଥାନ୍ତି ବୋଲି ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସାମାଜିକ ଗଣମାଧ୍ୟମ ଏକ୍ସ'ରେ ଟୁଇଟ କରି କହିଛନ୍ତି।

ସେ କହିଛନ୍ତି, ବାହାର ରାଜ୍ୟରୁ ନେତାଙ୍କୁ ଆଣି ଓଡ଼ିଶାବାସୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ବାବଦରେ ଅପମାନସୂଚକ ମନ୍ତବ୍ୟ ଦେବା, ଅରୁଚିକର ଶବ୍ଦ ପ୍ରୟୋଗ କରିବା ଓଡ଼ିଶା ଭାଜପାକୁ ଆଦୌ ଶୋଭାପାଉନି। ନିଜେ ଧର୍ମେନ୍ଦ୍ର ପ୍ରଧାନ ସେମାନଙ୍କ ସହ ମିଶି ସମାନ ଭାଷା ବ୍ୟବହାର କରିବା ଓଡ଼ିଶା ସଂସ୍କୃତି ବିରୋଧୀ। ଯେହେତୁ ବାହାରୁ ଆସୁଥିବା ନେତା ଆମ ଅତିଥି, ସେଥିପାଇଁ ଆମେ ବିଶେଷ କିଛି ପ୍ରତିକ୍ରିୟା ରଖୁ ନ ଥିଲୁ, କାରଣ ବିଜେଡି ସବୁବେଳେ ଓଡ଼ିଶାର ସଂସ୍କୃତିକୁ ପାଳନ କରେ। ଗତ ୧୦ ବର୍ଷ ହେଲା ଆମେ ଦେଖି ଆସୁଛୁ, ଓଡ଼ିଶା ନେତା ସବୁବେଳେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ମନ୍ତବ୍ୟ ଦେଇ ଆସୁଛନ୍ତି। କାରଣ ସେମାନଙ୍କ ନିକଟରେ ଆଉ କିଛି ପ୍ରସଙ୍ଗ ନାହିଁ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ସମଲେଇ ପ୍ରକଳ୍ପକୁ ବିରୋଧ କରିଥିବା ଧର୍ମେନ୍ଦ୍ର ପ୍ରଧାନ କେବେ ମଧ୍ୟ ଏନଏଚ୍-୫୫ କାମ କିଭଳି ଶୀଘ୍ର ସରିବ ସେନେଇ ତତ୍ପରତା ଦେଖାଇ ନାହାନ୍ତି, ଯେଉଁଥିପାଇଁ ହଜାର ହଜାର ଲୋକଙ୍କ ଜୀବନ ଯାଇଛି। ମହାନଦୀ ପ୍ରସଙ୍ଗରେ ଧର୍ମେନ୍ଦ୍ର ବାବୁ ଛତିଶଗଡ଼ ପାଇଁ କରିଥିବା ଓକିଲାତି କାହାକୁ ଅଛପା ନାହିଁ। ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ସମ୍ବଲପୁର ସଭାରେ ପଚାରିଥିବା ପ୍ରଶ୍ନର ଗୋଟିଏ ବି ଉତ୍ତର ଦେଇ ପାରିଲେନି ଧର୍ମେନ୍ଦ୍ର ବାବୁ। କାରଣ ସେ ଗତ ୧୦ ବର୍ଷ ମଧ୍ୟରେ କିଛି ବି କାମ କରିନାହାନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ମିଛ ପ୍ରଚାର ହେଉ ଅବା ଓଡ଼ିଶାର ବିକାଶକୁ ବିରୋଧ କରିବାର ମାନସିକତା, ଭାଜପାର ମିଛକୁ ଓଡ଼ିଶାବାସୀ ଭଲ ଭାବେ ଜାଣି ସାରିଲେଣି। ଏଭଳି ଡାହାମିଛକୁ ସେମାନେ ଆଦୌ ଗ୍ରହଣ କରୁନାହାନ୍ତି। ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ତିନି ଚତୁର୍ଥାଂଶ ଆସନ ସହ ଜୁନ ୯ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ନବୀନ ବାବୁ ଶପଥ ନେବେ ବୋଲି ପ୍ରଣବ କହିଛନ୍ତି।

# ରବୀନ୍ଦ୍ରଙ୍କ ଘରେ ରଘୁନାଥ

- ସୁବାସିନୀଙ୍କୁ ଆଶୀର୍ବାଦ କରିବାକୁ ଆସିଥିଲି: ରଘୁନାଥ
- ବିଜେଡିରେ ମିଶିବା ନେଇ ଚର୍ଚ୍ଚା

ଲଙ୍ଗଳେଶ୍ୱର, ୨୩।୫(କମଳାକାନ୍ତ ଦାସ)

ବାଲେଶ୍ୱର ଜିଲା ବସ୍ତା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥିନୀ ସୁବାସିନୀ ଜେନାଙ୍କ ଲଙ୍ଗଳେଶ୍ୱରସ୍ଥିତ ବାସଭବନରେ ଗୁରୁବାର ପୂର୍ବାହ୍ନରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ତାଙ୍କ ସହଧର୍ମିଣୀ ପ୍ରୀତିଲତା ମହାନ୍ତିଙ୍କୁ ଦେଖିବାକୁ ମିଳିଥିଲା। ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନାଙ୍କ ସହ ରଘୁନାଥ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ତେବେ ଉଭୟଙ୍କ ମଧ୍ୟରେ କ'ଣ ଆଲୋଚନା ହେଲା ତାହା ସ୍ପଷ୍ଟ ହୋଇନାହିଁ।

ରଘୁନାଥ ବସ୍ତା ନିର୍ବାଚନମଣ୍ଡଳୀରେ ବିଜେଡିରୁ ୫ଥର ବିଧାୟକ ଭାବେ ବିଜୟୀ ହୋଇ ମନ୍ତ୍ରୀ ହୋଇଥିଲେ। ୨୦୧୩ରେ ପାରିବାରିକ ବିବାଦ କାରଣରୁ ଦଳରୁ ବହିଷ୍କୃତ ହୋଇ ୨୦୧୯ରେ ଭାଜପାରେ ସାମିଲ ହୋଇ ନିର୍ବାଚନ ଲଢ଼ିଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ତାଙ୍କୁ ବସ୍ତାରୁ ପ୍ରାର୍ଥୀ କରିଥିଲା। ରଘୁନାଥ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ସେବେଠାରୁ ତାଙ୍କୁ ଭାଜପାର କୌଣସି କାର୍ଯ୍ୟକ୍ରମରେ ଦେଖିବାକୁ ମିଳି ନ ଥିଲା। ୨୦୨୪ରେ ଟିକେଟକୁ ନେଇ ଅଙ୍କକଷା ଚାଲିଥିବା ବେଳେ ରଘୁନାଥ ଭାଜପାରୁ ଇସ୍ତଫା ଦେଇଥିଲେ। ସେହି ସମୟରେ ସେ ବିଜେଡିରେ ମିଶିବା ନେଇ ଚର୍ଚ୍ଚା ହୋଇଥିଲା। ଚଳିତ ନିର୍ବାଚନରେ ତାଙ୍କୁ କୌଣସି କାର୍ଯ୍ୟକ୍ରମରେ ବା ରାଜନୀତିରେ ସକ୍ରିୟ ଥିବା ଦେଖିବାକୁ ମିଳୁ ନ ଥିଲା। ହଠାତ୍ ବସ୍ତା ବିଧାୟିକା ପ୍ରାର୍ଥିନୀ ସୁବାସିନୀଙ୍କ ବାସଭବନରେ ପହଞ୍ଚିଥିବାରୁ ଏହାକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାଲେଶ୍ୱର ଗସ୍ତ ଥିବାରୁ ବାଲେଶ୍ୱର କିମ୍ବା ରାଜ୍ୟ ଶଙ୍ଖ ଭବନରେ ବିଜେଡିରେ ଯୋଗ ଦେବା ନେଇ ବିଭିନ୍ନ ରାଜନୈତିକ ମହଲରେ ଆଲୋଚନା ହେଉଛି।

ଏ ସମ୍ପର୍କରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି କହିଛନ୍ତି, ସୁବାସିନୀ ଜେନାଙ୍କ ସହିତ ତାଙ୍କର ପାରିବାରିକ ବନ୍ଧୁତା ରହିଛି। ସେଥିପାଇଁ ଆମ୍ଭେ ଉଭୟ ଦମ୍ପତି ତାଙ୍କୁ ଆଶୀର୍ବାଦ କରିବା ପାଇଁ ଆସିଥିଲୁ।



ସୁବାସିନୀଙ୍କ ଶୁଭ ମନାସୁଛନ୍ତି ପ୍ରୀତିଲତା।

# 'ଓଡ଼ିଶାରେ ସୁ-ଶାସନ ପାଇଁ ଡବଲ ଇଞ୍ଜିନ ସରକାର ଦରକାର'




ବଡ଼ବିଲ ବିକାଶ ମହଲଠାରେ ଭାଜପାର ନିର୍ବାଚନୀ ସଭାରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏବଂ ବିଧାୟକ ପ୍ରାର୍ଥୀ ମୁରଲୀ ଶର୍ମାଙ୍କ ସହ ଭାଜପା ନେତୃବୃନ୍ଦ।

ବଡବିଲ,୨୩।୫(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନମଣ୍ଡଳୀର ବିଧାନସଭା ଆସନରେ ମତଦାନ ପାଇଁ ଆଉ ମାତ୍ର ଗୋଟିଏ ଦିନ ରହିଲା। ମେ ୨୫ ଅର୍ଥାତ ଶନିବାର ଏଠାରେ ଭୋଟର ମତ ସାବ୍ୟସ୍ତ କରିବେ। ପ୍ରଚାରର ଶେଷ ଦିନରେ ଭାଜପା ନେତା ତଥା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କେନ୍ଦୁଝର ଜିଲା ବଡବିଲରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ।

ବଡବିଲସ୍ଥିତ ବିକାଶ ମହଲପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇ ଆସାମ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଭାଜପାକୁ ୪ ଶହ ସିଟ୍‌ରେ ବିଜୟୀ କରିବାକୁ କହିଥିଲେ। ମୋଦିଜୀଙ୍କୁ ପ୍ରଧାନମନ୍ତ୍ରୀ କରିଲେ ପିଓକେ (ପାକ୍ ଅକୁପାଏଡ କଶ୍ମୀର)କୁ ଭାରତରେ ମିଶାଇବା ସହ ମୁସଲିମଙ୍କ ଏକାଧିକ ବିବାହ ଉପରେ ପ୍ରତିବନ୍ଧକ ଲଗାଇ ୟୁନିଫର୍ମ ସିଭିଲ କୋଡ ବ୍ୟବସ୍ଥା ଲାଗୁ କରାଯିବ ବୋଲି କହିଥିଲେ। ଏଥିସହ ଓଡ଼ିଶାରେ କୌଣସି ଶାସନ ବ୍ୟବସ୍ଥା ନ ଥିବା କହିବା ସହ ମୁଖ୍ୟମନ୍ତ୍ରୀ ନିଜେ କିଛି କହିପାରୁନାହାନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍ୟଜଣଙ୍କ ବିନା ଅନୁମତିରେ ସାଧାରଣ ଲୋକଙ୍କ ସହ ଦେଖା କରିବା, କଥା ହେବା ତ ଦୂରର କଥା ପାଣି ପିଇପାରିବେ ନାହିଁ। ଏଭଳି ଅବସ୍ଥା ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କର ହୋଇଯାଇଛି। ତେଣୁ ଓଡ଼ିଶାରେ ସୁ-ଶାସନ ନିମନ୍ତେ ଡବଲ ଇଞ୍ଜିନ୍ ସରକାର ଗଠନ ପାଇଁ ଭାଜପା କାମ କରୁଛି ବୋଲି ହିମନ୍ତ କହିଥିଲେ। ଏଥିସହ ଭାଜପାର ଚମ୍ପୁଆ ବିଧାୟକ ପ୍ରାର୍ଥୀ ମୁରଲୀ ମନୋହର ଶର୍ମା ଏବଂ କେନ୍ଦୁଝର ଏମ୍‌ପି ପ୍ରାର୍ଥୀ ଅନନ୍ତ ନାଏକଙ୍କୁ ଭୋଟ ଦେଇ ଭାଜପାକୁ ଜିତାଇବାକୁ ନିବେଦନ କରିଥିଲେ।

# ୨୪ଘଣ୍ଟାରେ ଫେରିଲେ ଜ୍ୟୋତିପ୍ରକାଶ

## ମିଳିଲା ବିଜେଡି ଜିଲା ସଭାପତି ପଦ

ବାଲେଶ୍ୱର,୨୩।୫(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନମଣ୍ଡଳୀ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବୁଧବାର ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବାର ୨୪ ଘଣ୍ଟା ମଧ୍ୟରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପରେ ତାଙ୍କୁ ବିଜେଡିର ବାଲେଶ୍ୱର ଜିଲା ସଭାପତି ଭାବେ ନିଯୁକ୍ତି ମିଳିଛି।

ଜନତା ଦଳ ସମୟରୁ ତାଙ୍କ ବାପା, ପରେ ସେ ନିଜେ ବିଜୁ ଜନତା ଦଳରେ ଦୀର୍ଘ ୪୦ ବର୍ଷ ଧରି ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରିଆସୁଥିଲେ। ଚଳିତ ନିର୍ବାଚନରେ ତାଙ୍କୁ ବିଜେଡି ଟିକେଟ ମିଳି ନ ଥିଲା। ଦଳର ଅବହେଳା ଦର୍ଶାଇ ସେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ସେ ତାଙ୍କର ଇସ୍ତଫାପତ୍ର ପଠାଇ ଦେଇଥିଲେ। ଜ୍ୟୋତିପ୍ରକାଶ ଭାଜପାରେ ସାମିଲ ହେବା ନେଇ ଆଲୋଚନା ହୋଇଥିଲା। ବୁଧବାର ସନ୍ଧ୍ୟାରେ ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ବାମପଦାସ୍ଥିତ ନୋସି ବିଜିନେସ ପାର୍କରେ ପହଞ୍ଚି ଜ୍ୟୋତିପ୍ରକାଶଙ୍କୁ ଡକାଇ ଆଲୋଚନା କରିଥିଲେ। ସେଠାରୁ ପ୍ରଣବପ୍ରକାଶ ଯିବା ପରେ ଗୁରୁବାର ତାଙ୍କୁ ଭୁବନେଶ୍ୱର ଡକାଯାଇଥିଲା। ଜ୍ୟୋତିପ୍ରକାଶ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ପରେ ତାଙ୍କୁ ବିଜେଡିର ବାଲେଶ୍ୱର ଜିଲା ସଭାପତି ଭାବେ ନିଯୁକ୍ତି ମିଳିଥିଲା। ଏହି ଖବର ପାଇବା ପରେ ଜିଲାର ବହୁ ନେତା ତାଙ୍କୁ ସ୍ୱାଗତ କରିଛନ୍ତି। ଗୁରୁବାର ଅପରାହ୍ନ ୫ଟାରେ ତାଙ୍କର ବାଲେଶ୍ୱର ଗସ୍ତ କାର୍ଯ୍ୟକ୍ରମ ଥିବାରୁ କୁରୁଡ଼ା ବାଇପାସ୍‌ଠାରୁ ବାଲେଶ୍ୱର ବିଧାୟକ ପ୍ରାର୍ଥୀ ସ୍ୱରୂପ କୁମାର ଦାସଙ୍କ ନେତୃତ୍ୱରେ ତାଙ୍କୁ ଏକ ବାଇକ୍ ରାଲିରେ ସ୍ୱାଗତ କରାଯାଇଥିଲା। ପରେ ଆଇଟିଆଇ ଛକ ସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ବହୁ କର୍ମୀ ଓ ଛାମୁଆ ନେତାମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।



ବିଜେଡି ଜିଲା ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା।

# ଭୋଟ ଦେବେନି ପିହୁଙ୍କ ମା' ମୋନାଲିସା

ବିଞ୍ଝାରପୁର,୨୩।୫(ରାମକୃଷ୍ଣ ଦାସ)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ମଧୁସୂଦନପୁର ଗ୍ରାମର ବହୁ ଚର୍ଚ୍ଚିତ ଶିଶୁକନ୍ୟା ଶୁଭଲକ୍ଷ୍ମୀ ନାୟକ(ପିହୁ) ନିଖୋଜ ଘଟଣାରେ ପୂର୍ଣ୍ଣଚ୍ଛେଦ ପଡୁନାହିଁ। ନ୍ୟାୟ ପାଇଁ ସଂଘର୍ଷ କରୁଥିବା ପିହୁଙ୍କ ମା' ମୋନାଲିସା ନାୟକ ଚଳିତ ଥର ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାର ନିଷ୍ପତ୍ତି ନେଇଛନ୍ତି। ଝିଅ ନିଖୋଜକୁ ୪ ବର୍ଷ ବିତିଯାଇଥିଲେ ମଧ୍ୟ ପୋଲିସ କିମ୍ବା ପ୍ରଶାସନ ତାଙ୍କୁ ସାହାଯ୍ୟ କରିନାହିଁ। ଏପରି କି କୌଣସି ଲୋକପ୍ରତିନିଧି କିମ୍ବା ରାଜନୈତିକ ବ୍ୟକ୍ତି ମଧ୍ୟ ତାଙ୍କୁ ସାହାଯ୍ୟ କରି ନ ଥିବାରୁ ସେ ଭୋଟ ବର୍ଜନ କରୁଥିବା ଦର୍ଶାଇ ନିଜ ଘର ସମ୍ମୁଖରେ ଏକ ବ୍ୟାନର ଲଗାଇ ଏକଥା ଜଣାଇଛନ୍ତି। ନିର୍ବାଚନ ସମୟରେ ମୋନାଲିସାଙ୍କ ଏଭଳି କାର୍ଯ୍ୟକୁ ନେଇ ବରୀ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ନିଜ ଝିଅକୁ ଖୋଜିବା ପାଇଁ ନ୍ୟାୟ ଆଶାରେ ମୋନାଲିସା ବିଭିନ୍ନ ସ୍ଥାନକୁ ଧାଉଁଥିଲେ ମଧ୍ୟ ନିରାଶ ହୋଇଛନ୍ତି। ଆସନ୍ତା ୨୫ ତାରିଖରେ ବରୀ ଓ ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ନିର୍ବାଚନୀ ପ୍ରଚାରରେ ଆସୁଥିବାବେଳେ ମୋନାଲିସା ତାଙ୍କୁ ଭେଟି ନିଜର ଦୁଃଖ ଜଣାଇବେ ବୋଲି ବିଭିନ୍ନ ସରକାରୀ ଅଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ତାଙ୍କୁ ପାଣ୍ଡିଆନଙ୍କ ସହ ଭେଟିବା ବେଳେ ପୋଲିସ ନ ଅଟକାଇବାକୁ ସେ ନିବେଦନ କରିଛନ୍ତି।

# ଭାଜପା ପାଇଁ ପ୍ରଚାର କଲେ ବିଧାୟକ ଜିତୁ ମିତ୍ର

ଖୋର୍ଦ୍ଧା,୨୩।୫(ପ୍ରଭାତ ପାଣିଗ୍ରାହୀ)

ଆସନ୍ତା ୨୫ ତାରିଖରେ ମତଦାନ ହେବାକୁ ଥିବା ବେଳେ ଖୋର୍ଦ୍ଧା ବିଧାନସଭା କ୍ଷେତ୍ରରେ ରାଜନୀତି ରୋଚକ ମୋଡ଼ ନେଇଛି। ଗୁରୁବାର ଭାଜପା ପକ୍ଷରୁ ଚାଲିଥିବା ଶୋଭାଯାତ୍ରାରେ ବର୍ତ୍ତମାନର ବିଜେଡି ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ସାମିଲ ହୋଇଥିଲେ। ସେ ଭାଜପା ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଏବଂ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କ ପାଇଁ ପ୍ରଚାର କରିଥିଲେ। ତେବେ ମିତ୍ର ଦିନେ ବି ବିଜେଡି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ସାହୁଙ୍କ ପାଇଁ ପ୍ରଚାର କରି ନ ଥିବା ବେଳେ ହଠାତ୍ ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ବିଧାୟକ ମିତ୍ର ଆରମ୍ଭରୁ ନୀରବ ରହିଥିବା ବେଳେ ଗତ କିଛି ଦିନ ହେବ ସେ ଭାଜପାରେ ଯୋଗଦାନ କରିବା ନେଇ ଚର୍ଚ୍ଚା ହେଉଥିଲା। ଗୁରୁବାର ସେ ଭାଜପାରେ ସାମିଲ୍ ହୋଇଛନ୍ତି। ଜ୍ୟୋତିରୀନ୍ଦ୍ର କହିଛନ୍ତି, ଲୋକେ ପରିବର୍ତ୍ତନ ଚାହୁଁଛନ୍ତି। ଭାଜପା ଏହି ପରିବର୍ତ୍ତନ ଆଣିପାରିବ।

ପ୍ରକାଶ ଯେ, ୨୦୧୯ ମସିହାରେ ଜ୍ୟୋତିରୀନ୍ଦ୍ର ଖୋର୍ଦ୍ଧା ବିଧାନସଭା ଆସନରୁ ବିଜେଡି ଟିକଟରେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ଏଥର ବି ସେ ଟିକେଟ ଦୌଡ଼ରେ ଥିଲେ। ହେଲେ ଦଳ ଜ୍ୟୋତିରୀନ୍ଦ୍ରଙ୍କ ପରିବର୍ତ୍ତେ ରାଜେନ୍ଦ୍ର ସାହୁଙ୍କୁ ପ୍ରାର୍ଥୀ କରିଥିଲା। ଗୁରୁବାର ତୃତୀୟ ପର୍ଯ୍ୟାୟ ନିର୍ବାଚନ ପ୍ରଚାରର ଶେଷଦିନ ହୋଇଥିବା ବେଳେ ହଠାତ୍ ଜ୍ୟୋତିରୀନ୍ଦ୍ର ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ଖୋର୍ଦ୍ଧା ରାଜନୀତିରେ ଏକ ନୂଆ ସମୀକରଣ ସୃଷ୍ଟି ହେବ ବୋଲି କୁହାଯାଉଛି। ପୂର୍ବରୁ ତାଙ୍କ ସମର୍ଥକମାନେ ଭାଜପାରେ ଯୋଗଦେଇସାରିଥିଲେ।



ଭୁବନେଶ୍ୱର ଭାଜପା ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ସହ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ପ୍ରଚାର କରୁଛନ୍ତି।

# ବାବୁମାନଙ୍କ ଘେରାବନ୍ଦୀରେ ନବୀନ ସରକାର: ଯୋଗୀ

## ବାଣପୁରରେ ଭାଜପାର ବିଜୟ ସଙ୍କଳ୍ପ ସମାବେଶ

ଖୋର୍ଦ୍ଧା/ବାଣପୁର,୨୩।୫ (ପ୍ରଭାତ ପାଣିଗ୍ରାହୀ/ଦିଲୀପ ସ୍ୱାଇଁ)

ବାଣପୁରସ୍ଥିତ ଐତିହାସିକ ପଲଟଣ ପଡ଼ିଆରେ ଗୁରୁବାର ଭାଜପାର ବିଜୟ ସଙ୍କଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଯୋଗୀ ଆଦିତ୍ୟନାଥ ଯୋଗଦେଇ ଓଡ଼ିଶା ସରକାରଙ୍କ ଉପରେ ବର୍ଷିଛନ୍ତି। ସେ ଉଦ୍‌ବୋଧନ ଦେଇ କହିଥିଲେ, ଓଡ଼ିଶା ସରକାର ମହାପ୍ରଭୁଙ୍କ ରତ୍ନଭଣ୍ଡାର ଚାବି ହଜାଇଦେଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ଶକ୍ତି ଦିଅନ୍ତୁ ଯେପରି ଓଡ଼ିଶାରେ ଭାଜପା ଡବଲ ଇଞ୍ଜିନ ସରକାର ଗଢ଼ିବ। ଯେଉଁ ଦଳ ହାରୁଛି, ସେହିଦଳର ପ୍ରାର୍ଥୀଙ୍କୁ ଭୋଟ ଦେବା ଅପେକ୍ଷା ଜିତିବା ପ୍ରାର୍ଥୀଙ୍କୁ ଭୋଟ ଦିଅନ୍ତୁ। ଏଠାରେ ବାବୁମାନଙ୍କ ଘେରାବନ୍ଦୀରେ ନବୀନ ସରକାର ରହିଛନ୍ତି। ଯେଉଁଠି ବାବୁରାଜ ଚାଲେ ସେଠାରେ ଜନତା ହଇରାଣ ହୁଅନ୍ତି। ଜନସାଧାରଣଙ୍କ ପାଇଁ ସରକାର ଚାଲିବା ଆବଶ୍ୟକ। ବାବୁମାନଙ୍କ ଘେରାବନ୍ଦୀରେ ରହିଥିବା ଏହି ସରକାର ଓଡ଼ିଶାର ସଂସ୍କୃତି, ପରମ୍ପରାକୁ ନଷ୍ଟ କରୁଛନ୍ତି। ଡବଲ ଇଞ୍ଜିନ ସରକାର କିପରି ଚାଲୁଛି ଉତ୍ତରପ୍ରଦେଶ ଆସନ୍ତୁ ଦେଖିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଯୋଧ୍ୟାରେ ଭବ୍ୟ ଶ୍ରୀରାମ ମନ୍ଦିର ନିର୍ମାଣ କରିଛନ୍ତି। ଦେଶରେ ମୋଦି ଶାସନ ଚାଲିଛି। ଯିଏ ବଦ୍‌ମାସୀ କରିବ, ତାଙ୍କୁ ସାବାଡ୍ କରାଯିବ। ଓଡ଼ିଶାରେ ଖଣି, ବାଲି, ଗୋ'ମାଫିଆମାନଙ୍କୁ ସାବାଡ୍ କରାଯିବ। ଉତ୍ତରପ୍ରଦେଶ ଭଳି ବୁଲ୍‌ଡୋଜର ଚାଲିବ। ନବୀନ ସରକାର ଏଠାରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରୁନାହାନ୍ତି ବୋଲି ସେ କହିଛନ୍ତି।

ଯୋଗୀ ଆହୁରି କହିଥିଲେ ଯେ, କଂଗ୍ରେସ ଓ ବିଜେଡିର ନୀତି ଜନବିରୋଧୀ। କଂଗ୍ରେସକୁ ଟାର୍ଗେଟ କରି କହିଥିଲେ, ଭାରତରେ ଏମିତି ବି ଲୋକ ଅଛନ୍ତି ଖାଇବେ ଭାରତର, ଗାଇବେ ପାକିସ୍ତାନର। ଭାରତର ଯଦି ବନ୍ଦନା କରି ନ ପାରିବ ତେବେ ଭାରତରୁ ଚାଲିଯାଅ। ମୋଦିଙ୍କ ନେତୃତ୍ୱରେ ଦେଶର ସୁରକ୍ଷା, ବିକାଶ ସବୁ ହୋଇଛି। ଭାରତର ସୀମାକୁ ସୁରକ୍ଷିତ କରାଯାଇଛି। ଆତଙ୍କବାଦକୁ ସାବାଡ୍ କରାଯାଇଛି। ମୋଦିଙ୍କ ବିକାଶମୂଳକ ଯୋଜନା ହିସାବ ଦେଇ ଡବଲ ଇଞ୍ଜିନ ସରକାର ପାଇଁ ଆହ୍ୱାନ ଦେଇଥିଲେ। ଭାଜପାର ପୁରୀ ଲୋକ ସଭା ପ୍ରାର୍ଥୀ ସମ୍ବିତ ପାତ୍ରଙ୍କୁ ବିଜୟୀ କରି ସଂସଦକୁ ପଠାନ୍ତୁ। ସେ ମଧ୍ୟ ପୁରୀକୁ ଅଯୋଧ୍ୟା ଭଳି ଭବ୍ୟ ଓ ଆଧ୍ୟାତ୍ମିକ ସହରଭାବେ ଗଢ଼ିତୋଳିବେ। ଚିଲିକାର ବିକାଶ ପାଇଁ ବିଧାୟକ ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭୋଟଦେବାକୁ ଯୋଗୀ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ସମାବେଶରେ ଛତିଶଗଡ଼ ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ବ୍ରଜମୋହନ ଅଗ୍ରୱାଲ, ଭାଜପାର ପୁରୀ ଲୋକ ସଭା ପ୍ରାର୍ଥୀ ସମ୍ବିତ ପାତ୍ର, ଚିଲିକା ଆସନର ବିଧାୟକ ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ, ପୂର୍ବତନ ବିଧାୟକ ଡା. ବିଭୂତି ଭୂଷଣ ହରିଚନ୍ଦନ, ଶଙ୍କର୍ଷଣ ପରିଡ଼ା, ବିକାଶ ଚନ୍ଦ୍ର ପଟ୍ଟନାୟକ, ଦୁଷ୍ମନ୍ତ ହରିଚନ୍ଦନ, ଅମରେନ୍ଦ୍ର ରଣସିଂହ, ଜ୍ୟୋତ୍ସ୍ନା ବେହେରାଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ।




ବିଜୟ ସଂକଳ୍ପ ସମାବେଶରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ପୁରୀ ଲୋକ ସଭା ପ୍ରାର୍ଥୀ ସମ୍ବିତ ପାତ୍ର, ଚିଲିକା ବିଧାୟକ ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟ ନେତୃବୃନ୍ଦ।

**କଂଗ୍ରେସର ବିଭିନ୍ନ କର୍ମକର୍ତ୍ତା ନିଯୁକ୍ତ**

ଭୁବନେଶ୍ୱର,(ଅନିଲଦାସ): ପିସିସି ସଭାପତି ଶରତ ପଟ୍ଟନାୟକ କେତେଜଣ କଂଗ୍ରେସ ନେତାଙ୍କୁ ବିଭିନ୍ନ ପଦବୀରେ ନିଯୁକ୍ତି ଦେଇଛନ୍ତି। କୋଣାର୍କ ଏନ୍.ଏସ୍.ସି.ର ପୂର୍ବତନ କାଉନ୍ସିଲର ସୁବାଷ ନାୟକଙ୍କୁ ପିସିସି ସାମାଜିକ ଗଣମାଧମ ବିଭାଗର ସାଧାରଣ ସମ୍ପାଦକ ଓ ଗୋପ ବ୍ଲକ ନିର୍ବାଚନ ଇନଚାର୍ଜ, ନିମାପଡ଼ା ବ୍ଲକର ଜୟନ୍ତ କୁମାର ବେହେରାଙ୍କୁ ପ୍ରଦେଶ କଂଗ୍ରେସ ମତ୍ସ୍ୟଜୀବି ବିଭାଗର ଉପସଭାପତି ଏବଂ ଗୋପ ବ୍ଲକର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ରନାଥ ବେହେରାଙ୍କୁ ଗୋପ ବ୍ଲକ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି।

# ଭୋଟର ଚାହିଁଲେ ରତ୍ନଭଣ୍ଡାର ଗୁମର ଖୋଲିବ: ନଡ୍ଡା

## ଓଡ଼ିଶାରେ ତାମିଲ ନୁହେଁ, ଓଡ଼ିଆ ଲୋକ ଶାସନ କରିବେ



ଧାମନଗର ବିଜୟ ସଂକଳ୍ପ ସମାବେଶରେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡା, ରାଜ୍ୟ ସଭାପତି ମନମୋହନ ସାମଲ, ଦଳୀୟ ପ୍ରାର୍ଥୀ ଓ ଅନ୍ୟମାନେ।

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ କରଞ୍ଜିଆ(କବିତା ମହାନ୍ତ)/ ଠାକୁରମୁଣ୍ଡା(ତାରାକାନ୍ତ ପଟ୍ଟନାୟକ)/ ଭଦ୍ରକ(ସନାତନ ରାଉତ)/ଧାମନଗର(ଦେବେନ୍ଦ୍ର ଆଦିଆ/ ସନ୍ତୋଷ କୁମାର ମହାପାତ୍ର)/ ଅସୁରାଳି(ସନ୍ତୋଷ ପ୍ରଧାନ),୨୩।୫

ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ସମ୍ପତ୍ତିକୁ କିଏ ଲୁଟିଛି। ଭଣ୍ଡାରର ଚାବି କାହା ପାଖରେ ଅଛି। ଓଡ଼ିଶା ଭୋଟର ଚାହିଁଲେ ରତ୍ନଭଣ୍ଡାର ଖୋଲିବ। ନିର୍ବାଚନରେ ଚାବି ମୋଡ଼ି ଦେଲେ ସବୁ ଗୁମର ଖୋଲିବ। ଓଡ଼ିଶାରେ ଏଥର ପରିବର୍ତ୍ତନ ନିଶ୍ଚୟ। ତାମିଲ ବଦଳରେ ଏଥର ଓଡ଼ିଆ ଲୋକ ଓଡ଼ିଶାକୁ ଶାସନ କରିବେ ବୋଲି ମୟୂରଭଞ୍ଜ ଜିଲା କରଞ୍ଜିଆ ଗୋଲେଇ ପଡ଼ିଆ ଓ ଭଦ୍ରକ ଜିଲା ଧାମନଗର ବ୍ଲକର ଅସୁରାଳି ଷ୍ଟାଡିୟମ ପଡ଼ିଆରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜଗତ ପ୍ରକାଶ ନଡ୍ଡା କହିଛନ୍ତି।

କରଞ୍ଜିଆ ଜନସଭାକୁ ସମ୍ବୋଧିତ କରି ନଡ୍ଡା କହିଥିଲେ, ଭାଜପା ସରକାର ଓଡ଼ିଶାର ଜଣେ ଆଦିବାସୀ ମହିଳାଙ୍କୁ ଦେଶର ସର୍ବୋଚ୍ଚ ଆସନରେ ଅବସ୍ଥାପିତ କରାଇପାରିଛି। ଆଦିବାସୀମାନଙ୍କ ଝିଅପୁଅଙ୍କ ଉନ୍ନତମାନର ଶିକ୍ଷା ପାଇଁ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ନିର୍ମାଣ ସକାଶେ ମୋଦି ସରକାର ବଜେଟରେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ରାଜ୍ୟରେ ଖଣି ଭରପୂର ଥିବା ବେଳେ ଦୁଇଓଳି ଖାଇବା ପାଇଁ ଆଦିବାସୀମାନେ ଦାଦନ ଖଟିବା ଲାଗି ପଡ଼ୋଶୀ ରାଜ୍ୟକୁ ଯାଉଛନ୍ତି। ଉକ୍ତ ସମାବେଶରେ ନବରଙ୍ଗପୁର ଭାଜପା ଏମ୍‌ପି ପ୍ରାର୍ଥୀ ବଳଭଦ୍ର ମାଝୀ, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ଜିଲା ପଶ୍ଚିମ ସଙ୍ଗଠନର ସଭାପତି କୃପାସିନ୍ଧୁ ମହାନ୍ତ, ଜିଲା ସମ୍ପାଦିକା ସୁନାମଣି ହୋଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ସେହିପରି ଓଡ଼ିଶାରେ ଚାଲିଥିବା ଲକ୍ଷ୍ମୀ ବସ୍, ମଧ୍ୟାହ୍ନଭୋଜନ ଆଦି ବଡ଼ ବଡ଼ ପ୍ରକଳ୍ପର ଠିକାଦାରି ତାମିଲନାଡୁର କଣ୍ଟ୍ରାକ୍ଟରମାନେ କରୁଛନ୍ତି। ଏଥର ବିଜେଡି ସରକାର ହେଲେ ଓଡ଼ିଶାର ପଇସା ତାମିଲନାଡୁକୁ ଚାଲିଯିବ ବୋଲି ଧାମନଗର ବ୍ଲକ ଅସୁରାଳିଠାରେ ଆୟୋଜିତ ସମାବେଶରେ ନଡ୍ଡା କହିଥିଲେ। ସମାବେଶରେ ଧାମନଗର ବିଧାନସଭା କ୍ଷେତ୍ର ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ ୫ ବର୍ଷ ମଧ୍ୟରେ ପ୍ରତି ପଞ୍ଚାୟତରେ ଶହେ ଯୁବତୀ ଯୁବକଙ୍କୁ ନିଯୁକ୍ତିର ଗ୍ୟାରେଣ୍ଟି ଦେଇଥିଲେ। ଭାଜପାର ଜିଲା ସଭାପତି ହେମନ୍ତ ପାଢ଼ୀଙ୍କ ସଞ୍ଚାଳନରେ ଏହି ସଭାରେ ରାଜ୍ୟ ସଭାପତି ମନମୋହନ ସାମଲ, ମଧ୍ୟପ୍ରଦେଶର ମନ୍ତ୍ରୀ ବିଶ୍ୱାସ ସାରଙ୍ଗ, ଲୋକ ସଭା ପ୍ରଭାରୀ ଭୋଲା ସିଂ, ଧାମନଗର ବିଧାନସଭା ଦାୟିତ୍ୱରେ ଥିବା ମଧ୍ୟପ୍ରଦେଶର ଭାଜପା ନେତା ରାମେଶ୍ୱର ଶର୍ମା, ଲୋକ ସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ପୂର୍ବତନ ଜିଲା ସଭାପତି ବଦ୍ରି ନାରାୟଣ ଧଳ ଏବଂ ଭଣ୍ଡାରିପୋଖରୀ ବିଧାୟକ ପ୍ରାର୍ଥୀ ଡ. ସୁଧାଂଶୁ ଶେଖର ନାୟକ ବିଜେଡି ସରକାରକୁ ସମାଲୋଚନା କରିଥିଲେ। ଏହି ଅବସରରେ ସୂର୍ଯ୍ୟବଂଶୀ ବାବା ଆଖଣ୍ଡଳମଣିଙ୍କ ଫଟୋ ନଡ୍ଡାଙ୍କୁ ଉପହାର ଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟବାସୀଙ୍କ ଭଲପାଇବା ଦେଖି ବିରୋଧୀଙ୍କ ମୁଣ୍ଡ କାମ କରୁନି: ପାଣ୍ଡିଆନ

## ଜଗତ୍‌ସିଂହପୁର ଲୋକ ସଭା କ୍ଷେତ୍ରର ୭ ବିଧାନସଭା ନିର୍ବାଚନମଣ୍ଡଳୀରେ ପାଣ୍ଡିଆନଙ୍କ ପ୍ରଚାର

ଭୁବନେଶ୍ୱର,୨୩।୫(ଅନିଲ ଦାସ)



କାକଟପୁର ବ୍ଲକ୍ ପଡ଼ିଆଠାରେ ଆୟୋଜିତ ସଭାରେ କାର୍ତ୍ତିକ ପାଣ୍ଡିଆନ ମହିଳା କର୍ମୀଙ୍କ ସହ ଆଲୋଚନା କରୁଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଓଡ଼ିଶାବାସୀଙ୍କ ଏତେ ଭଲପାଇବା ଦେଖି ବିରୋଧୀଙ୍କ ମୁଣ୍ଡ କାମ କରୁନି। ବାହାରୁ ବଡ଼ ବଡ଼ ନେତାମାନେ ଆସି ମୁଖ୍ୟମନ୍ତ୍ରୀଙ୍କୁ ଅଭଦ୍ର ଭାଷାରେ ଗାଳି ଦେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଏପରି ଅସମ୍ମାନିତ କରୁଥିବା ଲୋକଙ୍କୁ ଆପଣ ମୁହଁତୋଡ଼ ଜବାବ ଦିଅନ୍ତୁ ବୋଲି ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି।

ଗୁରୁବାର ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀର ନିମାପଡ଼ା, କାକଟପୁର, ନିଆଳି, ବଲିକୁଦା-ଏରସମା, ପାରାଦୀପ, ତିର୍ତ୍ତୋଲ ଓ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ପାଣ୍ଡିଆନ ପ୍ରଚାର କରି ବିରୋଧୀ ଦଳ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛନ୍ତି। ଆସାମ ମୁଖ୍ୟମନ୍ତ୍ରୀଙ୍କୁ ତୀବ୍ର ସମାଲୋଚନା କରି ସେ କହିଛନ୍ତି, ଆସାମ ମୁଖ୍ୟମନ୍ତ୍ରୀ ଜାଣିବା ଉଚିତ ଯେ, ନବୀନ ବାବୁ ଆପଣଙ୍କ ଗୁରୁଙ୍କ ଗୁରୁ ସହିତ କାମ କରିଛନ୍ତି। ବାଜପେୟୀଙ୍କ ସରକାରରେ ନବୀନ ବାବୁ ଯେତେବେଳେ କ୍ୟାବିନେଟ୍ ମନ୍ତ୍ରୀ ଥିଲେ, ଆପଣ ସେତେବେଳେ ଓକିଲାତି କରୁଥିଲେ। ଆପଣ ଓଡ଼ିଶାବାସୀଙ୍କଠାରୁ ସଂସ୍କାର ଶିଖନ୍ତୁ। ଓଡ଼ିଶା କେବେ ଅତିଥିଙ୍କୁ ଏ ମାଟିରେ ଅସମ୍ମାନିତ କରେନାହିଁ। ମହାପ୍ରଭୁ ଆପଣଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। ଆମ ମୁଖ୍ୟମନ୍ତ୍ରୀଙ୍କୁ ଅସମ୍ମାନିତ କରନ୍ତୁ ନାହିଁ। ଆସାମ ଓ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଆସି କହୁଛନ୍ତି, ଯେ ଓଡ଼ିଶାକୁ ଏକ ନମ୍ବର କରିବେ। ପ୍ରଥମେ ସେମାନେ ଆଗେ ନିଜ ରାଜ୍ୟକୁ ଦେଖନ୍ତୁ, ତା'ପରେ ଓଡ଼ିଶା କଥା ଚିନ୍ତା କରିବେ। ଓଡ଼ିଶାଠାରୁ ସବୁ କ୍ଷେତ୍ରରେ ସେମାନେ ବହୁ ପଛରେ ଅଛନ୍ତି। ଓଡ଼ିଶାକୁ ଏକ ନମ୍ବର କରିବେ ନବୀନ ପଟ୍ଟନାୟକ। ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କଠାରୁ କିଛି ଶିଖିକି ଯାଆନ୍ତୁ, କାମରେ ଲାଗିବ ବୋଲି ପାଣ୍ଡିଆନ କହିଛନ୍ତି। ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଶାଳୀନ ଭାଷା ବ୍ୟବହାର ଓ ତାଙ୍କୁ ଅସମ୍ମାନିତ କରିବାକୁ ଓଡ଼ିଶାବାସୀ କେବେ ବରଦାସ୍ତ କରିବେ ନାହିଁ। ଜୁନ ୧ ତାରିଖରେ ଭୋଟର ଏହାର ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କୁ ମୁଖ୍ୟମନ୍ତ୍ରୀ ନିଜ ପରିବାରର ସଦସ୍ୟ ବୋଲି ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଲାଗି ଦିନରାତି କାମ କରୁଛନ୍ତି। ଏ ସରକାର ହେଉଛି ଲୋକଙ୍କ ସରକାର। ଚାଷୀଙ୍କ ସରକାର, ଯୁବପିଢ଼ିର ସରକାର ବୋଲି ପାଣ୍ଡିଆନ କହିଛନ୍ତି। ମହାପ୍ରଭୁଙ୍କ କୃପାରୁ ଓ ରାଜ୍ୟବାସୀଙ୍କ ଆଶୀର୍ବାଦରୁ ସାରା ଓଡ଼ିଶା ମାଲକାନଗିରିରୁ ମୟୂରଭଞ୍ଜ, ସୁନ୍ଦରଗଡ଼ରୁ ଜଗତ୍‌ସିଂହପୁର ପର୍ଯ୍ୟନ୍ତ ସମସ୍ତେ ଜାଣିଗଲେଣି ଯେ, ନବୀନ ପଟ୍ଟନାୟକ ପୁଣି ଥରେ ଜୁନ ୯ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଶପଥ ନେବା ପରେ ପ୍ରଥମ ଦସ୍ତଖତ ହେବ ୯୦ ପ୍ରତିଶତ ଲୋକଙ୍କ ପାଇଁ ବିଜୁଳି ବିଲ୍ ଛାଡ଼। ଦ୍ୱିତୀୟ ଦସ୍ତଖତରେ ବିଏସ୍‌କେୱାଇରେ ସମସ୍ତେ ସାମିଲ ହେବେ। ବିପିଏଲ୍ କାର୍ଡ ନ ଥିଲେ ଏପରିକି ସରକାରୀ ଚାକିରିରେ ଥିଲେ ମଧ ସମସ୍ତେ ବିଏସ୍‌କେୱାଇ କାର୍ଡ ପାଇବେ। ତୃତୀୟରେ ମିଶନଶକ୍ତି ସଦସ୍ୟାମାନଙ୍କ ପାଇଁ ୬୦ ବର୍ଷ ପରେ ପେନ୍‌ସନ ସୁବିଧା ମିଳିବ।

ବିରୋଧୀ ଦଳକୁ ଟାର୍ଗେଟ୍ କରି ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ମାଗଣା ବିଜୁଳି ଘୋଷଣା ଶୁଣି ଭାଜପା କହୁଛି ମାଗଣା ବିଜୁଳି ଦେବ। କିନ୍ତୁ ଏଥିପାଇଁ ଆପଣଙ୍କୁ ୫୦ ହଜାର ଟଙ୍କା ଜମା କରିବାକୁ ପଡ଼ିବ। ସୋଲାର ପ୍ୟାନେଲ ମାଧ୍ୟମରେ ସୂର୍ଯ୍ୟକିରଣରୁ ବିଜୁଳି ପାଇବେ। ସେମାନେ ଆପଣଙ୍କୁ ଦିନରେ ଲଣ୍ଠନ ଦେଖାଉଛନ୍ତି, ଏମାନଙ୍କୁ ଚିହ୍ନିକି ରଖନ୍ତୁ ବୋଲି ପାଣ୍ଡିଆନ କହିଛନ୍ତି। ବିଜୁ ଜନତା ଦଳ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ସେ ଭୋଟରଙ୍କୁ ଅନୁରୋଧ କରିଛନ୍ତି।

# ଭାଜପା, ବିଜେଡି ସରକାର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଛନ୍ତି: କଂଗ୍ରେସ



କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

ଭୁବନେଶ୍ୱର,୨୩।୫(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟରେ ୨୪ ବର୍ଷର ନବୀନ ସରକାର ଓ କେନ୍ଦ୍ରରେ ୧୦ ବର୍ଷର ମୋଦି ସରକାର ରାଜ୍ୟର ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଓ ଗରିବ ଲୋକଙ୍କ ସୀମାହୀନ ଦୁର୍ଦ୍ଦଶାର କାରଣ ସାଜିଛନ୍ତି। ଉଭୟ ସରକାର ଏ ସମସ୍ତବର୍ଗର ଜନସାଧାରଣଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଛନ୍ତି। ଉତ୍କଟ ବେରୋଜଗାରି ସମସ୍ୟା ସହିତ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍, ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଏବଂ ଔଷଧର ଅହେତୁକ ମୂଲ୍ୟବୃଦ୍ଧି ଜନତାଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଘରେ ରହିଲେ ପେଟ କାଟୁଛି ଏବଂ ବାହାରକୁ ଗଲେ ପକେଟ କାଟୁଛି। ଏପଟେ ପୁଞ୍ଜିପତିମାନେ ପ୍ରଚୁର ଲାଭବାନ ହେଉଛନ୍ତି ବୋଲି ଗୁରୁବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ପ୍ରଚାର କମିଟି ଅଧକ୍ଷ ତଥା ବରିଷ୍ଠ କଂଗ୍ରେସ ନେତା ଭକ୍ତଚରଣ ଦାସ କହିଛନ୍ତି। ସେ କହିଛନ୍ତି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, ସମ୍ବିତ ପାତ୍ରଙ୍କ ସମେତ ଅନ୍ୟ ଭାଜପା ନେତା ଜଗନ୍ନାଥ ସଂସ୍କୃତିକୁ ନ୍ୟୂନ କରି ଦେଖାଇବା ପାଇଁ ଦେଉଥିବା ବୟାନ ଓଡ଼ିଶାବାସୀଙ୍କୁ ବ୍ୟଥିତ କରିଛି। ପିସିସି ଗଣମାଧମ ଅଧକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତି କହିଛନ୍ତି, ବିଜେଡି ସରକାର ସମୟରେ ବେକାରି, ଦରଦାମବୃଦ୍ଧି, ଗରିବୀ ଓ ଦାଦନରେ ଓଡ଼ିଶା ନଂ.୧ ହୋଇଛି। ଯୋଜନା ପରେ ଯୋଜନା କେବଳ ଖାତା କଲମରେ ସୀମିତ ଓ ଭୋଟ୍ ହାତେଇବା ପାଇଁ ଜନତାଙ୍କୁ ଲଲିପପ୍ ଧରାଇ ଦିଆଯାଉଛି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ମିଡିଆ ସଂଯୋଜକ ରିତୁ ଚୌଧୁରୀ, ପିସିସି ମିଡିଆ ବିଭାଗ ସମ୍ପାଦକ ପ୍ରଶାନ୍ତ ଶତପଥୀ, ସାମାଜିକ ଗଣମାଧମ ବିଭାଗ ଅଧକ୍ଷ ଅମିୟ ପାଣ୍ଡବ, ପ୍ରଚାର କମିଟିର ଆବାହକ ସୁଧାଂଶୁ ଶେଖର ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ବନ୍ଧନମୁକ୍ତ କରାଯାଉ: ସମୀର




ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

ଭୁବନେଶ୍ୱର,୨୩।୫(ଶର୍ମିଷ୍ଠା ପାଣିଗ୍ରାହୀ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବନ୍ଧନ କରି ରଖାଯାଇଛି। ବିଗତ କିଛି ଦିନ ହେଲା ବିଜେଡି ଦ୍ୱାରା ସାମାଜିକ ଗଣମାଧମରେ ଛଡ଼ା ଯାଉଥିବା ଭିଡିଓଗୁଡ଼ିକୁ ଦେଖିବା ପରେ ଏହା ସ୍ପଷ୍ଟ ହୋଇଛି, ମୁଖ୍ୟମନ୍ତ୍ରୀଙ୍କୁ କେଉଁ ଭଳି ଭାବେ ଲୋକଙ୍କ ପାଖରେ ଉପସ୍ଥାପିତ କରାଯାଉଛି। ସେ ଜଣେ ଅସାଧାରଣ ବ୍ୟକ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଭିଡିଓଗୁଡିକୁ ଦେଖିବା ପରେ ରାଜ୍ୟବାସୀଙ୍କ ମନରେ ପ୍ରଶ୍ନ ସୃଷ୍ଟି ହେବା ସହିତ ସମ୍ବେଦନଶୀଳ ବିଷୟ ବୋଲି ଅନୁଭବ ହେଉଛି। ମୁଖ୍ୟମନ୍ତ୍ରୀଙ୍କୁ ଯେଉଁଭଳି ଭାବେ ଲୋକଙ୍କ ପାଖରେ ଉପସ୍ଥାପନା କରାଯାଉଛି, ତାହା ରାଜ୍ୟବାସୀଙ୍କୁ ଦୁଃଖ ଦେଇଛି। ନବୀନ ବାବୁ ବିରୋଧୀଙ୍କୁ ଚୋର ଓ ଚଣ୍ଡାଳ କେବେ କହିବେନି। ସବୁଠୁ ଆଶ୍ଚର୍ଯ୍ୟର ବିଷୟ ମୁଖ୍ୟମନ୍ତ୍ରୀଙ୍କ ଭିଡିଓରେ ଫନ୍ ମ୍ୟୁଜିକ୍ ଦିଆଯାଇଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଯଥାଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ବନ୍ଧନମୁକ୍ତ କରିବା ପାଇଁ ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଗୁରୁବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମହାନ୍ତି କହିଲେ, ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ପୂର୍ବତନ ବ୍ୟକ୍ତିଗତ ସଚିବ କାର୍ତ୍ତିକ ପାଣ୍ଡିଆନ ସମ୍ପୂର୍ଣ୍ଣ ରୂପେ ବନ୍ଧକ ରଖିଥିବା ନେଇ ଯଥେଷ୍ଟ ପ୍ରମାଣ ଥିବା ସତ୍ତ୍ୱେ ରାଜ୍ୟ ପ୍ରଶାସନ ଏ ଦିଗରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବିଜେଡି ପକ୍ଷରୁ ସାମାଜିକ ଗଣାମାଧମରେ ପ୍ରଚାର କରାଯାଉଥିବା ମୁଖ୍ୟମନ୍ତ୍ରୀ ଓ ପାଣ୍ଡିଆନଙ୍କ ଭିଡିଓଗୁଡ଼ିକ ଇଓ ଭିଡ଼ିଓ ଭଳି ଜଣାପଡୁଛି। ମୁଖ୍ୟମନ୍ତ୍ରୀଙ୍କ କଥା ପଞ୍ଜୁରି ଭିତରେ ଶୁଆକୁ କଥା କୁହାଇବା ଭଳି ଲାଗୁଛି। ଏଭଳି ଏକ ସମ୍ବେଦନଶୀଳ ବିଷୟକୁ ରାଜ୍ୟର ମୁଖ୍ୟ ଶାସନ ସଚିବ ଓ ପୋଲିସ ମହାନିର୍ଦ୍ଦେଶକ ଗମ୍ଭୀରତାର ସହ ନେବା ଉଚିତ ବୋଲି ସେ କହିଛନ୍ତି। ଏହି ସମ୍ମିଳନୀରେ ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ରାଜ୍ୟ ଗଣମାଧମ ସଂଯୋଜକ ସୁଜିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପାରୁ ଇସ୍ତଫା ଦେଲେ ପ୍ରଦୀପ

ଭଦ୍ରକ,୨୩।୫(ସନାତନ ରାଉତ)

ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡା. ପ୍ରଦୀପ ନାୟକ ଗୁରୁବାର ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିକଟକୁ ପଠାଇଦେଇଛନ୍ତି। ବ୍ୟକ୍ତିଗତ କାରଣରୁ ଦଳରୁ ଇସ୍ତଫା ଦେଇଥିବା ସେ ଉଲ୍ଲେଖ କରିଛନ୍ତି।

୨୦୧୪ ନିର୍ବାଚନରେ ସେ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ୨୦୧୪ରେ ଭାଜପାରୁ ବିଧାୟକ ପ୍ରାର୍ଥୀ ହୋଇ ତୃତୀୟ ସ୍ଥାନରେ ରହିଥିବା ବେଳେ ୨୦୧୯ ନିର୍ବାଚନରେ ପୁଣିଥରେ ଦଳୀୟ ପ୍ରାର୍ଥୀ ହୋଇ ଦ୍ୱିତୀୟ ସ୍ଥାନରେ ଥିଲେ। ଏଥର ନିର୍ବାଚନରେ ତାଙ୍କୁ ଟିକେଟ ନ ଦେଇ ଭାଜପା ନବାଗତ ସିତାଂଶୁ ଶେଖର ମହାପାତ୍ରଙ୍କୁ ପ୍ରାର୍ଥୀ କରିଛି। ସିତାଂଶୁ ପ୍ରାର୍ଥୀ ହେବା ପରେ ପ୍ରଦୀପ ତାଙ୍କ ପାଇଁ ନିର୍ବାଚନ ପ୍ରଚାର କରିଥିଲେ। କିନ୍ତୁ ନିର୍ବାଚନକୁ ଆଉ ଦିନ କେଇଟା ଥିବାବେଳେ ସେ ଭାଜପାରୁ ଇସ୍ତଫା ଦେବା ଭଦ୍ରକ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଛି।



ଡା. ପ୍ରଦୀପ ନାୟକ

# ୪ ମହିଳା ପ୍ରାର୍ଥୀଙ୍କ ପ୍ରଚାର ମଙ୍ଗ ଧରିଛନ୍ତି ପରିବାର ଲୋକ

ବାରିପଦା,୨୩।୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଜୁନ ୧ରେ ମୟୂରଭଞ୍ଜ ଜିଲାରେ ନିର୍ବାଚନ ହେବାକୁ ଥିବାବେଳେ ବିଜେଡି ଓ ଭାଜପା ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ଭୋଟରଙ୍କ ନିକଟତର ହେବା ପାଇଁ ପ୍ରାର୍ଥୀମାନେ ଦିନରାତି ଏକ କରିଦେଇଛନ୍ତି। ମୟୂରଭଞ୍ଜ ଲୋକସଭା କ୍ଷେତ୍ର ଅଧୀନରେ ୩ ଓ ବାଲେଶ୍ୱର ଲୋକସଭା ଆସନ ଅଧୀନରେ ଜଣେ ମହିଳା ବିଧାୟକ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଥି ମଧ୍ୟରେ ବିଜେଡିର ୩ ଓ ଭାଜପାର ଜଣେ ପ୍ରାର୍ଥୀ ରହିଛନ୍ତି। ଏହି ମହିଳା ପ୍ରାର୍ଥୀଙ୍କ ପାଇଁ ସେମାନଙ୍କ ପରିବାର ଲୋକେ ପ୍ରଚାର ମଙ୍ଗ ଧରିଛନ୍ତି। ଏନେଇ ରାଜନୈତିକ ପାଣିପାଗ ସରଗରମ ହେବାରେ ଲାଗିଛି।

ବାଙ୍ଗିରିପୋଷି ବିଧାନସଭା କ୍ଷେତ୍ରରୁ ଏମ୍‌ପି ପ୍ରାର୍ଥୀ ସୁଦାମ ମାର୍ଣ୍ଡିଙ୍କ ସ୍ତ୍ରୀ ରଞ୍ଜିତା, ଭାଜପାରୁ ସୁଗଦା ମୁର୍ମୁଙ୍କ ଝିଅ ସଞ୍ଜଲୀ ଓ ମୋରଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେଡି ବିଧାୟକ ରାଜକିଶୋର ଦାସଙ୍କ ସ୍ତ୍ରୀ ପ୍ରୀତିନନ୍ଦା କାନୁନଗୋ, ବଡ଼ସାହି ଆସନରୁ ବିଜେଡିର ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ସ୍ତ୍ରୀ ଅନୁସୟା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୩ ପ୍ରାର୍ଥୀଙ୍କ ସ୍ୱାମୀମାନେ ଓ ସଞ୍ଜଲୀଙ୍କ ପାଇଁ ତାଙ୍କ ବାପା ରଣନୀତି ପ୍ରସ୍ତୁତ କରୁଛନ୍ତି। ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ରଞ୍ଜିତାଙ୍କ ପାଇଁ ସ୍ୱାମୀ ସୁଦାମ କ୍ଷେତ୍ର ପ୍ରସ୍ତୁତ କରି ଭୋଟରଙ୍କୁ ମନାଇବାରେ ଲାଗିଛନ୍ତି। ଏପରିକି ସୁଦାମ ଏମ୍‌ପି ପ୍ରାର୍ଥୀ ହୋଇ ନିଜର ୭ ବିଧାନସଭା କ୍ଷେତ୍ର ବୁଲିବା ସହିତ ସ୍ତ୍ରୀଙ୍କ ପାଇଁ ପ୍ରଚାରରେ ଲାଗିଛନ୍ତି। ସେହି କ୍ଷେତ୍ରରେ ରଞ୍ଜିତାଙ୍କୁ ଟକ୍କର ଦେଉଛନ୍ତି ଭାଜପା ପ୍ରାର୍ଥିନୀ ସଞ୍ଜଲୀ। ବାପା ସୁଗଦା ମୁର୍ମୁଙ୍କୁ ନେଇ ସେ ଭୋଟରଙ୍କ ନିକଟତର ହେବାରେ ଲାଗିଛନ୍ତି। ୨୦୧୯ ନିର୍ବାଚନରେ ସୁଗଦା ଭାଜପା ପକ୍ଷରୁ ପ୍ରାର୍ଥୀହୋଇ ମାତ୍ର ଅଳ୍ପ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ସେହିପରି ବିଧାୟକ ରାଜକିଶୋର ମଧ ସ୍ତ୍ରୀ ପ୍ରୀତିନନ୍ଦାଙ୍କ ପ୍ରଚାରରେ ଲାଗିଛନ୍ତି। ସଙ୍ଗଠନଠାରୁ ଆରମ୍ଭ କରି ଅସନ୍ତୁଷ୍ଟଙ୍କୁ ମନାଇବା ଭଳି ଅଡୁଆ କାର୍ଯ୍ୟକୁ ସଜାଡ଼ିବାରେ ଲାଗିପଡ଼ିଛନ୍ତି। ବାଲେଶ୍ୱର ଲୋକସଭା ଅଧୀନରେ ରହୁଥିବା ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀରେ ପୂର୍ବତନ ବିଧାୟକ ଗଣେଶ୍ୱରଙ୍କ ହାତଧରି ସ୍ତ୍ରୀ ଅନୁସୟା ନିର୍ବାଚନ ବୈତରଣୀ ପାର୍ ହେବାକୁ ପ୍ରୟାସ ଚଳାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ମୂଳକ କାର୍ଯ୍ୟଧାରା ସମ୍ପର୍କରେ ଭୋଟରଙ୍କୁ ବୁଝାଇ ଭୋଟ ହାତେଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି।

# ବିଜେଡି ଟଙ୍କା ବାଣ୍ଟିବା ନେଇ ସିଇଓଙ୍କୁ ଫେରାଦହେଲା ଭାଜପା

ଭୁବନେଶ୍ୱର,୨୩।୫(ଶର୍ମିଷ୍ଠା ପାଣିଗ୍ରାହୀ)



ସିଇଓ ଭେଟିବାକୁ ଯାଉଛନ୍ତି ଭାଜପା ପ୍ରତିନିଧିମଣ୍ଡଳି।

ବିଜେଡି ୨୫ବର୍ଷ ଓଡ଼ିଶାରେ ଶାସନ କରିଥିଲେ ମଧ ଅଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ପାରହେବା ପାଇଁ ଅପଚେଷ୍ଟା ଚଳାଉଥିବା ଭାଜପା କହିଛି। ହାରିଯିବା ଭୟରେ ବିଜେଡି ନଗଦ ଟଙ୍କା ବାଣ୍ଟି ଭୋଟରଙ୍କୁ ପ୍ରଲୋଭନ ଦେଖାଉଛି ବୋଲି ଗୁରୁବାର ଭାଜପା ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଭେଟି ଅଭିଯୋଗ କରିଛି। ଅଭିଯୋଗ ଅନୁସାରେ, ସମ୍ବଲପୁରର ବିଜେଡି ଏମ୍‌ପି ପ୍ରାର୍ଥୀଙ୍କ ପ୍ରରୋଚନାରେ ସିଦ୍ଧାର୍ଥ ଶାହ ଓ ସମରଜିତ୍ ପଟ୍ଟନାୟକ ସମ୍ବଲପୁର ବିହାରିପଡାର ଚନ୍ଦରପୁର ବସ୍ତିରେ ଭୋଟରଙ୍କୁ କ୍ରିକେଟ କିଟ୍, ବିଭିନ୍ନ ଦେବାଳୟକୁ ମ୍ୟୁଜିକ୍ ସେଟ, ଯୁବକଙ୍କୁ ବିଭିନ୍ନ ପ୍ରକାର ମନଲୋଭା ଉପହାର ବାଣ୍ଟୁଛନ୍ତି। ଏନେଇ ପୂର୍ବରୁ ଭାଜପା ଅଭିଯୋଗ କରିଥିଲେ ମଧ କିଛି ପଦକ୍ଷେପ ନାହିଁ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଉର୍ମିଳା ମହାପାତ୍ର କହିଛନ୍ତି। ଆଗାମୀ ୨ଟି ପର୍ଯ୍ୟାୟ ନିର୍ବାଚନ ଶୃଙ୍ଖଳିତ ଢଙ୍ଗରେ ପରିଚାଳନା ପାଇଁ ସେ ଅନୁରୋଧ କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟ ସମ୍ପାଦିକା ନନ୍ଦିନୀ ଶତପଥୀ, କାର୍ଯ୍ୟକାରିଣୀ ସଦସ୍ୟା ଉନ୍ନତି ପରିଡା, ସଙ୍ଗୀତା ଦାସ, ବାସନ୍ତୀ ତ୍ରିପାଠୀ, ଶଶିପ୍ରଭା ରଥ, ମିନତି ବାରିକ ଉପସ୍ଥିତ ଥିଲେ।

# ସ୍ୱାମୀ ପ୍ରାର୍ଥୀ, ପ୍ରଚାର କରୁଛନ୍ତି ସ୍ତ୍ରୀ

ଭଦ୍ରକ,୨୩।୫(ସନାତନ ରାଉତ)



ଅଭିମନ୍ୟୁଙ୍କ ସ୍ତ୍ରୀ ଶ୍ରାବଣୀ ପ୍ରିୟଦର୍ଶିନୀ ପ୍ରଚାର କରୁଛନ୍ତି।

ପୂର୍ବ ନିର୍ବାଚନରେ ପ୍ରାର୍ଥୀଙ୍କ ପାଇଁ ବାପ, ପୁଅ ପ୍ରଚାର କରୁଥିବା ବେଳେ ଚଳିତ ନିର୍ବାଚନରେ ଭଦ୍ରକ ଜିଲାରେ ପ୍ରାର୍ଥୀମାନଙ୍କ ପାଇଁ ସେମାନଙ୍କ ସ୍ତ୍ରୀ ପ୍ରଚାର କରୁଥିବାର ଟ୍ରେଣ୍ଡ ଦେଖିବାକୁ ମିଳୁଛି। ଅଧିକାଂଶ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ମଙ୍ଗ ଧରିଛନ୍ତି ସେମାନଙ୍କ ସ୍ତ୍ରୀ। ଭଦ୍ରକ ଲୋକସଭା ଭାଜପା ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କ ପାଇଁ ତାଙ୍କ ସ୍ତ୍ରୀ ଶ୍ରାବଣୀ ପ୍ରିୟଦର୍ଶିନୀ ବୁଧବାର ଭଦ୍ରକ ପୌରପାଳିକାର ଜଗନ୍ନାଥପୁର ଅଞ୍ଚଳରେ ଲୋକଙ୍କୁ ଭେଟି ଭୋଟ ମାଗୁଥିବା ଦେଖିବାକୁ ମିଳିଥିଲା। ଭୋଟରମାନଙ୍କୁ ପୁସିଂ କାର୍ଡ ଦେବା ସହ ଓଡ଼ିଶାରେ ପରିବର୍ତ୍ତନ ସହ କେନ୍ଦ୍ରରେ ପୁଣିଥରେ ମୋଦିଙ୍କ ସରକାର ଗଠନ ପାଇଁ ସେ ଲୋକଙ୍କୁ ବୁଝାଉଥିବା ଦେଖାଦେଇଥିଲା। ତାଙ୍କ ସହ ସ୍ୱୀକୃତି ମହାନ୍ତି, ମଞ୍ଜୁଲତା ରାୟ, ନିବେଦିତା ପଣ୍ଡା, ନିର୍ମଳାମଣି ନାୟକ ପ୍ରମୁଖ ମହିଳାମାନେ ସାମିଲ ହୋଇଥିଲେ। ସେହିପରି ରାଜ୍ୟ ସଭାପତି ମନମୋହନ ସାମଲ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ପ୍ରଣିତା ସାମଲ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ସେହିପରି ଭଦ୍ରକ ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ସୀତାଂଶୁ ଶେଖର ମହାପାତ୍ର ପ୍ରଥମ ଥର ପାଇଁ ରାଜନୀତିକୁ ଆସିଥିବା ବେଳେ ତାଙ୍କ ସ୍ତ୍ରୀ ଅମୃତାଂଶୁ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଧାମନଗରର ବିଜେଡି ପ୍ରାର୍ଥୀ ସଞ୍ଜୟ ଦାସଙ୍କ ପାଇଁ ତାଙ୍କ ସ୍ତ୍ରୀ ମଧୁସ୍ମିତା ଘରକୁ ଘର ବୁଲି ପ୍ରଚାର କରୁଛନ୍ତି। ବାସୁଦେବପୁରରେ ବିଜେଡି ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟଙ୍କ ପାଇଁ ତାଙ୍କ ସ୍ତ୍ରୀ ରତ୍ନପୂର୍ଣ୍ଣା ପ୍ରଚାର କରୁଛନ୍ତି। ସଭାସମିତିରେ ସ୍ୱାମୀଙ୍କ ସହ ଗୀତ ଗାଇ ଭୋଟରଙ୍କୁ ଆକୃଷ୍ଟ କରୁଥିବା ଦେଖିବାକୁ ମିଳିଛି। ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ସୁଧାଂଶୁ ନାୟକଙ୍କ ପାଇଁ ତାଙ୍କ ସ୍ତ୍ରୀ ରେବତୀ ନାୟକ ପ୍ରଚାର କରୁଛନ୍ତି। ରେବତୀ ପୂର୍ବରୁ ୨ ଥର ବନ୍ତ ବ୍ଲକ ଅଧକ୍ଷା ଓ ୧୫ ନଂ. ଜୋନ୍‌ର ଜିଲା ପରିଷଦ ସଭ୍ୟା ଥିଲେ। ସଭାସମିତିରେ ପ୍ରଭାବୀ ଭାଷଣ ଦେଇ ସ୍ୱାମୀଙ୍କ ସପକ୍ଷରେ ଜୋରଦାର ପ୍ରଚାର କରୁଛନ୍ତି। ସ୍ତ୍ରୀମାନଙ୍କ ପ୍ରଚାର ଏଥର ନିର୍ବାଚନରେ ବେଶ୍ ପ୍ରଭାବୀ ହେଉଥିବା ପରିଲକ୍ଷିତ ହେଉଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କ୍ୱାର୍ଟରରେ ସିନ୍ଧୁ, ଅସ୍ମିତା

**କୁଆଲାଲମ୍ପୁର, ୨୩।୫ (ପି.ଟି.)**

ଭାରତର ଦୁଇଥର ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ଓ ଅସ୍ମିତା ଛଲିଆ ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବତନ ବିଶ୍ୱ ଚାମ୍ପିୟନ ତଥା ୧୫ତମ ର୍‌ୟାଙ୍କିଂପ୍ରାପ୍ତ ସିନ୍ଧୁ ମହିଳା ସିଙ୍ଗଲ୍ସ ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ୩୪ନମ୍ବର ର୍‌ୟାଙ୍କିଂପ୍ରାପ୍ତ କୋରିଆର ସିମ୍ ୟୁ ଜିନ୍‌ଙ୍କ ବିପକ୍ଷରେ ୨୧-୧୩, ୧୨-୨୧, ୨୧-୧୪ରେ କଷ୍ଟସାଧ୍ୟ ବିଜୟ ହାସଲ କରିଛନ୍ତି। ଗତବର୍ଷ ଅକ୍ଟୋବରରେ ହାଇଦ୍ରାବାଦର ଏହି ୨୮ ବର୍ଷୀୟା ଖେଳାଳିଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା। ଏଥରୁ ମୁକ୍ତି ପାଇ ଫେରିବା ପରେ ସେ ଏପର୍ଯ୍ୟନ୍ତ ଶ୍ରେଷ୍ଠ ଫର୍ମକୁ ଫେରିବାରେ ସମର୍ଥ ହୋଇପାରି ନାହାନ୍ତି। ୫ମ ସିଡ୍ ସିନ୍ଧୁ ପରବର୍ତ୍ତୀ ରାଉଣ୍ଡରେ ଟପ୍ ସିଡ୍ ହାନ୍ ୟୁଇଙ୍କୁ ଭେଟିବେ। ଚାଇନାର ଏହି ଖେଳାଳି ଗତ ମାସରେ ନିଙ୍ଗବୋଠାରେ ଅନୁଷ୍ଠିତ ଏସିଆ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ତାଙ୍କୁ ହରାଇ ଦେଇଥିଲେ। ଏହି ପରାଜୟର ପ୍ରତିଶୋଧ ନେବା ଲାଗି ସିନ୍ଧୁଙ୍କ ପାଇଁ ସୁଯୋଗ ଆସି ପହଞ୍ଚିଛି। ବିଶ୍ୱ ର୍‌ୟାଙ୍କିଂରେ ହାନ୍ ବର୍ତ୍ତମାନ ୬ଷ୍ଠ ସ୍ଥାନରେ ଅଛନ୍ତି। ୨୦୨୨ ସିଙ୍ଗାପୁର ଓପନରେ ତାଙ୍କର ଶେଷ ଟାଇଟଲ ଜିତିଥିବା ସିନ୍ଧୁଙ୍କ ଏହି ଖେଳାଳିଙ୍କ ବିପକ୍ଷରେ ବିଜୟ ଓ ପରାଜୟ ରେକର୍ଡ ୫-୧ ରହିଛି। ପରେ ୫୩ ର୍‌ୟାଙ୍କିଂପ୍ରାପ୍ତ ୨୪ ବର୍ଷୀୟା ଅସ୍ମିତା ବିଶ୍ୱର ୧୦ ନମ୍ବର ମାନ୍ୟତାପ୍ରାପ୍ତ, ତୃତୀୟ ସିଡ୍ ତଥା ଆମେରିକାର ବିଓ୍ୱେନ ଝାଙ୍ଗ୍‌ଙ୍କୁ ୨୧-୧୯, ୧୬-୨୧, ୨୧-୧୨ରେ ହରାଇ ଏହି ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଏକ ସୁପର ୫୦୦ଇଭେଣ୍ଟରେ ଏହା ତାଙ୍କର ଦ୍ୱିତୀୟ କ୍ୱାର୍ଟରଫାଇନାଲ ହେବାକୁ ଯାଉଛି। ପୂର୍ବରୁ ସେ ଇଣ୍ଡିଆ ଓପନ ୨୦୨୨ରେ କ୍ୱାର୍ଟରଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ।

# କାର୍ତ୍ତିକଙ୍କ ୧୭ ବର୍ଷର କ୍ୟାରିୟର ସମାପ୍ତ

**ନୂଆଦିଲ୍ଲୀ, ୨୩।୫(ପି.ଟି)**

ଭାରତୀୟ କ୍ରିକେଟ ଇତିହାସର ଅନ୍ୟତମ ସଫଳ ଉଇକେଟ କିପର ବ୍ୟାଟର ଦୀନେଶ କାର୍ତ୍ତିକ ନିଜ ଆଇପିଏଲ କ୍ୟାରିୟର ଶେଷ କରିଛନ୍ତି। ରାଜସ୍ଥାନ ରୟାଲ୍ସ ବିପକ୍ଷ ଏଲିମିନେଟର ମ୍ୟାଚ୍ ଖେଳି ବିଦାୟ ନେଇଛନ୍ତି କାର୍ତ୍ତିକ। ପ୍ରାୟ ଦୁଇ ଦଶନ୍ଧି ଧରି କାର୍ତ୍ତିକ କ୍ରିକେଟ ଖେଳିଥିଲେ ମଧ୍ୟ ମହେନ୍ଦ୍ର ସିଂ ଧୋନୀଙ୍କ ଛାୟାରେ ଲୁଚି ଯାଇଥିଲେ। ୩୮ ବର୍ଷୀୟ କାର୍ତ୍ତିକ ଭାରତ ପାଇଁ ୨୬ ଟେଷ୍ଟ, ୯୪ ଦିନିକିଆ ଓ ୬୦ ଟି୨୦ ମ୍ୟାଚ୍ ଖେଳିଛନ୍ତି। କ୍ରିକେଟ ଛାଡି କମେଣ୍ଟ୍ରି କରୁଥିବା କାର୍ତ୍ତିକ ନିଜକୁ ବିଶ୍ୱକପ ଦଳ ଦୌଡରେ ସାମିଲ କରିବା ପାଇଁ ଆଇପିଏଲ ଖେଳିଥିଲେ। ତେବେ ଯୁବ ଖେଳାଳିଙ୍କୁ ସୁଯୋଗ ମିଳିବା ପରେ କାର୍ତ୍ତିକ ନିଜ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ରାଜସ୍ଥାନ ବିପକ୍ଷ ମ୍ୟାଚ୍ ପରେ ବେଙ୍ଗାଲୁରୁ ଖେଳାଳି ଗାର୍ଡ ଅଫ୍ ଅନର ଦେଇଥିବା ବେଳେ ଦର୍ଶକଙ୍କ ଆଡକୁ ଗ୍ଲୋଭ ହଲାଇଥିଲେ ଭାବବିହ୍ୱଳ କାର୍ତ୍ତିକ। ୧୭ ସିଜନ ଆଇପିଏଲରେ ସେ ୪୮୪୨ ରନ୍ ସ୍କୋର କରିଛନ୍ତି। ଏହା ବ୍ୟତୀତ ସେ ୧୪୫ କ୍ୟାଚ୍, ୩୭ ଷ୍ଟମ୍ପିଂ ଓ ୧୫ଟି ରନ୍ ଆଉଟ କରିଛନ୍ତି।

ନିଜ କ୍ୟାରିୟରରେ ସର୍ବାଧିକ ସମୟ ସେ ଭାରତୀୟ ଦଳରେ ଦ୍ୱିତୀୟ ପସନ୍ଦର ଉଇକେଟ କିପର ରହିଥିଲେ। ଧୋନୀଙ୍କ ପୂର୍ବରୁ ଡେବ୍ୟୁ କରିଥିଲେ ମଧ୍ୟ କାର୍ତ୍ତିକଙ୍କୁ ଏତେଟା ସୁଯୋଗ ମିଳି ନ ଥିଲା। ତେବେ କମବ୍ୟାକ୍ କରିବାରେ କାର୍ତ୍ତିକଙ୍କ ଦକ୍ଷତା ତାଙ୍କୁ ସ୍ୱତନ୍ତ୍ର କରିଥିଲା। ଚେନ୍ନାଇରେ ଜନ୍ମିତ କାର୍ତ୍ତିକ ୨୦୦୪ ମସିହାରେ ମାତ୍ର ୧୯ ବର୍ଷ ବୟସରେ ଇଂଲଣ୍ଡ ବିପକ୍ଷରେ ଦିନିକିଆ ପଦାର୍ପଣ କରିଥିଲେ। ଏହାର ୩ ମାସ ପରେ ସେ ଟେଷ୍ଟ ଦଳରେ ମଧ୍ୟ ସ୍ଥାନ ପାଇଥିଲେ। ତେବେ ଧୋନୀଙ୍କ ପ୍ରଦର୍ଶନ କାରଣରୁ କାର୍ତ୍ତିକଙ୍କ ଦକ୍ଷତା ପ୍ରତି ନ୍ୟାୟ କରି ପାରି ନ ଥିଲା ଭାରତୀୟ କ୍ରିକେଟ। ୨୦୧୦ରୁ ୨୦୧୭ ମଧ୍ୟରେ କାର୍ତ୍ତିକ ଆଇପିଏଲରେ ଭଲ ପ୍ରଦର୍ଶନ କରିଥିଲେ, ତେବେ ଜାତୀୟ ଦଳରୁ ବାହାରେ ହିଁ ରହିବାକୁ ପଡିଥିଲା। ୨୦୧୭ରେ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ଭାରତର ପରାଜୟ ପରେ କାର୍ତ୍ତିକ ଦଳକୁ ଫେରିଥିଲେ। ୨୦୧୭ରୁ ୧୯ ମଧ୍ୟରେ ଭାରତର ସୀମିତ ଓଭର ଦଳର ପ୍ରମୁଖ ସଦସ୍ୟ ରହିଥିଲେ। ୨୦୧୯ ଦିନିକିଆ ବିଶ୍ୱକପରେ ମଧ୍ୟ କାର୍ତ୍ତିକ ଭାରତୀୟ ଦଳରେ ସାମିଲ ଥିଲେ। ତେବେ ମାତ୍ର ୩ ମ୍ୟାଚ୍‌ରେ ତାଙ୍କୁ ଖେଳିବାକୁ ସୁଯୋଗ ମିଳିଥିଲା। ସେମିଫାଇନାଲରେ ବିଫଳ ହେବା ପରେ ତାଙ୍କୁ ଭାରତୀୟ ଦଳରୁ ବାଦ ଦିଆଯାଇଥିଲା। ୨୦୨୨ ଯାଏ ବାଦ ପଡିବା ପରେ ଆଇପିଏଲରେ ଚମତ୍କାର ପ୍ରଦର୍ଶନ ପରେ ଟି୨୦ ବିଶ୍ୱକପରେ କାର୍ତ୍ତିକଙ୍କୁ ସ୍ଥାନ ମିଳିଥିଲା। ତେବେ ୩ ଇନିଂସରେ ମାତ୍ର ୧୪ ରନ୍ କରିବାରେ ସକ୍ଷମ ହୋଇଥିଲେ କାର୍ତ୍ତିକ। ଆଇପିଏଲ କ୍ୟାରିୟର ଶେଷ ହୋଇଥିବା ବେଳେ ସେ ପୁନର୍ବାର କମେଣ୍ଟ୍ରିକୁ ଫେରି ପାରନ୍ତି କିମ୍ବା କୌଣସି ବିଦେଶୀ ଲିଗ୍‌ରେ ସାମିଲ ହୋଇପାରନ୍ତି।



ଦୀନେଶ କାର୍ତ୍ତିକ

## ପାର୍ଥିବ, ଲି, ଦିଲ୍‌ସାନ, ସ୍ୱାନ ଖେଳିବେ

**ନୂଆଦିଲ୍ଲୀ, ୨୩।୫ (ପି.ଟି.):** ଅଗଷ୍ଟ ୧୫ରୁ ୨୯ ପର୍ଯ୍ୟନ୍ତ ଟେକ୍ସାସରେ ୭ଟି ଦଳକୁ ନେଇ ଲିଜେଣ୍ଡ୍ସ ଇଣ୍ଟରକଣ୍ଟିନେଣ୍ଟାଲ ଟି୨୦ (ଏଆଇଟି-୨୦) ଲିଗ୍ ଖେଳାଯିବ। ଏଥିରେ ଅଂଶଗ୍ରହଣ କରିବାକୁଥିବା ଜଣାଶୁଣା ଖେଳାଳିମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆର ମହାନ ପେସ୍ ବୋଲର ବ୍ରେଟ୍ ଲି', ଇଂଲଣ୍ଡର ପୂର୍ବତନ ଅଗ୍ରଣୀ ସ୍ପିନର ଗ୍ରେମ୍ ସ୍ୱାନ ଏବଂ ଶ୍ରୀଲଙ୍କାର ବିସ୍ଫୋରକ ବ୍ୟାଟର ତିଲକରତ୍ନେ ଦିଲ୍‌ସାନ ରହିଛନ୍ତି। ଲି' ସ୍ୱାନ, ଦିଲସାନ ଏବଂ ପୂର୍ବତନ ଭାରତୀୟ କିପର-ବ୍ୟାଟର ପାର୍ଥିବ ପଟେଲଙ୍କ ଉପସ୍ଥିତିରେ ଯୁକ୍ତରାଷ୍ଟ୍ର ଆମେରିକାର (ୟୁଏସ୍ଏ)ର ବ୍ରୋସିଡ୍ ସ୍ପୋର୍ଟ୍ସ ଏଲ୍‌ଏଲ୍‌ସି ପକ୍ଷରୁ ଗୁରୁବାର ଉଦ୍‌ଘାଟନୀ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବା ୭ଟି ଦଳର ନାମ ହେଲା ଇଣ୍ଡୋ କିଙ୍ଗ୍ସ, ଏସିଆନ ଆଭେଞ୍ଜର୍ସ, ୟୁରୋ ରେଞ୍ଜର୍ସ, ଆମେରିକାନ ମାଭରିକ୍ସ, ଟ୍ରାନ୍ସ-ଟାସ୍‌ମାନ ଟାଇଟନ୍ସ, ଆମେରିକାନ ଲାୟନ୍ସ ଓ କ୍ୟାରିବିନ୍ ଭାଇକିଙ୍ଗ୍ସ। ଏଆଇଟି-୨୦ ଏକ ସିଙ୍ଗଲ ରାଉଣ୍ଡ ଫର୍ମାଟରେ ଖେଳାଯିବ। ଲିଗ୍ ପର୍ଯ୍ୟାୟ ଶେଷ ପରେ ଶ୍ରେଷ୍ଠ ୪ ଦଳ ନକ୍‌ଆଉଟକୁ ଉନ୍ନୀତ ହେବେ। ଟୁର୍ନାମେଣ୍ଟରେ ପ୍ରତି ଦିନ ଡବଲ ହେଡର ଖେଳାଯିବ। ମୋଟ ୨୪ଟି ମ୍ୟାଚ ଖେଳାଯିବ। ଅଗଷ୍ଟ ୨୮ରେ ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହେବ।

# ଆଇଓସି ଦ୍ୱାରା ଲେଟ୍ସ ମୁଭ୍ ଇଣ୍ଡିଆ ଉନ୍ମୋଚିତ

**ଭୁବନେଶ୍ୱର, ୨୩।୫**
**(ସରୋଜ ଜେନା)**

ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ପକ୍ଷରୁ ଲେଟ୍ସ ମୁଭ, ଇଣ୍ଡିଆର ଶୁଭାରମ୍ଭ ଘୋଷଣା କରାଯାଇଛି। ପ୍ୟାରିସ ଅଲିମ୍ପିକ ଗେମ୍ସରେ ଅଂଶଗ୍ରହଣ କରୁଥିବା ଆଥଲେଟ୍ ମାନଙ୍କୁ ଉତ୍ସାହିତ କରିବାକୁ ସୋସିଆଲ ମିଡିଆରେ ଡିଜିଟାଲ ଉଦ୍ୟମ କରାଯାଇଛି। ଜୁନ ୨୩ରେ ଅଲିମ୍ପିକ ଦିବସ ଅବସରରେ ରିଲାଏନ୍ସ ଫାଉଣ୍ଡେସନ ଏବଂ ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଟେବୁଲ ଟେନିସ ତାରକା ମନିକା ବାତ୍ରା ଏହି କାର୍ଯ୍ୟକ୍ରମକୁ ଉନ୍ମୋଚନ କରିଛନ୍ତି। ସାଧାରଣ ଲୋକଙ୍କୁ ଫିଟନେସ ପ୍ରତି ସଚେତନ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କହିଛନ୍ତି ମନିକା। ଓଡ଼ିଶା ଓ ଆସାମ ସରକାରଙ୍କ ସହଯୋଗରେ ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ୭ ଲକ୍ଷ ଶିଶୁଙ୍କୁ ଏହି ମିଶନରେ ସାମିଲ କରିବାର ଲକ୍ଷ୍ୟ ରଖିଛି।

**CLASSIFIED DISPLAY**
MORE SPACE * SAME PRICE
TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଆଡ୍‌ୱାର୍ଲ୍ଡ**
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମ୍ଲେଟ୍, ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ଓ୍ୱେ ବ୍ରିଜ୍ ପାଖ
ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଚିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୬୧ ଶିବପୁରୀ
ୟୁପି-ଏ୬୭, ସେକ୍ଟର ୫, ନୋଏଡ଼ା
9810432170
7606841840

# ଦନେଶ୍ୱରଙ୍କୁ ଟ୍ରଫି, ଅର୍ଜୁନ ୭ମ



ଚାମ୍ପିୟନ ବର୍ଦ୍ଧିୟା ଦନେଶ୍ୱର ଟ୍ରଫି ଗ୍ରହଣ କରୁଛନ୍ତି।

**ଶାରଜା, ୨୩।୫ (ପି.ଟି.)**

ଏଠାରେ ଚାଲିଥିବା ଶାରଜା ମାଷ୍ଟର୍ସ ଇଣ୍ଟରନ୍ୟାଶନାଲ ଚେସ୍ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇ ଟ୍ରଫି ହାସଲ କରିଛନ୍ତି ଇରାନର ବର୍ଦ୍ଧିୟା ଦନେଶ୍ୱର। ପ୍ରତିଯୋଗିତାର ୯ମ ତଥା ଅନ୍ତିମ ରାଉଣ୍ଡରେ ଟପ୍ ସିଡ୍ ତଥା ଭାରତର ଏରିଗାଇସି ଅର୍ଜୁନ ବିଜେତା ଦାନେଶ୍ୱରଙ୍କ ବିପକ୍ଷ ତାଙ୍କ ଗେମ୍ ଡ୍ର' ରଖିଛନ୍ତି। ଦାନେଶ୍ୱର ୬.୫ ପଏଣ୍ଟ ଏବଂ ଶ୍ରେଷ୍ଠ ଟାଇବ୍ରେକ୍ ସ୍କୋର ସହ ତାଙ୍କ ପ୍ରଥମ ଟାଇଟଲ ହାସଲ କରିଛନ୍ତି। ରୁଷିଆର ଭୋଲୋଦାର ମୁର୍ଜିନ ଯୁକ୍ତରାଷ୍ଟ୍ର ଆମେରିକାର ସାମ୍ ଶାଙ୍କଲାଣ୍ଡଙ୍କ ଆଗରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଉଜ୍‌ବେକିସ୍ତାନର ଶାମସିଦ୍ଦିନ ଭାକିଦୋଭ ଚତୁର୍ଥ ହୋଇଛନ୍ତି। ଟପ୍ ଟେନ୍‌ରେ ସ୍ଥାନ ପାଇଥିବା ଏକ ମାତ୍ର ଭାରତୀୟ ଖେଳାଳି ଅର୍ଜୁନ ୬ ପଏଣ୍ଟ ଅର୍ଜନ କରିଥିଲେ। ଟୁର୍ନାମେଣ୍ଟରେ ସେ ୪ ବିଜୟ, ୪ ଡ୍ର ଏବଂ ଗୋଟିଏ ପରାଜୟ ବରଣ କରିଥିଲେ।

**ଶାରଜା ମାଷ୍ଟର୍ସ ଇଣ୍ଟରନ୍ୟାଶନାଲ ଚେସ୍**

# ଜୁନିୟର ପୁରୁଷ ଓ ମହିଳା ହକି ଦଳର ପରାଜୟ

**ବ୍ରେଡା, ୨୩।୫(ପି.ଟି)**

ୟୁରୋପ ଗସ୍ତରେ ଥିବା ଭାରତୟ ଜୁନିୟର ପୁରୁଷ ଓ ମହିଳା ଦଳ ପରାଜିତ ହୋଇଛନ୍ତି। ଉଭୟ ଦଳ ବେଲଜିୟମ ନିକଟରୁ ୨-୩ ବ୍ୟବଧାନରେ ହାରିଥିଲେ। ମହିଳା ଦଳ ପକ୍ଷରୁ ବିନିମା ଧନ ଓ ପୁରୁଷ ଦଳ ଅଧିନାୟକ ରୋହିତ ଡବଲ ଗୋଲ ସ୍କୋର କରିଥିଲେ। ମହିଳା ଦଳ ଆରମ୍ଭରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ ମଧ୍ୟ ହାଫ୍‌ଟାଇମ୍ ସୁଦ୍ଧା ବେଲଜିୟମ ୧-୦ରେ ଆଗୁଆ ରହିଥିଲା। ଚତୁର୍ଥ କ୍ୱାର୍ଟର ସୁଦ୍ଧା ଭାରତ ୩-୦ରେ ପଛୁଆ ରହିଥଲା। ତେବେ ବିନିମା ୪୯ ଓ ୫୮ ମିନିଟରେ ଦୁଇଟି ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ପୁରୁଷ ଦଳ ମଧ୍ୟ ସଂଘର୍ଷ କରି ସମାନ ୨-୩ ବ୍ୟବଧାନରେ ପରାଜିତ ହୋଇଥିଲେ। ପ୍ରଥମ ଦୁଇ କ୍ୱାର୍ଟରରେ ବେଲଜିୟମ ଗୋଟିଏ ଲେଖାଏ ଗୋଲ ଦେଇ ଆଗୁଆ ରହିଥିଲା। ତୃତୀୟ କ୍ୱାର୍ଟରରେ ରୋହିତ ଏକ ଗୋଲ ସ୍କୋର କରିଥିବା ବେଳେ ଚତୁର୍ଥ କ୍ୱାର୍ଟରରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

# ହରିପ୍ରସାଦ ବୈଷୟିକ ନିର୍ଦ୍ଦେଶକ



ହରିପ୍ରସାଦ ପଟ୍ଟନାୟକ



ରାଜୀବ ସିଂ

**ଭୁବନେଶ୍ୱର, ୨୩।୫ (ବିଜୟ ରଣା)**

ଜାତୀୟ କରାଟେ ସଂଘ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କେଆଇଓ)ର ବୈଷୟିକ ନିର୍ଦ୍ଦେଶକ (ଟେକ୍‌ନିକାଲ ଡାଇରେକ୍ଟର) ଭାବେ ମନୋନୀତ ହୋଇଛନ୍ତି ଓଡ଼ିଶା ରାଜ୍ୟ କରାଟେ ସଂଘର ସଭାପତି ଡ଼ଃ ହରିପ୍ରାସଦ ପଟ୍ଟନାୟକ। ସୂଚନାଯୋଗ୍ୟ, ହରିପ୍ରସାଦ ଅନେକ ୪ ଦଶନ୍ଧିରୁ ଉର୍ଦ୍ଧ୍ୱକାଳ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ କରାଟେ ପତ୍ରିଯୋଗୀ ସୃଷ୍ଟି କରିଛନ୍ତି। ସୁକୋକାଇ କରାଟେ ଡୋ' ୟୁନିୟନ ଇଣ୍ଡିଆର ସେ ମୁଖ୍ୟ ମୁଖ୍ୟ ପ୍ରଶିକ୍ଷକ ଅଟନ୍ତି। ସେହିପରି ଓଡ଼ିଶାର ଏକମାତ୍ର ଏସୀୟ ଜଜ୍ ରାଜୀବ ସିଂ ଜାତୀୟ କରାଟେ ସଂଘର ରେଫରି କମିଶନ ସଦସ୍ୟଭାବେ ପୁନଃ ମନୋନୀତ ହୋଇଛନ୍ତି। ସେ ରାଉରକେଲା ସହରରୁ ଅନେକ ଜାତୀୟ ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗୀ ସୃଷ୍ଟି ପରିପାରିଛନ୍ତି। ଜାତୀୟ କରାଟେ ସଂଘର ଦୁଇ ପଦବୀ ପାଇଁ ମନୋନୀତ ହୋଇଥିବାରୁ ଓଡ଼ିଶା କରାଟେ ଡୋ ସଂଘ (ଓସ୍କା)ର ସମ୍ପାଦକ ଡ଼ଃ ଗୌରୀ ମହାନ୍ତି, କୋଷାଧ୍ୟକ୍ଷ ଖାରବେଳ ମଲ୍ଲିକଙ୍କ ଉପସଭାପତି ପ୍ରଦୀପ ସରକାର, ଯୁଗ୍ମ ସମ୍ପାଦକ ଆଡ୍‌ଭୋକେଟ କାଳିପ୍ରସାଦ ନନ୍ଦ ଏବଂ ପରାମର୍ଶଦାତା ସଞ୍ଜୟ ଦାସଙ୍କ ସମେତ ଅନ୍ୟ କର୍ମକର୍ତ୍ତାଗଣ ହରିପ୍ରସାଦ ଓ ରାଜୀବଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**ଜାତୀୟ କରାଟେ ସଂଘ**


# Classified Everyday
0674-2580101, 2549949



**AUTOMOBILE SALE**

Honda City 2023 Model platinum White Colour MT (I-VTEC). 9439241474. D-75743



**REAL ESTATE SALE**

**Plot sale near Pitapalli, Janla, Tamando, Bhubaneswar Rs-1299/-sqft. 6372670155.** D-75959

**(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 850/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75744

ପାହାଳ ଜଗନ୍ନାଥ ମନ୍ଦିରରୁ 4K.M. ଅଟକାରେ SC Plot 2000sqft. 28,00,000/-. 9114705579. D-75956

ଖୋର୍ଦ୍ଧା ବେଗୁନିଆ ବଜାରରୁ ମାତ୍ର 1.5 Km. ଦୂରତାରେ Farm House ଏବଂ Residential Plot ବିକ୍ରିହେବ। Sqft. 180/-. Contact: 8457009122. D-75334

**Developed gharabari plot at ଉତ୍ତରାଛକ ଗୁଡ଼ିଆପୋଖରୀ ଏବଂ ପିପିଲି-NH. 9337110932.** D-322

Plots Nayapalli, Jaydevihar, Patia, Pahala, Jagamara, Uttara, Andharua, Raghunathpur. 7853907668. D-268

**Ready to move 2BHK flat for sale @ 20lakh near Gudiapokhari, Bhubaneswar. Call-9437631769.** D-307

Duplex project at Retang Medical, Station, C.V. Raman, Tamando, Bhubaneswar. 7008459987. D-75957

**Duplex sale at Bhubaneswar @ 57 lakhs only. Contact-9777433701.** D-75958




Fully relaxed body massage trained therapist. Central SPA. 9556483961. D-75741

Relax, refresh your body, Mind by expert therapist. Contact- 9938843929. D-76122

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75740

**Relax, Refresh your body, Mind at Saikrupa Spa with best therapies. 8984068077.** D-306

**AFFIDAVIT**

I, Santosh Kumar Sahu, S/o Maheswar Sahu, R/o Vill-Palia, Paliabindha, Dist.- Bhadrak, PIN-756167, Odisha declare that Santosh Sahu and Santosh Kumar Sahu both are one and same person and shall Henceforth be known as Santosh Kumar Sahu for all future purposes. D-356

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Hemanta Kumar Behera, born on 08.12.1970 S/o- Chaitanya Charan Behera residing at Village- Sridharpur, Mouza- Balipokhari, P.O.- Paramanandapur, Via- Akhuapada, Jajpur-756122 have changed my name to Hemanta Kumar Dash vide affidavit dated 33/ 09.05.24 for all purpose. D-361

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଁ ନାରାୟଣ ପଟ୍ଟନାୟକ**
(ପୂର୍ବତନ ସରପଞ୍ଚ, ହରିପୁର, ଚିଲିକା)
ଜଗନ୍ନାଥ ନଗର, ରସୁଲଗଡ, ଭୁବନେଶ୍ୱର
ଆବିର୍ଭାବ: ୧୫.୦୫.୧୯୩୧
ତିରୋଧାନ: ୧୪.୦୫.୨୦୨୪
ଆପଣଙ୍କ ଅମରଆତ୍ମା ଶାନ୍ତିରେ ରହୁ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପତ୍ନୀ- ରାଜେଶ୍ୱରୀ, ପୁଅ ବୋହୂମାନେ, ଝିଅ ଜ୍ୱାଇଁ, ନାତି, ନାତୁଣୀ, ଆତ୍ମୀୟସ୍ୱଜନ ଓ ପଟ୍ଟନାୟକ ପରିବାରବର୍ଗ।
ଧ-୩୬୨

**ଦ୍ୱାଦଶାହ ଉପଲକ୍ଷେ**



**ଁକୈଳାସ ଚନ୍ଦ୍ର ତ୍ରିପାଠୀ**
ଅବିଧିଆନନ୍ଦପୁର, ଓଡ଼ିଶୋ, ଜଗତ୍‌ସିଂହପୁର
ଆବିର୍ଭାବ: ୦୫।୦୧।୧୯୫୦
ତିରୋଧାନ: ୧୪।୦୫।୨୦୨୪
ଚାହୁଁ ଚାହୁଁ ବାର ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର: କପୁ, ଲିପୁ, ବୋହୂ: ଗେହ୍ଲି, ଚିଙ୍କି, ଝିଅ: ସିଲୁ, ଜ୍ୱାଇଁ: ସିଲୁ, ନାତୁଣୀ: ଗୁଡ଼ିଆ, ଲାଡ୍‌ଲି।
ଧ-୩୬୪

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭାରତୀୟ ରିଲେ ଦଳର ଲଢୁଆ ସୈନିକ



ରୂପାଲ ଚୌଧାରୀ

ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଭାରତୀୟ ଆଥ୍ଲେଟମାନେ କ୍ରମେ ପ୍ରଭାବ ପ୍ରଦର୍ଶନରେ ସକ୍ଷମ ହୋଇଛନ୍ତି। ଭାରତୀୟ ପୁରୁଷ ଓ ମହିଳା ୪x୪୦୦ ମିଟର ରିଲେ ଦଳ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରି ନିଜକୁ ଏହି ଧାରାରେ ସାମିଲ କରିଛନ୍ତି। ମହମ୍ମଦ ଆନାସ ୟାହିଆ, ମହମ୍ମଦ ଅଜମଲ, ରାଜୀବ ଅରୋକିଆ ଓ ଆମୋଜ ଜାକବ ପୁରୁଷ ଦଳରେ ଏବଂ ରୂପାଲ ଚୌଧାରୀ, ଏମ୍. ଆର୍. ପୂଭାମ୍ମା, ଜ୍ୟୋତିକା ଶ୍ରୀ ଦାଣ୍ଡି ଓ ଶୁଭା ଭେଙ୍କଟେଶନ ଭାରତୀୟ ମହିଳା ଦଳରେ ସାମିଲ ଅଛନ୍ତି। ଭାରତୀୟ ରିଲେ ଦଳର ଏହି ଲଢୁଆ ସୈନିକଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...

ଭାରତୀୟ ଆଥ୍ଲେଟମାନେ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଧୀରେ ଧୀରେ ସଫଳତା ହାସଲ କରୁଛନ୍ତି। ଅଲିମ୍ପିକ୍ସରେ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ସ୍ୱର୍ଣ୍ଣ ପଦକ ହାସଲ କରିବା ପରେ ଆଥ୍ଲେଟମାନଙ୍କ ପତିଆରା ବଢ଼ିବାରେ ଲାଗିଛି। ଭାରତୀୟ ପୁରୁଷ ଓ ମହିଳା ୪x୪୦୦ ମିଟର ରିଲେ ଦଳ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରି ନିଜକୁ ଏହି ଧାରାରେ ସାମିଲ କରିଛନ୍ତି। ବାହାମାସରେ ଅନୁଷ୍ଠିତ ୱାର୍ଲ୍ଡ ଆଥ୍ଲେଟିକ୍ସ ରିଲେରେ ଦ୍ୱିତୀୟ ସ୍ଥାନରେ ରହି ଉଭୟ ଦଳ ଯୋଗ୍ୟତା ଅର୍ଜନ କରିଛନ୍ତି। ମହମ୍ମଦ ଅନସ ୟାହିଆ, ମହମ୍ମଦ ଅଜମଲ, ଅରୋକିଆ ରାଜୀବ ଓ ଆମୋଜ ଜାକବଙ୍କ ପୁରୁଷ ଦଳ ରୂପାଲ ଚୌଧାରୀ, ଏମ୍. ଆର୍. ପୂଭାମ୍ମା, ଜ୍ୟୋତିକା ଶ୍ରୀ ଦାଣ୍ଡି ଓ ଶୁଭା ଭେଙ୍କଟେସନଙ୍କ ମହିଳା ଦଳ ଯୋଗ୍ୟତା ହାସଲ କରି ଇତିହାସ ନିଜ ନାମରେ କରିଛନ୍ତି। ଏହି ଦଳରେ ସାମିଲ ଥିବା ସମସ୍ତ ଖେଳାଳିଙ୍କ ସମ୍ପର୍କରେ ବିସ୍ତୃତ ସୂଚନା।

## ମହିଳା ଦଳ

**ଏମ୍. ଆର. ପୂଭାମ୍ମା:** ପୂର୍ବରୁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ସାରିଥିବା ଏମ୍. ଆର୍. ପୂଭାମ୍ମାଙ୍କ କାହାଣୀ ଫୋନିକ୍ସ(କେବେ ମରୁ ନ ଥିବା ପକ୍ଷୀ) ସହ ସମାନ। ଯେଉଁଠି ଅନ୍ୟ ଆଥ୍ଲେଟମାନଙ୍କ ପ୍ରତ୍ୟାବର୍ତ୍ତନ ସମ୍ଭବ ହୋଇ ନ ଥାଏ ସେଭଳି ସ୍ଥାନରୁ ନିଜର କମବ୍ୟାକ୍ କରିଛନ୍ତି ଏହି ଆଥ୍ଲେଟ। ନିଷିଦ୍ଧ ପଦାର୍ଥ ସେବନ ଅଭିଯୋଗ କାରଣରୁ ୨ ବର୍ଷ ବାସନ୍ଦ ହୋଇଥିଲେ। ତେବେ କେରଳ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ତାଙ୍କୁ ପୁନର୍ବାର ଟ୍ରାକ୍‌କୁ ଫେରିବାର ସୁଯୋଗ ମିଳିଥିଲା। ଅଲିମ୍ପିକ୍ସ ଯୋଗ୍ୟତା ସହ ପ୍ରତ୍ୟାବର୍ତ୍ତନକୁ ସେ ସ୍ମରଣୀୟ କରିଛନ୍ତି। ୪୦୦ ମିଟରରେ ଉଭୟ ବ୍ୟକ୍ତିଗତ ଓ ରିଲେ ଟିମ୍‌ରେ ଦୌଡୁଥିବା ୨୦୧୪ ଓ ୨୦୧୮ ଏସିଆନ୍ ଗେମ୍ସରେ ଏକାଧିକ ପଦକ ଜିତି ସାରିଛନ୍ତି। କର୍ନାଟକରେ ଜନ୍ମିତ ପୂଭାମ୍ମା କେରଳ ଆଥ୍ଲେଟ ଜିତିନ ପଲଙ୍କୁ ବିବାହ କରିଥିବା ବେଳେ ବର୍ତ୍ତମାନ କେରଳର ପ୍ରତିନିଧିତ୍ୱ କରୁଛନ୍ତି।

**ରୂପାଲ ଚୌଧାରୀ:** ୨୦ ବର୍ଷରୁ କମ୍ ବୟସ ବର୍ଗରେ କଲମ୍ବିଆରେ ଅନୁଷ୍ଠିତ ବିଶ୍ୱ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍‌ରେ ଦୁଇଟି ପଦକ ଜିତି ଇତିହାସ ରଚିଥିଲେ ରୂପାଲ। ୪x୪୦୦ ମିଟର ରିଲେ ଦଳରେ ରୌପ୍ୟ ଓ ବ୍ୟକ୍ତିଗତ ଇଭେଣ୍ଟରେ ବ୍ରୋଞ୍ଜ ଜିତିଥିଲେ। ହିମା ଦାସଙ୍କ ପରେ ଦ୍ୱିତୀୟ ଖେଳାଳି ଭାବେ ସେ ଏଭଳି କରିଥିଲେ। ୧୯ ବର୍ଷୀୟ ରୂପାଲ ମୀରଟର ଏକ ସାଧାରଣ ପରିବାରରୁ ଆସନ୍ତି। ପିତା ଜଣେ ଚାଷୀ ଅଟନ୍ତି। ମୀରଟରେ ଉପଯୁକ୍ତ ସିନ୍ଥେଟିକ୍ ଟ୍ରାକ୍ ନ ଥିବାରୁ ସପ୍ତାହରେ ଦୁଇଦିନ ପାଇଁ ଟ୍ରେନ୍‌ରେ ଦିଲ୍ଲୀ ଯାଇ ଅଭ୍ୟାସ କରନ୍ତି ରୂପାଲ।

**ଜ୍ୟୋତିକା ଶ୍ରୀ ଦାଣ୍ଡି:** ଭାରତରେ ପାଠ ପଢିବା ପାଇଁ ସାଧାରଣତଃ ସମସ୍ତ ମାତାପିତା ନିଜ ପିଲାଙ୍କୁ ପରାମର୍ଶ ଦେଇଥାନ୍ତି। ତେବେ ଜ୍ୟୋତିକାଙ୍କ କାହାଣୀ କିନ୍ତୁ ସମ୍ପୂର୍ଣ୍ଣ ଓଲଟା। ପାଠପଢାରେ ବେଶ୍ ଆଗୁଆ ରହିଥିଲେ ମଧ୍ୟ ପିତାଙ୍କ ସ୍ୱପ୍ନ ପୂରଣ ପାଇଁ ଆଥ୍ଲେଟିକ୍ସକୁ ଆପଣେଇ ଥିଲେ ଜ୍ୟୋତିକା। ଆନ୍ଧ୍ର ପ୍ରଦେଶର ପଶ୍ଚିମ ଗୋଦାବରୀ ଜିଲାର ତାନୁକୁରେ ଜ୍ୟୋତିକାଙ୍କ ଜନ୍ମ। ସ୍ଥାନୀୟ ମଣ୍ଟେସୋରୀ ସ୍କୁଲରେ ଦଶମ ଶ୍ରେଣୀରେ ୯୭ ପ୍ରତିଶତ ମାର୍କ ରଖିଥିବା ଜ୍ୟୋତିକା ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଚାହୁଁଥିଲେ। ୨୦୨୩ ଏସିଆନ୍ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ବିଜୟୀ ଦଳର ସଦସ୍ୟ ରହିଥିଲେ ଜ୍ୟୋତିକା।

**ଶୁଭା ଭେଙ୍କଟେସନ:** ତାମିଲନାଡୁର ତ୍ରିଚି ସହରରୁ ଆସୁଥିବା ଶୁଭା ଭେଙ୍କଟେସନଙ୍କ ପିତା ଜଣେ ରାଜମିସ୍ତ୍ରି ଓ ମା' ଗୃହିଣୀ। ଅତ୍ୟନ୍ତ ସାଧାରଣ ପରିବାରରୁ ଆସିଥିଲେ ମଧ୍ୟ ପୋଲିସ୍‌ରେ କାମ କରୁଥିବା ଜେଜେ ବାପା ତାଙ୍କୁ କ୍ରୀଡାରେ କ୍ୟାରିୟର କରିବା ପାଇଁ ଉତ୍ସାହିତ କରିଥିଲେ। ତାମିଲନାଡୁ କ୍ରୀଡା ବିଭାଗ ଅଧୀନରେ ଅଭ୍ୟାସ କରୁଥିବା ଶୁଭା ଜାତୀୟ ଟୁର୍ନାମେଣ୍ଟରେ ପ୍ରଦର୍ଶନ ଜରିଆରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ।

## ପୁରୁଷ ଦଳ

**ମହମ୍ମଦ ଅନସ:** ଜାତୀୟ ରେକର୍ଡ ନିଜ ନାମରେ ରଖିଥିବା ମହମ୍ମଦ ଅନସ ପୂର୍ବରୁ ୨ ଥର ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ସାରିଛନ୍ତି। ୨୯ ବର୍ଷୀୟ ଏହି ଧାବକଙ୍କ ନାମରେ ଏସିଆନ୍ ଗେମ୍ସ ଓ ଏସିଆନ୍ ଚାମ୍ପିୟନଶିପ୍ ପଦକ ମଧ୍ୟ ରହିଛି। କେରଳର ନୀଲାମେଲ ଗ୍ରାମର ବାସିନ୍ଦା ଅନସଙ୍କ ପିତା ୟାହିଆ ଜଣେ ରାଜ୍ୟସ୍ତରୀୟ ଆଥ୍ଲେଟ। ସ୍କୁଲ ସମୟରେ ସେ ଲଙ୍ଗଜମ୍ପରେ ଚାମ୍ପିୟନ ମଧ୍ୟ ଥିଲେ। ତେବେ ୨୦୦୮ରେ ଉସେନ୍ ବୋଲ୍ଟଙ୍କୁ ଦେଖି ୪୦୦ ମିଟର ଦୌଡ ଚୟନ କରିଥିଲେ।

**ମହମ୍ମଦ ଅଜମଲ ଭାରିଆଥୋଡି:** କେରଳର ପାଲାକ୍କଡରେ ଜନ୍ମଗ୍ରହଣ କରିଥିଲେ ମହମ୍ମଦ ଅଜମଲ ଭାରିଆଥୋଡି। ୧୯ ବର୍ଷ ଯାଏ ଫୁଟବଲ ପ୍ରତି ମହମ୍ମଦଙ୍କର ଥିଲା ପ୍ରବଳ ଆଗ୍ରହ। ୧୯ ବର୍ଷରୁ କମ୍ ରାଜ୍ୟ ଫୁଟ୍‌ବଲ ଦଳର ସେ ସଦସ୍ୟ ମଧ୍ୟ ରହିଥିଲେ। ପରେ ପ୍ରଥମେ ୧୦୦ ମିଟର ଓ ପରେ ୪୦୦ ମିଟର ଦୌଡକୁ ସୁଇଚ୍ କରିଥିଲେ ମହମ୍ମଦ।

**ଆମୋଜ ଜାକବ୍:** କେରଳରେ ଜନ୍ମ ନେଇଥିଲେ ମଧ୍ୟ ସେ ଦିଲ୍ଲୀରେ ବଢିଛନ୍ତି। ମହମ୍ମଦ ଅଜମଲଙ୍କ ପରି ସେ ମଧ୍ୟ ଫୁଟବଲ ପ୍ରତି ଆଗ୍ରହୀ ଥିଲେ। ରୋହିଣୀର ସେଣ୍ଟ ଜାଭିୟର୍ସରେ ପଢୁଥିବା ସମୟରେ କୋଚ୍‌ଙ୍କ ପରାମର୍ଶ କ୍ରମେ ଦୌଡ ପ୍ରତି ଆକର୍ଷିତ ହୋଇଥିଲେ। ଏସିଆନ୍ ଚାମ୍ପିୟନଶିପ୍ ଓ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ଜିତିଥିବା ରିଲେ ଦଳରେ ସେ ରହିଥିଲେ।

**ଅରୋକିଆ ରାଜୀବ:** ତାମିଲନାଡୁର ତ୍ରିଚିରାପଲ୍ଲୀରୁ ଆସିଥିବା ରାଜୀବଙ୍କ ପିତା ୱାଇ ସୌନ୍ଦରାଜନ ମଧ୍ୟ ଜଣେ ରାଜ୍ୟସ୍ତରୀୟ ଆଥ୍ଲେଟ। ପରବର୍ତ୍ତୀ ସମୟରେ ପରିବାର ଚଳାଇବାକୁ ପିତା ବସ୍ ଚଳାଉଥିବା ବେଳେ ମା' ଗୃହିଣୀ। ଭାରତୀୟ ସେନାରେ କାର୍ଯ୍ୟ କରୁଥିବା ରାଜୀବ ୨୦୧୮ରେ ଜାକର୍ତ୍ତା ଏସିଆନ ଗେମ୍ସରେ ରୌପ୍ୟ ପଦକ ବିଜେତା ଦଳର ସଦସ୍ୟ ରହିଥିଲେ। ଏହା ବ୍ୟତୀତ ସେ ଟୋକିଓ ୨୦୨୦ରେ ଭାରତୀୟ ରିଲେ ଦଳରେ ରହିଥିଲେ।

**-ସରୋଜ ଜେନା**







# ଆମ ଓଡ଼ିଶା କ୍ରିକେଟ


ନିର୍ମଳ କୁମାର ମିଶ୍ର

ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ ଦୀନେଶ ମୋଙ୍ଗିଆଙ୍କ ସ୍ଥାନରେ ମହାରାଷ୍ଟ୍ରର ପୂର୍ବତନ ଓପନର ସୁରେନ୍ଦ୍ର ଭାବେଙ୍କୁ ମୁଖ୍ୟ କୋଚ୍ ରୂପେ ନିଯୁକ୍ତି ଦେଇଛି। ୨୦୨୪-୨୫ ପାଇଁ ତାଙ୍କୁ ସହାୟତା କରିବା ଲାଗି ନୂଆ ସପୋର୍ଟ ଷ୍ଟାଫ୍‌ଙ୍କୁ ମଧ ନିଯୁକ୍ତି ମିଳିଛି। ଓଡ଼ିଶା କ୍ରିକେଟରେ ଏହା ପରିବର୍ତ୍ତନ ଆଣିବ ଏବଂ ରାଜ୍ୟ ଖେଳାଳିମାନେ ଆଇପିଏଲ୍ ଏବଂ ଜାତୀୟ ଦଳରେ ସାମିଲ ହେବାପାଇଁ ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ଆଶା ରହିଛି।

ଗତ କିଛି ବର୍ଷ ଧରି ଓଡ଼ିଶା ସିନିୟର କ୍ରିକେଟ୍ ଦଳର ପ୍ରଦର୍ଶନକୁ ନେଇ ଚର୍ଚ୍ଚା ଲାଗି ରହିଛି। ସିନିୟର ଦଳର ନୈରାଶ୍ୟଜନକ ପ୍ରଦର୍ଶନର ପ୍ରଭାବ ଜୁନିୟର ବର୍ଗର ଖେଳାଳିଙ୍କ ଉପରେ ପଡୁଛି। ଫଳରେ ସେମାନେ ମଧ୍ୟ ଭଲ ପ୍ରଦର୍ଶନ କରିବାକୁ ସକ୍ଷମ ହେଉ ନାହାନ୍ତି। ସିଜନ୍ ପରେ ସିଜନ୍ ଯାଉଛି, କୋଚ୍, ସିଲେକ୍ଟର ଏବଂ ସପୋର୍ଟ ଷ୍ଟାଫ୍‌ରେ ପରିବର୍ତ୍ତନ କରାଯାଉଛି, ତଥାପି ସୁଫଳ ମିଳୁନାହିଁ। ଏପରି ବିଫଳତା ପାଇଁ ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ ଚିନ୍ତିତ ରହିବା ସ୍ୱାଭାବିକ। ପରିବର୍ତ୍ତନ ଆଣିବା ପାଇଁ ଅନେକ ନୂତନ ପଦକ୍ଷେପ ନିଆଯାଉଛି। ଯୁବ କ୍ରିକେଟର ମାନଙ୍କୁ ଉତ୍ସାହିତ କରିବା ପାଇଁ ଏକାଧିକ ଏକାଡେମୀ ସ୍ଥାପନ, ଟର୍ଫ ଉଇକେଟର ନିର୍ମାଣ, ବୈଷୟିକ ବିଜ୍ଞାନର ପ୍ରୟୋଗ ସହିତ ଅନେକ ସୁନାମଧନ୍ୟ କ୍ରିକେଟ୍ ତାରକାଙ୍କୁ କୋଚ୍ ରୂପେ ନିୟୋଜିତ କରାଯାଉଛି। ରାଜ୍ୟର ସର୍ବୋଚ୍ଚ ଟୁର୍ନାମେଣ୍ଟ କଳାହାଣ୍ଡି କପ୍ କ୍ରିକେଟ୍‌କୁ ଅଧିକ ଶୃଙ୍ଖଳିତ କରିବା ପାଇଁ ଚେଷ୍ଟା ଅବ୍ୟାହତ ରହିଛି। ଯାହାକି ନିଶ୍ଚିତ ରୂପେ ସ୍ୱାଗତଯୋଗ୍ୟ। ଇତିମଧ୍ୟରେ ମାଇକେଲ୍ ବେଭାନ, ଦୀନେଶ ମୋଙ୍ଗିଆ, ୱାସିମ୍ ଜାଫର, ଦେବାଶିଷ ମହାନ୍ତି, ଅବକାଶ ଖଟୁଆ, ସୁରେଶ କୁମାର, ଶୋଭନ ଦେ, କେ.ଭି. ପ୍ରସାଦ, ରଶ୍ମିରଞ୍ଜନ ଦାସ, ଦୀପକ ବେହେରା, ରାକେଶ ମହାନ୍ତି, ସଞ୍ଜୟ ରାଉଳ, ସଞ୍ଜୟ ଶତପଥୀ, ଗୌତମ ଗୋପାଳ, ସୌରଜିତ ମହାପାତ୍ର, ଭି. ଭେଙ୍କଟରାମ, ସୌରଭ ସେହଗଲ, ଧୀରେନ୍ଦ୍ର ରାଉତଙ୍କ ପରି ଅନେକ ସୁନାମଧନ୍ୟ କ୍ରିକେଟରଙ୍କୁ ମୁଖ୍ୟ କୋଚ୍, ସହାୟକ କୋଚ୍ କିମ୍ବା ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ କୋଚ୍ ଏବଂ ବିଭିନ୍ନ ବର୍ଗର ମହିଳା ଓ ପୁରୁଷ ଦଳର ଚୟନକର୍ତ୍ତା ରୂପେ ନିଯୁକ୍ତି ଦିଆଯାଇଛି। ବିଭିନ୍ନ ସମୟରେ ଓଡ଼ିଶା ସିନିୟର ଓ ଜୁନିୟର ଦଳ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଟ୍ରଫି ଜିତିବାରେ ସକ୍ଷମ ହୋଇନାହାନ୍ତି।

ଖେଳାଳିମାନଙ୍କ ସୁବିଧା ଓ ଟୁର୍ନାମେଣ୍ଟ ଆୟୋଜନ ପାଇଁ ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରୁଛି ଓସିଏ। ମାତ୍ର ପ୍ରଦର୍ଶନରେ ଅସ୍ଥିରତା କାରଣରୁ ଆମେ ଅନେକ ସମୟରେ ମୁମ୍ବାଇ, ଦିଲ୍ଲୀ, ବରୋଦା, ତାମିଲନାଡୁ, କର୍ନାଟକ, ବେଙ୍ଗଲ, ପଞ୍ଜାବ ଓ ଉତ୍ତରପ୍ରଦେଶ ପରି ଶକ୍ତିଶାଳୀ ଟିମ୍ ଗୁଡ଼ିକୁ ହରାଉଥିଲେ ହେଁ ଆସାମ, ତ୍ରିପୁରା, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡଠାରୁ ମ୍ୟାଚ୍ ହାରିବା ଚିନ୍ତାର କାରଣ ହୋଇଛି। ଫଳ ସ୍ୱରୂପ ଏପର୍ଯ୍ୟନ୍ତ ସମ୍ମାନଜନକ ରଣଜୀ ଟ୍ରଫି, ବିଜୟ ହଜାରେ ଟ୍ରଫି, ସୟଦ ମୁସ୍ତାକ ଅଲ୍ଲୀ ପରି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ଜିତିବା ଆମ ପାଇଁ ସ୍ୱପ୍ନ ହୋଇ ରହିଛି। କିଛିବର୍ଷ ହେବ ଓସିଏ ପକ୍ଷରୁ ରାଜ୍ୟରେ ଅନେକ ଟର୍ଫ ଉଇକେଟ୍ ନିର୍ମାଣ କରାଯାଇଛି ଓ ଆବଶ୍ୟକୀୟ ସୁବିଧା ସୁଯୋଗ ଦିଆଯାଇଛି। ଭୁବନେଶ୍ୱର ଓ କଟକ ସମେତ ସମ୍ବଲପୁର, ବାଲେଶ୍ୱର, ରାଉରକେଲା, ବ୍ରହ୍ମପୁର, କେନ୍ଦୁଝର, ଢ଼େଙ୍କାନାଳ, ନୟାଗଡ଼, ପାରାଦୀପ ଏବଂ ଅନ୍ୟ କେତେକ ଜିଲାରେ କ୍ଲବ୍ ଗୁଡ଼ିକ ଦ୍ୱାରା ବହୁ ନାମୀଦାମୀ ଟୁର୍ନାମେଣ୍ଟ ଆୟୋଜନ କରାଯାଇ ଯୁବ ଖେଳାଳି ସୃଷ୍ଟି ପାଇଁ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ତା'ର ବିଶେଷ ସୁଫଳ ମିଳିପାରୁ ନାହିଁ। ଅନେକ ସିନିୟର ଓ ଜୁନିୟର ଖେଳାଳି ଛତୁ ଫୁଟିଲା ପରି ଅନୁଷ୍ଠିତ ହେଉଥିବା ଟେନିସ୍ ବଲ୍ କ୍ରିକେଟ୍ ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ଫଳରେ ସେମାନଙ୍କର ଦକ୍ଷତା ହ୍ରାସ କରିବା ସହିତ ଖେଳ କ୍ୟାରିୟରର ଅନ୍ତ ଘଟାଉଛନ୍ତି।


ସୁରେନ୍ଦ୍ର ଭାବେ

୨୦୨୨-୨୩ ସିଜନ୍ ସୁଦ୍ଧା ଓଡ଼ିଶା ସିନିୟର ଦଳ ୩୨୫ଟି ରଣଜୀ ମ୍ୟାଚ୍ ଖେଳିଛି, ମାତ୍ର ୭୪ଟି ମ୍ୟାଚ୍ ଜିତିଥିବା ବେଳେ ୧୧୫ଟି ମ୍ୟାଚ୍‌ରୁ କୌଣସି ଫଳାଫଳ ମିଳିନାହିଁ ଏବଂ ଗୋଟିଏ ମ୍ୟାଚ୍ ବାତିଲ ହୋଇଛି। ଆମର ପଡ଼ୋଶୀ ରାଜ୍ୟ ବେଙ୍ଗଲ ତୁଳନାରେ ଏହି ଫଳାଫଳ ଆଦୌ ସନ୍ତୋଷଜନକ ନୁହେଁ। ଓଡ଼ିଶାରେ କ୍ରିକେଟ୍ ପ୍ରତିଭାର ଅଭାବ ନାହିଁ। ଅନେକ ଯୁବ ଖେଳାଳି ସୃଷ୍ଟି ହୋଇଛନ୍ତି। ପ୍ରଦର୍ଶନ ଭିତ୍ତିରେ ଖେଳାଳି ଚୟନ କରାଗଲେ ଦଳ ନିଶ୍ଚିତ ଭଲ କରିବ ବୋଲି ବିଶ୍ୱାସ ରହିଛି। ଆମ ପାଖରେ ଶୁଭ୍ରାଂଶୁ ସେନାପତି, ଗୋବିନ୍ଦ ପୋଦ୍ଦାର, ଶାନ୍ତନୁ ମିଶ୍ର, ରାଜେଶ ଧୂପର, ଦେବବ୍ରତ ପ୍ରଧାନ, ପ୍ରୟାସ ସିଂ ଠାକୁର, ରାଜେଶ ମହାନ୍ତି, ସୁନୀଲ ରାଉଳ, ଅନୁରାଗ ଷଡ଼ଙ୍ଗୀ, ଯୁବ ବ୍ୟାଟର ଆଶୀର୍ବାଦ ସ୍ୱାଇଁ, କାର୍ତ୍ତିକ ବିଶ୍ୱାଳ, ସୂର୍ଯ୍ୟକାନ୍ତ ପ୍ରଧାନ, ଜୟନ୍ତ ବେହେରା, ବିପ୍ଳବ ସାମନ୍ତରାୟ, ଦେବେନ୍ଦ୍ର କୁଅଁର, ସନ୍ଦୀପ ପଟ୍ଟନାୟକ, ତାରେଣୀ ସ', ସ୍ୱସ୍ତିକ ସାମଲ, ତାପସ ଦାସଙ୍କ ପରି ଅନେକ ଯୁବ ଓ ଅଭିଜ୍ଞ ଖେଳାଳି ରହିଛନ୍ତି। ଜୁନିୟର ବର୍ଗରେ ଏହି ତାଲିକା ବହୁତ ଲମ୍ବା। ମାତ୍ର କାହିଁକି ଆମେ ବାରମ୍ବାର ଅସଫଳ ହେଉଛେ, କାହିଁକି ଆମର ଖେଳାଳି ଆଇପିଏଲ୍‌ରେ ସୁଯୋଗ ପାଉ ନାହାନ୍ତି, କାହିଁକି ଆମେ ଜୁନିୟର ଓ ସିନିୟର ବର୍ଗରେ ଟ୍ରଫି ଜିତିବାରେ ଅସଫଳ ହୋଇଛେ ତା'ର ତର୍ଜମା କରାଯିବା ଆବଶ୍ୟକ। ଜଣେ ରାଜ୍ୟ ପ୍ୟାନେଲର କ୍ରିକେଟ୍ ଅମ୍ପାୟର ଭାବେ ୨୦ ବର୍ଷରୁ ଅଧିକ ଅନୁଭୂତିରୁ ମୁଁ ଅନେକ ଭଲ ଖେଳାଳିଙ୍କୁ ଦେଖିଛି। ସେମାନେ ଅନ୍ୟାନ୍ୟ ରାଜ୍ୟ ଖେଳାଳିଙ୍କ ତୁଳନାରେ ଆଦୌ ଖରାପ ନୁହନ୍ତି।

ସିନିୟର ଖେଳାଳିମାନେ ଯୁବ ଖେଳାଳିଙ୍କୁ ଉତ୍ସାହିତ ଏବଂ ସହଯୋଗ କରିବା ଆବଶ୍ୟକ। ଏହା ଏକ ଟିମ୍ ଗେମ୍। ତେଣୁ ଦଳଗତ ପ୍ରଦର୍ଶନ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ ଦୀନେଶ ମୋଙ୍ଗିଆଙ୍କ ସ୍ଥାନରେ ମହାରାଷ୍ଟ୍ରର ପୂର୍ବତନ ଓପନର ସୁରେନ୍ଦ୍ର ଭାବେଙ୍କୁ ମୁଖ୍ୟ କୋଚ୍ ରୂପେ ନିଯୁକ୍ତି ଦେଇଛି। ୨୦୨୪-୨୫ ପାଇଁ ତାଙ୍କୁ ସହାୟତା କରିବା ଲାଗି ନୂଆ ସପୋର୍ଟ ଷ୍ଟାଫ୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ଓସିଏ ସମ୍ପାଦକ ସଞ୍ଜୟ ବେହେରା ଏବଂ ମୁଖ୍ୟ କୋଚ୍ ଚଳିତ ସିଜିନ୍‌ରେ ଖେଳାଳିଙ୍କ ଫିଟ୍‌ନେସ୍, ଫିଲ୍ଡିଂ ଏବଂ ସ୍କିଲ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଓଡ଼ିଶା ପ୍ରିମିୟର ଲିଗ୍ (ଓପିଏଲ୍)କୁ ପୁନର୍ବାର ଆରମ୍ଭ କରାଯିବା ସହିତ କ୍ଲବ୍ କ୍ରିକେଟ୍‌କୁ ବ୍ୟାପକ ପ୍ରୋତ୍ସାହନ, ଖେଳାଳି ଚୟନରେ ସ୍ୱଚ୍ଛତା, ସ୍କିଲ ଡ଼େଭଲପମେଣ୍ଟ ପାଇଁ ବ୍ୟାପକ ଯୋଜନା, ସ୍ପିନିଂ ଟ୍ରାକରେ ଖେଳିବା ପାଇଁ ସ୍ୱତନ୍ତ୍ର କୌଶଳ, ଫାଷ୍ଟ ଉଇକେଟର ପ୍ରସ୍ତୁତି ଏବଂ ଭିତ୍ତିଭୂମିର ଆହୁରି ସୁବିଧା ରହିଲେ ନିଶ୍ଚିତ ରୂପେ ଓଡ଼ିଶା କ୍ରିକେଟ୍ ଭଲ କରିବ।


ଓଡ଼ିଶା ରଣଜୀ ଦଳ

## ଟେକ

ବିଶ୍ୱ ପାରା ଆଥଲେଟିକ୍ସ
ଚାମ୍ପିୟନଶିପ୍‌ରେ
ୱାର୍ଲ୍ଡ ରେକର୍ଡ ରଚି
ଭାରତର ଦୀପ୍ତି ଜୀବନଜୀ ଏଠି
ଖୁସିରେ ଖେଳଇ ପୁଚି
ବ୍ରିନା ନାଁ ଗଲା ଲୁଚି
ଚାରିଶ ମିଟର ଟି-ଟ୍ୱେଣ୍ଟି
କାଟାଗୋରି
ଅଭୁଲା ଏ ଦୀପ୍ତି ସୂଚୀ।




ପ୍ୟାରିସ ଅଲିମ୍ପିକ୍ସ ରହିଅଛି
ଚଉଷଠି ଦିନ ବାକି
ଶହେ ଦିନ କାଉଣ୍ଟ ଡାଉନ୍
ଗୀତଗାଏ
ପଲ୍ ମ୍ୟାକେଟନି ଛକି
ପାରା ଆଥଲେଟ୍ ଲକି
ୱି ଅଲ୍ ଷ୍ଟାଣ୍ଡ ଟୁଗେଦର ଗୀତ
ହୃଦୟ ଜିଣୁଛି ମିକି।

ଦିବ୍ୟାଙ୍ଗଟି ଜନ୍ମ ହେଲେ ପରିବାରେ
କିଏ ଟେକଇ ନାକ
ଏମାନେ କାମକୁ ନୁହନ୍ତି ଭାବନା
ବଦଳି ଯାଇଛି ଦେଖ
ଏକ୍ସାମ୍ପଲ ଅଛି ଲେଖ
ଇମ୍ପସିବଲ୍‌କୁ ପସିବଲ କରି
ରଖିଲେଣି ଦେଶ ଟେକ।

**-ସୁବାସ ଚନ୍ଦ୍ର ପ୍ରଧାନ**

# ରାଜସ୍ଥାନ ସ୍ପିନର ବନାମ ସନରାଇଜର୍ସ ବ୍ୟାଟର

**ଚେନ୍ନାଇ,୨୩।୫(ପି.ଟି)**

ଆଇପିଏଲ୍‌ର କ୍ୱାଲିଫାୟର-୨ରେ ଶୁକ୍ରବାର ପରସ୍ପରକୁ ଭେଟିବେ ସନରାଇଜର୍ସ ହାଇଦ୍ରାବାଦ ଓ ରାଜସ୍ଥାନ ରୟାଲ୍ସ। ପ୍ରଥମ ଦଳ ଭାବରେ କୋଲକାତା ନାଇଟ ରାଇଡର୍ସ ଫାଇନାଲରେ ପ୍ରବେଶ କରି ସାରିଥିବା ବେଳେ ଏହି ମ୍ୟାଚ୍‌ର ବିଜେତାକୁ ଫାଇନାଲ ଟିକେଟ ମିଳିବ। ଏହି ମ୍ୟାଚ୍ ପାଇଁ ଉଭୟ ଦଳ ଉପରେ ଚାପ ରହିବା ନିଶ୍ଚିତ ତେବେ ମ୍ୟାଚ୍‌ରେ ହାଇଦ୍ରାବାଦର ବ୍ୟାଟର ଓ ରାଜସ୍ଥାନର ସ୍ପିନରଙ୍କ ମଧ୍ୟରେ କଡା ସଂଘର୍ଷ ଦେଖିବାକୁ ମିଳିବ। ସନରାଇଜର୍ସ ପକ୍ଷରୁ ଦୁଇ ଓପନର ଟ୍ରାଭିସ୍ ହେଡ୍ ଓ ଅଭିଷେକ ଶର୍ମା ଚମତ୍କାର ଫର୍ମରେ ରହିଛନ୍ତି। ହେଡ୍

## କ୍ୱାଲିଫାୟର୍ସ-୨

୧୯୯ ଷ୍ଟ୍ରାଇକ ରେଟ୍‌ରେ ୫୩୩ ରନ୍ ସ୍କୋର କରିଥିବା ବେଳେ ଅଭିଷେକ ୨୦୭ ଷ୍ଟ୍ରାଇକ ରେଟ୍‌ରେ ୪୭୦ ରନ୍ କରିଛନ୍ତି। ଉଭୟ ଖେଳାଳି ମିଳିତ ଭାବରେ ୯୬ ବାଉଣ୍ଡ୍ରି ମାରିଥିବା ବେଳେ ଏହା ମଧ୍ୟରେ ୭୨ ଛକା ସାମିଲ ରହିଛି। ଏହି ଦୁଇ ଖେଳାଳିଙ୍କ ବ୍ୟତୀତ ହେନରିଚ୍ କ୍ଲାସେନ୍ ୧୮୦ ଷ୍ଟ୍ରାଇକ୍ ରେଟ୍ ସହ ୪୧୩ ରନ୍ ସ୍କୋର କରିଛନ୍ତି। କ୍ଲାସେନ୍ ମଧ୍ୟ ଛକା ମାରିବାରେ ପଛରେ ନାହାନ୍ତି। ସେ ଚଳିତ ସିଜନରେ ୩୪ ଛକା ମାରି ସାରିଲେଣି।


ସଞ୍ଜୁ ସାମ୍‌ସନ ଓ ପ୍ୟାଟ୍ କମିନ୍ସ।

ତେବେ ଅନ୍ୟ ଗ୍ରାଉଣ୍ଡରେ ଖେଳିବା ଓ ଚେପକ୍‌ରେ ଖେଳିବା ସମ୍ପୂର୍ଣ୍ଣ ଭିନ୍ନ। ଏଠାରେ ସ୍ପିନ୍ ବୋଲରଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଥାଏ। ଭାରତର ଦୁଇ ଶ୍ରେଷ୍ଠ ସ୍ପିନର ଯୁଜବେନ୍ଦ୍ର ଚହଲ ଓ ରବିଚନ୍ଦ୍ରନ ଅଶ୍ୱିନ ରାଜସ୍ଥାନରେ ରହିଥିବା ବେଳେ କେଶବ ମହାରାଜଙ୍କୁ ବେଞ୍ଚରେ ବସିବାକୁ ପଡୁଛି। ଏପରି ସ୍ଥିତିରେ ସନରାଇଜର୍ସ ବ୍ୟାଟରଙ୍କ ପାଇଁ ଏହା ଚିନ୍ତାର କାରଣ ହୋଇପାରେ। ଅଭିଷେକ ଶର୍ମା ଓ ହେନରିଚ୍ କ୍ଲାସେନଙ୍କ ବିପକ୍ଷରେ ଚହଲଙ୍କ ମୁକାବିଲା ସଂଘର୍ଷପୂର୍ଣ୍ଣ ହୋଇ ପାରେ। ଅନ୍ୟପକ୍ଷରେ ଲୋକାଲ ବୟ ରବିଚନ୍ଦ୍ରନ ଅଶ୍ୱିନ ଏହି ଗ୍ରାଉଣ୍ଡରେ ନିଜ କ୍ରିକେଟ କ୍ୟାରିୟରର ଅର୍ଦ୍ଧାଧିକ ସମୟ ଖେଳିଛନ୍ତି। ବର୍ତ୍ତମାନ ଅଶ୍ୱିନ ମଧ୍ୟ ଚମତ୍କାର ଫର୍ମରେ ରହିଥିବାରୁ ଏହା ଦଳକୁ ସାହାଯ୍ୟ କରିପାରେ। ରାଜସ୍ଥାନ ପେସ୍ ବୋଲର ମଧ୍ୟ ଭଲ ଫର୍ମରେ ରହିଛନ୍ତି। ଟ୍ରେଣ୍ଟ ବୋଲ୍ଟ, ଆଭେଶ୍ ଖାଁ ଓ ସନ୍ଦୀପ ଶର୍ମାଙ୍କ ତ୍ରିମୂର୍ତ୍ତି ଚମତ୍କାର ପ୍ରଦର୍ଶନ କରିଛନ୍ତି।

ଚଳିତ ସିଜନରେ ସନରାଇଜର୍ସର ଟପ୍ ଉଇକେଟ ଟେକର ଟି. ନଟରାଜନ ମଧ୍ୟ ସ୍ଥାନୀୟ ପରିବେଶର ଫାଇଦା ନେବାକୁ ଚେଷ୍ଟା କରିବେ। ଭୁବନେଶ୍ୱର କୁମାର ଓ ପ୍ୟାଟ୍ କମିନ୍ସଙ୍କ ନିକଟରେ ପ୍ରଚୁର ଅଭିଜ୍ଞତା ରହିଛି। ତେବେ ଭୁବନେଶ୍ୱର ଅନ୍ତିମ ଦୁଇ ମ୍ୟାଚ୍‌ରେ ଉଇକେଟ ଶୂନ୍ୟ ରହିଛନ୍ତି। ତେବେ ସନରାଇଜର୍ସ ପାଇଁ ସବୁଠାରୁ ବଡ ସମସ୍ୟା ରହିଛି ଏହାର ସ୍ପିନ୍ ବୋଲିଂ। ଦୁଇ ଭାରତୀୟ ସ୍ପିନର ମୟଙ୍କ ମାର୍କଣ୍ଡେ ଓ ଶାହବାଜ ଅହମଦ ଅତ୍ୟନ୍ତ ସାଧାରଣ ବୋଲିଂ କରିଛନ୍ତି।

ରାଜସ୍ଥାନ ରୟାଲ୍ସ ଜୋଶ ବଟଲରଙ୍କ ବିନା ଏକ ଅଧୁରା ଦଳ ପରି ମନେ ହେଉଛି। ଚେପକ୍‌ର ଟ୍ରାକ୍‌ରେ ବଲ୍ ସହଜରେ ବ୍ୟାଟକୁ ଆସି ନ ଥାଏ। ଏପରି ସ୍ଥିତିରେ ଫର୍ମରେ ନ ଥିବା ରାଜସ୍ଥାନ ଓପନରଙ୍କ ଚିନ୍ତା ବଢିବାରେ ଲାଗିଛି। ଯଶସ୍ୱୀ ଜୟସ୍ୱାଲ ଏଲିମିନେଟର ମ୍ୟାଚରେ ୪୫ ରନ୍ କରିଥିଲେ ମଧ୍ୟ ଫର୍ମ ଫେରିବା ଭଳି ଲାଗି ନ ଥିଲା। ଟି୨୦ ବିଶ୍ୱକପ ପୂର୍ବରୁ ସେ ନିଜ ଫର୍ମ ଫେରି ପାଇବାକୁ ଚାହିଁବେ। ଅନ୍ୟପକ୍ଷରେ ଚଳିତ ସିଜନରେ ସଞ୍ଜୁ ସାମସନ୍ ଓ ରିୟାନ୍ ପରାଗ ୫୦୦ରୁ ଅଧିକ ଲେଖାଏ ରନ୍ ସ୍କୋର କରିଥିବା ବେଳେ ରାଜସ୍ଥାନ ବ୍ୟାଟିଂର ମେରୁଦଣ୍ଡ ରହିଛନ୍ତି। ମିଡିଲ ଅର୍ଡରରେ ଧ୍ରୁବ ଜୁରେଲଙ୍କ ଉପରେ ମଧ୍ୟ ରନ୍ ସ୍କୋର କରିବାର ଚାପ ରହିବ। ସିମରନ୍ ହେଟମେୟର ଓ ରୋଭମାନ ପାୱେଲଙ୍କ ଉପରେ ଫିନିଶର ଦାୟିତ୍ୱ ରହିବ।

# ବିଦେଶରେ ଟ୍ରେନିଂ ନେବେ ଲକ୍ଷ୍ୟ ଓ ସିନ୍ଧୁ


ପି. ଭି. ସିନ୍ଧୁ

**ପ୍ୟାରିସ, ୨୩।୫ (ଏପି)**

ଅଲିମ୍ପିକ ପ୍ରସ୍ତୁତିର ଏକ ଅଂଶବିଶେଷ ସ୍ୱରୂପ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଓ ପି. ଭି. ସିନ୍ଧୁ ଯଥାକ୍ରମେ ଫ୍ରାନ୍ସ ଓ ଜର୍ମାନୀରେ ଟ୍ରେନିଂ ନେବେ। ଏବାବଦରେ ସେମାନଙ୍କର ସମସ୍ତ ଖର୍ଚ୍ଚ କ୍ରୀଡ଼ା ମନ୍ତ୍ରଣାଳୟର ମିଶନ ଅଲିମ୍ପିକ ସେଲ୍ (ଏମ୍‌ଓସି) ମଞ୍ଜୁର କରିଛି। ସେନ୍ ପ୍ୟାରିସ ଅଲିମ୍ପିକ୍ସ ପୁରୁଷ ସିଙ୍ଗଲ୍ସରେ ଭାଗ ନେବେ। ସେ ଫ୍ରାନ୍ସର ମର୍ସିଲି ଅନ୍ତର୍ଗତ ଦି ହାଲେ ଡେସ୍ ସ୍ପୋର୍ଟ୍ସ ପାର୍ସମେନ୍‌ଠାରେ ୧୨ ଦିନ ଧରି ଟ୍ରେନିଂ ନେବେ। ତାଙ୍କ ସହିତ କୋଚ୍ ଏବଂ ସପୋର୍ଟ ଷ୍ଟାଫ୍ ମଧ୍ୟ ଗସ୍ତ କରିବେ। ଅଲିମ୍ପିକ ଗେମ୍ସ ଜୁଲାଇ ୮ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସିନ୍ଧୁ ଜର୍ମାନୀର ସାର୍‌ବ୍ରକେନଠାରେ ଅନୁଷ୍ଠିତ ହରମାନ-ନେଉବର୍ଗର ସ୍ପୋର୍ଟ୍ସସ୍କୁଲରେ ଟ୍ରେନିଂ ନେବେ। ପ୍ୟାରିସ ଗସ୍ତ କରିବା ପୂର୍ବରୁ ସେ ତାଙ୍କ କୋଚ୍ ଏବଂ ସପୋର୍ଟ ଷ୍ଟାଫ୍‌ଙ୍କ ସହ ଏକ ମାସ ଧରି ଟ୍ରେନିଂ ନେବେ। ଖେଳାଳି ଦ୍ୱୟଙ୍କ ବିମାନ ଖର୍ଚ୍ଚ, ବୋର୍ଡିଂ ଓ ଲଜିଂ ଖର୍ଚ୍ଚ, ସ୍ଥାନୀୟ ପରିବହନ, ଭିଜା ଫି' ଏବଂ ସଟଲକକ୍ ବାବଦରେ ସମସ୍ତ ଖର୍ଚ୍ଚ ଏମ୍‌ଓସି ଦ୍ୱାରା ଗୃହୀତ ହୋଇଛି। ଏମ୍‌ଓସି ବୈଠକରେ ଆହୁରି ମଧ୍ୟ କ୍ରୀଡ଼ା ସରଞ୍ଜାମ କ୍ରୟ ଲାଗି ଟେବୁଲ ଟେନିସ ଖେଳାଳି ଶ୍ରୀଜା ଆକୁଲା ଏବଂ ତୀରନ୍ଦାଜ ତିଶା ପୁନିଆଙ୍କ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ଲାଗି ଯାତାୟାତ ଖର୍ଚ୍ଚ ଦେବା ପାଇଁ ଗଲ୍‌ଫ ଖେଳାଳି ଅଦିତି ଅଶୋକ ଏବଂ ସୁଇମର ଆର୍ଯ୍ୟନ ନେହେରା କରିଥିବା ଅନୁରୋଧ ଏମ୍‌ଓସି ଦ୍ୱାରା ମଞ୍ଜୁରୀ ପାଇଛି। ଆହୁରି ମଧ୍ୟ ଟେବୁଲ ଟେନିସ ଖେଳାଳି ହରମିତ ଦେଶାଇ ଏବଂ ମହିଳା ୪x-୪୦୦ ରିଲେ ଟିମ୍‌କୁ ଟପ୍ସ (ଟାର୍ଗେଟ ଅଲିମ୍ପିକ୍ସ ପୋଡିୟମ) କୋର୍ ଗ୍ରୁପ୍‌ରେ ସାମିଲ କରିବା ଏବଂ କୁସ୍ତି ଯୋଦ୍ଧା ନିଶା (୬୮କେଜି) ଓ ରିତ୍ୱିକା (୭୬କେଜି)ଙ୍କୁ କୋର୍ ଗ୍ରୁପ୍‌କୁ ପଦୋନ୍ନତି ପ୍ରସ୍ତାବ ଏମ୍‌ଓସି ଦ୍ୱାରା ଗୃହୀତ ହୋଇଯାଇଛି।

# ଭାରତୀୟ ଦଳର କୋଚ୍ ହେବାକୁ ମନାକଲେ ପଣ୍ଟିଂ

**ନୂଆଦିଲ୍ଲୀ,୨୩।୫(ପି.ଟି):** ଅଷ୍ଟ୍ରେଲିଆ ଦଳର କିମ୍ବଦନ୍ତୀ କ୍ରିକେଟର ତଥା ଦିଲ୍ଲୀ କ୍ୟାପିଟାଲ୍ସର କୋଚ୍ ରିକି ପଣ୍ଟିଂ ଭାରତୀୟ ଦଳର କୋଚ୍ ହେବା ଅଫରକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ବର୍ତ୍ତମାନ ତାଙ୍କର ଜୀବନଶୈଳି ଯାହା ଏଥିରେ ସେ ଭାରତୀୟ ଦଳର କୋଚ୍ ହୋଇ ପାରିବେ ନାହିଁ ବୋଲି କହିଛନ୍ତି ପଣ୍ଟିଂ। ତେବେ ପଣ୍ଟିଂଙ୍କୁ ଏହି ଅଫର ବିସିସିଆଇ ପକ୍ଷରୁ ମିଳିଥିଲା କି ନାହିଁ ତାହା ସ୍ପଷ୍ଟ ହୋଇ ନାହିଁ। ନିକଟରେ ଦିଲ୍ଲୀ କ୍ୟାପିଟାଲ୍ସର ମୁଖ୍ୟ କୋଚ୍ ଭାବରେ ସପ୍ତମ ସିଜନ ପୂରଣ କରିଥିବା ପଣ୍ଟିଂ ପୂର୍ବରୁ ଅଷ୍ଟ୍ରେଲିଆ ଦଳର ଅନ୍ତରୀଣ କୋଚ୍ ରହି ସାରିଛନ୍ତି। ବର୍ତ୍ତମାନ ଏକ ଜାତୀୟ ଦଳର କୋଚ୍ ହେବା ମୋ ପାଇଁ ସମ୍ମାନର ପ୍ରଶ୍ନ। ତେବେ ବର୍ତ୍ତମାନ ପରିବାରକୁ ସମୟ ଦେବା ଗୁରୁତ୍ୱପୂର୍ଣ୍ଣ। ସେହିପରି ଅନ୍ୟାନ୍ୟ କମିଟମେଣ୍ଟ ମଧ୍ୟ ରହିଛି। ଜାତୀୟ ଦଳର କୋଚ୍ ହେଲେ ବର୍ଷକରେ ୧୦ରୁ ୧୧ ମାସ କାମ କରିବାକୁ ପଡିବ। ତେବେ ପରିବାର ଓ ଅନ୍ୟାନ୍ୟ ଯୋଜନାକୁ ଜଳାଞ୍ଜଳି ଦେବା ସମ୍ଭବ ନୁହେଁ ବୋଲି ପଣ୍ଟିଂ କହିଛନ୍ତି।






BOOK YOURS NOW:
FLAGSHIP DEALER: BHUBANESWAR: Konark Harley-Davidson, Ph: 7437000645 AUTHORIZED DEALERS: CUTTACK: JMG Hero, Ph: 9821737597, Sunny Hero, Ph: 9289922697, BALASORE: Neelam Hero, Ph: 9289922519, JEYPORE: Supreme Hero, Ph: 9289922183, ROURKELA: Dua Hero, Ph: 9289922179

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ